# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୭/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, November 17/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 351 | ମୂଲ୍ୟ ₹୭/-



नैनं छिन्दन्ति शस्त्राणि नैनं दहति पावकः।
न चैनं क्लेदयन्त्यापो न शोषयति मारुतः॥



~ Endless Inspiration. Matchless legacy ~

## Hon'ble Saharasri Ji
## (1948 – 2023)

Sahara India Pariwar expresses its collective sense of grief at the loss of its beloved Chief Guardian, Hon'ble 'Saharasri' Ji, who left for his heavenly abode on 14th November, 2023.

The strength of his character, the influence of his personality and the power of his presence have all left a lasting memory. As he passes from the turmoil of life to eternal tranquillity, he leaves behind a legacy that remains as a profound and precious imprint in the hearts of billions to whom his life brought hope and encouragement.

The man who enlightened us to the supremacy of human emotions over business interests, will continue to guide us, inspire us to new frontiers, for he exemplified human spirit in its true essence - unconquerable and supremely courageous.

SAHARA INDIA PARIWAR

WhatsApp number : +91 98399 90501 | Email Id : contact@sahara.in

CHHABI 202311-01/SI-En

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ନଭେମ୍ବର, ୨୦୨୩



## ସଂକ୍ଷେପରେ

### କୁଲ୍‌ଗାମରେ ଏନ୍‌କାଉଣ୍ଟର: ଫସିଛନ୍ତି ୨ ଆତଙ୍କବାଦୀ

**କୁଲ୍‌ଗାମ,୧୬।୧୧:** ଜମ୍ମୁ-କଶ୍ମୀରର କୁଲ୍‌ଗାମରେ ଗୁରୁବାର ସୁରକ୍ଷା ବଳ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ସାମ୍‌ନୁ ନେହମା ଅଞ୍ଚଳରେ ଗୁଳି ବର୍ଷା ଚାଲିଥିବାବେଳେ ୨ ଆତଙ୍କବାଦୀ ଫସିଥିବା ବିଶ୍ୱାସ କରାଯାଉଛି। ରାଜୌରୀ ଜିଲାରେ ଆଉ ଏକ ଏନ୍‌କାଉଣ୍ଟର ବେଳେ ୨ ଜଣ ଯବାନ ଆହତ ହୋଇଛନ୍ତି। ଏହା ପରେ ଉକ୍ତ ଅଞ୍ଚଳକୁ ସୁରକ୍ଷା ବଳ ଚାରିପଟୁ ଘେରି ତଲାସି ଅଭିଯାନ ଚଳାଇଛି। ଗତ ମାସରେ କୁଲ୍‌ଗାମରେ ଯବାନଙ୍କ ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଥିଲେ।

### ୧୪ ମାସ ପରେ ଜେଲରୁ ମୁକୁଳିଲେ ମୁରୁଘା ସନ୍ଥ

**ନାବାଳିକା ବଳାତ୍କାର ମାମଲା**

**ଚିତ୍ରଦୁର୍ଗ,୧୬।୧୧:** ଦୁଇଜଣ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଚିତ୍ରଦୁର୍ଗ ମୁରୁଘାରାଜେନ୍ଦ୍ର ବ୍ରୁହନ୍ ମଠର ମହନ୍ତ ଡ. ଶିବମୂର୍ତ୍ତି ମୁରୁଗା ଶରନାରୁ ୧୪ ମାସ ଜେଲରେ ରହିବା ପରେ ଗୁରୁବାର ମୁକୁଳିଛନ୍ତି। ଦୁଇଟି ଅପରାଧରେ ତାଙ୍କ ବିରୋଧରେ ପୋକ୍ସୋ (ଶିଶୁ ଯୌନ ଅପରାଧ ସୁରକ୍ଷା) ଆଇନରେ ମାମଲା ରୁଜୁ ହୋଇଥିଲା। ଦ୍ୱିତୀୟ ଅତିରିକ୍ତ ଜିଲା ଓ ସେସନ୍ସ କୋର୍ଟ ବୁଧବାର ଚିତ୍ରଦୁର୍ଘ ଜିଲା ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରିକରି ମୁରୁଘା ମଠ ମହନ୍ତଙ୍କୁ ମୁକ୍ତ କରିଦେବାକୁ କହିଥିଲେ। ତେବେ ଠିକ୍ ସମୟରେ ନିର୍ଦ୍ଦେଶନାମାର ନକଲ ନ ପହଞ୍ଚିବାରୁ ବୁଧବାର ସନ୍ଥ ଶିବମୂର୍ତ୍ତିଙ୍କୁ ମୁକ୍ତ କରାଯାଇ ନ ଥିଲା। ଗୁରୁବାର ମହନ୍ତ ଜେଲରୁ ବାହାରିବା ପରେ ବହୁସଂଖ୍ୟାରେ ଭକ୍ତ ତାଙ୍କୁ ପାଛୋଟି ନେଇଥିଲେ।

### ମଣିପୁରରେ ଆସାମ ରାଇଫଲ୍ସ ଗାଡ଼ି ଉପରେ ଉଗ୍ରପନ୍ଥୀଙ୍କ ଆକ୍ରମଣ

**ଗୁଆହାଟୀ,୧୬।୧୧:** ହିଂସାପ୍ରବଣ ମଣିପୁରରେ ଗୁରୁବାର ସକାଳେ ସନ୍ଦିଗ୍ଧ ଉଗ୍ରପନ୍ଥୀମାନେ ଆସାମ ରାଇଫଲ୍ସ ଯବାନମାନଙ୍କ ଗାଡ଼ି ଉପରେ ଅଚାନକ ଆକ୍ରମଣ କରିଛନ୍ତି। ଆସାମ ରାଇଫଲ୍ସ ୨୦ତମ ବାଟାଲିୟନ୍‌ର ଯବାନମାନେ ଦୈନନ୍ଦିନ ପାଟ୍ରୋଲିଂରେ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଭାରତ-ମ୍ୟାନ୍‌ମାର ସୀମା ନିକଟ ଟେଙ୍ଗନୌପାଲ ଜିଲାର ସାଇବୋଲ୍‌ଠାରେ ଏହି ଆକ୍ରମଣ ହୋଇଛି। ପ୍ରଥମେ ଉଗ୍ରପନ୍ଥୀମାନେ ଆଇଇଡି ବିସ୍ଫୋରଣ କରିବା ପରେ ଗୁଳି ଚଳାଇଥିଲେ। ଯବାନମାନେ ଏହାର ଠିକଣା ଜବାବ ଦେଇଥିଲେ ବୋଲି ପ୍ରତିରକ୍ଷା ଅଧିକାରୀ କହିଛନ୍ତି। ଅପରାଧୀମାନଙ୍କୁ ଧରିବା ପାଇଁ ସୁରକ୍ଷା ବଳ ତନାଘନା ଚଳାଇଛି।

### ଛାତି ଯନ୍ତ୍ରଣାରେ ପୋଲିଂ କର୍ମଚାରୀଙ୍କ ମୃତ୍ୟୁ

**ବେଟୁଲ୍,୧୬।୧୧:** ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ବେଟୁଲ୍ ସହରକୁ ପୋଲିଂ କର୍ମଚାରୀ ଭାବେ ଡ୍ୟୁଟିରେ ଯାଇଥିବା ଜଣେ ୫୫ ବର୍ଷୀୟ ସରକାରୀ କର୍ମଚାରୀଙ୍କର ଛାତି ଯନ୍ତ୍ରଣା ହେବା ପରେ ମୃତ୍ୟୁ ଘଟିଛି। ଭୀମରାଓ ନାମକ ଏହି କର୍ମଚାରୀଙ୍କୁ ବେଟୁଲ୍ ବାଳିକା ବିଦ୍ୟାଳୟର ୧୨୩ ନମ୍ବର ବୁଥ୍‌ରେ ଡ୍ୟୁଟି ଦିଆଯାଇଥିଲା। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ବୋଲି ମୁଲ୍‌ତାଇ ଏସ୍‌ଡିଏମ୍ ତୃପ୍ତି ପାଟେରିଆ କହିଛନ୍ତି। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଆଉ ୪ ସହର ଖାଲିକର

**ଯୁଦ୍ଧବିମାନରୁ ଗାଜାରେ ଲିଫ୍‌ଲେଟ୍ ଛାଡ଼ୁଛି ଇସ୍ରାଏଲ**

**ଗାଜା ସିଟି/ଜେରୁଜେଲମ୍,୧୬।୧୧**

ଗାଜା ସିଟିର ଦକ୍ଷିଣ ପ୍ରାନ୍ତରେ ଖାନ୍ ୟୁନିସ୍ ସହର ଅବସ୍ଥିତ। ଏହି ସହର ସଂଲଗ୍ନ ବାନି ଶୁହାଇଲା, ଖୁଜା, ଅବାସାନ୍ ଓ କରାରାରେ ଯୁଦ୍ଧ ପୂର୍ବରୁ ଲକ୍ଷାଧିକ ଲୋକ ବସବାସ କରୁଥିଲେ। ଅକ୍ଟୋବର ୭ ଆକ୍ରମଣ ଓ ପ୍ରତିଆକ୍ରମଣ ପରେ ସେମାନଙ୍କ ମଧ୍ୟରୁ ଅନେକେ ଅନ୍ୟତ୍ର ପଳାୟନ କଲେଣି। ଯେଉଁମାନେ ରହିଯାଇଛନ୍ତି, ସେମାନଙ୍କୁ ତୁରନ୍ତ ସହର ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଚେତାବନୀ ଦିଆଯାଇଛି। ଇସ୍ରାଏଲୀ ଯୁଦ୍ଧବିମାନଗୁଡ଼ିକରୁ ଏଭଳି ଧମକପୂର୍ଣ୍ଣ ଲିଫ୍‌ଲେଟ୍ ବୁଧବାର ରାତିସାରା ଉକ୍ତ ସହରଗୁଡ଼ିକରେ ଛଡ଼ାଯାଇଛି। ଆଗକୁ ତେଲ୍ ଆଭିଭ୍‌ର ହମାସ୍ ବିରୋଧୀ ଯୁଦ୍ଧ ଆହୁରି ଭୟାବହ ହେବା ଆଶଙ୍କା ଏଥିରୁ ଦୃଢ଼ୀଭୂତ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ



ଗାଜାର ଖାନ୍ ୟୁନିସ୍‌ରେ ଇସ୍ରାଏଲ ପକ୍ଷରୁ ଛଡ଼ାଯାଇଥିବା ଏକ ଲିଫ୍‌ଲେଟ୍‌କୁ ଲୋକେ ପଢ଼ୁଛନ୍ତି।

ରାତିରେ ବୋମାବର୍ଷା ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

ଉତ୍ତର ଭାଗରେ ଥିବା ହମାସ୍ ଶାସିତ ପାଲେଷ୍ଟିନୀୟ ଏନ୍‌କ୍ଲେଭ୍‌ରେ ଇସ୍ରାଏଲୀ ବଳ ଏବେ ମଧ୍ୟ ଗାଜାର ସର୍ବବୃହତ୍ ଡାକ୍ତରଖାନା ଅଲ୍ ଶିଫା ହସ୍ପିଟାଲରେ ଉପସ୍ଥିତ ରହିଛନ୍ତି। ତେବେ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ପକ୍ଷରୁ ସେଠାରେ ଦ୍ୱିତୀୟ ଦିନ ଧରି ଚାଲିଥିବା ବ୍ୟାପକ ଅପରେଶନ୍ ସମ୍ପର୍କରେ ବିବରଣୀ ମିଳିପାରି ନାହିଁ। ଅଲ୍ ଶିଫା ହସ୍ପିଟାଲରେ ଶତାଧିକ ରୋଗୀ ଓ ଅନେକ ହଜାର ଲୋକ ଆଶ୍ରୟ ନେଇଥିବାବେଳେ ଇନ୍ଧନ, ଅମ୍ଳଯାନ କିମ୍ବା ମୌଳିକ ସୁବିଧା ନ ଥିବାରୁ ସେମାନେ ଫସିରହିଛନ୍ତି। ଗାଜାକୁ ଦଖଲ କରିବା ଇସ୍ରାଏଲ ପାଇଁ ଏକ ବଡ଼ ଭୁଲ ହେବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସତର୍କ କରାଇଛନ୍ତି।

## ହମାସ୍ ନେତାଙ୍କ ଘର ଉଡ଼ାଇଦେଲା ଇସ୍ରାଏଲ



ଇସ୍‌ମାଇଲ ହାନିୟେ

ଇସ୍ରାଏଲୀ ସୈନ୍ୟମାନେ ହମାସ୍ ନେତା ଇସ୍‌ମାଇଲ ହାନିୟେଙ୍କ ଗାଜାସ୍ଥିତ ଘରକୁ ବିସ୍ଫୋରଣରେ ଉଡ଼ାଇ ଦେଇଛନ୍ତି। ବିସ୍ଫୋରଣରେ ତାଙ୍କ ବାସଭବନ ଧ୍ୱସ୍ତବିଧ୍ୱସ୍ତ ହେବାବେଳର ଭିଡିଓକୁ ସେମାନେ ଶେୟାର କରିଛନ୍ତି।

ହାନିୟେ ହେଉଛନ୍ତି ହମାସ୍‌ର ପଲିଟିକାଲ ବ୍ୟୁରୋ ମୁଖ୍ୟ, ଯାହାଙ୍କୁ ସଙ୍ଗଠନର ସବୁଠୁ ଉଚ୍ଚ ପଦାଧିକାରୀ ବିବେଚନା କରାଯାଇଥାଏ। ତାଙ୍କ ଘରକୁ ଆତଙ୍କବାଦର ଭିତ୍ତିଭୂମି ରୂପେ ବ୍ୟବହାର କରାଯାଉଥିଲା। ଇସ୍ରାଏଲୀ ନାଗରିକ ଏବଂ ଆଇଡିଏଫ୍ ସୈନ୍ୟଙ୍କୁ ହତ୍ୟା ପାଇଁ ସେଠାରୁ ନିର୍ଦ୍ଦେଶ ଦିଆଯାଉଥିଲା ବୋଲି ଇସ୍ରାଏଲ ଦାବି କରିଛି। ହାନିୟେ ୧୯୯୦ ଦଶକର ଶେଷଭାଗରେ ଚର୍ଚ୍ଚାକୁ ଆସିଥିଲେ। ସେ ୨୦୦୬ରେ ହମାସ୍‌ର ବିଜୟ ପରେ ପାଲେଷ୍ଟାଇନ୍ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଥିଲେ।

## ନେତାନ୍ୟାହୁଙ୍କ ଇସ୍ତଫା ଦାବିକଲେ ଲାପିଡ୍

ଇସ୍ରାଏଲର ବିରୋଧୀ ଦଳ ନେତା ୟାଇର ଲାପିଡ୍ ଗୁରୁବାର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ତତ୍କାଳ ଇସ୍ତଫା ଦାବି କରିଛନ୍ତି। ଅକ୍ଟୋବର ୭ରେ ହମାସ୍ ପକ୍ଷରୁ ଆକ୍ରମଣ ପରେ ନେତାନ୍ୟାହୁଙ୍କ ନେତୃତ୍ୱ ଉପରେ ଦେଶବାସୀଙ୍କ ଆସ୍ଥା ତୁଟିଯାଇଥିବା



ସେ କହିଛନ୍ତି। ନେତାନ୍ୟାହୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସହ ପାର୍ଲାମେଣ୍ଟରେ ଜଣେ ନୂଆ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ଗଠନ ପାଇଁ ଲାପିଡ୍ ଆହ୍ୱାନ ଦେଇଛନ୍ତି।

## ଆମେରିକୀୟଙ୍କୁ ଲାଡେନ୍‌ଙ୍କ ଚିଠି ଭାଇରାଲ

ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦାର ପୂର୍ବତନ ମୁଖ୍ୟ ଓସାମା ବିନ୍ ଲାଡେନ୍ ଟିକ୍‌ଟକ୍ ଭିଡିଓରେ ଭାଇରାଲ ହେବାରେ ଲାଗିଛି। ଇସ୍ରାଏଲ-ହମାସ୍ ଯୁଦ୍ଧବେଳେ 'ଅକୁପେଶନ୍ ଅଫ୍ ଆୱାର ପାଲେଷ୍ଟାଇନ୍' ଲେଖାଥିବା ଏହି ପତ୍ର ସାମ୍ନାକୁ ଆସିଛି। ଉକ୍ତ ଚିଠି ବିଶ୍ୱର ସବୁଠୁ କୁଖ୍ୟାତ୍ ମୃତ ଆତଙ୍କବାଦୀ ଲାଡେନ୍‌ଙ୍କ ସ୍ୱରକୁ ପ୍ରତିଧ୍ୱନିତ କରିଛି। 'ଲେଟର ଟୁ ଦି ଆମେରିକାନ୍ ପିପୁଲ'କୁ ନେଇ ଟିକ୍-ଟକର୍‌ମାନେ ବିସ୍ମିତ ହୋଇଛନ୍ତି। ଅନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମଗୁଡ଼ିକରେ ମଧ୍ୟ ଏହା ବହୁଳ ପ୍ରସାରିତ ହୋଇଛି। ୨୦୦୧ରେ ଆମେରିକାସ୍ଥିତ ବିଶ୍ୱ ବାଣିଜ୍ୟ ସଙ୍ଗଠନ



ଓସାମା ବିନ୍ ଲାଡେନ୍

(ଡବ୍ଲ୍ୟୁଟିଓ) ଆକ୍ରମଣ ପରେ ଲାଡେନ୍ ଲେଖିଥିବା ଏହି ଚିଠିରେ ୯/୧୧ ଆଟାକ୍‌କୁ ଯଥାର୍ଥ ଦର୍ଶାଇବାକୁ ଉଦ୍ୟମ କରିଥିଲେ। ଏଥିସହ ପାଲେଷ୍ଟାଇନ୍‌ରେ ଇସ୍ରାଏଲର ଦମନଲୀଳାକୁ ସେ ନିନ୍ଦା କରିଥିଲେ।

## ୧୦ ବିଲ୍ ଫେରାଇଦେଲେ ତାମିଲନାଡୁ ରାଜ୍ୟପାଳ

### ବସିବ ସ୍ୱତନ୍ତ୍ର ଅଧିବେଶନ

**ଚେନ୍ନାଇ,୧୬।୧୧**

ବିଲ୍‌ଗୁଡ଼ିକୁ ଅନୁମୋଦନ ନ କରି ପକାଇ ରଖିଥିବାରୁ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିବା ସହ ତାମିଲନାଡୁ ଓ ପଞ୍ଜାବ ରାଜ୍ୟପାଳଙ୍କୁ ଭର୍ତ୍ସନା କରିଥିଲେ। ଏହା ସତ୍ତ୍ୱେ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଅଟକି ରହିଥିବା ୧୦ଟି ବିଲ୍‌କୁ ବିନା ଅନୁମୋଦନରେ ବିଧାନସଭାକୁ ଫେରାଇ ଦେଇଛନ୍ତି। ସେଥିରୁ ୨ଟି ବିଲ୍ ପୂର୍ବର ଏଆଇଏଡିଏମ୍‌କେ ସରକାର ଅମଳରୁ ପଡ଼ିରହିଥିଲା। ବିଲ୍‌କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଅନୁମୋଦନ ନ କରି ପକାଇ ରଖିବା ଗମ୍ଭୀର ଚିନ୍ତାର ବିଷୟ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ବିଲ୍‌ଗୁଡ଼ିକ ଫେରିଆସିବା ପରେ ସେଗୁଡ଼ିକୁ ପୁନର୍ବାର ଗୃହୀତ କରାଇବା ପାଇଁ ବାଚସ୍ପତି ଏମ୍. ଅପ୍ପାଭୁ ଶନିବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ବିଧାନସଭାରେ ଗୃହୀତ ବିଲ୍‌କୁ ରାଜ୍ୟପାଳ ଅନୁମୋଦନ କରିବା ବାଧ୍ୟତାମୂଳକ। ବିଲ୍‌କୁ ରାଜ୍ୟପାଳ ଫେରାଇ ଦେଇଥିବାରୁ ଏହାକୁ ସରକାର ବିନା ପରିବର୍ତ୍ତନରେ ପୁନର୍ବାର ଗୃହୀତ କରାଇବା ପରେ ସିଧାସଳଖ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବେ ବୋଲି ଆଶା କରାଯାଉଛି।

ଭାଜପା ଦ୍ୱାରା ନିଯୁକ୍ତ ରାଜ୍ୟପାଳ ଜାଣିଶୁଣି ବିଲ୍‌କୁ ମଞ୍ଜୁରୀ ଦେବାରେ ବିଳମ୍ବ କରୁଥିବା ତାମିଲନାଡୁ ସରକାର ଅଭିଯୋଗ କରିଛନ୍ତି। ଏହାଦ୍ୱାରା ନିର୍ବାଚିତ ସରକାରକୁ ଅଣଦେଖା କରାଯାଇ ରାଜ୍ୟର ବିକାଶରେ ବାଧା ସୃଷ୍ଟି କରାଯାଉଛି। ଅନ୍ୟପକ୍ଷରେ ବାଚସ୍ପତି ଡାକିଥିବା ସ୍ୱତନ୍ତ୍ର ଅଧିବେଶନରେ ଏଆଇଏଡିଏମ୍‌କେ ଯୋଗଦେବ କି ନାହିଁ ତାହା ଦଳ ହାଇକମାଣ୍ଡ ନିଷ୍ପତ୍ତି ନେବେ ବୋଲି ଦଳର ସମ୍ପାଦକ ଡି. ଜୟକୁମାର କହିଛନ୍ତି।

## ଆଜି ଛତିଶଗଡ଼, ଏମ୍‌ପି ଭୋଟ



ଇନ୍ଦୋରରେ ପୋଲିଂ ଅଫିସର୍‌ମାନେ ନିର୍ବାଚନ ସାମଗ୍ରୀ ଧରି ବୁଥ୍ ଅଭିମୁଖେ ଯାଉଛନ୍ତି।

**ରାୟପୁର/ଭୋପାଳ,୧୬।୧୧**

ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ୭୦ଟି ଆସନରେ ଭୋଟ ହେବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ଉପମୁଖ୍ୟମନ୍ତ୍ରୀ ଟି.ଏସ୍. ଦେଓ, ରାଜ୍ୟର ୮ ମନ୍ତ୍ରୀ, ୪ ଜଣ ଏମ୍‌ପିଙ୍କ ଭଳି ହେଭିୱେଟ୍ ନେତାମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଯାଉଛି। ଗତ ୭ ତାରିଖରେ ମାଓବାଦୀ ପ୍ରଭାବିତ ୨୦ ନିର୍ବାଚନମଣ୍ଡଳୀରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିଲା। ଏହି ପର୍ଯ୍ୟାୟରେ ୭୮ ପ୍ରତିଶତ ଭୋଟ ପଡ଼ିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୯୫୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ୧୩୦ ଜଣ ମହିଳା ହୋଇଥିବାବେଳେ ଜଣେ କିନ୍ନର ରହିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୧,୬୩,୧୪,୪୭୯ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୮୧,୪୧,୬୨୪ ଜଣ ପୁରୁଷ ହୋଇଥିବାବେଳେ ୮୧,୭୨,୧୭୧ ଜଣ ମହିଳା ଓ ୬୮୪ ଜଣ ତୃତୀୟ ଲିଙ୍ଗ। ୨୨ ଜିଲାର ୧୮,୮୩୩ ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ମଧ୍ୟପ୍ରଦେଶ ବିଧାନସଭାର ସମସ୍ତ ୨୩୦ ଆସନ ପାଇଁ ଶୁକ୍ରବାର ମତଦାନ ହେବାକୁ ଯାଉଥିବାବେଳେ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେଉଛି। ନିର୍ବାଚନ ରଣାଙ୍ଗନରେ ମୋଟ ୨,୫୩୩ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବାକୁ ଥିବାବେଳେ ୫,୬୦,୬୦,୯୨୫ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ରାଜ୍ୟରେ ୨,୦୪୯ ପୋଲିଂ ଷ୍ଟେଶନ କରାଯାଇଛି। ବୁଧବାର ପ୍ରଚାର ଶେଷ ଦିନରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ପ୍ରମୁଖ ପ୍ରଚାର କରିଥିଲେ। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଶେଷ ଦିନରେ ଏକ ରାଲିରେ ଯୋଗଦେଇଥିଲେ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ଇନ୍ଦୋରରେ ୩ଟି ରାଲି ଓ ଗୋଟିଏ ରୋଡ୍ ଶୋ'ରେ ଯୋଗଦେଇଥିଲେ।

## ହ୍ୱାଟ୍ସଆପ୍‌ରେ ନୂଆ ଭଏସ୍ ଚାଟ୍ ଫିଚର

**ନୂଆଦିଲ୍ଲୀ,୧୬।୧୧**

ସବୁଠୁ ଲୋକପ୍ରିୟ ତ୍ୱରିତ୍ ମେସେଜିଂ ଆପ୍ ଭାବେ ପରିଚିତ ହ୍ୱାଟ୍ସଆପ୍ ଗ୍ରୁପ୍ ଚାଟ୍ ପାଇଁ ଏକ ନୂଆ ଭଏସ୍ ଚାଟ୍ ଫିଚର ଆରମ୍ଭ କରିଛି। ହ୍ୱାଟ୍ସଆପ୍‌ରେ ଦୀର୍ଘଦିନ ହେଲା ଗ୍ରୁପ୍ ଚାଟ୍ ଫିଚର ରହିଥିବାବେଳେ ନୂଆ ଭଏସ୍ କଲ୍ ଫିଚର ଅଲଗା ପ୍ରକାର କାମ କରିବ। ଭଏସ୍ ଚାଟ୍ ଆରମ୍ଭ ହେଲେ ଗ୍ରୁପ୍‌ରେ ଭାଗନେଇଥିବା ୟୁଜରମାନଙ୍କୁ ସ୍ୱତଃ କଲ୍ ହେବ ନାହିଁ। ଏହା ବଦଳରେ ସେମାନଙ୍କୁ ଏକ ପୁଶ୍ ନୋଟିସ୍



ମିଳିବ। ଭଏସ୍ ଚାଟ୍‌ରେ ୟୁଜରମାନେ ଗ୍ରୁପ୍‌ର ଅନ୍ୟ ସଦସ୍ୟମାନଙ୍କ ସହ ସିଧାସଳଖ କଥା ହେବା ସହ ଗ୍ରୁପ୍‌ରେ ମେସେଜ୍ କରିପାରିବେ। ୟୁଜରମାନେ ଏହି କଲ୍‌ରେ ଯେତେବେଳେ ଚାହିଁବେ ଯୋଗଦେଇ ପାରିବେ ଅଥବା ଦୂରେଇ ଯାଇପାରିବେ। ଗ୍ରୁପ୍ ଚାଟ୍ ଶୀର୍ଷରେ କଲ୍ କଣ୍ଟ୍ରୋଲ ଦୃଶ୍ୟ ହେବ। ଭଏସ୍ ଚାଟ୍ ଚାଲିଥିବାବେଳେ ୟୁଜର ମେସେଜ୍ ମଧ୍ୟ କରିପାରିବେ। ଭଏସ୍ କଲ୍‌ରେ କେଉଁମାନେ ଯୋଗଦେଲେ, ତାହା ସ୍କ୍ରିନ୍‌ର ତଳଭାଗରେ ଦେଖାଯିବ।

## ୫ ଦିନ ପରେ ବି ସୁଡ଼ଙ୍ଗ ତଳେ ୪୦ ଶ୍ରମିକ

**ଡେରାଡୁନ୍,୧୬।୧୧**

ଉତ୍ତରାଖଣ୍ଡର ଉତ୍ତରକାଶୀରେ ନିର୍ମାଣାଧୀନ ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିବା ପରେ ଏହା ତଳେ ଫସିରହିଥିବା ୪୦ ଶ୍ରମିକଙ୍କୁ ଉଦ୍ଧାର ଲାଗି ୫ ଦିନ ହେଲା ଉଦ୍ୟମ ଜାରି ରହିଥିଲେ ହେଁ ଫଳପ୍ରଦ ହୋଇନାହିଁ। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ପାଇଁ ଆମେରିକାର ସ୍ୱତନ୍ତ୍ର ମେଶିନ୍ ପହଞ୍ଚିଛି। ଏହା ୭୦ ମିଟର ଗଭୀର ପର୍ଯ୍ୟନ୍ତ ପଥରକୁ କାଟିପାରିବ ବୋଲି ଆଶା କରାଯାଉଛି। ଏହା ଘଣ୍ଟାକୁ ୫ ମିଟର ଗଭୀର ପର୍ଯ୍ୟନ୍ତ ଖୋଳିବାକୁ ଥିବାରୁ ପ୍ରାୟ ୧୨ରୁ ୧୫ ଘଣ୍ଟା ମଧ୍ୟରେ ଶ୍ରମିକମାନଙ୍କ ପାଖରେ ପହଞ୍ଚିହେବ ବୋଲି ଉଦ୍ଧାରକାରୀ ଟିମ୍ କହିଛନ୍ତି। ଗର୍ତ୍ତ ହେବା ପରେ ତାହା ମଧ୍ୟକୁ ୮୦ ମିଲିମିଟର ଓସାରର ପାଇପ୍ ଭର୍ତ୍ତି କରାଯିବ। ଶ୍ରମିକମାନଙ୍କୁ ଉକ୍ତ ପାଇପ୍ ଦେଇ ବାହାରକୁ ଆଣିବା ଯୋଜନା ରହିଛି। ବୁଧବାର ଭୂସ୍ଖଳନ ହେବାରୁ ଉଦ୍ଧାରକାରୀ ଟିମ୍ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଥାଇଲାଣ୍ଡର ବିଶେଷଜ୍ଞମାନଙ୍କ ପରାମର୍ଶ ନିଆଯାଇଛି।

ଶ୍ରମିକମାନଙ୍କୁ ତୁରନ୍ତ ତଥା



ଉତ୍ତର କାଶୀ ସୁଡ଼ଙ୍ଗରେ ଉଦ୍ଧାର କାର୍ଯ୍ୟବେଳେ ଦେଖଣାହାରିଙ୍କ ଭିଡ଼।

ନିରାପଦର ସହ ଉଦ୍ଧାର ପାଇଁ ସମସ୍ତ ଉଦ୍ୟମ ଜାରି ରହିଛି ଏବଂ ୨/୩ ଦିନ ମଧ୍ୟରେ ଅଭିଯାନ ଶେଷ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଭି.କେ. ସିଂ କହିଛନ୍ତି। ଶ୍ରମିକମାନେ ନିରାପଦରେ ବାହାରିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ମନ୍ତ୍ରୀ ସିଂ ଫସିଥିବା ଶ୍ରମିକମାନଙ୍କ ସହ କଥା ହୋଇଛନ୍ତି। ସେମାନେ ନିରାପଦ ରହିବା ସହ ସେମାନଙ୍କ ମନୋବଳ ଦୃଢ଼ ରହିଥିବା ଫୋନ୍‌ରେ କହିଛନ୍ତି। ସେମାନଙ୍କ ପାଖକୁ ନିୟମିତ ଭାବେ ଅକ୍ସିଜେନ୍, ଖାଦ୍ୟ, ଜଳ ଓ ବିଜୁଳି ଯୋଗାଇ ଦିଆଯାଉଛି।

## ଜିନ୍‌ପିଙ୍ଗଙ୍କୁ ଏକଚ୍ଛତ୍ରବାଦୀ କହିଲେ ବାଇଡେନ୍

**ଉଡ୍‌ସାଇଡ୍(କାଲିଫର୍ନିଆ),୧୬।୧୧**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ତାଙ୍କ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍ ଜଣେ ଏକଚ୍ଛତ୍ରବାଦୀ ବୋଲି କହିଛନ୍ତି। କାଲିଫର୍ନିଆର ଉଡ୍‌ସାଇଡ୍‌ରେ ଦୁଇ ଶକ୍ତିଶାଳୀ ରାଷ୍ଟ୍ରର ନେତାଙ୍କ ମଧ୍ୟରେ ଶିଖର ବୈଠକ ବସିଥିଲା। ଜିନ୍‌ପିଙ୍ଗ ଜଣେ ଏକଚ୍ଛତ୍ରବାଦୀ ବୋଲି ବାଇଡେନ୍‌ଙ୍କର ଯେଉଁ ଧାରଣା ରହିଆସିଛି, ତାକୁ ସେ ବଦଳାଇ ନାହାନ୍ତି ବୋଲି ସାନ୍ ଫ୍ରାନ୍ସିସ୍କୋଠାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜିନ୍‌ପିଙ୍ଗ ତାଙ୍କ ଦେଶକୁ ଯେଉଁଭଳି ଶାସନ କରୁଛନ୍ତି, ତାହା ଏକଚ୍ଛତ୍ରବାଦ। କମ୍ୟୁନିଷ୍ଟ ଶାସନର ସରକାର ଆମଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଆମେରିକା ରାଷ୍ଟ୍ରପତି କହିଥିଲେ। ଅନ୍ୟପକ୍ଷରେ ବାଇଡେନ୍‌ଙ୍କ ଏଭଳି ମନ୍ତବ୍ୟକୁ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ଦୃଢ଼ ବିରୋଧ କରିଛି।



ଶି ଜିନ୍‌ପିଙ୍ଗଙ୍କ ସହ ଜୋ ବାଇଡେନ୍

ବାଇଡେନ୍‌ଙ୍କ ମନ୍ତବ୍ୟ ସମ୍ପୂର୍ଣ୍ଣ ଭୁଲ୍ ଓ ଦାୟିତ୍ୱହୀନ ରାଜନୈତିକ କୌଶଳ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି। ବୁଧବାର କାଲିଫର୍ନିଆର ଉଡ୍‌ସାଇଡ୍‌ଠାରେ ଏସିଆ-ପାସିଫିକ୍ ଅର୍ଥନୈତିକ ସହଯୋଗ ସମିଟ୍ ଅବସରରେ ବାଇଡେନ୍ ଓ ଜିନ୍‌ପିଙ୍ଗଙ୍କ ମଧ୍ୟରେ ଫିଲୋଲି ଇଷ୍ଟେଟ୍‌ରେ ବୈଠକ ହୋଇଥିଲା।

## ୪ ନକଲି ଡାକ୍ତର, ୭ ମୃତ ରୋଗୀ

**ମେଡିକାଲ ରାକେଟର କଳା କାରନାମା ଧରାପଡ଼ିଲା**

**ନୂଆଦିଲ୍ଲୀ,୧୬।୧୧**

ଡାକ୍ତରମାନଙ୍କୁ ଅନେକେ ଭଗବାନଙ୍କ ସହ ତୁଳନା କରିଥାଆନ୍ତି। ସେମାନେ ରୋଗୀଙ୍କ ଜୀବନ ରକ୍ଷା କରୁଥିବାରୁ ଡାକ୍ତରୀ ପେସାକୁ ସମାଜରେ ସମ୍ମାନ ଦିଆଯାଇଥାଏ। କିନ୍ତୁ ବର୍ତ୍ତମାନ ସମୟରେ ଟଙ୍କା ପାଇଁ ଏହି ବୃତ୍ତିର ଦୁରୁପଯୋଗ କରୁଥିବା ଲୋକଙ୍କ ଅଭାବ ନାହିଁ। ଏପରି କି ସେମାନଙ୍କ ଅର୍ଥ ଲୋଭ ଯୋଗୁ ନିରୀହମାନଙ୍କ ଜୀବନ ମଧ୍ୟ ଚାଲିଯାଉଛି। ଦକ୍ଷିଣ ଦିଲ୍ଲୀର ଗ୍ରେଟର କୈଲାସ ଅଞ୍ଚଳରେ ଏଭଳି ଏକ ରାକେଟର ପର୍ଦ୍ଦାଫାଶ ହୋଇଛି। ଜାଲ ଦସ୍ତାବିଜ ଦେଖାଇ ନିଜକୁ ଡାକ୍ତର ପରିଚୟ ଦେଇଥିବା ୨ ଜଣ ବ୍ୟକ୍ତି ରୋଗୀଙ୍କ ଅସ୍ତ୍ରୋପଚାର କରିବା ପରେ ସେମାନଙ୍କ ମୃତ୍ୟୁ ଘଟିଛି। ଗତ ୭ ବର୍ଷ ମଧ୍ୟରେ ଏହି ନକଲି ଡାକ୍ତରୀ ଟିମ୍ ୭ ରୋଗୀଙ୍କ ଜୀବନ ନେଇଥିବା ବିଷୟ ଜାତୀୟ ରାଜଧାନୀରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

୨ ଜଣ ଡାକ୍ତର, ନିଜକୁ ସର୍ଜନ ବୋଲାଉଥିବା ଜଣେ ମହିଳା, ଜଣେ ଲାବୋରେଟୋରି ଟେକ୍ନିସିଆନ୍‌ଙ୍କ କାରନାମା ସହ ୭ ମୃତ ରୋଗୀଙ୍କ ଏହି ଏପିସୋଡ୍ ଦିଲ୍ଲୀର ପୋଶ୍ ଗ୍ରେଟର କୈଲାସ ଅଞ୍ଚଳରେ ସାମ୍ନାକୁ ଆସିଛି। ସେମାନଙ୍କ କ୍ଲିନିକ୍‌ରେ ଅସ୍ତ୍ରୋପଚାର କରାଇଥିବା ୨ ରୋଗୀଙ୍କ ମୃତ୍ୟୁ ପରେ ଉକ୍ତ ରାକେଟ୍‌ର ୪ ଜଣଙ୍କୁ ଦିଲ୍ଲୀ ପୋଲିସ ମଙ୍ଗଳବାର ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଡ. ନୀରଜ ଅଗ୍ରୱାଲ, ତାଙ୍କ ସ୍ତ୍ରୀ ପୂଜା ଅଗ୍ରୱାଲ, ଡ. ଯଶପ୍ରୀତ ସିଂ ଏବଂ ପୂର୍ବତନ ଲାବ୍ ଟେକ୍ନିସିଆନ୍ ମହେନ୍ଦ୍ର ସିଂ। ୨୦୨୨ରେ ଅସଘର ଅଲୀଙ୍କ ଗଲବ୍ଲାଡର ଚିକିତ୍ସା ପାଇଁ ସେମାନଙ୍କ କ୍ଲିନିକ୍‌ରେ ଭର୍ତ୍ତି କରାଯାଇଥିଲା। ଯୋଗ୍ୟତାସମ୍ପନ୍ନ ଡାକ୍ତର ଯଶପ୍ରୀତ ତାଙ୍କର ଅସ୍ତ୍ରୋପଚାର କରିବେ ବୋଲି ପ୍ରଥମେ ତାଙ୍କୁ କୁହାଯାଇଥିଲା। କିନ୍ତୁ ଯଶପ୍ରୀତଙ୍କ ପରିବର୍ତ୍ତେ ପୂଜା ଓ ମହେନ୍ଦ୍ର ତାଙ୍କ ଅପରେଶନ୍ କରିଥିଲେ। ଅପରେଟିଂ ରୁମ୍‌ରୁ ବାହାରିବା ପରେ ଅଲୀ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ତୁରନ୍ତ ତାଙ୍କୁ ସଫଦରଜଙ୍ଗ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପହଞ୍ଚିବା ମାତ୍ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଲୀଙ୍କ ପରିବାର ଲୋକଙ୍କ ଅଭିଯୋଗ ହେଲା, ଅଗ୍ରୱାଲ ମେଡିକାଲ ସେଣ୍ଟର ଚଳାଉଥିବା ଡ. ଅଗ୍ରୱାଲ ଓ ଅନ୍ୟ ୩ ଜଣ ଡାକ୍ତରୀ ପ୍ରଟୋକଲ ଅନୁସରଣ ନ କରି ଅନେକ ରୋଗୀଙ୍କ ସମ୍ବେଦନଶୀଳ ଅଙ୍ଗରେ ଏପରି ଅସ୍ତ୍ରୋପଚାର କରିଛନ୍ତି। ଡ. ଅଗ୍ରୱାଲ ଜଣେ ଫିଜିସିଆନ୍ ହୋଇଥିବାବେଳେ ରୋଗୀଙ୍କୁ ନିଜ ନକଲି ପ୍ରମାଣପତ୍ର ଦେଖାଇ ଅପରେଶନ୍ କରୁଥିଲେ। ଏହି ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ୨୦୧୬ ପରଠୁ ଡ. ଅଗ୍ରୱାଲ, ପୂଜା ଓ ତାଙ୍କ ମେଡିକାଲ ସେଣ୍ଟର ବିରୋଧରେ ଏପରି ଅନ୍ୟୁନ ୯ଟି ଅଭିଯୋଗ ରହିଛି। ଡାକ୍ତରୀ ଅବହେଳା ଯୋଗୁ ୭ ରୋଗୀଙ୍କ ମୃତ୍ୟୁ ଘଟିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

ନଭେମ୍ବର ୧ରେ ୪ ଜଣ ଡାକ୍ତରଙ୍କୁ ନେଇ ଗଠିତ ଏକ ମେଡିକାଲ ବୋର୍ଡକୁ ଉକ୍ତ ମେଡିକାଲ ସେଣ୍ଟରକୁ ଡକାଯାଇଥିଲା। ସେଠାରେ ଅନେକ ଅନିୟମିତତା ପରିଲକ୍ଷିତ ହୋଇଥିଲା ବୋଲି ଡିସିପି ଚନ୍ଦନ ଚୌଧରୀ ସୂଚନା ଦେଇଛନ୍ତି। ପୋଲିସ ସେଠାରୁ ୪୧୪ ପ୍ରେସ୍କ୍ରିପ୍ସନ୍ ଜବତ କରିଛି, ଯହିଁରେ କେବଳ ଡାକ୍ତରଙ୍କ ସ୍ୱାକ୍ଷର ରହିଛି। ଉକ୍ତ ସ୍ଲିପ୍‌ଗୁଡ଼ିକର ଉପର ଭାଗରେ ପର୍ଯ୍ୟାପ୍ତ ସ୍ଥାନ ଛାଡ଼ି ଦିଆଯାଇଛି। ଏଥିସହ କ୍ଲିନିକ୍‌ରେ କରାଯାଇଥିବା ଗର୍ଭପାତ ପଞ୍ଜୀକରଣ ସମ୍ପର୍କିତ ୨ଟି ରେଜିଷ୍ଟର ଏବଂ ନିଷିଦ୍ଧ ଇଞ୍ଜେକ୍ସନ ମଧ୍ୟ ମିଳିଛି। ୪୭ଟି ବ୍ୟାଙ୍କର ଚେକ୍ ବହି, ୫୪ ଏଟିଏମ୍ କାର୍ଡ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ମଧ୍ୟ ଡ. ଅଗ୍ରୱାଲଙ୍କ ଘରୁ ଓ କ୍ଲିନିକ୍‌ରୁ ଠାବ ହୋଇଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୭/୨୦୨୩ | Bhubaneswar, Friday, November 17/2023 | ପୃଷ୍ଠା-୧




**ବିଜ୍ଞାପନରେ ପାରିଶ୍ରମିକ ବଢ଼ାଇଲେ ଅଲ୍ଲୁ**

ସାଉଥ୍ ଅଭିନେତା ଅଲ୍ଲୁ ଅର୍ଜୁନ ନିକଟରେ ବିଜ୍ଞାପନ ଲାଗି ତାଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି।

୧୧

୧୩

**ବେକ୍‌ହାମଙ୍କ ପ୍ରଶଂସା**

ୱାଙ୍ଖଡେରେ ଭାରତ-ନ୍ୟୁଜିଲାଣ୍ଡ ବିଶ୍ୱକପ୍ ମ୍ୟାଚ ବେଳେ ଦର୍ଶକୀୟ ଅନୁଭୂତି ଅନନ୍ୟ ବୋଲି କହିଛନ୍ତି ଇଂଲଣ୍ଡ ଫୁଟ୍‌ବଲ ତାରକା ଡେଭିଡ୍ ବେକ୍‌ହାମ।



# ବାତ୍ୟା: ଓଡ଼ିଶାକୁ ବିପଦ ନାହିଁ

## ୧୮ରେ ବାଂଲାଦେଶ ଉପକୂଳ ଅତିକ୍ରମ କରିବ

**ଭୁବନେଶ୍ୱର,୧୬।୧୧(ଅନିଲ ଦାସ)**

ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ଗଭୀର ଅବପାତ(ଡିପ୍ ଡିପ୍ରେସନ)ରେ ପରିଣତ ହୋଇଛି। ଏହା ବିଶାଖାପାଟଣାଠାରୁ ଦକ୍ଷିଣ-ପୂର୍ବ ଦିଗରେ ୩୫୦କି.ମି., ପାରାଦୀପରୁ ଦକ୍ଷିଣ-ଦକ୍ଷିଣ-ପୂର୍ବ ଦିଗରେ ୨୮୦କି.ମି. ଏବଂ ପଶ୍ଚିମବଙ୍ଗର ଦିଘାଠାରୁ ଦକ୍ଷିଣ-ଦକ୍ଷିଣ-ପଶ୍ଚିମ ଦିଗରେ ୪୨୦କି.ମି. ଦୂର ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୨୪ ଘଣ୍ଟାରେ ଏହା ଉତ୍ତର-ଉତ୍ତର-ପୂର୍ବ ଦିଗକୁ ଗତିକରି ଆହୁରି ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବ। ପବନର ବେଗ ଘଣ୍ଟା ପ୍ରତି ୮୦ରୁ ୧୦୦ କି.ମି. ହେବ ବୋଲି ପୂର୍ବାନୁମାନ କରାଯାଇଛି। ୧୮ ତାରିଖ ସକାଳେ ବାତ୍ୟା ବାଂଲାଦେଶ ଉପକୂଳ ମଗଲା ଏବଂ ଖେପୁପୁରା ମଧ୍ୟଦେଇ ସ୍ଥଳଭାଗ ଅତିକ୍ରମ କରିବ ବୋଲି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଆଣବିକ ଅସ୍ତ୍ରରେ ଏଆଇ**

# ଗୁଣିଗାରେଡ଼ିରୁ ହତ୍ୟା

# ୧୭ ଜଣଙ୍କୁ ଆଜୀବନ କାରାଦଣ୍ଡ

## ବୃଦ୍ଧ ଦମ୍ପତିଙ୍କୁ ଜିଅନ୍ତା ପୋଡ଼ି ମାରିଦେଇଥିଲେ

**ଯାଜପୁର/ଯାଜପୁର ରୋଡ/ କଳିଙ୍ଗନଗର, ୧୬।୧୧ (ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି/ ଶୁଭାଶିଷ ରାଉତ)**

ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ସୁକିନ୍ଦା ବ୍ଲକ ପିଙ୍ଗଳ ପଞ୍ଚାୟତ ନିମପଲ୍ଲୀ ଗ୍ରାମ ସୁରିସାହିରେ ବୃଦ୍ଧ ଦମ୍ପତିଙ୍କୁ ଜିଅନ୍ତା ପୋଡ଼ି ହତ୍ୟା କରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ବହୁ ଚର୍ଚ୍ଚିତ ଏହି ମାମଲାର ବିଚାର କରି ଯାଜପୁର ରୋଡ ଅତିରିକ୍ତ ଜିଲା ଦୌରା ଜଜ୍(ଏଡିଜେ) ହୃଷୀକେଶ ଆଚାର୍ଯ୍ୟ ୧୭ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦ଜଣ ସାକ୍ଷୀଙ୍କ ସାକ୍ଷ୍ୟ ସହ ୪୪ ଦସ୍ତାବିଜକୁ ଭିତ୍ତିକରି କୋର୍ଟ ଏହି ଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଲେଖାଏଁ



ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ଦୋଷୀମାନେ ହେଲେ ନିମପଲ୍ଲୀ ଗ୍ରାମର ବିରିମା ଗାଗରାଇ, ଶଙ୍କର ହିସା, ତୋଫାନ ସିରକା, ସାଗର ସିରକା, ସହଦେବ ବାଲମୁଚ, ନକୁଳ ବାଲମୁଚ, ବୃନ୍ଦାବନ ବାଲମୁଚ, ଭରତ ବାଲମୁଚ, ଦୁର୍ଗା ବାଲମୁଚ, ଗିରିଆ ବାଲମୁଚ, କାଳା ବାଲମୁଚ, ଆକାଶ ବାଲମୁଚ, ଦୋଳଗୋବିନ୍ଦ ନାୟକ, ମଙ୍ଗଲୁ ଗାଗରାଇ, ମଙ୍ଗଲୁ ତିରିଆ, ଶିବ ହେସା ଓ ଥୁରୁ ସିରକା।

ମାମଲାର ବିବରଣୀ ଅନୁଯାୟୀ, ତା୨୦।୭।୨୦୨୦ରିଖ ରାତିରେ ଶୈଳ ବାଲମୁଚି(୬୦) ଓ ସମ୍ବାରୀ ବାଲମୁଚି(୫୫) ଗୋଟିଏ ଘରେ ଶୋଇଥିବା ସମୟରେ ସେମାନଙ୍କୁ ଜିଅନ୍ତା ପୋଡ଼ି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଉଭୟଙ୍କ ଶରୀର ନିଆଁରେ ପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଘଟଣାର ତଦନ୍ତ କରି କଳିଙ୍ଗନଗର ଥାନା ପୋଲିସ ଏକ ମାମଲା(ନଂ.୧୧୫/୨୦୨୦) ରୁଜୁ କରିବା ସହ ୧୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କଳିଙ୍ଗନଗର ଥାନାର ଇନ୍ସପେକ୍ଟର ସୁବାସ ଚନ୍ଦ୍ର ☞ପୃଷ୍ଠା-୨

# ଆଜିଠୁ ନାଟମଣ୍ଡପ ମରାମତି

## ରତ୍ନପଲଙ୍କ ମରାମତି ଓ ନିର୍ମାଣ କରାଯିବ

**ପୁରୀ,୧୬।୧୧(ଅଜିତ୍ ମହାନ୍ତି)**

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଶ୍ରୀମନ୍ଦିର ନାଟମଣ୍ଡପର ମରାମତିକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାରଠାରୁ ବିଧିବଦ୍ଧ ଭାବେ ଏଏସ୍ଆଇ ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ କରିବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍ଆଇକୁ ଏନ୍ଓସି ଦିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ନାଟମଣ୍ଡପରେ ଲୁହାଭାରା ବନ୍ଧାଯିବ। ତା'ପରେ ନାଟମଣ୍ଡପରେ ଫାଟ ଥିବା ବିମ୍‌କୁ ଯାଞ୍ଚ କରାଯିବ। ଏଏସ୍ଆଇର ସ୍ୱତନ୍ତ୍ର ଟେକ୍ନିକାଲ ଟିମ୍ ବିମ୍ ମରାମତି କରିବ। ବିମ୍ ତଳେ ଲୁହାଭାରା ବାନ୍ଧି ଷ୍ଟେଜିଂ କରାଯିବ ବୋଲି ସୂଚନା ମିଳିଛି।

ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ନେଇ ହାଇକୋର୍ଟ ଏଏସ୍ଆଇକୁ ସମାଲୋଚନା କରିବା ସହ ଗୁରୁବାରଠାରୁ କାର୍ଯ୍ୟ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ☞ପୃଷ୍ଠା-୨

# ଭାରତ-ଅଷ୍ଟ୍ରେଲିଆ ଫାଇନାଲ



ଉଇକେଟ୍ ନେବା ପରେ ଟ୍ରାଭିସ୍ ହେଡ୍ (ବାମ)ଙ୍କୁ ଆଡାମ୍ ଜାମ୍ପାଙ୍କ ବଧେଇ।

**କୋଲକାତା, ୧୬।୧୧**

ଦିନିକିଆ କ୍ରିକେଟ ବିଶ୍ୱକପର ଫାଇନାଲ ପାଇଁ କ୍ଷେତ୍ର ପ୍ରସ୍ତୁତ। ରବିବାର ହେବାକୁଥିବା ମେଗା ଫାଇନାଲରେ ବିଶ୍ୱକପର ସବୁଠାରୁ ସଫଳ ଦଳ ୫ ଥର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ ଟିମ୍ ଇଣ୍ଡିଆ। ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ଫାଇନାଲରେ ପ୍ରବେଶ କରିଥିବାବେଳେ ଗୁରୁବାର ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି ଅଷ୍ଟ୍ରେଲିଆ।

## ଦିନିକିଆ କ୍ରିକେଟ ବିଶ୍ୱକପ

ଡେଭିଡ ମିଲରଙ୍କ ଶତକ ସହାୟତାରେ ଦକ୍ଷିଣ ଆଫ୍ରିକା ୪୯.୪ ଓଭରରେ ୨୧୨ ରନକରି ଅଲ୍ଆଉଟ ହୋଇଥିବାବେଳେ ଅଷ୍ଟ୍ରେଲିଆ ୪୭.୨ ଓଭରରେ ୭ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରି ନେଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଟ୍ରାଭିସ ହେଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହାକୁ ମିଶାଇ ଅଷ୍ଟ୍ରେଲିଆ ୮ମ ଥର ☞ପୃଷ୍ଠା-୨


DSPL-385




OIPR-10001/13/0106/2324

**ଆଜିର ମନ୍ତବ୍ୟ**

"ଧର୍ମନିରପେକ୍ଷତାର ଅର୍ଥ ଧର୍ମବିହୀନ ନୁହେଁ, ବରଂ ସମସ୍ତ ଧର୍ମବିଶ୍ୱାସକୁ ସମାନ ସମ୍ମାନ ଜଣାଇବା।
– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ବୋଲୁଥିବୁ ବୋଲ;
ମୋ ଦିହଟା ଯାକର ପୋଲା।**

ଅଲାଜୁକ ବ୍ୟକ୍ତିଙ୍କ ମୁହଁରେ କିଛି ଲାଜ ସରମ ନ ଥାଏ। ଏପରି ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲ ପୋଡ଼ିଗଲେ ଘି;
ଘିଅ ପୋଡ଼ିଗଲେ ଛି।**

ସାଧାରଣତଃ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ତେଲକୁ ଅଧିକ ତାପମାତ୍ରାରେ ବ୍ୟବହାର କରାଯାଇଥାଏ। ପେଟ ପାଇଁ ଖରାପ ହୋଇଥିଲେ ମଧ୍ୟ ପାଟିକୁ କିନ୍ତୁ ସୁଆଦିଆ ଲାଗିଥାଏ। ସେହିପରି ଘିଅ ବେଶି ମାତ୍ରାରେ ପୋଡିଗଲେ ଆଦୌ ଖାଇ ହୋଇ ନ ଥାଏ। ପାଟିକୁ ଏହା ପିତୁଳିଆ ଲାଗିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## ୧୭ ଜଣଙ୍କୁ ଆଜୀବନ...

ଦାସ ଓ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ତଦନ୍ତ ଅଧିକାରୀ ଥିଲେ। ତଦନ୍ତରୁ ଜଣାପଡିଥିଲା, ଘଟଣାଦିନ ରାତିରେ ବାଲମୁଚି ଓ ସମ୍ପାରୀ ଘରେ ଶୋଇଥିବା ସମୟରେ ଅଭିଯୁକ୍ତମାନେ ତାଙ୍କ ଘରେ ପହଞ୍ଚି କାହିଁକି ଗୁଣିଗାରେଡି କରୁଛ ବୋଲି ପ୍ରଶ୍ନ କରିବା ସହ ମାଡ଼ ମାରିଥିଲେ। ବୃଦ୍ଧ ଦମ୍ପତି ଉପରୋକ୍ତ ଲୋକମାନଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ସେମାନଙ୍କୁ ମାରପିଟ୍ ନ କରିବାକୁ ଗୁହାରି କରିଥିଲେ। ହେଲେ ସେମାନେ କୌଣସି କଥା ଶୁଣି ନ ଥିଲେ। ଶେଷରେ ସେମାନେ ବୃଦ୍ଧ ଦମ୍ପତିଙ୍କ ଘରେ ନିଆଁ ଲଗାଇ ବାହାରୁ ପଟୁ କବାଟ ବନ୍ଦ କରି ଦେଇଥିଲେ। ଫଳରେ ବୃଦ୍ଧ ଦମ୍ପତି ଘରୁ ବାହାରି ନ ପାରି ଜିଅନ୍ତା ପୋଡ଼ି ହୋଇ ପାଉଁଶ ହୋଇଯାଇଥିଲେ। ପାଉଁଶ ଭିତରେ ଦଗ୍ଧିଭୂତ ଶରୀର କିଛି ଅଂଶ ମାତ୍ର ଦେଖିବାକୁ ମିଳିଥିଲା। ପୋଲିସ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାକୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଥିଲା। ଖବର ପାଇ ବୃଦ୍ଧ ଦମ୍ପତିଙ୍କ ଝିଅ ଗୁରୁବାରୀ ବୁଡିଓଲି ଓ ଜ୍ୱାଇଁ ଦିପୁ ବୁଡିଓଲି ପହଞ୍ଚି କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଅମାନୁଷିକ ଘଟଣାକୁ ଗୁରୁତର ସହ ଗ୍ରହଣ କରି ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

ସୂଚନାଯୋଗ୍ୟ, ଏହି ଘଟଣାର ୫ ଦିନ ପୂର୍ବରୁ ଯାଜପୁରରୋଡ ଥାନା ଦାନଗଦି ଫାଣ୍ଡି ଅଧୀନ ଛତରା ଗ୍ରାମର ନନ୍ଦିନୀ ପୂର୍ତ୍ତିଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିଲା। ଏଥିରେ ସେହି ଗ୍ରାମର ଯୁବକ କାର୍ତ୍ତିକ କେରେଇ(୨୪)ଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା।

## ଆଜିଠୁ ନାଟମଣ୍ଡପ...

ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପରିଚାଳନା କମିଟି ସଦସ୍ୟ ଏବଂ ଏଏସ୍‌ଆଇ ଅଧିକାରୀ ଉପସ୍ଥିତ ଥିଲେ। ବୈଠକ ପରେ ମୁଖ୍ୟ ପ୍ରଶାସକ ଦାସ ସୂଚନା ଦେଇ କହିଛନ୍ତି ଯେ, ମୁଖ୍ୟତଃ ନାଟମଣ୍ଡପ ଓ ରତ୍ନପଲଙ୍କ ମରାମତି, ପ୍ରଭା ନିର୍ମାଣ, ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା କରାଯାଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନାଟମଣ୍ଡପ ମରାମତି କାର୍ଯ୍ୟ କରିବା ପାଇଁ ଏଏସ୍‌ଆଇକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନ୍‌ଓସି ଦିଆଗଲା। ଶୁକ୍ରବାରଠାରୁ ଏଏସ୍‌ଆଇ ବିଧିବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ କରିବ। ଗରୁଡ଼ସ୍ତମ୍ଭ ନିକଟରୁ କାର୍ଯ୍ୟ ଆରମ୍ଭ ହେବ। ଯେଉଁଠାରେ କ୍ରାକ୍ ବା ଫାଟ ରହିଛି ସେଗୁଡ଼ିକୁ ଅନୁଧ୍ୟାନ କରାଯିବ। ଯେଉଁ ସବୁ ସ୍ଥାନରେ କାର୍ଯ୍ୟ ହେବ, ସେଠାରେ ଲୁହାଭାରା ବନ୍ଧାଯାଇ ଷ୍ଟେଜିଂ କରାଯିବ। ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି। ବର୍ତ୍ତମାନ କାର୍ତ୍ତିକ ନୀତି ଓ ଭକ୍ତଙ୍କ ପ୍ରବଳ ସମାଗମ ଥିବାରୁ କାର୍ଯ୍ୟ କରିବା ପାଇଁ ୬ଘଣ୍ଟା ସମୟ ନ ମିଳିପାରେ। ସେମାନେ ସୁବିଧା ଦେଖି କାର୍ଯ୍ୟ କରିବେ। କାର୍ତ୍ତିକ ମାସ ପରେ କାର୍ଯ୍ୟ କରିବା ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ। କାର୍ଯ୍ୟ ସମୟରେ ଯେପରି ନୀତି ପ୍ରଭାବିତ ନ ହେବ ଏବଂ ଭକ୍ତ ଓ ସେବାୟତମାନଙ୍କର କିଛି ସମସ୍ୟା ନ ଉପୁଜିବ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ୨୪ ତାରିଖରେ ଏଏସ୍‌ଆଇର ବିଶେଷଜ୍ଞ ଦଳ ଅନୁଧ୍ୟାନ ରିପୋର୍ଟ ଦେବା ପରେ ସେହି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଆସନ୍ତା ଓଡ଼ିଆ ନବବର୍ଷ ତଥା ପଣାସଂକ୍ରାନ୍ତିଠାରୁ ମହାପ୍ରଭୁ ନୂତନ ରତ୍ନପଲଙ୍କରେ ଶୟନ କରିବେ। ମହାପ୍ରଭୁଙ୍କ ବିଭିନ୍ନ ଚଳନ୍ତି ପ୍ରତିମା ମଦନମୋହନ, ମାଧବ, ନାରାୟଣ, ଅମାବାସ୍ୟା ନାରାୟଣ, ଶୟନ ଠାକୁରଙ୍କ ସମେତ ଶ୍ରୀଦେବୀ ଓ ଭୂଦେବୀଙ୍କ ପ୍ରଭାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ତେଣୁ ପ୍ରଭା ନିର୍ମାଣ ମଧ୍ୟ କରାଯିବ। ଚନ୍ଦନଯାତ୍ରା ପୂର୍ବରୁ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଅପରପକ୍ଷରେ ଦିବ୍ୟାଙ୍ଗ ଭକ୍ତମାନେ ଦାରୁଦିଅଁଙ୍କ ଦର୍ଶନ କରିବା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ପ୍ରତ୍ୟେକ ଦିନ ୩୦ରୁ ୪୦ ଜଣ ଦିବ୍ୟାଙ୍ଗ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଛନ୍ତି। ସେମାନଙ୍କୁ କାର୍ଯ୍ୟାଳୟ ଠାରୁ ଚେୟାର ସାହାଯ୍ୟରେ ଦର୍ଶନ ପାଇଁ ନିଆଯାଉଛି। ତେବେ ଶ୍ରୀଜଗନ୍ନାଥ ରିସେପଶନ୍ ସେଣ୍ଟର ହେଲେ ବସିବା ସହ ଅଧିକ ସୁବିଧା ମିଳିବ। ଅନ୍‌ଲାଇନ ରେଜିଷ୍ଟ୍ରେଶନ କରାଯିବ। ଦିବ୍ୟାଙ୍ଗ ଭକ୍ତଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ଉତ୍ତରଦ୍ୱାର ପର୍ଯ୍ୟନ୍ତ ହୁଇଲ ଚେୟାର ଯୋଗେ ନିଆଯିବ। ସେଠାରୁ ର୍‍ୟାମ୍ପ ଯୋଗେ ଭିତରଦ୍ୱାର ଯାଏ ନିଆଯିବ। ପାଟଅଗଣାରେ ହୁଇଲ୍‌ଚେୟାର ଗଡ଼ିପାରିବ ନାହିଁ, ତେଣୁ ପାଟଅଗଣାଠାରୁ ପଲି କାର୍ବୋନେଟ୍ ସ୍ୱତନ୍ତ୍ର ବ୍ୟବସ୍ଥା ଯୋଗେ ନିଆଯିବ। ଦିବ୍ୟାଙ୍ଗ ଭକ୍ତମାନେ ଜୟବିଜୟ ଦ୍ୱାରଠାରୁ ମହାପ୍ରଭୁଙ୍କ ଦର୍ଶନ କରିବେ। ସକାଳ ୧୦ରୁ ୧୧ଟା ଓ ଅପରାହ୍ନ ୩.୩୦ରୁ ୪ଟା ମଧ୍ୟରେ ଦିବ୍ୟାଙ୍ଗ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ।

## ବାତ୍ୟା: ଓଡ଼ିଶାକୁ...

ପୂର୍ବାନୁମାନ କରାଯାଇଛି। ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବାତ୍ୟା ପ୍ରଭାବରେ ଉପକୂଳରେ ୪୦ରୁ ୪୫ କି.ମି. ବେଗରେ ପବନ ବହିବା ସହ ବର୍ଷା ଏବଂ କୋହଲା ପାଗ ରହିବ। ଶୁକ୍ରବାର କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, କଟକ, ଯାଜପୁର, ବାଲେଶ୍ୱର, ପୁରୀ, ଖୋର୍ଦ୍ଧା ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ତେବେ କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର) ହୋଇପାରେ। ସେହିପରି ୧୮ ତାରିଖରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଜିଲାର ଗୋଟିଏ ୨ଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଭାରତ-ଅଷ୍ଟ୍ରେଲିଆ...

ପାଇଁ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଖରାପ ଫିଲ୍ଡିଂ ଓ ଏକାଧିକ କ୍ୟାଚ ହାତଛଡ଼ା ଦକ୍ଷିଣ ଆଫ୍ରିକା ପାଇଁ ମହଙ୍ଗା ପଡ଼ିଛି। ବିଶ୍ୱକପ ଇତିହାସରେ ଏହି ଦଳ ୫ମ ଥରପାଇଁ ସେମିଫାଇନାଲରୁ ବିଦାୟ ନେଇଛି। ଅଷ୍ଟ୍ରେଲିଆ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇବା ଏହା ନୂଆ ନୁହେଁ। ୧୯୯୯ ବିଶ୍ୱକପରେ ଉଭୟ ଦଳ ମଧ୍ୟରେ ସେମିଫାଇନାଲ ମୁକାବିଲା ଟାଇ ରହିଥିଲା। ମାତ୍ର ଉନ୍ନତ ରନ୍‌ହାର ସହ ସୁପର ସିକ୍ସ ପର୍ଯ୍ୟାୟରେ ପଏଣ୍ଟ ଟେବୁଲରେ ଉପରେ ଥିବାରୁ ଅଷ୍ଟ୍ରେଲିଆକୁ ବିଜେତା ଘୋଷଣା କରାଯାଇଥିଲା। ୨୦୦୭ ବିଶ୍ୱକପ ସେମିଫାଇନାଲରେ ଅଷ୍ଟ୍ରେଲିଆ ୭ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଚଳିତ ବିଶ୍ୱକପର ଲିଗ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା ୧୩୪ ରନରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଏଠାରେ ବିଜୟ ସହ ସେହି ପରାଜୟର ମଧୁର ପ୍ରତିଶୋଧ ନେଇଛି ଅଷ୍ଟ୍ରେଲିଆ। ପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୨୦୦୩ ବିଶ୍ୱକପ୍ ଫାଇନାଲ ହୋଇଥିଲା। ଏଥିରେ ଭାରତକୁ ୧୨୫ ରନରେ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଏବେ ଭାରତ ନିକଟରେ ଏହି ପରାଜୟର ପ୍ରତିଶୋଧ ନେବାପାଇଁ ସୁଯୋଗ ଆସିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଦକ୍ଷିଣ ଆଫ୍ରିକା। ମାତ୍ର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦଳକୁ ବଡ଼ କ୍ଷତି ପହଞ୍ଚାଇଥିଲା। ଜୋଶ୍ ହାଜେଲଉଡ୍ ଓ ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ମାତ୍ର ୨୪ ରନ ମଧ୍ୟରେ ଦଳ ୪ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଅଧିନାୟକ ଟେମ୍ବା ବଭୁମା ଖାତା ଖୋଲିପାରି ନ ଥିବାବେଳେ କ୍ୱିଣ୍ଟନ ଡି'କକ୍ ୩, ଭାନ୍ ଡର୍ ଡୁସେନ ୬ ଓ ଏଡେନ ମାରକ୍ରମ ୧୦ ରନକରି ଆଉଟ ହୋଇଥିଲେ। ହେନରିଚ୍ କ୍ଲାସେନ ଓ ଡେଭିଡ ମିଲର ସତର୍କତାର ସହ ବ୍ୟାଟିଂ କରି ଇନିଂସ ଗଢ଼ିଥିଲେ। ୫ମ ଉଇକେଟରେ ୯୫ ରନର ଭାଗୀଦାରି ପରେ ୩୧ତମ ଓଭରର ୪ର୍ଥ ଓ ୫ମ ବଲ୍‌ରେ ଟ୍ରାଭିସ ହେଡ୍ କ୍ରମାଗତ ୨ଟି ଉଇକେଟ ନେଇ ଦକ୍ଷିଣ ଆଫ୍ରିକାକୁ ପୁଣି ଶକ୍ତ ଝଟ୍‌କା ଦେଇଥିଲେ। ସେ ପ୍ରଥମେ କ୍ଲାସେନ (୪୭ ରନ, ୪ ଚୌକା, ୨ ଛକା) ଓ ପରେ ମାର୍କୋ ଜାନସେନ (୦)ଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଉଇକେଟ ପଡ଼ିଚାଲିଥିଲେ ମଧ୍ୟ ମିଲର ଚାପର ବଶବର୍ତ୍ତୀ ନ ହୋଇ ଲଢ଼େଇ ଜାରିରଖିଥିଲେ। ଏହାଦ୍ୱାରା ସେ କ୍ୟାରିୟରର ୬ଷ୍ଠ ଦିନିକିଆ ଶତକ ହାସଲ କରିବା ସହ ଦକ୍ଷିଣ ଆଫ୍ରିକାକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୧୧୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମିଲର ୮ ଚୌକା ଓ ୫ ଛକା ସହାୟତାରେ ୧୦୧ ରନ କରିଥିଲେ। ଶେଷ ଭାଗରେ ମଧ୍ୟ ଅଷ୍ଟ୍ରେଲିଆ ପେସରମାନେ ଆକର୍ଷଣୀୟ ବୋଲିଂ କରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ଇନିଂସ ପୁରା ୫୦ ଓଭର ତିଷ୍ଠି ନ ପାରି ୪୯.୪ ଓଭରରେ ଶେଷ ହୋଇ ଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ଓ ଅଧିନାୟକ ପ୍ୟାଟ୍ କମିନ୍ସ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜୋଶ୍ ହାଜେଲଉଡ୍ ଅତି ଚମତ୍କାର ବୋଲିଂ କରି ନିଜ ୮ ଓଭର ସ୍ପେଲ୍‌ରେ ୩ଟି ମେଡେନ ନେବାସହ ମାତ୍ର ୧୨ ରନ ଦେଇ ୨ଟି ଉଇକେଟ ନେଇଥିଲେ। ଟ୍ରାଭିସ ହେଡ୍‌ଙ୍କୁ ମଧ୍ୟ ୨ଟି ଉଇକେଟ ମିଳିଥିଲା।

୨୧୩ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଟ୍ରାଭିସ ହେଡ୍ ଓ ଡେଭିଡ ୱାର୍ନର ଓପନିଂ ଯୋଡ଼ିରେ ୩୭ ବଲ୍‌ରୁ ୬୦ ରନ ଯୋଗକରି ଦଳର ବିଜୟ ପାଇଁ ପଥ ପ୍ରସ୍ତୁତ କରିଥିଲେ। ୧୮ ବଲ୍‌ରୁ ୨୯ ରନ କରି ବିପଜ୍ଜନକ ସାବ୍ୟସ୍ତ ହୋଇ ଆସୁଥିବା ୱାର୍ନରଙ୍କୁ କ୍ଲିନ ବୋଲ୍ଡ କରି ମାରକ୍ରମ ଦକ୍ଷିଣ ଆଫ୍ରିକାକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ନିଜ ଇନିଂସ ମଧ୍ୟରେ ୱାର୍ନର ୧ ଚୌକା ଓ ୪ ଛକା ମାରିଥିଲେ। ମିଚେଲ ମାର୍ଶ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ଅଷ୍ଟ୍ରେଲିଆ ୧ ରନ ବ୍ୟବଧାନରେ ଆଉଏକ ଉଇକେଟ ହରାଇଥିଲା। ତେବେ ଟ୍ରାଭିସ ହେଡ୍ ଅର୍ଦ୍ଧଶତକ ହାସଲ କରି ଅଷ୍ଟ୍ରେଲିଆକୁ ଲକ୍ଷ୍ୟପଥରେ ଅଗ୍ରସର କରାଇଥିଲେ। ସେ ୪୮ ବଲ୍‌ରୁ ୯ ଚୌକା ଓ ୨ ଛକା ସହାୟତାରେ ୬୨ ରନ କରିଥିବାବେଳେ ସ୍ପିନର କେଶବ ମହାରାଜଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ମାର୍ନସ ଲାବୁସେନ ୧୮ ଓ ଏକାକୀ ମ୍ୟାଚ ଜିତାଇବାର ଦକ୍ଷତା ରଖିଥିବା ଗ୍ଲେନ ମ୍ୟାକ୍ସୱେଲ ମାତ୍ର ୧ ରନ କରି ଆଉଟ ହେବାରୁ ଦକ୍ଷିଣ ଆଫ୍ରିକା ଶିବିରରେ ଉତ୍ସାହ ଖେଳି ଯାଇଥିଲା। ୧୩୭ ରନ ମଧ୍ୟରେ ଅଷ୍ଟ୍ରେଲିଆ ୫ମ ଉଇକେଟ ହରାଇଥିଲା। ମାତ୍ର ନିର୍ଭର ଯୋଗ୍ୟ ଷ୍ଟିଭ୍ ସ୍ମିଥ୍ ଓ ଜୋଶ୍ ଇଂଲିଶ୍ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ୬୨ ବଲ୍‌ରୁ ୩୦ ରନ କରିଥିବା ସ୍ମିଥ୍‌ଙ୍କୁ ଆଉଟ କରି ଗେରାଲ୍ଡ କୋଜି ଦକ୍ଷିଣ ଆଫ୍ରିକା ପାଇଁ ପୁଣି ଆଶା ସଞ୍ଚାର କରାଇଥିଲେ। ସେତେବେଳକୁ ବିଜୟ ପାଇଁ ଅଷ୍ଟ୍ରେଲିଆ ଆହୁରି ୩୯ ରନ ଆବଶ୍ୟକ କରୁଥିଲା। ଦକ୍ଷିଣ ଆଫ୍ରିକା ବୋଲରମାନେ ଯଦିଓ ଅଷ୍ଟ୍ରେଲିଆର ଟେଲ ଏଣ୍ଡରଙ୍କୁ ଅସୁବିଧାରେ ପକାଇଥିଲେ ତେବେ ତାହା ମ୍ୟାଚ ଜିତିବାପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଶେଷଭାଗରେ ଜୋଶ୍ ଇଂଲିଶ ୨୮, ମିଚେଲ ଷ୍ଟାର୍କ ୧୬ ଓ ପ୍ୟାଟ୍ କମିନ୍ସ ୧୪ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଷ୍ଟାର୍କ ଓ କମିନ୍ସ ଅସମାପ୍ତ ୮ମ ଉଇକେଟରେ ୪୬ ବଲ୍‌ରୁ ୨୨ ରନ ଯୋଗକରି ଦଳକୁ ବିଜୟୀ କରିଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ଗେରାଲ୍ଡ କୋଜି ଓ ଟାବ୍ରାଇଜ୍ ଶାମସି ୨ଟି ଲେଖାଏ ଏବଂ କାଗିଶୋ ରାବାଡ଼ା, ଏଡେନ ମାରକ୍ରମ ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




# ନିଜ ସାମର୍ଥ୍ୟକୁ ବିଶ୍ୱସ୍ତରକୁ ନେବା ପାଇଁ ଚେଷ୍ଟା କର: ମୁଖ୍ୟମନ୍ତ୍ରୀ


ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## 'ସୁରଭି' ଉଦ୍‌ଯାପିତ

### ୩ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ 'ସୁରଭି' ପୁରସ୍କାର

**ଭୁବନେଶ୍ୱର,୧୬।୧୧(ଅସମାପିକା ସାହୁ)**

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୟୁନିଟ-୯ସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ତିନିଦିନ ଧରି ଚାଲୁଥିବା ଏହି ମହୋତ୍ସବରେ ୨ ହଜାରରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ ନିଜ ଚିନ୍ତାଧାରାକୁ ଉଚ୍ଚ କରିବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଲେ, ଆମ ପିଲାମାନଙ୍କ ଭିତରେ ଅସୀମ ପ୍ରତିଭା ରହିଛି। ପାଠ ସହିତ ନାଚ, ଗୀତ, କ୍ରୀଡ଼ା, କଳା, ଅଭିନବ ବୈଜ୍ଞାନିକ ଚିନ୍ତାଧାରା ଭଳି ସବୁ କ୍ଷେତ୍ରରେ ପ୍ରତିଭା ଦେଖାଉଛନ୍ତି। ପିଲାମାନେ, ଆଗକୁ ବଢ଼ିବା ପାଇଁ କଠିନ ପରିଶ୍ରମ କର। ଚିନ୍ତାଧାରାକୁ ବଡ଼ କର। ନିଜର ସାମର୍ଥ୍ୟକୁ ବିଶ୍ୱ ସ୍ତରକୁ ନେବା ପାଇଁ ଚେଷ୍ଟା କର। ଦେଖିବ ତୁମେ ଅସୀମିତ ସଫଳତା ପାଇ ସାରା ଦେଶରେ, ବିଶ୍ୱରେ ସୁନାମ ଅର୍ଜନ କରିବ। ମୋର ପୂରା ବିଶ୍ୱାସ, ତୁମର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ ହେବ। ମୋର ଆଶୀର୍ବାଦ ମଧ୍ୟ ତୁମ ସାଥୀରେ ରହିଛି ଓ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଲେ, ମୁଖ୍ୟମନ୍ତ୍ରୀ ସବୁବେଳେ ପିଲାମାନଙ୍କୁ ଗୁରୁତ୍ୱ ଦିଅନ୍ତି। ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ ୫-ଟି ସ୍କୁଲ ରୂପାନ୍ତର। ମୁଖ୍ୟମନ୍ତ୍ରୀଙ୍କ ତୁମମାନଙ୍କ ପାଇଁ ଯେଉଁ ଚିନ୍ତାଧାରା ରହିଛି, ତାକୁ ସଫଳ କରିବା ପାଇଁ ତୁମେମାନେ ପ୍ରତିବଦ୍ଧ ହୁଅ ବୋଲି ମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇ କହିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ଓ ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ କହିଲେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଆଜି ରାଜ୍ୟରେ ପିଲାମାନଙ୍କ ଶିକ୍ଷା ପାଇଁ ବିଶ୍ୱସ୍ତରୀୟ ପରିବେଶ ସୃଷ୍ଟି ହୋଇପାରିଛି। ଆଜିର ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ସ୍ମାର୍ଟନେସ୍ ହିଁ ସ୍କୁଲ ରୂପାନ୍ତରଣର ସଫଳତା ଦର୍ଶାଉଛି। ଶିକ୍ଷା, କ୍ରୀଡ଼ା ସହିତ କଳା ସଂସ୍କୃତି କ୍ଷେତ୍ରରେ ଯେଉଁ ସୁବିଧା ସୁଯୋଗ ମିଳିଛି ତାହା ଦ୍ୱାରା ଆମ ପିଲାମାନେ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରି ଦେଶ ବିଦେଶରେ ସୁନାମ କରି ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି ସେମାନେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର କେନ୍ଦ୍ରାପଡ଼ାର ଉମାକାନ୍ତ ଦାଶ, ସୁନ୍ଦରଗଡ଼ର ରଶ୍ମି ମାହାଳି ଓ ସମ୍ବଲପୁରର ପୂର୍ଣ୍ଣିମା ଭୁଏଁଙ୍କୁ 'ସୁରଭି' ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ 'ମୋ ସ୍କୁଲ' କଫି ଟେବୁଲ୍ ବୁକ୍ ଏବଂ ଏକ ନିୟୁଜ ଲେଟର ଉନ୍ମୋଚନ କରାଯାଇଥିଲା। ବିଭାଗୀୟ ସଚିବ ଅଶ୍ୱଥି ଏସ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଧନ୍ୟବାଦ ଅର୍ପଣ କରିଥିଲେ।

## ୩,୫୪୯ ପିଲାଙ୍କୁ ମିଳିଲା 'ଓଡ଼ିଆ ଭାଷା ବୃତ୍ତି' ପୁରସ୍କାର

### ରାଜ୍ୟସ୍ତରରେ ପ୍ରଥମ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଶିଶୁ ମହୋତ୍ସବ 'ସୁରଭି'ର ଉଦ୍‌ଯାପନ ଅବସରରେ ଗୁରୁବାର ୟୁନିଟ-୯ସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ 'ଓଡ଼ିଆ ଭାଷା ବୃତ୍ତି' ପୁରସ୍କାରର ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ରାଜ୍ୟର ୩,୫୪୯ ପିଲାଙ୍କୁ 'ଓଡିଆ ଭାଷା ବୃତ୍ତି' ପ୍ରଦାନ କରାଯାଇଛି। ପ୍ରତ୍ୟେକ ପିଲା ୫ହଜାର ଟଙ୍କାର ଏକକାଳୀନ ବୃତ୍ତି ପାଇଛନ୍ତି। ଏହି ବୃତ୍ତି ରାଶି ଅନଲାଇନ୍ ଜରିଆରେ ସେମାନଙ୍କ ଆକାଉଣ୍ଟକୁ ପଠାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଓଡ଼ିଆ ଭାଷାରେ ଅଧିକ ନମ୍ବର ରଖିଥିବା ପିଲାମାନଙ୍କୁ ଏହି ବୃତ୍ତି ମିଳିଛି। ପୁରସ୍କାର ପାଇଥିବା ସବୁ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ଶ୍ରେଷ୍ଠ ୫ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ ବାଲେଶ୍ୱର ଏସ୍.ବି.ଏସ୍ ନିଖିରେଶ୍ୱର ନୋଡାଲ ହାଇସ୍କୁଲର ଶୁଭସ୍ମିତା ଦାସ, ବରଗଡ କାମଗାଁ ସରକାରୀ ନୋଡାଲ ହାଇସ୍କୁଲର ନୈନା ପ୍ରଧାନ, ଯାଜପୁର ଅରେଇ ବରୁଣେଶ୍ୱର ହାଇସ୍କୁଲର ପ୍ରଭାସିନୀ ମିଶ୍ର, ମୟୂରଭଞ୍ଜ ଗଡିଆ ଚିନ୍ତାମଣି ନୋଡାଲ ବିଦ୍ୟାପୀଠର ଶୁଭଙ୍କର ପଟବନ୍ଧ ଏବଂ ବାଲେଶ୍ୱର ବନବିଷ୍ଣୁପୁର ହାଇସ୍କୁଲର ଦିବ୍ୟାଶା ପଲେଇ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯେକୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଆଡ୍‌ଜଷ୍ଟ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ କିମ୍ବା ସରକାରୀ କାମରେ ହଠାତ୍ ବାହାରକୁ ଯାତ୍ରା କରିପାରନ୍ତି। ଲାଗିରହିଥିବା ବିବାଦର ସମାଧାନର ରାସ୍ତା ସୁଗମ ହୋଇଯିବ। ପରିସ୍ଥିତିର ବିଷମତା କାରଣରୁ କଷ୍ଟ ସ୍ୱୀକାର କରି କାମ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିବେ।

**ବୃଷ** ବନ୍ଧୁଙ୍କ ପରାମର୍ଶରେ ଆଜିର କାର୍ଯ୍ୟପଦ୍ଧତି ଆପଣଙ୍କୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ପଡିପାରେ। ତଥାପି ବିଭିନ୍ନ ପ୍ରକାରର ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଏକ ପ୍ରକାର ବ୍ୟତିବ୍ୟସ୍ତ ହୋଇ ପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଶିଳ୍ପ, ବ୍ୟବସାୟରେ ସମସ୍ୟା ଦୂର ହେବ।

**ମିଥୁନ** ଆଜି ଆର୍ଥିକ ଉପଯୋଗ ଓ ଯୁକ୍ତିଯୁକ୍ତ କଥା ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବ। ଗୁରୁତ୍ୱପୂର୍ଣ୍ଣ କାମ ଅଟକିରହିଥିବା କାରଣରୁ ଅନ୍ୟମନସ୍କ ରହିପାରନ୍ତି। ବନ୍ଧୁ ସମ୍ମୁଖରେ ଗୋପନୀୟ କଥା କହିବାକୁ ଚିନ୍ତାକରି କହିପାରିବେ ନାହିଁ। ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କାମରେ ସମସ୍ୟା ଲାଗିରହିବ।

**କର୍କଟ** ଆଜି ଅର୍ଥ ଓ ସମ୍ମାନ ଲାଭରେ ନିଜକୁ ଗୌରବାନ୍ୱିତ ମନେକରିବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବା ଦିଗରେ ନିଜର ଅଭିଜ୍ଞତା ଓ ଦୂରଦର୍ଶିତା ଆପଣଙ୍କୁ ବହୁ ମାତ୍ରାରେ ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ନିର୍ମାଣାଧୀନ କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ।

**ସିଂହ** ଆତ୍ମବଳ ଅଭାବରୁ ପ୍ରତ୍ୟେକ କାମରେ ପଛେଇ ରହିବେ ଏବଂ ଆଗଧାଡିରେ ରହିବା ଭଳି ସାହସ ପ୍ରଦର୍ଶନ କରିପାରିବେ ନାହିଁ। ପରିବାର ଭିତରେ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ସାହିତ୍ୟ ଓ କଳାରେ ଉଚ୍ଚ ପ୍ରଶଂସା ମିଳିବ।

**କନ୍ୟା** ଘଟିଯାଇଥିବା ଘଟଣାକୁ ମନେପକାଇ ଅସ୍ଥିର ହେବେ। ସ୍ୱାର୍ଥସାଧନରେ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବା କାରଣରୁ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ମଧ୍ୟାହ୍ନରେ ଟେନ୍‌ସନ୍ ଦୂର ହେବ ଓ ତୀର୍ଥାଟନଜନିତ ସୁଖଭ୍ରମଣ ଯୋଗ ରହିଛି।

**ତୁଳା** ଅଭାବବୋଧ ସାଙ୍ଗକୁ ପରିବାରରେ ଅଶାନ୍ତି, ପରିବହନରେ ଝଗଡ଼ା, ବ୍ୟବସାୟରେ କ୍ଷତିଜନିତ କାରଣରୁ ଦୁଃଖିତ ରହିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକିଯିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ।

**ବିଛା** ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଶୀର୍ଷକୁ ଯିବାରେ ସମର୍ଥ ହେବେ। ସାହାଯ୍ୟକାରୀ ମନୋଭାବ ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ହୋଇପାରେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ, ଫଳରେ ସାଧାରଣ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ।

**ଧନୁ** ଭୁଲ୍ ବୁଝାମଣା ଦୂର ହେବା କାରଣରୁ ପାରିବାରିକ ଶାନ୍ତି ଫେରି ଆସିବ। ଘର ଅପେକ୍ଷା ବାହାର ଲୋକମାନେ ପକ୍ଷ ସମର୍ଥନ କରିବେ। ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କରି ସଫଳ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଗୁଡିକ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** ଦୁଃଖରେ ଭାଙ୍ଗିପଡିଥିବା ସମ୍ପର୍କୀୟ ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବାକିପଡିଥିବ ଅର୍ଥ ଆଦାୟରେ ସକ୍ଷମ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ,କିନ୍ତୁ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ଚେଷ୍ଟା ବିଫଳ ହେବ ନାହିଁ।

**କୁମ୍ଭ** ଯାହା ଚିନ୍ତା କରୁଛନ୍ତି ସହଜରେ ହାସଲ କରିବାରେ ଅସୁବିଧା ହେବନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟାକୁ ସୁଧାରି ନେବାରେ ନିକଟସ୍ଥ ବନ୍ଧୁମାନେ ସାହାଯ୍ୟ କରିବେ। ଲଘୁ କ୍ରୋଧର ବଶବର୍ତ୍ତୀ ହୋଇ ଅଯଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପିଲାମାନଙ୍କ ଶିକ୍ଷାର ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ** ହିତୈଷୀମାନଙ୍କ ପରାମର୍ଶରେ ପାରିବାରିକ ସ୍ଥିତିରେ ସୁଧାର ଆଣିବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସାମାଜିକ ସ୍ତରରେ ନୀଚ ବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ,କିନ୍ତୁ କିଛି ଅଟକି ରହିବ ନାହିଁ। ବ୍ୟବସାୟରେ ଆଖିଦୃଶିଆ ସଫଳତା ମିଳିବନି।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ନାଗଚତୁର୍ଥୀ ଶୁକ୍ରବାର, ବିଛା ସଂକ୍ରାନ୍ତି, ନଭେମ୍ବର ୧୭ ତାରିଖ, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଏବଂ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୯ ଗତେ ଘ.୦୬।୪୩ ମଧ୍ୟେ, ଘ.୦୭।୨୮ ଗତେ ଘ.୦୮।୪୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୦୮ ଗତେ ଘ.୧୧।୩୧ ମଧ୍ୟେ ରାହୁକାଳ ।

# ବ୍ରାଉନ୍‌ସୁଗାର ବେପାର: ଦାନ୍ତ ଡାକ୍ତର, ୨ ସହଯୋଗୀ ଗିରଫ



**ଯାଜପୁର ଟାଉନ,୧୬।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ସହରରେ ବ୍ରାଉନ୍‌ସୁଗାର ବେପାର କରୁଥିବା ଜଣେ ଡାକ୍ତର ଓ ତାଙ୍କର ୨ ସହଯୋଗୀଙ୍କୁ ଯାଜପୁର ପୋଲିସ ଗିରଫକରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୨୫.୨ ଗ୍ରାମ୍ ବ୍ରାଉନସୁଗାର ଓ ୪ ମୋବାଇଲ ଫୋନ୍ ଜବତ କରାଯାଇଛି। ଏନେଇ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଓ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି।

ଏସ୍‌ଡିପିଓଙ୍କ ସୂଚନା ଅନୁଯାୟୀ, ଯାଜପୁର ସହରର ମହାବୀରଛକଠାରେ ଡାକ୍ତର ନିଗମାନନ୍ଦ ଖଟୁଆ(୨୮) ଏକ ଦାନ୍ତ ଚିକିତ୍ସାଳୟ ଖୋଲିଛନ୍ତି। ହେଲେ ସେଠାରେ ଅନେକ ଦିନରୁ ସେ ବ୍ରାଉନସୁଗାର ଖାଇବା ସହ ବେପାର କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ସିନ୍ଦୂରାଇମୁହଁ ବାମଦେବ ଅଞ୍ଚଳର ସନ୍ଦୀପ ମଲ୍ଲିକ ଓରଫ୍ ବାପି ଓ ସିଦ୍ଧେଶ୍ୱର ଗ୍ରାମର ରକ୍ଷାକର ଦୀକ୍ଷିତ ଓରଫ୍ ଆଶିଷଙ୍କୁ ଲଗାଇ ଡାକ୍ତର ବ୍ରାଉନସୁଗାର ବେପାର କରୁଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ଗତ ୧୪ ତାରିଖରେ ଥାନାଧିକାରୀ ସେଠୀଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ସନ୍ଦୀପଙ୍କ ଠାରୁ ୧୨.୪ ଗ୍ରାମ ବ୍ରାଉନସୁଗାର ଓ ରକ୍ଷାକରଙ୍କଠାରୁ ୧୨.୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଏଥିସହ ଯାଜପୁରସହର କୁସୁମାଠାରେ ନୂତନ ଭାବେ ନିର୍ମାଣ ହେଉଥିବା ପ୍ରଶାସନିକ ଭବନ ନିକଟରୁ ଉଭୟଙ୍କୁ ଗିରଫ କରାଯାଇଥିଲା। ପରେ ସେମାନଙ୍କୁ ପଚରାଉଚରା କରିବାରୁ ଡାକ୍ତର ନିଗମାନନ୍ଦ ସେମାନଙ୍କ ମାଷ୍ଟରମାଇଣ୍ଡ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ନିଗମାନନ୍ଦଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନମ୍ବର ୪୨୭/୨୩ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ୨୦କୁ ଘୁଞ୍ଚିଲା ଅର୍ଚ୍ଚନା ନାଗଙ୍କ ଜାମିନ ଆବେଦନ ଶୁଣାଣି

**କଟକ,୧୬।୧୧(କାର୍ତ୍ତିକ ସାହୁ)**

ବେଆଇନ ଅର୍ଥ କାରବାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ଅର୍ଚ୍ଚନା ନାଗଙ୍କ ଜାମିନ ଆବେଦନର ଶୁଣାଣି ହାଇକୋର୍ଟରେ ଗୁରୁବାର ହେବାର ଥିଲା। ବିଚାରପତି ଗୌରୀଶଙ୍କର ଶତପଥୀ ବେଲ୍ ପିଟିଶନର ଶୁଣାଣି ଆସନ୍ତା ୨୦ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଜୟଦୀପ ପାଲ ଏବଂ ଇଡି ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ଅସୁସ୍ଥ ମାଈହାତୀର ମୃତ୍ୟୁ

**କାମାକ୍ଷାନଗର,୧୬।୧୧ (ସୁଧୀର ପରିଡା)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ବନାଞ୍ଚଳ ଅନ୍ତର୍ଗତ ଘାଗରାମୁଣ୍ଡା ଫରେଷ୍ଟ ବିଟ୍ ଖଇରମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ଚିକିତ୍ସାଧୀନ ଥିବା ଏକ ମାଈହାତୀର ଗୁରୁବାର ସକାଳେ ମୃତ୍ୟୁ ହୋଇଛି। ବୁଧବାର ଉକ୍ତ ମାଈ ହାତୀ ଅସୁସ୍ଥ ଥିବା ଜଣାପଡ଼ିଥିଲା। ମହାବିରୋଡ୍ ବନାଞ୍ଚଳ ପକ୍ଷରୁ ରେଞ୍ଜ ଅଧିକାରୀ ହରେଶ ଚନ୍ଦ୍ର କିଷାନଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିଲା। ଅନୁଗୋଳ ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରଦୀପ କୁମାର ସିଂହ ଘଟଣାସ୍ଥଳରେ ପହଞ୍ଚି ଅସୁସ୍ଥ ହାତୀର ଚିକିତ୍ସା କରିଥିଲେ। ହେଲେ ଗୁରୁବାର ହାତୀର ମୃତ୍ୟୁ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ମହାବିରୋଡ୍ ରେଞ୍ଜ ଅଧିକାରୀ ହରେଶ ଚନ୍ଦ୍ର କିଷାନ କହିଛନ୍ତି, ମୃତ ହାତୀର ବ୍ୟବଚ୍ଛେଦ କରାଯାଇ ଅଧିକ ତଦନ୍ତ ଚାଲିଛି। କେଉଁ ପରିସ୍ଥିତିରେ ହାତୀର ମୃତ୍ୟୁ ହୋଇଛି ବ୍ୟବଚ୍ଛେଦ ରିପୋଟ ଆସିବା ପରେ ଜଣାପଡିବ। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ମିନୀତି ବେହେରା, ଢେଙ୍କାନାଳ ଏସିଏଫ ସତ୍ୟନାରାୟଣ ସାହୁ, ବନ କର୍ମଚାରୀ ଉପସ୍ଥିତ ଥିଲେ।


ମୃତ ହାତୀ ନିକଟରେ ଚିକିତ୍ସକ ଦଳ ସହ ବନ ବିଭାଗ ଅଧିକାରୀମାନେ।

# ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

**ଛେଣ୍ଡିପଦା,୧୬।୧୧ (ଅଜିତ ଧଳ)**

ଅନୁଗୋଳ ଜିଲା ବାଗଡିଆ ଥାନା କଣଲୋଇ ଗ୍ରାମର ଚାଷୀ ମଦନ ମାଝି ଗୁରୁବାର ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି। ମଦନ ଚାଷ ଜମିକୁ ବିରି ବୁଣିବା ପାଇଁ ଯାଇଥିବାବେଳେ ବଡ଼ବନ୍ଧ ନିକଟରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟାୱାର ସଂସ୍ପର୍ଶରେ ଆସିଯାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୨/୧୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।










ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା

# ଆଣବିକ ଅସ୍ତ୍ରରେ ଏଆଇ



ମେଲିଶା ପାର୍‌କେ

ଆଣବିକ ଅସ୍ତ୍ର ପ୍ରଣାଳୀରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗକରିବା ଦୌଡ଼ ଏବେ ଜୋର ଧରିଛି। ଏ କ୍ଷେତ୍ରରେ ଅଗ୍ରଗତି ଯୋଗୁ ପରମାଣୁ ଯୁଦ୍ଧର ଅଧିକ ସମ୍ଭାବନା ବି ଦେଖାଦେଇପାରେ। ଏଆଇର ନିରାପଦ ବିକାଶ ଏବଂ ପ୍ରୟୋଗକୁ ସୁନିଶ୍ଚିତ କରିବା ପାଇଁ ବିଶ୍ୱବ୍ୟାପୀ ସରକାରଗୁଡ଼ିକ କାର୍ଯ୍ୟ କଲେ ଏହି ବିପଦକୁ ହ୍ରାସ କରିବାର ଏକ ସୁଯୋଗ ଅଛି । କିନ୍ତୁ ଯଦି ବିଶ୍ୱର ନେତାମାନେ ଏଆଇଯୁକ୍ତ ଆଣବିକ ଶକ୍ତି ହାସଲ କରିବାକୁ ଚାହାନ୍ତି, ତେବେ ସେମାନେ ଏହାର ବିପଦ କେତେ ଗମ୍ଭୀର ତାହା ପ୍ରଥମରୁ ଜାଣିବା ଦରକାର। ନିକଟରେ କିଛି ମାସ ମଧ୍ୟରେ ଅତ୍ୟାଧୁନିକ ଏଆଇ ସିଷ୍ଟମ ବିକାଶ କରୁଥିବା ସଂସ୍ଥାଗୁଡ଼ିକ ପାଇଁ ଉଦ୍ଦିଷ୍ଟ ହିରୋସିମା ପ୍ରୋସେସ୍ ଇଣ୍ଟରନ୍ୟାଶନାଲ କୋଡ୍ ଅଫ୍ କଣ୍ଡକ୍ଟ ଉପରେ ଜି ୭ ସହମତ ହୋଇଛି। ବିଶ୍ୱରେ ସୁରକ୍ଷିତ, ନିରାପଦ ଓ ବିଶ୍ୱସନୀୟ ଏଆଇକୁ ପ୍ରୋତ୍ସାହିତ କରିବା ଲାଗି ଏହି ପଦକ୍ଷେପ ନେଇଛି। ଏହା ବ୍ୟତୀତ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସୁରକ୍ଷିତ ତଥା ନିରାପଦ ଏଆଇ ପାଇଁ ନୂଆ ମାନକ ନିର୍ଦ୍ଧାରଣକରି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବ୍ରିଟେନ ମଧ୍ୟ ଏକ ସୁରକ୍ଷିତ ଓ ଉତ୍ତରଦାୟୀ ଟେକ୍ନୋଲୋଜି ବିକାଶ କରିବା ଲକ୍ଷ୍ୟରେ ପ୍ରଥମ ବିଶ୍ୱସ୍ତରୀୟ ଏଆଇ ସୁରକ୍ଷା ସମ୍ମିଳନୀ ଆୟୋଜନ କରିଥିଲା। କିନ୍ତୁ ଆଣବିକ ଅସ୍ତ୍ରଶସ୍ତ୍ର କ୍ଷେତ୍ରରେ ଏଆଇର ପ୍ରୟୋଗ ଦ୍ୱାରା ସୃଷ୍ଟି ହେଉଥିବା ବିପଦ ଦୂରକରିବା ଲାଗି ଏହିସବୁ ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ। କେବଳ ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ରାସାୟନିକ, ଜୈବିକ ଏବଂ ଆଣବିକ ବିପଦରୁ ଲୋକଙ୍କୁ ରକ୍ଷା କରିବା ଲାଗି ଉଭୟ ଜି ୭ ନିୟମାବଳୀ ଏବଂ ବାଇଡେନ୍‌ଙ୍କ ନିର୍ଦ୍ଦେଶନାମା ଆବଶ୍ୟକ ହେବ। ଏହାବ୍ୟତୀତ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ଏଆଇ ଆପ୍ଲିକେଶନ ଜଡ଼ିତ ଆଣବିକ ଅସ୍ତ୍ର ଦ୍ୱାରା ସୃଷ୍ଟିହେବାକୁ ଯାଉଥିବା ବିପଦ କିଭଳି ଦୂରହେବା ସେ ସମ୍ପର୍କରେ ଆଦୌ କିଛି କହିଲେ ନାହିଁ। ଏପରିକି ସେ ଘୋଷଣା କରିଥିଲେ ଯେ, ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ବିପଦଗୁଡ଼ିକ ଉପରେ ଏଆଇ ସୁରକ୍ଷା ସମ୍ମିଳନୀରେ ଏକ ସହଭାଗୀ ବୁଝାମଣା ହୋଇଛି।

ଏବେ ଆଣବିକ ଅସ୍ତ୍ର ବ୍ୟବହାର ସମ୍ପର୍କିତ ବିପଦ ବିଷୟରେ ସମସ୍ତେ ଜାଣନ୍ତି। ଏହା ମାନବ ଜାତି ଓ ସମଗ୍ର ପୃଥିବୀର ବ୍ୟାପକ କ୍ଷତି କରିବ। ଏପରିକି ଆଞ୍ଚଳିକ କ୍ଷେତ୍ରରେ ସଂଘଟିତ ଏକ ଆଣବିକ ଯୁଦ୍ଧ ସିଧାସଳଖ ଅନେକ ଲକ୍ଷ



ଲୋକଙ୍କ ମୃତ୍ୟୁର କାରଣ ହେବା ସହ ପରୋକ୍ଷ ଭାବେ ଅତ୍ୟଧିକ ଯନ୍ତ୍ରଣାଦାୟକ ହେବ ଓ ତାହା ଯୋଗୁ ମୃତ୍ୟୁ ଘଟିବ। ଏହା ପ୍ରଭାବରେ ଜଳବାୟୁରେ ଯେଉଁ ପରିବର୍ତ୍ତନ ଘଟିବ ତାହା ଦ୍ୱାରା ଅନେକ କୋଟି ଲୋକ କ୍ଷୁଧା ମଧ୍ୟକୁ ଠେଲି ହୋଇଯିବେ। ବହୁ ସମୟରେ ଦେଖାଯାଏ, ଜଣେ ବ୍ୟକ୍ତି ମେଶିନ ପ୍ରଦତ୍ତ ସୂଚନାକୁ ଅନ୍ଧଭାବେ ମାନି ନ ନେଇ ନିଜ ବିଚାରକୁ ଅନୁସରଣକଲେ ଏକ ବିପର୍ଯ୍ୟୟକୁ ଏଡ଼ାଇଦିଆଯାଇପାରେ। ୧୯୮୩ରେ ସୋଭିଏତ୍‌ର ଅଧିକାରୀ ଷ୍ଟାନିସଲାଭ ପେଟ୍ରୋଭ ସଟେଲାଇଟ୍ ସିଷ୍ଟମରୁ ପ୍ରାରମ୍ଭିକ ସତର୍କ ସୂଚନା ପାଇଲେ ଯେ, ଆମେରିକାର ଆଣବିକ କ୍ଷେପଣାସ୍ତ୍ର ସୋଭିଏଟ୍ ମୁହାଁ ହୋଇଛି। ସେ ତାଙ୍କ ବରିଷ୍ଠ ଅଧିକାରୀଙ୍କୁ ତତ୍‌କ୍ଷଣାତ ଏ ସମ୍ପର୍କରେ ଅବଗତ କରିଥିଲେ ଏକ ଆଣବିକ ଆକ୍ରମଣ ନିଶ୍ଚିତ ସୃଷ୍ଟି ହୋଇଥାଆନ୍ତା। ହେଲେ ଏଭଳି ନ କରି ପେଟ୍ରୋଭ ନିଶ୍ଚିତ ଥିଲେ ଯେ ଏହା ଏକ ଭୁଲ୍ ସତର୍କ ସୂଚନା ଥିଲା। ଯଦି ଆଣବିକ ଅସ୍ତ୍ର ସହ ଏଆଇ ଜଡ଼ିତ ରହିଥାଆନ୍ତା ତେବେ ପେଟ୍ରୋଭଙ୍କ ପାଖରେ ଏସବୁ କରିବା ଲାଗି ସୁଯୋଗ ଥାଆନ୍ତା କି? ବାସ୍ତବତା ହେଉଛି, ଆଣବିକ ଅସ୍ତ୍ର ସହ ଏଆଇକୁ ଜଡ଼ିତ କଲେ ତାହାକୁ ପ୍ରୟୋଗକରିବା ଲାଗି ନିଷ୍ପତ୍ତି ନେବାରେ ମାନବ ନିୟନ୍ତ୍ରଣ ହ୍ରାସ ହେବ।

ଅବଶ୍ୟ, ଆଣବିକ ଅସ୍ତ୍ର ଉଦ୍ଭାବନହେବା ପରଠାରୁ ଏହାର ନିୟନ୍ତ୍ରଣ ଏବଂ ଯୋଗାଯୋଗଭିତ୍ତିକ କାର୍ଯ୍ୟ ସ୍ୱୟଂଚାଳିତ ହୋଇଛି । କିନ୍ତୁ ଏଆଇ ଅଗ୍ରଗତି ହେବା ଯୋଗୁ ନିଷ୍ପତ୍ତି ନେଉଥିବା ଉନ୍ନତ ମେଶିନ ପ୍ରକ୍ରିୟା ଅଧିକ ନିଷ୍କ୍ରିୟ ହୋଇଯାଉଛି, ଯାହାକୁ କୁହାଯାଉଛି ଏଆଇର ବ୍ଲାକ୍ ବକ୍ସ ସମସ୍ୟା । ଏହା ଯୋଗୁ ଯନ୍ତ୍ରର କାର୍ଯ୍ୟକଳାପ ଉପରେ ନଜର ରଖିବା ମଣିଷ ପାଇଁ କଷ୍ଟକର ହେଉଛି। ଜଣେ ବ୍ୟକ୍ତି ଅନ୍ତିମ ଉତ୍‌କ୍ଷେପଣର ନିଷ୍ପତ୍ତି ନିଶ୍ଚିତ କଲେ ମଧ୍ୟ ତାହା ଏହିସବୁ ବିପଦକୁ ହ୍ରାସ କରିପାରିବ ନାହିଁ। ୨୦୧୭ରେ ମନସ୍ତତ୍ତ୍ୱବିତ ଜନ୍ ହାୱେଲେ ତାଙ୍କ ସିଦ୍ଧାନ୍ତରେ ସ୍ପଷ୍ଟ କରିଥିଲେ, ପର୍ଯ୍ୟବେକ୍ଷକ ନିୟନ୍ତ୍ରଣ ଦ୍ୱାରା ଲାଗୁ କରାଯାଇଥିବା ନିରୀକ୍ଷଣ ଏବଂ ପଦକ୍ଷେପ ନେବାରେ ମଣିଷ ବହୁ ଦୁର୍ବଳ। ତେବେ ୨୦୨୧ରେ ବିଜ୍ଞାନ ଓ ବୈଶ୍ୱିକ ସୁରକ୍ଷା ଉପରେ ପ୍ରିନ୍‌ଷ୍ଟନ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ଦର୍ଶାଇଥିଲା ଯେ, ଏଆଇ ଯଦି ସେନ୍ସର ଏବଂ ଟାର୍ଗେଟରେ ବ୍ୟବହୃତ ହୁଏ ତେବେ ଆକ୍ରମଣ କରାଯିବ କି ନାହିଁ ତାହା ପୂର୍ବରୁ ସ୍ଥିରୀକୃତ ସମୟ ଅବଧି ତୁଳନାରେ କମ୍ ସମୟ ନେବ। ନେତାଙ୍କ ଉପରେ ଥିବା ଚାପ ଭୁଲ୍ ଗଣନା କିମ୍ବା ଅସ୍ଥିର ନିଷ୍ପତ୍ତି ଆଶଙ୍କା ବଢ଼ାଇବ। ତଥାପି ଉପଗ୍ରହ ଏବଂ ଅନ୍ୟାନ୍ୟ ଗୁପ୍ତଚର ଚିହ୍ନଟ ପ୍ରଣାଳୀରେ ଏଆଇ ବ୍ୟବହାରରେ ଆଉ ଏକ ବିପଦ ସୃଷ୍ଟି ହୁଏ। ଏହାଦ୍ୱାରା ଆଣବିକ ଅସ୍ତ୍ର ଲୁଚାଇବା ଅଧିକ କଷ୍ଟସାଧ୍ୟ ହେବ।

ଏବେ ସୁଦ୍ଧା ବାଇଡେନ୍‌ଙ୍କ ନିର୍ଦ୍ଦେଶନାମା ଓ ଜି୭ର ନିୟମାବଳୀ ହିଁ ଆଣବିକ ଅସ୍ତ୍ରଶସ୍ତ୍ର ଉପରେ ନିୟନ୍ତ୍ରଣ ବଜାୟ ରଖିବା ନିଶ୍ଚିତ କରିବାରେ ବ୍ୟକ୍ତିଗତ ପ୍ରତିବଦ୍ଧତାଠାରୁ ଅଧିକ କରିପାରିନାହିଁ। କିନ୍ତୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, ଘାତକ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ବନ୍ଦ କରିବା ଉପରେ ଏକ ଆଇନସମ୍ମତ ଚୁକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଥମ ପଦକ୍ଷେପ ସ୍ୱରୂପ ଏହିପରି ଚୁକ୍ତିନାମା ଏକ ଆବଶ୍ୟକତା । ଏହା ବ୍ୟତୀତ ଆହୁରି ଅନେକ କିଛି କରାଯିବା ଦରକାର। ଯେତେବେଳେ ଆଣବିକ ଅସ୍ତ୍ରଶସ୍ତ୍ର ବିଷୟ ଆସେ ସେତେବେଳେ ବିକଶିତ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସୃଷ୍ଟି ହୋଇଥିବା ନୂତନ ବିପଦକୁ ଆକଳନ କରିବା, ହ୍ରାସ କରିବା କିମ୍ବା ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିବା କଦାପି ଯଥେଷ୍ଟ ହେବ ନାହିଁ। ଆମେ ଏହି ଅସ୍ତ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ଆବଶ୍ୟକ।

ଅର୍ଥାତ୍ ଆଣବିକ ନିରସ୍ତ୍ରୀକରଣ ଚୁକ୍ତିରେ ଯୋଗଦେଇ ଅଣୁଅସ୍ତ୍ରଶସ୍ତ୍ରକୁ ନିଷିଦ୍ଧ କରିବା ଏବଂ ବିଲୋପ କରିବା ପାଇଁ ସମସ୍ତ ସରକାର ପ୍ରତିଶ୍ରୁତି ଦେବା ଆବଶ୍ୟକ। ଏହା ଆଣବିକ ଅସ୍ତ୍ରରହିତ ଏକ ବିଶ୍ୱ ଆଡ଼କୁ ସ୍ପଷ୍ଟ ରାସ୍ତା ଦେଖାଇବ। ଏହାର ଅର୍ଥ ହେଉଛି, ଆଣବିକ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ରାଷ୍ଟ୍ରଗୁଡ଼ିକ ଏଭଳି ଅସ୍ତ୍ରଶସ୍ତ୍ରର ଆଧୁନିକୀକରଣ ଏବଂ ପ୍ରସାରରେ ନିବେଶ ବନ୍ଦ କରିବା ଉଚିତ। କେବଳ ଆଣବିକ ଅସ୍ତ୍ରଶସ୍ତ୍ର ରହିବା ଦ୍ୱାରା ସୃଷ୍ଟି ହେଉଥିବା ବିପଦକୁ ଦୃଷ୍ଟିରେ ରଖି କରାଯାଉଥିବା ପ୍ରୟାସ ମୂଳତଃ ବୃଥା ହୋଇଛି। ଆମେ ଜାଣୁ ଯେ ସ୍ୱୟଂଚାଳିତ ପଦ୍ଧତି ସଶସ୍ତ୍ର ସଂଘର୍ଷରେ ଭାଗନେବା ପ୍ରକ୍ରିୟାକୁ ହ୍ରାସ କରିପାରେ । ଯେତେବେଳେ ଏହା ଆଣବିକ ଅସ୍ତ୍ରରେ ପ୍ରୟୋଗ କରାଯାଏ, ଏଆଇ ବିପଦକୁ ଆଗରୁ ବଢ଼ାଇଦିଏ। ଏହା ଗୁରୁତ୍ୱପୂର୍ଣ୍ଣ ଯେ, ନୀତି ନିର୍ଦ୍ଧାରକ ଏବଂ ଜନସାଧାରଣ ଏହାକୁ ସ୍ୱୀକାର କରିବା ଦରକାର। କେବଳ ପରମାଣୁ ଅସ୍ତ୍ରରେ ଏଆଇ ପ୍ରୟୋଗ ନ କରିବା ପାଇଁ ଉଦ୍ୟମରେ ସୀମିତ ନ ରହି ବରଂ ଏହିପରି ଅସ୍ତ୍ରଶସ୍ତ୍ରକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ଲାଗି ଲଢ଼େଇ କରିବା ଜରୁରୀ।

**ଅଷ୍ଟ୍ରେଲିଆର ପୂର୍ବତନ ମନ୍ତ୍ରୀ( ଅନ୍ତର୍ଜାତୀୟ ବିକାଶ)**

## ଜନନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ର

ଡ. ବିମଳେନ୍ଦୁ ମହାନ୍ତି

ଅବିଭକ୍ତ କୋରାପୁଟ ଜିଲାର ରାୟଗଡ଼ା ସହରରେ ୧୯୩୩, ନଭେମ୍ବର ୧୭ତାରିଖରେ ମାତା ଶଶିରେଖା ଦେବୀ ଓ ପିତା ଗୋପୀନାଥ ବକ୍ସିପାତ୍ରଙ୍କ ପରିବାରରେ ଓଡ଼ିଶାର ଅଦ୍ୱିତୀୟ ନେତା ଉଦାର ହୃଦୟ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କର ଆବିର୍ଭାବ। ରାୟଗଡ଼ାର ଗୋବିନ୍ଦଚନ୍ଦ୍ର ଦେବ ହାଇସ୍କୁଲରେ ତାଙ୍କର ଶିକ୍ଷାଗ୍ରହଣ। ତତ୍‌ପରେ ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି କଲେଜରେ ଉଚ୍ଚଶିକ୍ଷା ଗ୍ରହଣବେଳେ ହରିଶବାବୁ ଥିଲେ ଛାତ୍ରସଂସଦର ସଭାପତି। କଟକରେ ସ୍ନାତକୋତ୍ତର ଅଧ୍ୟୟନ ବେଳେ ସେ ଓଡ଼ିଆ ଭାଷା ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରି ବେଶ୍ ପରିଚିତ ହୋଇଥିଲେ। ତାଙ୍କର ନେତୃତ୍ୱ ବଳରେ ସେ ହୋଇଥିଲେ ରେଭେନ୍ସା କଲେଜର ଛାତ୍ରସଂଘର ସଭାପତି। ତାଙ୍କ ନେତୃତ୍ୱରେ ୧୯୫୬ର ଐତିହାସିକ ସୀମା ଆନ୍ଦୋଳନ ସକ୍ରିୟ ହୋଇଉଠିଥିଲା। ତା' ପରବର୍ଷ ସେ ବ୍ରହ୍ମପୁର ଠାରେ ଅଖିଳଭାରତ ଛାତ୍ରସଂଘର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ୧୯୬୧ରେ କଟକର ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଛାତ୍ର ସଂସଦର ସଭାପତି ହୋଇଥିଲେ। ଏଥିରୁ ମନେହୁଏ ଯେ ଜନ୍ମରୁ ସେ ନେତା। ସାମ୍ୟବାଦୀ ଚିନ୍ତନ ତାଙ୍କୁ ବହୁ ପରିଚିତି ଦେଇଥିଲା।

ଜୟପୁର ସହରରେ ଓକିଲାତି କରି ହରିଶ୍‌ବାବୁ ବହୁ ଲୋକହିତକର କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ଚାଷୀ ଆନ୍ଦୋଳନକୁ କାର୍ଯ୍ୟକ୍ଷମ କରାଇବାକୁ ଯାଇ ସେ 'ରୟତସଭା' ପ୍ରତିଷ୍ଠା କରିଥିଲେ। ଲୋକ ସଚେତନତା ପାଇଁ ସେ 'ଲୋକନୀତି' ପାକ୍ଷିକ ପତ୍ରିକା(୧୯୬୫)ରେ ପ୍ରତିଷ୍ଠା କରି ଚଳାଇ ରଖିଥିଲେ। ହରିଶ୍‌ବାବୁ ୧୯୭୦–୧୯୯୦ମଧ୍ୟରେ



ତିନିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୭୫–୭୭ରେ ସେ ଜାତୀୟ ଜରୁରିକାଳୀନ ପରିସ୍ଥିତିରେ ମିସା ଆଇନରେ ୧୯ ମାସ କାରାରୁଦ୍ଧ ଥିଲେ। ୧୯୭୭–୧୯୮୦ବେଳେ ସେ ମନ୍ତ୍ରୀ ହୋଇଥିଲେ। ଅନ୍ୟାୟ ବିରୋଧରେ ଲଢ଼ିବା, ଲୋକକଲ୍ୟାଣ ପାଇଁ ଗଢ଼ିବା ଥିବା ହରିଶ୍‌ବାବୁଙ୍କ ଚିନ୍ତନର ମାନଚିତ୍ର। ସେ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଥିବାବେଳେ ଆଗ୍ରହ ପ୍ରକାଶ କରିବାକୁ ମୁଁ ଇକୋ ଟୁରିଜମ୍ ବିକାଶ ନେଇ ନୋଟ୍ ଦେଇଥିଲି। ପରବର୍ତ୍ତୀ କାଳରେ ତାହା କାର୍ଯ୍ୟକାରୀ ହୋଇଥିଲା।

କର୍ମଯୋଗୀ ହରିଶ୍‌ବାବୁଙ୍କ ମନ୍ତ୍ରିତ୍ୱବେଳେ ନାଲ୍‌କୋ, କୋଣାର୍କ ଝୋଟକଳ, ଓଡ଼ିଶା ସ୍ପିନିଂମିଲ୍, କୋଣାର୍କ ଘଣ୍ଟା କାରଖାନା, ଚିଲିକା ବିକାଶ କର୍ତ୍ତୃପକ୍ଷ, ଭାରତୀୟ ବିରଳ ମୃତ୍ତିକା ପ୍ରତିଷ୍ଠାନ, ଗୋପାଳପୁର ବନ୍ଦରର କାର୍ଯ୍ୟ ହୋଇଥିଲା। ହରିଶ୍‌ବାବୁ ମୃଦୁଭାଷୀ ନେତା ଥିଲେ। ଦେଶ–ଜାତି–ଭାଷା–ସଂସ୍କୃତି–ସଂଗଠନ ପ୍ରତି ତାଙ୍କର ଆନ୍ତରିକତା ଅକଳନୀୟ। କବି ରବି ସିଂ ସ୍ୱୀକାର କରିଛନ୍ତି ଯେ ୧୯୫୫ ଗୋଆ ମୁକ୍ତି ଆନ୍ଦୋଳନରେ ଯୋଗଦେବାକୁ ସେ (ରବି ସିଂ) ଯାଉଥିବାବେଳେ ହରିଶ୍‌ବାବୁ ତାଙ୍କ ପାଖକୁ ଉତ୍ସାହଜନକ ଚିଠି ସହ ୫ଶହ ଟଙ୍କା ପଠାଇଥିଲେ। ମୁକ୍ତି ସଂଗ୍ରାମୀଙ୍କ ପାଇଁ ତାହା ଥିଲା ପାଥେୟର ପ୍ରତୀକ। ସେ ଉତ୍କଳ ସମ୍ମିଳନୀ ଜରିଆରେ ଭାଷା–ଭୂମିର ସୁରକ୍ଷା ପାଇଁ ତାଙ୍କର ସମୟ–ସାମର୍ଥ୍ୟ ସହଯୋଗ କରିଥିଲେ। ୧୯୯୪ ବେଳକୁ ସେ ହୋଇଥିଲେ ଉତ୍କଳ ସମ୍ମିଳନୀର ସଭାପତି। ସାମ୍ୟବାଦୀ ହରିଶ୍‌ବାବୁ ଏଇ ପରିପ୍ରେକ୍ଷୀରେ ଋଷିଆ, ଚାଇନା, ପୂର୍ବ–ୟୁରୋପର କିଛି ଅଂଶ ପର୍ଯ୍ୟଟନ କରିଥିଲେ।

ଚାଷୀ, ମୂଲିଆ, ଖଟିଖିଆଙ୍କ ପାଇଁ ହରିଶ୍‌ବାବୁ ବହୁବାର ଆନ୍ଦୋଳନ ଓ ପଦଯାତ୍ରା କରିଥିଲେ। ସେ ଥିଲେ ଏକାଧାରରେ ପ୍ରଗତିଶୀଳ ଶିଳ୍ପମନ୍ତ୍ରୀ ଓ ଦକ୍ଷଶ୍ରମିକ ନେତା। ମନେପଡ଼େ ସେ ଥିଲେ ଉଙ୍କେଲ ବିରୋଧୀ ଆନ୍ଦୋଳନର ମୁଖ୍ୟ ସୂତ୍ରଧର। ହରିଶ୍‌ବାବୁଙ୍କର ଦେହାନ୍ତ ହୁଏ ୨୦୦୦ ଅକ୍ଟୋବର ୨୭ ରେ। ତାଙ୍କର ପୁତ୍ରକନ୍ୟାମାନେ ସମସ୍ତେ କଲ୍ୟାଣକାମରେ ଉତ୍ସର୍ଗୀକୃତ। ସବୁ ଭିତରେ ମୁଁ ଦେଖୁଛି ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ବିପ୍ଳବର ଆର୍ଷବାଣୀ। ତାଙ୍କ ପ୍ରତି ମୋର ବିନମ୍ର ଶ୍ରଦ୍ଧା ସମ୍ମାନ।

## ଏଇ ଭାରତରେ

ପ୍ରତିବର୍ଷ ଭୀଷଣ ଶୀତରେ ଉତ୍ତର ଭାରତରେ ମୃତ୍ୟୁ ଖବର ସାମ୍ନାକୁ ଆସେ। ସରକାରୀ ସ୍ତରରେ ଏଥିପାଇଁ ପ୍ରତିକାର ବ୍ୟବସ୍ଥା କରାଯାଉଥିଲେ ବି ଶୀତରୁ ଲୋକଙ୍କୁ ରକ୍ଷା କରିବା ପାଇଁ ଦିଲ୍ଲୀ ନିବାସୀ ନିର୍ବାଣ ସୋମାନିଙ୍କ ନିଆରା ପଦକ୍ଷେପ ବେଶ୍ ପ୍ରଶଂସନୀୟ। ନିର୍ବାଣଙ୍କ ବୟସ ୧୭। ସେ ଦିଲ୍ଲୀରେ ରାସ୍ତା କଡ଼ରେ ରହୁଥିବା ଲୋକମାନଙ୍କ ପାଇଁ ପୁରୁଣା ଜିନ୍ସ ପ୍ୟାଣ୍ଟର ପୁନଃ ଉପଯୋଗ କରି ସ୍ଲିପିଂ ବ୍ୟାଗ୍ ତିଆରି କରୁଛନ୍ତି। ତାଙ୍କର ଏହି ପଦକ୍ଷେପର ନାମ ରଖିଛନ୍ତି 'ପ୍ରୋଜେକ୍ଟ ଜିନ୍ସ'। ମୁଖ୍ୟତଃ ସେ ଲୋକମାନଙ୍କଠାରୁ ପୁରୁଣା ଡେନିମ ଜିନ୍ସ ପ୍ୟାଣ୍ଟ ସଂଗ୍ରହ କରି ସ୍ଲିପିଂ ବ୍ୟାଗ୍ ତିଆରି କରୁଛନ୍ତି। ଗୋଟିଏ ସ୍ଲିପିଂ ବ୍ୟାଗ୍ କରିବା ଲାଗି ୭ ହଳ ଜିନ୍ସ ବ୍ୟବହାର ହେଉଛି। ଏହି ବ୍ୟାଗ୍ ତିଆରି କରିବା ଲାଗି ସେ ୭ ଜଣ ମହିଳାଙ୍କୁ କାମରେ ଲଗାଇଛନ୍ତି। ପ୍ରୋଜେକ୍ଟ ଜିନ୍ସ ଏବେ ଚେନ୍ନାଇ, ମୁମ୍ବାଇ, ବେଙ୍ଗାଲୁରୁ, ପୁଣେ ସହ ଅନ୍ୟ କେତେକ ସହରରୁ ଜିନ୍ସ ପ୍ୟାଣ୍ଟ ସଂଗ୍ରହ କରୁଛି। ରାସ୍ତା କଡ଼ରେ ଥିବା ଅସହାୟ ଲୋକମାନଙ୍କୁ ଏହି ସ୍ଲିପିଂ ବ୍ୟାଗ୍ ମାଗଣାରେ ଦେବା ସହ ଅନ୍ୟମାନେ ନେବାକୁ ଚାହିଁଲେ ସେମାନଙ୍କୁ ବିକ୍ରି କରୁଛନ୍ତି। ଏଥିରୁ ଯାହା ଅର୍ଥ ମିଳୁଛି ତାହାକୁ ତାଙ୍କ ପ୍ରୋଜେକ୍ଟରେ ଖର୍ଚ୍ଚ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ନଭେମ୍ବର ୧୯୯୮**

- ବିଜୁ ଜନତା ଦଳର ୧୫ ଜଣ ବିଧାୟକ ରାମକୃଷ୍ଣ ପଟ୍ଟନାୟକଙ୍କୁ ବିରୋଧୀ ଦଳ ନେତା ପଦବୀରୁ ହଟାଇ ତାଙ୍କ ସ୍ଥାନରେ ପ୍ରଫୁଲ୍ଲ ସାମଲଙ୍କୁ ନିର୍ବାଚିତ କରିଛନ୍ତି।
- ଭାରତୀୟ କ୍ରିକେଟ ଦଳର ପୂର୍ବତନ ଉଇକେଟକିପର କିରଣ ମୋରେଙ୍କ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ଘୋଷଣା।
- ଜାତିସଂଘର ତଦାରଖକାରୀମାନଙ୍କୁ ଅସ୍ତ୍ରଶସ୍ତ୍ର ତଦାରଖ କାର୍ଯ୍ୟରେ ନିଃସର୍ତ୍ତ ସହଯୋଗ କରିବା ନେଇ ଇରାକର ପ୍ରସ୍ତାବକୁ ନିରାପତ୍ତା ପରିଷଦର ସ୍ୱୀକୃତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | 4 | 2 | | | 1 | |
| | | | | | 9 | | | |
| | | 9 | | 1 | | 2 | | |
| | | 2 | | | | 7 | 8 | |
| 3 | | 4 | | 8 | 6 | | | |
| | 9 | | | 4 | 2 | | | |
| | | | | | 7 | | | 2 |
| | 1 | | | | | | 6 | 5 |
| | | | | 9 | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 3 | 6 | 7 | 4 | 8 | 2 |
| 3 | 4 | 7 | 9 | 8 | 2 | 5 | 1 | 6 |
| 2 | 8 | 6 | 5 | 4 | 1 | 9 | 7 | 3 |
| 9 | 6 | 3 | 4 | 1 | 5 | 7 | 2 | 8 |
| 5 | 2 | 8 | 6 | 7 | 3 | 1 | 4 | 9 |
| 7 | 1 | 4 | 8 | 2 | 9 | 6 | 3 | 5 |
| 4 | 5 | 2 | 1 | 3 | 6 | 8 | 9 | 7 |
| 6 | 3 | 1 | 7 | 9 | 8 | 2 | 5 | 4 |
| 8 | 7 | 9 | 2 | 5 | 4 | 3 | 6 | 1 |

ଗତକାଲିର ଉତ୍ତର

# ଗ୍ରନ୍ଥାଗାରର ଆବଶ୍ୟକତା



ନିରଞ୍ଜନ ମହାପାତ୍ର

ଭାରତୀୟ ଗ୍ରନ୍ଥାଗାର ସଂଘର ଘୋଷଣାକ୍ରମେ ୧୯୬୮ ପରଠାରୁ ପ୍ରତିବର୍ଷ ୧୪ ନଭେମ୍ବରରୁ ୨୦ ପର୍ଯ୍ୟନ୍ତ ଭାରତରେ ଜାତୀୟ ଗ୍ରନ୍ଥାଗାର ସପ୍ତାହ ପାଳନ କରାଯାଉଛି। ପାଠାଗାର ବା ଗ୍ରନ୍ଥାଗାର ବିଷୟରେ ଜନସାଧାରଣଙ୍କୁ ଜଣାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସୁଛି। ଜାତୀୟ ପାଠାଗାର ସପ୍ତାହ ହେଉଛି ଏକ ବାର୍ଷିକ ଉତ୍ସବ, ଯାହାଦ୍ୱାରା ଗ୍ରନ୍ଥାଗାର, ଗ୍ରନ୍ଥାଗାରିକ ଏବଂ ଗ୍ରନ୍ଥାଗାର କର୍ମଚାରୀମାନଙ୍କ ମୂଲ୍ୟବାନ ଭୂମିକାଗୁଡ଼ିକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧରଣଙ୍କୁ ଅବଗତ କରାଯାଇଥାଏ। କିଭଳି ସମାଜକୁ ମଜଭୁତ କରିବାରେ ଗ୍ରନ୍ଥାଗାର ଓ ଗ୍ରନ୍ଥାଗାରିକମାନଙ୍କର ଯୋଗଦାନ ରହିଛି, ସମାଜରେ ଗ୍ରନ୍ଥାଗାରଗୁଡ଼ିକର ଆବଶ୍ୟକତା କ'ଣ ଏବଂ ଗ୍ରନ୍ଥାଗାରଗୁଡ଼ିକ ପାଇଁ ଗ୍ରନ୍ଥାଗାରିକମାନଙ୍କର ଆବଶ୍ୟକତା କିପରି ଅଛି ଇତ୍ୟାଦି ବିଷୟରେ ସମସ୍ତଙ୍କୁ ଚିନ୍ତନ କରିବାର ଆବଶ୍ୟକତା ରହିଛି ଏହି 'ଜାତୀୟ ଗ୍ରନ୍ଥାଗାର ସପ୍ତାହ'ରେ। ଆନ୍ଧ୍ରପ୍ରଦେଶ ଲାଇବ୍ରେରି ଆସୋସିଏଶନ ୧୨ନଭେମ୍ବର ୧୯୧୨ରେ ମାଡ୍ରାସରେ ଏକ ଅଲ୍ ଇଣ୍ଡିଆ ଲାଇବ୍ରେରି ବୈଠକ ଆୟୋଜନ କରିଥିଲା। ଏହି ବୈଠକରେ ଭାରତୀୟ ଗ୍ରନ୍ଥାଗାର ସଂଘ ଗଠନ ହୋଇଥିଲା। ପରବର୍ତ୍ତୀକାଳରେ ଭାରତୀୟ ଗ୍ରନ୍ଥାଗାର ସଂଘ ଦ୍ୱାରା ୧୪ରୁ ୨୦ ନଭେମ୍ବର ପର୍ଯ୍ୟନ୍ତ 'ଜାତୀୟ ଗ୍ରନ୍ଥାଗାର ସପ୍ତାହ' ବା 'ନ୍ୟାଶନାଲ ଲାଇବ୍ରେରୀ ୱିକ' ଭାବରେ ଘୋଷଣା କରାଯାଇଥିଲା। ଆନ୍ଧ୍ରପ୍ରଦେଶ ଲାଇବ୍ରେରି ଆସୋସିଏଶନ ଗଠନରେ ଥିବା ଆୟାଙ୍କି ଭେଙ୍କଟା ରାମାନାୟା ଭାରତରେ ପବ୍ଲିକ ଲାଇବ୍ରେରି ଆନ୍ଦୋଳନର ସ୍ଥପତି ଭାବରେ ମାନ୍ୟତା ପାଇଥିଲେ। ତାଙ୍କୁ ବରୋଦାର ମହାରାଜାଙ୍କ ଦ୍ୱାରା ଗ୍ରନ୍ଥାଳୟ ପିତାମହ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ। ସେହିପରି ଭାରତରେ ଥିଲେ ଜଣେ କର୍ତ୍ତବ୍ୟନିଷ୍ଠ ଗ୍ରନ୍ଥାଗାରିକ ଯାହାଙ୍କ ପାଇଁ ପୂରା ଦେଶ ପ୍ରତିବର୍ଷ ପାଳନ କରିଆସୁଛି ଜାତୀୟ ଗ୍ରନ୍ଥାଗାରିକ ଦିବସ। ଭାରତରେ ଗ୍ରନ୍ଥାଗାର ବିଜ୍ଞାନ (ଲାଇବ୍ରେରି ସାଇନ୍ସ)ର ଜନକ ଭାବରେ ଜଣାଶୁଣା ପଦ୍ମଶ୍ରୀ ଡ. ଶିୟାଲି ରାମାମ୍ରିତ ରଙ୍ଗନାଥନଙ୍କ ଜନ୍ମ ବାର୍ଷିକୀକୁ ପାଳନ କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୨ରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳନ କରାଯାଏ। ଗ୍ରନ୍ଥାଗାର ପରିଚାଳନା ବ୍ୟବସ୍ଥାରେ ଉନ୍ନତି ଆଣିବା ସହିତ ଦେଶରେ ଗ୍ରନ୍ଥାଗାର ଏବଂ ସୂଚନା ବିଜ୍ଞାନ ପାଠ୍ୟକ୍ରମକୁ ଉଚ୍ଚଶିକ୍ଷା ସ୍ତରକୁ ନେବାରେ ଅଗ୍ରଦୂତ ସାଜିଥିଲେ ଡ. ରଙ୍ଗନାଥନ।

ଶିକ୍ଷଣୀୟ ସଂସ୍ଥାନର ହୃଦୟ କୁହାଯାଉଥିବା ପାଠାଗାରର ପରିସର କେବଳ ଶିକ୍ଷଣୀୟ ଓ ଅନୁସନ୍ଧାନ ସଂସ୍ଥା ମଧ୍ୟରେ ସୀମିତ ନୁହେଁ, ଏହା ସର୍ବସାଧାରଣଙ୍କ ପାଖରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ବୟସ, ନିର୍ବିଶେଷରେ ଗାଁରୁ ସହର ଯାଏ ଉଭୟ ଧନୀ ଓ ଗରିବ, ସାକ୍ଷର ଓ ନିରକ୍ଷର ବ୍ୟକ୍ତିମାନଙ୍କ ପାଇଁ ପାଠାଗାରର ଆବଶ୍ୟକତା ରହିଛି। ପାଠାଗାର ଦ୍ୱାରା ବିଭିନ୍ନ ଉତ୍ସ ଯେପରିକି ପୁସ୍ତକ, ପତ୍ରିକା, ଡିଜିଟାଲ ମିଡିଆ ଏବଂ ଶିକ୍ଷଣୀୟ



ପାଠ୍ୟକ୍ରମକୁ ବ୍ୟବହାର କରିବାପାଇଁ ସୁବିଧା ପ୍ରଦାନ କରାଯାଇଥାଏ। ଜ୍ଞାନର ଭଣ୍ଡାର ପାଠାଗାର/ ଗ୍ରନ୍ଥାଗାର / ଗ୍ରନ୍ଥାଳୟ ବା ଲାଇବ୍ରେରି ବର୍ତ୍ତମାନ ଏକ ନୂତନ ପରିବର୍ତ୍ତନ ଆଣିବା ସହ ପାଠାଗାର ପ୍ରତି ଜନସାଧାରଣଙ୍କ ଦୃଷ୍ଟିକୋଣ ବଦଳିବାରେ ଲାଗିଛି। କେବଳ ବହି ଦେବା ନେବା ଓ ପଢ଼ିବା ପାଇଁ ଉଦ୍ଦିଷ୍ଟ ନୁହେଁ 'ଗ୍ରନ୍ଥାଗାର', ବରଂ ଶିକ୍ଷା, ଅନୁସନ୍ଧାନ ଭାବରେ ଏହା କାର୍ଯ୍ୟ କରିଥାଏ। ସେଥିପାଇଁ ଆଜିକାଲିର ଲାଇବ୍ରେରିଗୁଡ଼ିକ ଲର୍ନିଂ ରିସୋର୍ସ ସେଣ୍ଟର (ଶିକ୍ଷା ଉତ୍ସ କେନ୍ଦ୍ର), ନଲେଜ ରିସୋର୍ସ ସେଣ୍ଟର (ଜ୍ଞାନ ଉତ୍ସ କେନ୍ଦ୍ର), ଇନଫର୍ମେଶନ ସେଣ୍ଟର (ସୂଚନା କେନ୍ଦ୍ର) ନାମରେ ଜଣାଶୁଣା। ପାଠକମାନଙ୍କୁ ଦିଆଯାଇଥିବା ସେବାଗୁଡ଼ିକର ଧାରା ଅନୁଯାୟୀ, ଗ୍ରନ୍ଥାଗାର ବା ଲାଇବ୍ରେରିଗୁଡ଼ିକ ଚାରି ପ୍ରକାରରେ ବିଭକ୍ତ କରାଯାଇପାରିବ ଯଥା: ଏକାଡେମିକ ବା ଶିକ୍ଷଣିକ ଲାଇବ୍ରେରି, ସ୍ୱତନ୍ତ୍ର ଲାଇବ୍ରେରି, ସର୍ବସାଧାରଣ ଲାଇବ୍ରେରି ଏବଂ ଜାତୀୟ ଲାଇବ୍ରେରି। ସାର୍ବଜନୀନ ଗ୍ରନ୍ଥାଗାରଗୁଡ଼ିକର ପ୍ରମୁଖ ସୁବିଧା ହେଉଛି ସମସ୍ତ ବୟସ ବର୍ଗ ଓ ଆଗ୍ରହ ଅନୁଯାୟୀ ପଠନ ସାମଗ୍ରୀ ଉପଲବ୍ଧ କରାଇବା ସହିତ ପୁସ୍ତକ ଆଲୋଚନା ଏବଂ କାହାଣୀ ଅଧିବେଶନ ଆଦି ଆୟୋଜନ ଦ୍ୱାରା ସାକ୍ଷରତାକୁ ପ୍ରୋତ୍ସାହିତ କରିଥାଏ।

ପ୍ରତି ଲାଇବ୍ରେରି ପାଇଁ ଲାଇବ୍ରେରିଆନ ଆବଶ୍ୟକ। ଜଣେ ଅନୁଭବୀ ବୃତ୍ତିଗତ ଗ୍ରନ୍ଥାଗାରିକ ହିଁ ଗ୍ରନ୍ଥାଗାର ପ୍ରତି ପାଠକମାନଙ୍କୁ ଆକୃଷ୍ଟ କରିପାରିବା ସହ ସେମାନଙ୍କର ପଢ଼ିବାର ଅଭ୍ୟାସକୁ ବଢ଼ାଇ ପାରିବ। ବିଭିନ୍ନ ବର୍ଗର ପାଠକମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କର ଆବଶ୍ୟକତା ବୁଝିବା ପାଇଁ ପାଠକମାନଙ୍କ ବ୍ୟବହାରକୁ ଅଧ୍ୟୟନ କରିବାକୁ ପଡିଥାଏ। ଯାହା ଦ୍ୱାରା ସେମାନଙ୍କ ଆବଶ୍ୟକତା ଅନୁଯାୟୀ ପାଠ୍ୟ ସାମଗ୍ରୀ, ତଥ୍ୟ ଓ ସୂଚନା ଆଦି ପ୍ରଦାନ କରି ସେମାନଙ୍କୁ ପଢିବାପାଇଁ ଆକୃଷ୍ଟ କରିବାରେ ସାହାଯ୍ୟ କରିଥାନ୍ତି ଲାଇବ୍ରେରିଆନମାନେ। ଏଥି ସହିତ ଲାଇବ୍ରେରିଆନମାନେ ଶିକ୍ଷା ଓ ଅନୁସନ୍ଧାନ କ୍ଷେତ୍ରରେ ଜଣେ ଭଲ ମାର୍ଗଦର୍ଶକ ଓ ପରାମର୍ଶଦାତା ହୋଇପାରନ୍ତି। ଦୁଃଖର ବିଷୟ ଆଜି ବି ଜରାଜୀର୍ଣ୍ଣ ଅବସ୍ଥାରେ ରାଜ୍ୟର ବିଭିନ୍ନ ଗ୍ରନ୍ଥାଗାର, ନା ଅଛି ଅବସ୍ଥା ନା କିଛି ବ୍ୟବସ୍ଥା। ଏକ ପାର୍ଶ୍ୱରେ କର୍ମଚାରୀ ଅଭାବରୁ ଅବ୍ୟବସ୍ଥିତ ଓ ବନ୍ଦ ରହୁଛି ରାଜ୍ୟର ବିଭିନ୍ନ ପୁରାତନ ଗ୍ରନ୍ଥାଗାରମାନ, ଅନ୍ୟ ପାର୍ଶ୍ୱରେ ନିଯୁକ୍ତି ଅପେକ୍ଷାରେ ଲାଇବ୍ରେରି ସାଇନ୍ସ ପାଠ ପଢ଼ିଥିବା ହଜାର ହଜାର ଆଶାୟୀ ଛାତ୍ରୀଛାତ୍ର। ସମାଜରେ ଯେତିକି ଆବଶ୍ୟକତା ଅଛି ଲାଇବ୍ରେରିର, ସେତିକି ଆବଶ୍ୟକତା ମଧ୍ୟ ଅଛି ଲାଇବ୍ରେରିଆନ ଏବଂ ଲାଇବ୍ରେରିଆନଶିପ ଶିକ୍ଷାର। ବିନା ଲାଇବ୍ରେରିଆନରେ କେମିତି ପରିଚାଳିତ ହେବ ଲାଇବ୍ରେରି ଓ ବିନା ଲାଇବ୍ରେରିରେ କେମିତି ଉନ୍ନତ ହେବ ରାଜ୍ୟର ଶିକ୍ଷାବ୍ୟବସ୍ଥା। ସମାଜରେ ଗ୍ରନ୍ଥାଗାର, ଗ୍ରନ୍ଥାଗାରିକ ଓ ଗ୍ରନ୍ଥାଗାରିକତା ପାଇଁ ଏକ ବିପ୍ଳବର ଆବଶ୍ୟକତା ରହିଛି, ଯେଉଁଥିରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଏବଂ ସରକାରଙ୍କ ଦୃଷ୍ଟି ଅତ୍ୟନ୍ତ ଜରୁରୀ।


**ଭୁବନେଶ୍ୱର**

**ମୋ: ୯୦୧୫୮୧୨୩୪୪**


## ପାଠକ ଶ୍ରେଷ୍ଠ ବିଚାରକ

### ରେଳଯାତ୍ରୀଙ୍କ ସମସ୍ୟା

ମହାଶୟ,

ଓଡ଼ିଶାରେ ରେଳବାଇ ଅନେକ ଯୋଜନା କରୁଥିବାର ଘୋଷଣା କରୁଛି ଓ କିଛିଟା କାର୍ଯ୍ୟକାରୀ ହେଉଛି। ଭଦ୍ରକ–ନୟାଗଡ଼ ମେମୁ ଟ୍ରେନ ଓ ବାଲେଶ୍ୱର–ଭୁବନେଶ୍ୱର ଟ୍ରେନ ଏବେ ବେସରକାରୀ ଚାକିରିଆ, ଦୂରଦୂରାନ୍ତର ରୋଗୀ, ଦିନମଜୁରିଆ ଓ ଚାକିରି ଆଶାୟୀଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବାରେ ବିଳମ୍ବ କରୁଛି। କୋଭିଡ଼ ପରେ ୨୦୨୧ ସେପ୍ଟେମ୍ବରରୁ ପାସେଞ୍ଜର ଟ୍ରେନ ପୁନର୍ବାର ଚାଲୁହେଲା, କିନ୍ତୁ ଏହା ସ୍ପେଶାଲ ନାମରେ ନାମିତ ହେଲା ଓ ଯାତ୍ରୀମାନଙ୍କଠାରୁ ଏକ୍ସପ୍ରେସର ଭଡ଼ା ନିଆଗଲା। ଏହା ସତ୍ତ୍ୱେ ଟ୍ରେନ ଯାତାୟାତର ଠିକ୍ ସମୟ ରହୁନି, ବିନା ଟିକେଟରେ କିଛି ଯାତ୍ରୀ ଚଢୁଥିବାରୁ ଟିକେଟଧାରୀମାନେ ଜାଗା ପାଉନାହାନ୍ତି । କାରଣ ଟିଟିମାନେ ଟ୍ରେନ ଭିତରେ ପ୍ରାୟତଃ ଟିକେଟ ଚେକ୍ କରୁନାହାନ୍ତି। କେତେକ ସ୍ଥାନରେ କିଛି ରେଳଯାତ୍ରୀ ଯାଳେଣି କାଠ, ଅତ୍ୟଧିକ ଖାଦ୍ୟ ପଦାର୍ଥର ବସ୍ତା ମଧ୍ୟ ନେଉଛନ୍ତି। ସେହିପରି କିଛି ନିଶାଖୋର ନିଶାଗ୍ରସ୍ତ ହୋଇ ଟ୍ରେନ ଭିତରେ ମହିଳା ଯାତ୍ରୀମାନଙ୍କୁ ଦୁର୍ବ୍ୟବହାର କରୁଥିଲେ ମଧ୍ୟ ଆରପିଏଫର ସହାୟତା ମିଳୁନି। ଏ କ୍ଷେତ୍ରରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଉତ୍ତମ ରେଳସେବା ପ୍ରଦାନ କରିବା ଦରକାର।

**–ଶ୍ୟାମ ସୁନ୍ଦର ସାମଲ, ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁଇ ଦିନ ହସି ଦୁଇ ଟୋପା ଲୁହ ପାରିଲେ ଢାଳି
କିବା ଦୁଃଖ ତାପ ଅଛି ତୋର ଆଉ କହ ତ ଭାଳି ?
ସେ ଦିନ ନୟନୁଁ ଶୁଖିଯିବ ଲୁହ ନିଭିବ କଥା
ସେହି ସିନା ଦୁଃଖ ସେହି ସିନା ତୋର ମରଣ ବ୍ୟଥା।
–(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଫର୍ନେସ ଫାଟି ଶ୍ରମିକ ମୃତ, ୨ ଗୁରୁତର

ବେଦବ୍ୟାସ,୧୬।୧୧ (ଆଲୋକ ସ୍ୱାଇଁ)

ସୁନ୍ଦରଗଡ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଶିଳ୍ପାଞ୍ଚଳ ଝାଡତରଙ୍ଗରେ ଥିବା ଶୁଭ ଇସ୍ପାତ କାରଖାନାରେ ବୁଧବାର ବିଳମ୍ବିତ ରାତିରେ ଫର୍ନେସ ଫାଟି କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁରର ଚିନ୍ମୟ ବେହେରା(୩୨)। ଏଥିସହ ୨ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିହାରର ଅଭିଷେକ କୁମାର ଓ ବଲଣ୍ଡା ପଞ୍ଚାୟତର ପରମେଶ୍ୱର କିଷାନ। ୨ ଗୁରୁତର ଜେପି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଚିନ୍ମୟଙ୍କ ମୃତଦେହ ମର୍ଗ ହାଉସରେ ରହିଥିବା ବେଳେ ୨୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦାବି ହୋଇଛି। କମ୍ପାନୀ କର୍ତ୍ତୃପକ୍ଷ ୧୦ ଲକ୍ଷ ଟଙ୍କା ସହିତ ମୃତକଙ୍କ ଝିଅ ସାବାଳିକା ହେବା ପର୍ଯ୍ୟନ୍ତ ଦରମା ପ୍ରଦାନ ପାଇଁ ରାଜି ହୋଇଥିଲେ। ହେଲେ ପରିବାର ଲୋକ ଏଥିରେ ରାଜି ହୋଇ ନ ଥିବାରୁ ଖବର ଲେଖା ହେବା ସୁଦ୍ଧା ( ସନ୍ଧ୍ୟା ୬ଟା) ମୃତଦେହ ବ୍ୟବଚ୍ଛେଦ ହୋଇନାହିଁ। ମିଳିଥିବା ସୂଚନା ଅନୁଯାୟୀ, କାରଖାନାରେ ଫର୍ନେସ ଫାଟି ଯିବାରୁ ନିର୍ଗତ ତରଳ ଲୁହା ଛିଟିକି ପଡ଼ିଥିଲା। ଫଳରେ ଘଟଣା ସ୍ଥଳରେ ହିଁ ଚିନ୍ମୟଙ୍କ ମୃତ୍ୟୁ ଘଟିଥିଲା।

## ପର୍ଯ୍ୟାପ୍ତ ବିହନ ଚାଷୀଙ୍କୁ ଯୋଗାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୧୧(ସୁନିତ୍ ମିଶ୍ର)

ରାଜ୍ୟରେ ରବି କାର୍ଯ୍ୟକ୍ରମ ୨୦୨୩-୨୪ ସମେତ କୃଷି ବିଭାଗର ପ୍ରମୁଖ ଯୋଜନାଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଗୁରୁବାର ଏକ ସମୀକ୍ଷା ବୈଠକ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କୃଷି ଭବନର କୃଷି ସମୀକ୍ଷା କେନ୍ଦ୍ରରେ ପାଢ଼ୀ ସମସ୍ତ ମୁଖ୍ୟ ଜିଲା କୃଷି ଅଧିକାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ଜଳ ସମ୍ପଦ ବିଭାଗ ଯନ୍ତ୍ରୀ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣରେ ଚାଷୀଙ୍କୁ ବିହନ ଯୋଗାଣ ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ପ୍ରାରମ୍ଭରେ ସମ୍ଭାବ୍ୟ ଲଘୁଚାପଜନିତ ବର୍ଷା ଯୋଗୁ ଚାଷୀଙ୍କ ଲାଗି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରାମର୍ଶରେ ଜାରି କରାଯାଇଥିବା ଫସଲ ପରିଚାଳନା ଉପଦେଶାବଳୀ ସମ୍ପର୍କରେ ଆଲୋଚନା କରାଯାଇ ଏଥି ନିମନ୍ତେ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା । ମହାନଦୀ ଡେଲ୍‌ଟା ଅଞ୍ଚଳରେ ରବି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ କୃଷକ ସାଥୀଙ୍କୁ ଉପଯୋଗକରି ଜଳସେଚନ କମାଣ୍ଡ ଅଞ୍ଚଳରେ କ୍ଲଷ୍ଟର ପଦ୍ଧତିରେ ଅଧିକରୁ ଅଧିକ ଫସଲ ଚାଷ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱର ୟୁନିଟ-୬ ବାଳିକା ଉଚ୍ଚବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତା।

# ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତା

### ଭାଗ ନେଲେ ୧୦ ଜିଲାରୁ ୧୧ଟିମ୍

ଭୁବନେଶ୍ୱର, ୧୬।୧୧(ଅସମାପିକା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୟୁନିଟ-୬ ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ଜିଲାରୁ ୧୧ଟି ସ୍କୁଲ୍ ବ୍ୟାଣ୍ଡ୍ ଟିମ୍ ଅଂଶଗ୍ରହଣ କରିଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍. ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଣ୍ଡ୍ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପରେ ସମସ୍ତ ସ୍କୁଲ୍ ବ୍ୟାଣ୍ଡ୍ ଟିମ୍ ସେମାନଙ୍କ ପ୍ରଦର୍ଶନ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଟିମ୍‌କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନପୂର୍ବକ ପୁରସ୍କୃତ କରାଯାଇଥିଲା। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ମିଳିତ ସହଯୋଗରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ବ୍ୟାଣ୍ଡ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଆନ୍ତଃରାଜ୍ୟ ସ୍କୁଲ ବ୍ୟାଣ୍ଡ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ(ପୂର୍ବ ଜୋନ୍)। ଆନ୍ତଃରାଜ୍ୟ ସ୍କୁଲ୍ ବ୍ୟାଣ୍ଡ୍ ପ୍ରତିଯୋଗିତା ପାଇଁ ସମଗ୍ର ଭାରତବର୍ଷକୁ ଚାରୋଟି ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଜୋନ୍‌ରୁ ବ୍ରାସ୍ ବ୍ୟାଣ୍ଡ୍‌ର ୨ଟି ବିଜୟୀ ଦଳ(ମହିଳା ଓ ପୁରୁଷ) ଏବଂ ପାଇପ୍ ବ୍ୟାଣ୍ଡ୍ ବର୍ଗର ଗୋଟିଏ ବିଜୟୀ ଦଳ(ମହିଳା), ସମୁଦାୟ ତିନୋଟି ଟିମ୍ ଆନ୍ତଃରାଜ୍ୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏଥିସହ ଅନ୍ୟ ଟିମ୍‌ଗୁଡିକ ମଧ୍ୟରୁ ଚୟନ କରାଯାଇ ଭୁବନେଶ୍ୱରରେ ହେବାକୁ ଥିବା ଆଗାମୀ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ଦିଆଯିବ। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସ୍କୁଲ ବ୍ୟାଣ୍ଡ୍ ପ୍ରତିଯୋଗିତା ସମ୍ପର୍କରେ କହିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଭଗବାନ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଉପନିର୍ଦ୍ଦେଶକ ମହେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। 'ମୋ ସ୍କୁଲ'ର ସ୍ୱତନ୍ତ୍ର ଅଧିକାରୀ ଅମରଜିତ ଜେନା, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା, ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ହରିଚନ୍ଦନଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଭଡ଼ାରେ କାର୍ ନେଇ ମଣିପୁରରେ ବିକ୍ରି

### ଆନ୍ତଃରାଜ୍ୟ ର୍‍ୟାକେଟ୍‌ର ୨ ଗିରଫ

ଭୁବନେଶ୍ୱର,୧୬।୧୧ (ସତ୍ୟଜିତ୍ ରାଉତ)

ସେଲ୍ଫ ଡ୍ରାଇଭ୍ ଆଳରେ ଭଡ଼ାରେ କାର୍ ନେଇ ମଣିପୁରରେ ବିକ୍ରି କରୁଥିବା ଆନ୍ତଃରାଜ୍ୟ ର୍‍ୟାକେଟକୁ କମିଶନରେଟ ପୋଲିସ ଧରିଛି। ର୍‍ୟାକେଟରେ ସମ୍ପୃକ୍ତ ୨ଜଣଙ୍କୁ କୋଲକାତାର ପୂର୍ବଯାଦପୁର ଅଞ୍ଚଳରୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ମଣିପୁର ଇମ୍ଫାଲ ୱେଷ୍ଟ ଜିଲାର କୋଣ୍ଡୌଜାମ୍ ରଣବୀର ସିଂ ଓ କାକ୍‌ଚାଙ୍ଗ୍ ଜିଲାର ୱାହେଙ୍ଗବାମ୍ ସନ୍ତୋଷ ସିଂ। ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଏକ 'ସେଲ୍ଫ ଡ୍ରାଇଭ ଜୋନ୍'ରୁ ଏଜେଣ୍ଟଙ୍କ ଦ୍ୱାରା ଭଡ଼ାରେ ନିଆଯାଇଥିବା ଦୁଇଟି କାର୍‌କୁ ଉଭୟ କିଣିଥିଲେ। ସେମାନେ ଗୋଟିଏ କାର୍‌କୁ ମଣିପୁରରେ ବିକ୍ରି କରିଥିବା ବେଳେ ଗୋଟିଏ ପାଖରେ ରଖିଥିଲେ। ସେମାନଙ୍କଠାରୁ ଉକ୍ତ କାର୍ ଜବତ ହୋଇଛି। ଗିରଫ ପରେ ଭରତପୁର ଥାନା ପକ୍ଷରୁ ଗୁରୁବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଫେରାର ଥିବା ଏଜେଣ୍ଟ ରାହୁଲ, ପ୍ରୀତମଙ୍କ ସମେତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ଏଥିସହ ଜେଲ ଯାଇଥିବା ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣି ସେମାନଙ୍କ ଅପରାଧ ସମ୍ପର୍କରେ ଅଧିକ ତଥ୍ୟ ପାଇବାକୁ ପାଲିସ ଯୋଜନା ରଖିଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ଦୀପକ କୁମାର ମହାରଣାଙ୍କର ଭରତପୁର ଶ୍ୟାମପୁରରେ ଏକ ସେଲ୍ଫ ଡ୍ରାଇଭ୍ ଜୋନ୍ ଅଫିସ୍ ରହିଛି। ସେଠାରେ ସେ କାର ଭଡାରେ ଲଗାଇବା ବ୍ୟବସାୟ କରନ୍ତି। ନଭେମ୍ବର ୩ରେ ଅଭିଯୁକ୍ତ ରାହୁଲ ଏବଂ ପ୍ରୀତମ ଗ୍ରାହକ ସାଜି ଦୀପକଙ୍କ ଅଫିସକୁ ଆସି ଭୁବନେଶ୍ୱରରୁ କୋଲକାତା ଯିବା ପାଇଁ ୨ଟି କାର୍ ଭଡାରେ ନେଇଥିଲେ। ଏହାପରେ ଉଭୟ ଫୋନ୍ ବନ୍ଦ କରି ଉକ୍ତ ଦୁଇ କାର୍‌ର ଜିପିଏସ୍‌କୁ କାଢ଼ି ଦେଇଥିଲେ। ଏନେଇ ଦୀପକ ଥାନାରେ ଏତଲା ଦେବା ପରେ ପୋଲିସ ନଭେମ୍ବର ୧୦ରେ ମାମଲା (ନଂ. ୪୯୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ବିଳମ୍ବିତ ରାତିରେ କୋଲକାତା ପୋଲିସ ସହଯୋଗରେ ରଣବୀର ଓ ସନ୍ତୋଷ ଧରାପଡ଼ିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଏଜେଣ୍ଟ ରାହୁଲ ଓ ପ୍ରୀତମଙ୍କଠାରୁ ଅଭିଯୁକ୍ତଦ୍ୱୟ କାରଗୁଡିକୁ କମ ମୂଲ୍ୟରେ କିଣିବା ପରେ ଜାଲ୍ ପ୍ରମାଣପତ୍ର କରି ମଣିପୁରରେ ବିକ୍ରି କରୁଥିଲେ। ନଭେମ୍ବର ୬ରେ ରାହୁଲ ଓ ପ୍ରୀତମଙ୍କଠାରୁ ଅଭିଯୁକ୍ତଦ୍ୱୟ ଭୁବନେଶ୍ୱରରୁ ଭଡ଼ାରେ ନିଆଯାଇଥିବା ଦୁଇ କାର୍ କିଣିଥିଲେ। ଗୋଟିଏ କାର୍‌କୁ ଦିପୁନ ନାମକ ଜଣେ ଅଭିଯୁକ୍ତଙ୍କୁ ବିକ୍ରି କରିଥିଲେ। ଅନ୍ୟ କାର୍‌ଟିକୁ ନିଜ ପାଖରେ ରଖିଥିଲେ।

## ଲାଞ୍ଚ ନେବାବେଳେ ହାଇସ୍କୁଲ କିରାଣି ଗିରଫ

ଯାଜପୁର ଟାଉନ/ଯାଜପୁର ସଦର,୧୬।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ ସମର ବିଜୟ ଶରଣ)

ଯାଜପୁର ବ୍ଲକ୍ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତର ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟ କିରାଣି ମହେଶ୍ୱର ସାମଲ ଲାଞ୍ଚ ନେଉଥିବାବେଳେ ଯାଜପୁର ଭିଜିଲାନ୍ସ ବିଭାଗ ହାତରେ ଗୁରୁବାର ଧରାପଡ଼ିଛନ୍ତି। ଏହି ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ରାୟଙ୍କ ପେନ୍‌ସନ ପେପର କାମ କରାଇବା ପାଇଁ ୨୦୨୩ ଫେବୃୟାରୀ ୭ରେ ଜିଲା ଶିକ୍ଷାଧିକାରୀ ସ୍କୁଲକୁ ଚିଠି କରିଥିଲେ। କିରାଣି ସାମଲ କାଗଜପତ୍ର କରିଦେବା ପାଇଁ ଅବସରପ୍ରାପ୍ତ ଶିକ୍ଷକ ରାୟଙ୍କୁ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶିକ୍ଷକ ରାୟ ୨୦୨୩ ଜୁନ୍ ୩୦ରେ ଅବସର ନେଇଥିଲେ। ଅବସର ନେବାପରେ ପୂର୍ବରୁ କାଗଜପତ୍ର କରିବା ପାଇଁ ସ୍କୁଲର ଦାୟିତ୍ୱରେ ଥିବା ମନୋରଞ୍ଜନ ରାୟଙ୍କୁ କହିବା ସହ କିରାଣି ସାମଲଙ୍କୁ କହିଥିଲେ। ମାତ୍ର ୭ ହଜାର ଟଙ୍କା ନ ଦେଲେ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ମହେଶ୍ୱର କହିଥିଲେ। ଏହାପରେ ଶିକ୍ଷକ ରାୟ କିରାଣି ମହେଶ୍ୱରଙ୍କୁ ୩ ହଜାର ଟଙ୍କା ଦେଇଥିଲେ। ଏଥିସହ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତେଣୁ ନିର୍ଦ୍ଧାରିତ ଅବଶିଷ୍ଟ ୪ ହଜାର ଟଙ୍କା ମହେଶ୍ୱରଙ୍କୁ ଦେବା ସମୟରେ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ସମ୍ପୃକ୍ତ କିରାଣିଙ୍କୁ ଗିରଫ କରିଥିଲେ। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଏକ ମାମଲା ନମ୍ବର ୩୪/୨୩ ରୁଜୁ ହୋଇଛି।

## ନକଲି ନୋଟ୍ କାରବାରରେ ୩ ଗିରଫ



ଗିରଫ ୩ ଅଭିଯୁକ୍ତ, ଜବତ ମେଶିନ ଏବଂ ନକଲି ଟଙ୍କା।

ଭବାନୀପାଟଣା/ଗୋଲାମୁଣ୍ଡା,୧୬।୧୧ (ଉତ୍ତମ କୁମାର ଦାଶ/ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲାରେ ନକଲି ନୋଟ କାରବାର ଅଭିଯୋଗରେ ପୋଲିସ ଗୁରୁବାର ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭବାନୀପାଟଣାର ସନ୍ତୋଷ ଭୋଇ (୨୬), ବୋର୍ଡାର କାହ୍ନା ମହାପାତ୍ର (୨୨) ଓ ରାଜିନପୁରର ମଣ୍ଟୁ ଚନ୍ଦନ (୨୪)। ସେମାନଙ୍କଠୁ ପୋଲିସ ନେଟ୍ ଛାପିବା ମେଶିନ ସହ ୯ ହଜାର ଟଙ୍କାର ନକଲି ନୋଟ୍ ଜବତ କରିଥିବା ଭବାନୀପାଟଣା ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୪ ତାରିଖରେ ଗୋଲାମୁଣ୍ଡା ବ୍ଲକ କେଗାଁ ଅଞ୍ଚଳରେ ନକଲି ନେଟ୍ କାରବାର ହେଉଥିବା ନେଇ ଏକ ମାମଲା (ନଂ.୨୬୩/୨୩) ରୁଜୁ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି କେଗାଁ ଥାନା ଅଧୀନ ବୋର୍ଡା ପୋଲିସ ଛାନଭିନ କରିଥିଲା। ଏହି ସମୟରେ ସମ୍ପୃକ୍ତ ୩ଯୁବକ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ସନ୍ତୋଷ ଏକ ମେଶିନ କିଣି ନକଲି ନୋଟ ଛାପୁଥିଲେ। ପ୍ରଥମେ ଟ୍ରାଏଲ ପାଇଁ ପ୍ରାୟ ୧୦ ହଜାର ଟଙ୍କାର ୫ ଶହ ଟଙ୍କିଆ ଓ ୨ଶହ ଟଙ୍କିଆ ନୋଟ ଛାପି ବଜାରରେ ଛାଡିଥିଲେ। କେତେଜଣ ଲୋକ ନକଲି ନୋଟ୍ ଜାଣିପାରି ଥାନାରେ ଅଭିଯୋଗ କରିଥିଲେ।

**PARADIP PORT AUTHORITY**
**E-TENDER CALL NOTICE**
TD/TM/GEN-235(Vol-VII)/23/2214, dtd.13.11.2023
Name of the work: **"Allotment of 06(Six) nos. of Mechanical Iron Ore/Iron Ore Pellet plots at IOHP."**. License Fees : **Rs.2,91,66,060**. Wharfage Fees : Rs.18,98,620/-, Last date & time of submission of bid : 04.12.2023 up to 15:00 hrs, Date and time of opening (technical bid): 04.12.2023 up to 15:00 hrs, Refer our website for details https://eprocure.gov.in/eprocure/app & http://paradipport.gov.in/.
Sd/- Traffic Manager,
Paradip Port Authority
PPA/PR/60/2023-2024 dtd.15.11.2023

**PARADIP PORT AUTHORITY**
**e-TENDER CALL NOTICE**
No.CE/HWDI/ACCTS-08/23/405 Dt.10.11.2023
Name of the work: "Repair and restoration to the damaged Berth and Diaphragm wall of NQ-II Berth inside Harbour area". EMD Cost: Rs.12,50,701/-. Last Date and time of submission of Bid: 30.11.2023 up to 17:15 Hrs. For details please refer our Website: eprocure.gov.in/eprocure/app.
Sd/- Executive Engineer,
Harbour Works Division No.I,
Paradip Port Authority
PPA/PR/62/2023-24 dtd.15.11.2023

## ଜାତୀୟ ସେବା ଯୋଜନା ଆଭିମୁଖ୍ୟ କାର୍ଯ୍ୟକ୍ରମ

ଭବାନୀପାଟଣା,୧୬।୧୧ (ଉତ୍ତମ କୁମାର ଦାଶ)




ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ବୁଧବାର ଜାତୀୟ ସେବା ଯୋଜନା ଆଭିମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି ଯୋଗଦେଇ ଏନ୍‌ଏସ୍‌ଏସ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସ୍ୱେଚ୍ଛାସେବମାନଙ୍କୁ ଏନ୍‌ଏସ୍‌ଏସର ଭୂମିକା ରାଷ୍ଟ୍ର ନିର୍ମାଣରେ ବିଷୟ ବସ୍ତୁଉପରେ କୁଳପତି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ କୈଳାଶ ଚନ୍ଦ୍ର ଦାସ ଯୋଗଦେଇ ଏକ ସ୍ୱେଚ୍ଛାସେବର ଭୂମିକା, ଛାତ୍ର ଜୀବନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଲୋଚକ ଭାବେ ମୋହନ ପଟେଲ ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଅଧିକାରୀ ଡିଗ୍ରୀ କଲେଜ କର୍ଲାପଡା, ସ୍ୱେଚ୍ଛାସେବମାନଙ୍କୁ ଏନ୍‌ଏସ୍‌ଏସ ଓ ଏହାର ଗୁରୁତ୍ୱପୂର୍ଣ୍ଣ ଉପରେ ମତ ରଖିଥିଲେ। ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ଖୁଣ୍ଟିଆ ସଞ୍ଚାଳନ କରିଥିବା ବେଳେ ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ପ୍ରିୟଞ୍ଜରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ମୋଟ ୩ଟି ଏନ୍‌ଏସ୍‌ଏସ ୟୁନିଟରୁ ମୋଟ ୨୫୦ଜଣ ନୂତନ ଓ ଶେଷ ବର୍ଷର ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ପୁରାତନ ଏନ୍‌ଏସ୍‌ଏସ ସ୍ୱେଚ୍ଛାସେବୀ ହିସାବରେ ସମ୍ମାନିତ ଅତିଥି ରୂପେ ମିସ. ଅନମୋଲ ଅଙ୍କିତା (ନିକଟରେ ସଂସଦ ଭବନରେ ୨ ଅକ୍ଟୋବରରେ ଶାସ୍ତ୍ରୀଜୀଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖି କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଥିଲେ) ସ୍ୱେଚ୍ଛାସେବୀମାନଙ୍କୁ ତାଙ୍କର ଏନ୍‌ଏସ୍‌ଏସରେ ଯୋଗଦାନ ଓ ଅନୁଭବ ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଭାବେ ଦୀପକ କୁମାର ବେହେରା, ପ୍ରତ୍ୟୁଷ ବାଣୁଆ, ବିକାଶ ପଟେଲ, ସରୋଜ ନିଆଲ, ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ଚନ୍ଦନ ବିଶାଳ, ନିତିନ ନାଗ, ସୋମିତ୍ର ପ୍ରମୁଖ କାର୍ଯ୍ୟକ୍ରମ ସଫଳ କରାଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ମିସ. ରୋଜ ମେରୀ ରଶମିତ ଏକକା ଧନ୍ୟବାଦ ଦେଇଥିଲେ।

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା, ବଲାଙ୍ଗୀର**
**ODISHA ADARSHA VIDYALAYA, PATHARCHEPA, BALANGIR**
At- Dhumamara, Po- Rajendra College, Dist- Balangir, Pin- 767002 (Odisha)
E-Mail IDs: oavpatharchepa@gmail.com & balangir@oav.edu.in
CBSE Affiliation No. **1520019** Udise Code: **21240209702** School Code: **17102**
Letter No. 969/OAVP/2023 Date: 15.11.2023

**ADVERTISEMENT OF EMPANELMENT OF CONTRACTUAL TEACHERS**

Application from eligible candidates (Must belong to the Domicile of Odisha) are invited for the empanelment of the teachers on contractual basis as Guest Faculty in the following Odisha Adarsha Vidyalaya of Balangir District. The candidates have to submit application to the Nodal Principal OAV, Patharchepa, Balangir, At- Dhumamara, Balangir in the prescribed format with all supportive documents Physically on Dt-22 Nov 2023.The documents verification will be done on the same date hence candidates will appear before the Board with all Original Documents on Dt. 22 Nov 2023 at 10 AM at OAV Patharchepa, Balangir.

| SN | Name of the Post | Name of the OAV | Total no of post | Essential Qualification | Consolidated Pay |
|---|---|---|---|---|---|
| 2 | PGT Chemistry | OAV Bibina | 01 | Master Degree in Concerned subject with 50% marks in aggregate and B.Ed. from a recognized university with NCTE affiliation | Rs.25000/- |

For details visit District Website **www.balangir.nic.in**.
No TA/DA will be given for attending the interview.
**Sd./- Nodal Principal Of Balangir District**

**Office of the Executive Engineer, Road Construction Department, Road Division, Godda**
**CORRIGENDUM**
Letter No. 1414 /Godda Dated- 10/11/2023
TENDER REFERENCE NO.: RCD/GODDA/1344/2023-24
Dated:-30/10/2023
PR 310186 Road (23-24).D
**NAME OF THE WORK:**
1. Widening & Strengthening/ Reconstruction of Mohanpur (on NH-133) to Karmatanr Road Via Sinni- Imlitanr Road (Total Length-20 .640 Km.)
2. Widening & Strengthening/ Reconstruction of Ghatiyari (on Tesobathan- Mahadeobathan Road)- Ratanpur- Rajpokhar (Sundar dam) Road (Total Length-11.720 Km.).
3. Widening & Strengthening/ Reconstruction of Sundarpahari (NH-333A)-Chandana-Dama-Jamkudar-Agiamore Road (Total Length -24.440 Km.)

**CORRIGENDUM TITLE**:-
**Last Date of Bid Submission & Date of Opening of Technical Bid**
**CORRIGENDUM DETAIL**:

| | पूर्व मे अंकित | संशोधित |
|---|---|---|
| Last Date of Bid Submission | 23.11.23 **12.00 Noon** | 30.11.23 **12.00 Noon** |
| Date of Opening of Technical Bid | 24.11.23 **12.30 PM** | 01.12.23 **12.30 PM** |

PR.NO.311389 Road(23-24):D
Executive Engineer
RCD, Road Division, Godda

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଡିମାଣ୍ଡ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁକୋ ବ୍ୟାଙ୍କ, ଆଠଗଡ ଶାଖାର** ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଆଠଗଡ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ମହାଲକ୍ଷ୍ମୀ ଷ୍ଟୋନ୍ କ୍ରସର୍, ସ୍ୱତ୍ୱାଧିକାରୀ: ରାକେଶ କୁମାର ସାହୁ,** ପିତା: ଏ ବାବୁଲି ସାହୁ, **ଠିକଣା-୧:** ସା: କାନଗଡ ସାହି (ବୀରକିଶୋରପୁର), ପୋ: ଆଠଗଡ, ଜିଲ୍ଲା: କଟକ, ପିନ୍ - ୭୫୪୦୨୯, **ଠିକଣା-୨:** ସା: ଗଣ୍ଡାନାଳି, ପୋ: ହିନ୍ଦୋଳ, ଜିଲ୍ଲା: ଢେଙ୍କାନାଳ, ପିନ୍ - ୭୫୯୦୨୧ | ଟ.୧୪,୩୨,୦୪୧.୮୯ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧) ବନ୍ଧକପ୍ରାପ୍ତ ସମସ୍ତ ସମ୍ପତ୍ତି ଯଥା: ଚଳନ୍ତି ସମ୍ପତ୍ତି ସହିତ ଷ୍ଟକ୍, ବୁକ୍ ଡେବଟ୍ସ, ପ୍ରାପ୍ୟ, ବ୍ୟବହୃତ ଷ୍ଟୋର ଓ ସ୍ପେୟାର୍ସ ଏବଂ ବନ୍ଧକପ୍ରାପ୍ତ କଳକବ୍ଜା ଓ ଯନ୍ତ୍ରପାତି ଆଦି ଅସ୍ଥାବର ସମ୍ପତ୍ତି, ୨) ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗଣ୍ଡାନାଳି, ଥାନା: ରାସୋଳ - ୫୪, ତହସିଲ: ହିନ୍ଦୋଳ - ୧୭୮, ଖାତା ନଂ.: ୧୧୪/୧୬, ପ୍ଲଟ୍ ନଂ.: ୨୦୦୧/୨୧୭୪, କ୍ଷେତ୍ର: ଏକର ୧.୩୯୦ ଡିସିମିଲି | ୧୨.୦୯.୨୦୨୩ |

ଆପଣ ଆମର **ଆଠଗଡ ଶାଖା** ସହିତ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆକ୍ଟ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ରେଜିଷ୍ଟ୍ରେଡ୍ ଡ଼ାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ଡ଼ିମାଣ୍ଡ ନୋଟିସ୍ ଉପରଦର୍ଶିତ ପକ୍ଷଙ୍କୁ ପ୍ରଦାନ କରାଯାଇପାରିନଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ପରିଣତ ହୋଇଛି । ଆପଣ ଉପରୋକ୍ତ କଥିତ ସମ୍ପତ୍ତିକୁ କୌଣସି ପ୍ରକାରରେ ବିକ୍ରି, ଲିଜ୍ ଆଦି ମାଧ୍ୟମରେ ବ୍ୟାଙ୍କର କୌଣସି ଲିଖିତ ସହମତି ବିନା ହସ୍ତାନ୍ତରିତ କରିପାରିବେ ନାହିଁ । ଏଣୁ ଏହି ନୋଟିସ୍‌ର ୬୦ ଦିନ ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ଆପଣଙ୍କୁ ପଇଠ କରିବାକୁ ପଡିବ। ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କ ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ ହେବ । ଏହି ନୋଟିସ୍ ବ୍ୟାଙ୍କ ତରଫରୁ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅଧିକାରକୁ ପ୍ରତିହତ କରିବ ନାହିଁ । **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୬.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**JHARKHAND STATE RURAL ROAD DEVELOPMENT AUTHORITY**
3rd Floor, F.F.P. Building, H.E.C. Dhurwa, Ranchi – 834 004
Letter No. JSRRDA-790/2023- 2165Ranchi, Dated – 14.11.2023
**CORRIGENDUM to PR No.: 306495**
**e-Tender NIT No. 113 / 2023-24**
The NIT issued vide PR No. 306495 dated 09.09.2023 regarding e-tender for Strengthening and Maintenance for package number JH-M-SBJ-03 / 2023-24 in District Sahebganj bidding document which is available in website www.jharkhandtenders.gov.in:-

| Sl. No. | In place of | Read as |
|---|---|---|
| 1. | Last date and time for Receipt of e-Tender - 14.11.2023 at 1700 hrs | Last date and time for Receipt of e-Tender - 22.11.2023 at 1700 hrs |
| 2. | Date and Time for opening of Bid - 16.11.2023 at 1530 hrs | Date and Time for opening of Bid - 23.11.2023 at 1700 hrs |

All other terms and conditions will remain same.
Chief Engineer
JSRRDA, Ranchi
PR 311396 Rural Work Department(23-24).D

## ବ୍ଲକ ଅଫିସ ଘେରିଲା ଭାଜପା

ବେଲପଡ଼ା,(ମନୋଜ କୁମାର ମିଶ୍ର): ବିଭିନ୍ନ ଦାବି ନେଇ ଗୁରୁବାର ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଅଫିସ ଘେରିଛି ଭାଜପା। ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଏଥିରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟା ସମାଧାନରେ ରାଜ୍ୟ ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ। ପରେ ବିଡ଼ିଓ ରାଜେଶ କୁମାର ମେହେରଙ୍କୁ ଆଗତ ବିଭିନ୍ନ ଦାବିର ସମାଧାନ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ୧୫ ଦିନ ଭିତରେ ଦଳ ପକ୍ଷରୁ କରାଯାଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ କରି ପଦକ୍ଷେପ ନେବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ତାଲିମ ଶିବିର

ସିନାପାଲି,୧୬।୧୧(ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ଗୋଷ୍ଠି ଶିକ୍ଷା ଅନ୍ତର୍ଗତ ସିନାପାଲି ଓ ସିଙ୍ଗଝରଠାରେ ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ତାଲିମ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ସିନାପାଲି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଏବିଇଓ ଆଦିତ୍ୟ କୁମାର ବନ୍ଦିଛୋର, ସିଆରସିସି ସୁଶିଲ କୁମାର ଯୋଷୀ ଓ ଦେବାନନ୍ଦ ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିର ସ୍ଥାନୀୟ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମାଝି ଉଦଘାଟନ କରିଥିଲେ। ଶିବିରରେ ଆରପି ଭାବେ ପରେଶନାଥ ପାଣିଗ୍ରାହୀ ଓ ନିକୁଞ୍ଜ ବିହାରୀ ସା, ପ୍ରସନ୍ନ ମାଝି ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି। ସେହିଭଳି ସିଙ୍ଗଝର ହାଇସ୍କୁଲଠାରେ ଏବିଇଓ ପ୍ରଭାକର ମହାନ୍ତି, ସିଆରସିସି ଖଗେଶ୍ୱର ନିଆଲ ଓ ଈଶ୍ୱର ବଘେଲ ଶିବିର ପରିଚାଳନା କରୁଥିବା ବେଳେ ଶିବିରରେ ଆରପି ସୁଧିର କୁମାର ଠାକୁର, ଜୟକୃଷ୍ଣ ଯୋଷୀ, ପଦ୍ମଲୋଚନ ନାଏକ ଓ ଲୋଚନ ମେହେର ତାଲିମ ଦେଉଛନ୍ତି। ତିନିଦିନ ଧରି ଚାଲିବାକୁ ଥିବା ଉଭୟ ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶହେ ଜଣ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଥିବା ଜଣାପଡ଼ିଛି।

### ଜିଲା ହାଇସ୍କୁଲସ୍ତରୀୟ କ୍ରିକେଟ ପ୍ରତଯୋଗିତା

ଖଡ଼ିଆଲ,୧୬।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଶିକ୍ଷା ଅଧିକାରୀଙ୍କ ଆନୁକୂଲ୍ୟରେ ଖଡ଼ିଆଲସ୍ଥିତ ରାଜ ଏଟି ହାଇସ୍କୁଲଠାରେ ଦୁଇ ଦିନଧରି ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ରାଜାଏଟି ହାଇସ୍କୁଲର ପ୍ରଦୋଷ କୁମାର ସାହୁ, ବରିଷ୍ଠ କିରାଣି ଶ୍ରୀକାନ୍ତ ପୁରୋହିତ, କନିଷ୍ଠ କିରାଣି ନନ୍ଦୁ ପାଣ୍ଡେ, ଜିଲା ପିଇଟି ସଂଘ ସଭାପତି ରାଜକପୁର ବାରିକ ମଞ୍ଚାସୀନ ଥିବା ବେଳେ ସହ ଶିକ୍ଷକ ଗୌରାଙ୍ଗ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅସରରେ ଅସରପ୍ରାପ୍ତ ଖେଳ ଶିକ୍ଷକ ଦୟାନିଧି ଚଲାନଙ୍କୁ ଜିଲା ଶିକ୍ଷା ଅଧିକାରୀ ସାମ୍ମାନିତ କରିଥିଲେ। ପ୍ରତିଯଗିତାରେ ଜିଲାର ୫ଟି ବ୍ଲକରୁ ୭୫ଜଣ ଖେଳାଳି ଓ ଅଫିସିଆଲ ୧୫ଜଣ ଟିମ ଓ କୋଚ ୧୦ଜଣ ଯୋଗଦାନ କରିଥିଲେ। ବୋଡ଼େନ ବ୍ଲକରୁ ସୁବାଷ ଯୋଶୀ, ସିନାପାଲି ଗଙ୍ଗାରାମ ମେହେର, ଖଡ଼ିଆଲରୁ ପ୍ରଶାନ୍ତ ପ୍ରଧନୀ, ଧନଞ୍ଜୟ ଦଣ୍ଡସେନା, ଗୁଣ ସାଗର ରଣା, କ୍ଷମା ସାଗର ସାହୁ, କୋମନା ଘନଶ୍ୟାମ ଭୋଇ, ନୂଆପଡ଼ାରୁ ରାକେଶ ପଟେଲ ଓ ମହତାବ ଆଡ଼ଜୁଆଡ଼ ସହଯୋଗ କରିଥିଲେ। ଖେଳକୁ ରାଜଏଟିହାଇ ସ୍କୁଲ ଖେଳ ଶିକ୍ଷକ ରତନ ସିଂହ ବାରିକ ପରିଚାଳନା କରିଥିଲେ।

# ଜିଲା ଶିକ୍ଷା କାର୍ଯ୍ୟାଳୟ ଘେରାଉ, ଧାରଣା

ନୂଆପଡ଼ା,୧୬।୧୧(ମକାରୁ ବେମାଲ)


ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

■ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଦାବିପତ୍ର
■ଶିକ୍ଷା ବିଭାଗର ବିଭିନ୍ନ ସମସ୍ୟା

ନୂଆପଡା ଜିଲା ଶିକ୍ଷା ବିଭାଗର ବିଭିନ୍ନ ସମସ୍ୟା ନେଇ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲା ଶିକ୍ଷା କାର୍ଯ୍ୟାଳୟ ଘେରାଉ କରାଯାଇଛି। ପରେ ଜିଲା ଶିକ୍ଷା ଅଧିକାରୀଙ୍କ କୌଣସି କାର୍ଯ୍ୟରେ ଯାଇଥିବାରୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡା ସଭାପତି ଭାନୁ ପ୍ରତାପ ସିଂ ମାଝିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଜିଲା ଶିକ୍ଷା କାର୍ଯ୍ୟାଳୟ ଘେରାଉ କରି ଧାରଣାରେ ବସିଥିଲେ। ଜିଲାରେ ୨୦୦୬ଠାରୁ ଆରଏ ଯୋଜନାରେ ୧୩୧ ମାମଲା ବିଚାରାଧୀନ ଭାବେ ରହିଛି। ଶିକ୍ଷା ବିଭାଗ ଆଜି ପର୍ଯ୍ୟନ୍ତ କୌଣସି ବିଚାର କରି ନ ଥିବାରୁ ଆରଏ ଯୋଜନା (ପୁନଃବାସ ଥଇଥାନ ସହାୟକ)ରେ ଯେଉଁମାନେ ସୁବିଧା ପାଇବାର ଯୋଗ୍ୟ ସେମାନେ ପାଇବାରୁ ବଞ୍ଚିତ ହୋଇଛନ୍ତି। ଜିଲାର ଅଧିକାଂଶ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଅଭାବ ରହିଛି। ପ୍ରତ୍ୟେକ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ନିଯୁକ୍ତି କରାଯାଉ, ଅଧିକାଂଶ ବିଦ୍ୟାଳୟର ଶିକ୍ଷକ ଅବସର ଗ୍ରହଣ କରି ପଦବୀ ଖାଲି ପଡିଛି। ସେହି ସ୍ଥାନରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରାଯାଉ, ଅବସର ଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ଜିପିଏଫ ଓ ଗ୍ରାଚ୍ୟୁଇଟି ପ୍ରଦାନ କରାଯାଉ, ବିଭିନ୍ନ କାର୍ଯ୍ୟରେ ଅବହେଳା କରି ନିଲମ୍ବିତ ହୋଇଥିବା ଶିକ୍ଷକମାନଙ୍କୁ କାର୍ଯ୍ୟରେ ପୁନଃ ସ୍ଥାପିତ କରାଯାଉ, ତୃତୀୟସ୍ତର ପଦୋନ୍ନତିରେ ପାତରଅନ୍ତର କରାଯାଇ ୧୯୯୪ ବ୍ୟାଚକୁ ପଦୋନ୍ନତି ନ କରି ୨୦୦୮ ବ୍ୟାଚକୁ ପଦୋନ୍ନତି କରାଯାଇଛି। ଏହାର ଉଚିତ ତଦନ୍ତ କରି ପାତରଅନ୍ତର କରି ପଦୋନ୍ନତି କରିଥିବା ସଂପୃକ୍ତ ଅଧିକାରୀ କିମ୍ବା କର୍ମଚାରୀ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଗୋଟିଏ ସ୍ଥାନରେ ୨୦ରୁ ୨୫ ବର୍ଷ ରହିଥିବା ଅଧିକାରୀ କିମ୍ବା କର୍ମଚାରୀଙ୍କୁ ବଦଳି କରିବା ଏହି ସବୁ ଦାବୀ ଏକ ସପ୍ତାହ ମଧ୍ୟରେ ପୂରଣ ନ ହେଲେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ଉପସଭାପତି କମଲେଶ ସିଂ ଠାକୁର, ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, ଗଣେଶ ମାଝି, ନରୋତମ ମାଝି, ମାହେଶ୍ୱରୀ ମାଝି, ରେଖା ମାଝି, ପ୍ରମୋଦ କୁମାର ସାହୁ, ଗୋମତି ଦଲ, ତରୁଣି ଦଲ, ସତ୍ୟବତି ଜାଲ, ଉଦିତ ଦଲ, ଝସକେତନ ଦଲ, ପ୍ରଣିତା ଦଲ, ବିଶ୍ୱଜିତ ଦଲ, ସୁରେନ୍ଦ୍ର ସିଂ ମାଝି, ଦେବୀ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ

ନୂଆପଡ଼ା/ ଖଡ଼ିଆଲ,୧୬।୧୧(ମକାରୁ ବେମାଲ/ ସୁଜିତ୍ କୁମାର ପ୍ରଧାନ)

ନୂଆପଡା ସଦର ମହକୁମାସ୍ଥିତ ଜଳଛାୟା ସମ୍ମିଳନି କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ ମୁଖ୍ୟଅତିଥି, ଜିଲା ସାମ୍ବାଦିକ ସଂଘ ସଭାପତି ସୁରେଶ ଆଚାରୀ, ନୂଆପଡା ଡିଷ୍ଟ୍ରିକ ୟୁନିୟନ ସଂଘ ସଭାପତି ସୁଶାନ୍ତ କର, ବରିଷ୍ଠ ଖବରଦାତା ଲୋକନାଥ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୋଟିଏ ଖବରକୁ ବିଭିନ୍ନ ରୂପ ଦେଇ ଖବର ପ୍ରକାଶିତ ହେଉଥିବାରୁ ଲୋକେ ଭ୍ରମିତ ହେଉଛନ୍ତି। ବିଭିନ୍ନ ରୂପ ନ ଦେଇ ତର୍ଜମା କରି ପ୍ରକାଶ ହେଲେ ଲୋକଙ୍କ ଦ୍ୱନ୍ଦ୍ୱରେ ରହିବ ନାହିଁ। ସେବା ମନବୃତି ନେଇ କାର୍ଯ୍ୟ କଲେ ପ୍ରଶଂସିତ ହେବା ସହ ଜ୍ଞାନକୌଶଳ ମଧ ବୃଦ୍ଧି ପାଇବ ବୋଲି ଅତିଥିମାନେ କହିଥିଲେ। ବରିଷ୍ଠ ସହାୟକ ବିଭୁଦତ ମିଶ୍ର ସଭା ପରିଚାଳନା କରିଥିବା ବେଳେ ପୁରୋହିତ ସୁନାନୀ ଧନ୍ୟବାଦ ଦେଇଥିଲେ। ସୀମାଞ୍ଚଳ ମହାପାତ୍ର, ଅଂଶୁମାନ ଅଗସ୍ତି, ଦୀପକ ମିଶ୍ର, ଆମୋଦ ଗୁରୁ, ରାଜ କିରଣ ସିଂଦେଓ, ମୃତ୍ୟୁଞ୍ଜୟ ପଣ୍ଡା, ବିରବଲ ପ୍ରଧାନ, ଦେବଦାସ ପାଢୀ, ଦେବାନନ୍ଦ ତାଣ୍ଡି, ରଞ୍ଜିତ ପଣ୍ଡା, ହରେରାମ କରୁଆ, ରମାକାନ୍ତ ବନଛୋର, ଉପେନ୍ଦ୍ର ମଟାରୀ, ରାହୁଲ ୟାଦବ, ସୁରେନ୍ଦ୍ର ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଖଡ଼ିଆଳସ୍ଥିତ ୨ ନମ୍ବର କଲ୍ୟାଣ ମଣ୍ଡପରେ ଜାତୀୟ ପ୍ରେସ ଦିବସ ବରିଷ୍ଠ ଖବରଦାତା କୁନୁ କରୁଆଁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି । ଜିଲା ପ୍ରେସ କ୍ଲବ ସଭାପତି ପରମେଶ୍ୱର ବାରିକ, ଜିଲା ଆଦର୍ଶ ସାମ୍ବାଦିକ ସଂଘ ସଭାପତି ମୋତିଲାଲ ବାଗ, ଜିଲା ସାମ୍ବାଦିକର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ସଗରିଆ, ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ନୂଆପଡା (ଜାନ)ର ବ୍ଲକ ଉପସଭାପତି ଯୁଗେଶର ସଗରିଆ, ଏନଡିୟୁଜେର ବ୍ଲକ ଉପସଭାପତି ଓମପ୍ରକାଶ ଚୌଧୁରୀ ମଞ୍ଚ ଆସୀନ ରହି ପ୍ରେସ ସ୍ୱାଧୀନତା ସହିତ ସାମ୍ବାଦିକ ମାନଙ୍କ ସମାଜ ପ୍ରତି କଣ କଣ କର୍ତ୍ତବ୍ୟ ରହିଛି ତା ଉପରେ ଆଲୋକପାତ କରିଥିଲେ। ରୁଦ୍ରରାଜ ବାଗ ମଞ୍ଚ ସ୍ୱାଗତ ସମ୍ଭାଷଣ ସହିତ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରେସ କ୍ଲବ ସମ୍ପାଦକ ତପନ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବହୁ ଖବରଦାତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଇପିଏଫ୍ ପେନ୍‌ସନଭୋଗୀଙ୍କ ସର୍ବନିମ୍ନ ପେନସନ ୯ ହଜାର କର



ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ବରିଷ୍ଠ ନାଗରିକ।

ନୂଆପଡ଼ା,୧୬।୧୧(ମକାରୁ ବେମାଲ)

ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ ନୂଆପଡା ଶାଖା ପକ୍ଷରୁ ଗୁରୁବାର ପେନସନ ବୃଦ୍ଧି ଦାବିରେ ଜିଲାପାଳ ହେମକାନ୍ତ ସାଏଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୮ଠାରୁ ସର୍ବନିମ୍ନ ପେନସନ ବୃଦ୍ଧି ପାଇଁ ଗଣତାନ୍ତ୍ରିକ ଉପାୟରେ କେନ୍ଦ୍ର ସରକାର ଓ ଭବିଷ୍ୟନିଧି ସଙ୍ଗଠନ ପାଖରେ ଦାବି କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ବିଭିନ୍ନ ବର୍ଗର ଅବସର ପ୍ରାପ୍ତ କର୍ମଚାରୀମାନେ ୨ରୁ ୪ ହଜାର ଟଙ୍କା ନାମକୁ ମାତ୍ର ପେନସନ ପାଇଁ ଘୋର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଆକାଶ ଛୁଆଁ ଦରଦାମ ବୃଦ୍ଧିର ଭରଣା ଲାଗି ପେନସନ ସହ ମହଙ୍ଗା ଭତ୍ତା ମିଳୁନାହିଁ। ଫଳରେ ବାର୍ଦ୍ଧକ୍ୟଜନିତ ରୋଗର ଚିକିତ୍ସା ଲାଗି ଔଷଧ ଖର୍ଚ୍ଚ ଅଭାବରୁ ଅନେକ ପେନସନ ଭୋଗୀ ଅକାଳରେ ମୃତ୍ୟୁବରଣ କରିବା ଦୁଃଖଦ ଖବର ଶୁଣିବାକୁ ମିଳୁଛି। ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ, ସମସ୍ତ ଇପିଏଫ ପେନସନ ଭୋଗୀମାନଙ୍କୁ ଚିକିତ୍ସା ଭତ୍ତା କିମ୍ବା ଆୟୁଷମାନ ଭାରତ ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ସୁବିଧା, ସମସ୍ତ ଇପିଏଫ ପେନସନ ଭୋଗୀ ବରିଷ୍ଠ ନାଗରିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ଦାବି କରିଛନ୍ତି। ଦାବିପତ୍ର ସମୟରେ ଜିଲା ସଭାପତି ପ୍ରସନ୍ନ କୁମାର ତେଣ୍ଡକରି, ଶୁଶିଲ କୁମାର ପଟେଲ, ଭାସ୍କର ମିଶ୍ର, ଶେଷଦେବ ସେନାପତି, ରାଜ କିଶୋର ତ୍ରିପାଠୀ, ଗେନ୍ଦରାମ ପାଣ୍ଡେ, ବଳରାମ ବାଗ, ପଦ୍ମନ ଶବର, ମିଥେଲଶ୍ୱର କରୁଆ, ନରସିଂ ରାଉତରାୟ, ତୁଳସି ରାମ ବିଶି, ଦେଓ ନାରାୟନ ସାହୁ, ଭୁଖଣ୍ଡ ଲାଲ ସାହୁ, ରାମେଶ ବିଶି, ଗୌତମ ନାଏକ, ମହାଦେବ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଡିସେମ୍ବର ୨୭ରୁ ମାଣ୍ଡିଆ କିଣା

**ନୂଆପଡ଼ା,୧୬।୧୧(ମକାରୁ ବେମାଲ):** ନୂଆପଡା ଜିଲାପାଳଙ୍କ ସଦଭାବନା ସଭାଗୃହରେ ଖରିଫ ୨୦୨୩-୨୪ ପାଇଁ ମାଣ୍ଡିଆ ମଣ୍ଡି ଖୋଲିବା ନେଇ ଜିଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ ମହାପାତ୍ର, ଜିଲା କୃଷି ଅଧିକାରୀ ସୁଧାଂଶୁ ଶେଖର ସାହୁ, ଟିଡିସିସିଆଇ ଆଞ୍ଚଳିକ ପରିଚାଳକ ରଞ୍ଜନ ପଣ୍ଡା, କୃଷକ ନେତା ଯଦୁମଣି ପାଣିଗ୍ରହୀ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ମାଣ୍ଡିଆ ଚାଷୀ, କପା ଚାଷୀ ଓ କୃଷି ବିଭାଗ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ଜିଲାରେ ୩ ହଜାର ୪୪୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଥିବା ବେଳେ ୨୭ ହଜାର କୁଇଣ୍ଟାଲ କିଣିବା ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଟିଡିସିସି ଜରିଆରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଦଳ, କୃଷକ ଉତ୍ପାଦକ ସଂଘ ମାନଙ୍କ ଦ୍ୱାରା ଜିଲାରେ ମାଣ୍ଡିଆ କ୍ରୟ କରାଯିବ। ଜିଲାରେ ମୋଟ ୨୬ଟି କେନ୍ଦ୍ର ମାଣ୍ଡିଆ କିଣା ଯିବା ନେଇ ଆଲୋଚନା ହୋଇଥିଲା।

## ଓୟୁଜେ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

କୋକସରା,୧୬।୧୧(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କୁସୁମଖୁଣ୍ଟି ଇନ୍ଦ୍ରାବତୀ ଡାକ ବଙ୍ଗଳାରେ ଗୁରୁବାର ଓଡିଶା ୟୁନିୟନ ସାମ୍ବାଦିକ ସଂଘ (ଓୟୁଜେ) ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଓୟୁଜେ ଜିଲା ସଭାପତି କମ୍ବୁପାଣି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଙ୍ଗଠାନିକ ସମ୍ପାଦକ ଅଂଶୁମାନ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ସନ୍ତୋଷ ସିଂଦେଓ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଭାଜପା ନେତା ଜନାର୍ଦ୍ଦନ ପଣ୍ଡା, ବିଜେଡି ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ରାଜ୍ୟ ଓମଫେଡ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ଜିଲା କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଙ୍ଗିତ କୁମାର ପଣ୍ଡା ଉପସ୍ଥିତ ରହିଥିଲେ। ସାମ୍ବାଦିକଙ୍କୁ ରାଜ୍ୟ ସରକାର ସାମାଜିକ ସୁରକ୍ଷା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅତିଥିମାନେ କହିଥିଲେ। ଯୁବ ସାମାଜିକ କର୍ମୀ ରାଜୀବ କୁମାର ଅଗ୍ରୱାଲ, ରାଜ୍ୟ ଓମଫେଡ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲାର ବିଭିନ୍ନ ଖବରଦାତାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। କୋକସରା ଓୟୁଜେ ସାମ୍ବାଦିକ ସଂଘ ଓ ଜିଲାର ୧୩ ବ୍ଲକରୁ ଖବରଦାତାମାନେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ

ଭବାନୀପାଟଣା,୧୬।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦଭାବନା ଗୃହରେ ଗୁରୁବାର ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'କୃତ୍ରିମ ମେଧା ଯୁଗରେ ମିଡ଼ିଆର ପୃଷ୍ଠଭୂମି' ଆଲୋଚ୍ୟ ବିଷୟ ବସ୍ତୁ ରହିଥିଲା। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ପୌରଧ୍ୟକ୍ଷା ସଂଯୁକ୍ତ ବେହେରା ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ଶାନ୍ତନୁ କୁମାର ବେହେରା ଯୋଗଦେଇଥିଲେ। ଜିଲାର ବିକାଶ ପାଇଁ ଖବରଦାତାମାନଙ୍କ ସହଯୋଗ, ଖବର ପରିବେଷଣ ଓ ନିରପେକ୍ଷତା ସାମ୍ବାଦିକତା ଉପରେ ଜିଲାପାଳ ଉଦବୋଧନ ଦେଇଥିଲେ। ଏହି ଉପଲକ୍ଷେ ହାଇସ୍କୁଲ ଓ କଲେଜସ୍ତରରେ ହୋଇଥିବା ବକ୍ତୃତା, ରଚନା ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ।

# ନିର୍ମାଣ ନ ସରୁଣୁ ରାସ୍ତାରୁ ଉଠିଲା ପିଚୁ

ବେହେରା,୧୬।୧୧(ଭୂପେଶ ତିୱାରୀ)

**କୋକସରା-ବେହେରା ରାସ୍ତା ନିର୍ମାଣରେ ଦୁର୍ନୀତି**

■ଫାଟିଲା କଂକ୍ରିଟ ରାସ୍ତା

କଳାହାଣ୍ଡି ଜିଲା କୋକସରାଠାରୁ ଡହଗାଁ ଦେଇ ଧର୍ମଗଡ଼ ବ୍ଲକ ବେହେରା ପର୍ଯ୍ୟନ୍ତ ହେଉଥିବା ପିଡବ୍ଲୁଡିରାସ୍ତା କାମ ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା କାମରେ ଦୁର୍ନୀତି ହୋଇଥିବା ଆଶଙ୍କା ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ କୋକସରାଠାରୁ ବେହେରା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ରାସ୍ତା ଓ କୋଠାବାଡ଼ି ମନ୍ତ୍ରଣାଳୟ ଆର୍ଥିକ ପାଣ୍ଠିରୁ ୧୪ କୋଟି ୫୮ଲକ୍ଷ ଅଟକଳ ମୂଲ୍ୟର କାମ ଚାଲୁଥିବା ବେଳେ ୧୪ ଦିନ ନ ପୁରୁଣୁ ପିଚୁ ଉଠିଯିବା ସହ କଂକ୍ରିଟ ରାସ୍ତା ଫାଟିଯିବା ପରେ ଲୋକମାନେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ କରିଛନ୍ତି। ଉକ୍ତ ରାସ୍ତା ଆରଏପିଏଫ ଇନ୍ଫ୍ରାଷ୍ଟ୍ରକ୍ଚର ମନୀଷ କୁମାର ଗୁପ୍ତା ନାମକ ଠିକା ସଂସ୍ଥା କାମ କରୁଥିବା ସୂଚନା ଫଳକରୁ ଜଣାପଡୁଛି। ମୂଷାପାଲି ଓ ବେହେରା ମଝିରେ ସ୍ଥାନେ ସ୍ଥାନେ ପିଚୁ ଦବି ରାସ୍ତାରେ ଫାଟ ସୃଷ୍ଟି ହୋଇଥିବା ବେଳେ ବାଙ୍କୀମୁଣ୍ଡା କଂକ୍ରିଟ ରାସ୍ତା ନିର୍ମାଣର କିଛି ଦିନ ଭିତରେ ଫାଟି ଯାଇଛି। କ୍ରଶର ଗୁଣ୍ଡ ଓ ବାଲି ମିଶାଇ ରାତି ସମୟରେ ତରବରିଆ ଭାବେ ନିମ୍ନମାନର କାମ ହୋଇଥିବା ବାଙ୍କୀମୁଣ୍ଡା ଗ୍ରାମବାସୀ ପ୍ରକାଶ କରିଛନ୍ତି। କଂକ୍ରିଟ ରାସ୍ତାର ଉପର ସ୍ତର ଅତିଦୁର୍ବଳ ହୋଇଥିବା ଯୋଗୁ ଯାନବାହନ ଚଳାଚଳରେ ପ୍ରବଳ ଧୂଳି ଉଡି ପରିବେଶ ପ୍ରଦୂଷିତ ହେଉଛି ଓ ଆଖପାଖ ଘର ଦ୍ୱାରରେ ଧୂଳିର ଆସ୍ତରଣ ଜମାଟ ବାନ୍ଧୁଛି। ଏ ନେଇ ପିଡବ୍ଲୁଡି ଏସଡିଓ ଭୁବନେଶ୍ୱର ଶବରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ କଲ ଗ୍ରହଣ କରି ନ ଥିଲେ। ଯନ୍ତ୍ରି ନବକିଶୋର ବେହେରାଙ୍କୁ ପଚାରିବାରୁ ଏହାକୁ ଆଉ ଥର ପେଚିଂ କରାଯିବ ବୋଲି କହିଥିଲେ। ଅପରପକ୍ଷେ ପ୍ରଶାସନ ରାସ୍ତା କାମ ତଦାରଖ କରି ଉଚିତ ମାନର କାମ ନ କଲେ ପିଡବ୍ଲୁଡି ଅଫିସ ଘେରାଉ କରାଯିବ ବୋଲି ଗ୍ରାମର ଗୋନ୍ତିଆ ଚିତ୍ତରଞ୍ଜନ ପୂଝାରୀ, ପ୍ରଶାନ୍ତ ତିୱାରୀ, ମନ୍ଦର ଭରତିଆ, ମାନସିଂହ ଭରତିଆ, ଧର୍ମେନ୍ଦ୍ର ସୋନି, ମୋହନ ତିୱାରୀ ତଥା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।




# ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଭବାନୀପାଟଣା,୧୬।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଗୁରୁବାର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗଦେଇ ଜିଲାର ସମସ୍ତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଚାଷୀଙ୍କୁ ଉପରେ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ବିଧାୟକଙ୍କ ପ୍ରତିନିଧି ମନୋଜ ସାହୁ, ବିସିସିବି ସଭାପତି ଗିରିଶ ଚନ୍ଦ୍ର ବେହେରା, କଟକ ପ୍ରାଣୀ ସମ୍ପଦ ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଡା. ଅନନ୍ତ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ହେମନ୍ତ କୁମାର ପ୍ରଧାନ ସ୍ୱାଗତ ଭାଷଣ ରଖିଥିଲେ। ଜିଲାରେ ଚାଲିଥିବା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ସମସ୍ତ ଯୋଜନା ଉପରେ ସେ ଅବଗତ କରାଇଥିଲେ। ସେହିପରି ଜିଲାପାଳ ତାଙ୍କର ଅଭିଭାଷଣରେ ସମନ୍ୱିତ ଚାଷ ମାଧ୍ୟମରେ କିପରି ଚାଷୀଙ୍କ ଆୟବୃଦ୍ଧି ହୋଇପାରିବ ତାହାକୁ ନେଇ ଚାଷୀଙ୍କୁ ଉତ୍ସାହିତ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ କୁମାରୀ ଦ୍ରୌପଦୀ ମାଝି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ଡା ଅଶୋକ ଚନ୍ଦ୍ର ପଣ୍ଡା, ଡା ପ୍ରଭାତ ପରିଡ଼ା, ଡା: ଦୀପକ ବେହେରା, ଡା କେଦାରନାଥ ଖମାରୀ, ଡା ସୌମ୍ୟରଞ୍ଜନ ଦାଶ, ପ୍ରଶାନ୍ତୀ ନାୟକ, ଚନ୍ଦ୍ରମଣି ଶବର, ପ୍ରଦୀପ କୁମାର ଘୋଷ ପ୍ରମୁଖ ସକ୍ରିୟ ଭୂମିକା ତୁଲାଇଥିଲେ। ମେଳାରେ ଜିଲାର ୧୩ଟି ବ୍ଲକରୁ ମୋଟ ୧୦୦୦ ମତ୍ସ୍ୟଚାଷୀ, କୁକୁଡା ଚାଷୀ, ଛେଳିମେଣ୍ଢା ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପଞ୍ଜୀକୃତ ହୋଇଥିଲେ। ସେହିପରି ମତ୍ସ୍ୟ ଓ ପ୍ରାଣୀସମ୍ପଦ ତଥା ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ ସହିତ ଜୀବନ୍ତ ପ୍ରାଣୀ ଗୋରୁଗାଇ, ସାଇୱାଲ ଗାଈ, ଶଙ୍କର ଜର୍ସି, ହୋଲଷ୍ଟିନ ଗାଈ, ହଁସ, ରାଜହଂସ, ଟର୍ପୀ, ଆସିନ କୁକୁଡା, ବାୟୋଫ୍ଲକ ମାଧମରେ ମାଛ ଚାଷ, ପଞ୍ଜୁରୀ ଭିତରେ ମାଛ ଚାଷ, ରଙ୍ଗୀନ ମାଛର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଅଗ୍ରଣୀ ମତ୍ସ୍ୟଚାଷୀ ହିସାବରେ ଲାଞ୍ଜିଗଡ଼ ବ୍ଲକର କାମଦେବ ପୁଟେଲ, ମାଛଚାଷରେ ସଫଳତା ପାଇଁ କଲମପୁର ବ୍ଲକର ମା' ସଙ୍କଟ ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ, ଅଗ୍ରଣୀ ଛେଳି ଓ ମେଣ୍ଢାପାଳକ ହିସାବରେ ଜୁନାଗଡ଼ ବ୍ଲକ ଟଙ୍କଧର ଯାନୀ ଓ ଅଗ୍ରଣୀ ଅଣ୍ଡାଦିଆ କୁକୁଡା ଚାଷୀ ହିସାବରେ ସରୋଜିନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା।


ଜିଲାପାଳ ଜଣେ ମହିଳା ଚାଷୀଙ୍କୁ ପୁରସ୍କୃତ କରୁଛନ୍ତି।

**ଅଗ୍ରଣୀ ଚାଷୀଙ୍କୁ ପୁରସ୍କୃତ**

## ବାଲି ବ୍ୟବସାୟୀଙ୍କ ଘରେ ଆୟକର ବିଭାଗର ଚଢ଼ାଉ

ବୌଦ୍ଧ,(ଅଜିତ କୁମାର ବାରିକ): ବୌଦ୍ଧ ସହର ରାଜନପାଲିର ଜଣେ ବାଲି ବ୍ୟବସାୟୀଙ୍କ ଘରେ ଆୟକର ବିଭାଗର ଏକ ଟିମ୍ ଗୁରୁବାର ଚଢ଼ାଉ କରିଛନ୍ତି। ଭୁବନେଶ୍ୱରରୁ ଆସିଥିବା ୫ରୁ ଅଧିକ ଆୟକର ଅଧିକାରୀ ଓ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଦୀର୍ଘ ସମୟ ଧରି ଚଢ଼ାଉ ଚାଲିଥିବା ବେଳେ ଘର ବାହାରେ ଓ ଭିତରେ ପୋଲିସ ମୁତୟନ ଥିଲେ । ଏହାଛଡା ସମ୍ପୃକ୍ତ ବ୍ୟବସାୟୀଙ୍କ ଅଫିସ ଓ ବିଜାପଦରସ୍ଥିତ କ୍ରସରରେ ଚଢ଼ାଉ କରିଥିବା ଜଣାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ କୌଣସି ତଥ୍ୟ ମିଳି ପାରିନାହିଁ ।

## ସଂକ୍ଷେପରେ

### ୬ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ



ବାଉଁଶୁଣୀ,୧୬।୧୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବାଉଁଶୁଣୀ ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ବୁଧବାର ଦୁମ୍ଦୁମା ଜଙ୍ଗଲ ନିକଟରେ ଚଢ଼ାଉ କରି ବେଆଇନ ଭାବରେ ଚାଷ ହୋଇଥିବା ବହୁ ସଂଖ୍ୟାରେ ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଥିବା ଜଣାଯାଇଛି। ୬ ଏକର ଜମିରେ ବେଆଇନ ଭାବରେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥିବା ବାଉଁଶୁଣୀ ଥାନା ଅଧିକାରୀ ବିଶ୍ୱାଳ କହିଛନ୍ତି। ନଷ୍ଟ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ବୌଦ୍ଧ ଜିଲା ଏବେ ଗଞ୍ଜେଇର ଭୁସ୍ୱର୍ଗ ପାଲଟିଛି। ଯେମିତି ଚାଷ ହେଉଛି ସେମିତି ଗଞ୍ଜେଇ ଚୋରାଚାଲାଣ ହେଉଛି । ଆଗକୁ ଏଭଳି ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

### ଗୋଟିଏ ରାତିରେ ଦୁଇଟି ମନ୍ଦିରରୁ ଚୋରି

ବୌଦ୍ଧ,୧୬।୧୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଦୁଇଟି ମନ୍ଦିରରୁ ଗତ ବୁଧବାର ରାତିରେ ଚୋରି ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଦୁର୍ବୃତ୍ତମାନେ ବ୍ଲକର ହରେକୃଷ୍ଣପୁରଠାରେ ଥିବା ହରିହର ମନ୍ଦିରରୁ ସୁନା,ରୁପା, ପିତ୍ତଳ ପ୍ରତିମା, ଥାଳି, ଦାନ ଟଙ୍କା , ଘଣ୍ଟ, ନାଗ ପ୍ରତିମା ଆଦି ଚୋରି କରି ନେଇଛନ୍ତି । ସେହିପରି ବୃନ୍ଦାବନପୁର ଗ୍ରାମରେ ଥିବା ଦୁର୍ଗା ମନ୍ଦିରରୁ ମା'ଙ୍କ ପ୍ରତିମା, ଘଣ୍ଟ, ମାଇକ୍ ସେଟ ଆଦି ଚୋରି କରି ନେଇଛନ୍ତି। ସକାଳୁ ଦୁଇ ମନ୍ଦିରର ପୂଜକମାନେ ଆସି ମନ୍ଦିରରୁ ଚୋରି ହୋଇଥିବା ଦେଖି ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ । ଖବରପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ବୌଦ୍ଧ ଜିଲା ଗସ୍ତ

ବୌଦ୍ଧ,୧୬।୧୧(ଅଜିତ କୁମାର ବାରିକ)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ଗୁରୁବାର ଦିନିକିଆ ବୌଦ୍ଧ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ସେ ହରଭଙ୍ଗା ବ୍ଲକର ଚାରିଛକଠାରେ ୫ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶିତଳୀକରଣ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଚାଷୀଙ୍କ ଆୟକୁ ବୃଦ୍ଧି କରିବା ପାଇଁ ଏହି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିବା ବେଳେ ଚଳିତବର୍ଷ ଶେଷ ସୁଦ୍ଧା ୧୫ ହଜାର ଲିଟର ଦୁଗଧ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା କହିଥିଲେ । ଏଥିଯୋଗୁ ୧୦ ହଜାର ଦୁଗ୍ଧ ଚାଷୀ ପରିବାର ଉପକୃତ ହୋଇପାରିବେ। ଏହି ଅବସରରେ ଅଧ୍ୟକ୍ଷ ତ୍ରିପାଠୀ ୩୦୦ ଜଣ ଗୋପାଳଙ୍କୁ ଗାଇ ଗୁହାଳ ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିବା ସହ ମିଲକ୍ କେନ ବିତରଣ କରିଥିଲେ । ପରିଷଦ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୧ କୋଟି ୩୫ ଲକ୍ଷ ୩୨ ହଜାର ୬୭୦ ଟଙ୍କା ମଞ୍ଜୁର କରାଯାଇଥିଲା। ଉକ୍ତ ଅନୁଦାନରେ ବିଏମସି ଗୃହର ମରାମତି କରିବା ସହ ଦୁଗଧ ଶୀତଳକରଣୀ ବ୍ୟବସ୍ଥା କରାଯାଇଛି । ପରେ ମନମୁଣ୍ଡା ଆରଏମସି ପରିସରରେ ବୁଣାକାର ସଚେତନତା ଶିବିରରେ ବୁଣାକାରମାନଙ୍କୁ ସାକ୍ଷାତ କରିଥିଲେ । ଏହାସହ ରାଜ୍ୟ ସରକାରଙ୍କ ବୟନ ଜ୍ୟୋତି ଯୋଜନାରେ ବୟନଶିଳ୍ପ ହିତାଧିକାରୀଙ୍କୁ କର୍ମଶାଳା ଓ ବାସଗୃହ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ତ୍ରିପାଠୀ କହିଥିଲେ ନୂତନ ଜ୍ଞାନକୌଶଳ ମାଧ୍ୟମରେ ବଜାର ଚାହିଦା ମୁତାବକ ବସ୍ତ୍ର ଉତ୍ପାଦନ ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି। ଏହାସହ ବୀରନରସିଂହପୁରସ୍ଥିତ ଅଗ୍ନି ଚୁଟିଜିମ ଇକୋ ପାର୍କ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ନୃସିଂହ ଚରଣ ସାହୁ, ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ଅଜିତ କୁମାର ମିଶ୍ର, ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟ ସୁବୋଧ ପ୍ରଧାନ, ଜିଲା ପରିଷଦର କାର୍ଯ୍ୟନିର୍ବାହୀ ରବି ନାରାୟଣ ତ୍ରିପାଠୀ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ପାତାଳୀ ଶ୍ରୀକ୍ଷେତ୍ରରେ ଆଧାତ୍ମିକ ଚିତ୍ରକଳା

ସୋନପୁର,୧୬।୧୧(ମୃତ୍ୟୁଞ୍ଜୟ ଶତପଥୀ)



ଶିବିରରେ ଯୋଗ ଦେଇଥିବା ଚିତ୍ରଶିଳ୍ପୀ ବୃନ୍ଦ ।

ସୁବର୍ଣ୍ଣପୁରର ପାତାଳୀ ଶ୍ରୀକ୍ଷେତ୍ରଠାରେ ଚାଲିଥିବା ଦୁଇଦିନିଆ ଆଧାତ୍ମିକ ଚିତ୍ରକଳା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୧୪ ତାରିଖ ପୂର୍ବାହ୍ଣରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଏହି ଶିବିର ଶୁଭାରମ୍ଭ ହୋଇଥିଲା। ଉଦ୍‌ଘାଟନୀ ସଭାରେ ଉଲୁଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ କରିସ୍ମା ବେଶ୍ରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପୀ ଶିବିରର ଅଧ୍ୟକ୍ଷ ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥୀ, ବିଷୟ ବିଶେଷଜ୍ଞ ଅସିତ ମହାନ୍ତି, ସଂଯୋଜକ ତଥା ଚିତ୍ରଶିଳ୍ପୀ ପ୍ରଦୋଷ ସ୍ୱାଇଁ, ପାତାଳୀ ଶ୍ରୀକ୍ଷେତ୍ର ଟ୍ରଷ୍ଟର ସାଧାରଣ ସଂପାଦକ ଉତ୍ତର କୁମାର ପାତ୍ର ଉପସ୍ଥିତ ଥିଲେ। ଟ୍ରଷ୍ଟର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସଭା ସଂଯୋଜନା କରିଥିଲେ।

ପାତାଳି ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ଇତିହାସର ଏକ ଛିନ୍ନ ପୃଷ୍ଠା। ମାଦଳା ପାଞ୍ଜି ଅନୁସାରେ ରକ୍ତବାହୁର ଆକ୍ରମଣ ସମୟରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକ୍ଷେତ୍ରରୁ ଏଠାକୁ ସ୍ଥାନାନ୍ତରିତ କରାଯାଇଥିଲା ଓ ଠାକୁର ପାତାଳି ହୋଇ ରହିଥିଲେ। ସେହି ଇତିହାସ ଆଧାରରେ ଏହି ସ୍ଥାନ ଏବେ ଏକ ଲୀଳାକ୍ଷେତ୍ର ରୂପେ ବିକଶିତ ହୋଇଛି ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଇତିହାସର ସେହି ଛିନ୍ନ ପୃଷ୍ଠାକୁ ପୁନର୍ଜୀବିତ କରିବା

### ଇତିହାସର ଛିନ୍ନ ପୃଷ୍ଠାକୁ ପୁନର୍ଜୀବିତ କରିବା ଲକ୍ଷ୍ୟ

ପାଇଁ ଏଠାରେ ଏହି ଆଧାତ୍ମିକ ଚିତ୍ରକଳା ଶିବିର ଆୟୋଜିତ ହୋଇଥିବା ଶିଳ୍ପୀ ଶିବିରର ଅଧ୍ୟକ୍ଷ ମହାରଥୀ ସୂଚନା ଦେଇଥିଲେ। ବିଷୟ ବିଶେଷଜ୍ଞ ମହାନ୍ତି ଏକ ପ୍ରସିଦ୍ଧ ବିଷ୍ଣୁକ୍ଷେତ୍ର ଭାବରେ ସୁବର୍ଣ୍ଣପୁର କିପରି ଶ୍ରୀଜଗନ୍ନାଥଙ୍କ ସହିତ ଐତିହାସିକ କାଳରୁ ସଂପୃକ୍ତ ସେ ସଂପର୍କରେ ଆଲୋକପାତ କରିଥିଲେ। ଏହି ଶିବିର କଳା-ସଂସ୍କୃତି ଅନୁଷ୍ଠାନ 'ଉତ୍କୃଷ୍ଟ', ଶକୁନ୍ତଳା ଆର୍ଟ ଗ୍ୟାଲେରୀ, ଚନ୍ଦ୍ରମା ଆର୍ଟ ଫାଉଣ୍ଡେଶନ ଓ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିବିର ଆୟୋଜନରେ ସକ୍ରିୟ ସହଯୋଗ ପାଇଁ ସୁବାସ ପୂଜାହାରୀ, ଶ୍ୟାମସୁନ୍ଦର ମେହେର ଓ ସରୋଜ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଶିବିରରେ ବଳଦେବ ମହାରଥୀ, ପ୍ରଦୀପ ପାଣ୍ଡେ, ନିବେଦିତା ପଟ୍ଟନାୟକ, ଅରୁଣ କୁମାର ଜେନା, ମମତା ସାମନ୍ତରାୟ, ଲିପିଶ୍ରୀ ନାୟକ, ପ୍ରିୟଦର୍ଶିନୀ ମହାନ୍ତି, ଜ୍ୟୋର୍ତିମୟ ପଟ୍ଟନାୟକ, ନମିତା ସାହୁ, ସୁବାସ ଚନ୍ଦ୍ର ପୂଜାହାରୀ, ଜନାର୍ଦ୍ଦନ ପରମଗୁରୁ, ସ୍ଥିତଧୀ ରଥ, ରାଜେଶ ନାୟକ, ସନ୍ତୋଷ କୁମାର ମହାରଣା, ସରୋଜ କୁମାର ମହାପାତ୍ର, ଅଶୋକ କୁମାର ବେହେରା, ରାଜକିଶୋର ମହାରଣା, ଶ୍ୟାମସୁନ୍ଦର ମେହେର, ବିଭୂତି ଦାଶ ଓ ରୋଜି ପାଣ୍ଡେ ପ୍ରମୁଖ ଚିତ୍ରଶିଳ୍ପୀ ଯୋଗ ଦେଇଥିଲେ। ଶିବିରର ଉଦ୍‌ଯାପନୀ ଉତ୍ସବରେ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକର ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସଭାରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ବୀରମହାରାଜପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଅତିଥି ଭାବେ ଯୋଗଦେଇ ଏପରି କାର୍ଯ୍ୟକ୍ରମ ପାଇଁ ଆୟୋଜକ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଓ ଶିଳ୍ପୀମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗୋ ସମ୍ପଦର ଅଭିବୃଦ୍ଧି ଜରୁରୀ

ସୋନପୁର,୧୬।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ୭୨ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଜିଲାପାଳ ଗୋ ପୂଜନ କରି ଗୋ ସମ୍ବର୍ଦ୍ଧନା ସପ୍ତାହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଜିଲାପାଳ ରାୟ କହିଥିଲେ ଏକ ସୁସ୍ଥ ସମାଜ ପାଇଁ ଗୋ ସମ୍ପଦର ଦାନ ଅତୁଳନୀୟ। ତେଣୁ ଜିଲାରେ ଗୋ ସମ୍ପଦର ଅଭିବୃଦ୍ଧି ସହ ଗୋପାଳକଙ୍କ ଉନ୍ନତି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରତ୍ନାକର ରାଉତ ସଭାରେ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣପୁର ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ୱିତା ନାୟକ, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଗୋସମ୍ପଦର ଅଭିବୃଦ୍ଧି ଓ ଗୋପାଳକଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଜିଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. ସୁନିଲ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ମମତା ପଣ୍ଡା ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଏକ ଗୋ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ସେହିପରି ଆୟୋଜିତ ଗୋ-ବସ୍ସା ପ୍ରଦର୍ଶନୀରେ ଭାଗ ନେଇଥିବା ଗୋ ଓ ବସ୍ସାମାନଙ୍କୁ ଚୟନ କମିଟି ଦ୍ୱାରା ଚୟନ କରାଯାଇ ପୁରସ୍କାର ପ୍ରଦାନ କରା ଯାଇଥିଲା । ଗୋ ପ୍ରଦର୍ଶନୀରେ ସୋନପୁରର ସତ୍ୟବ୍ରତ ପୂଜାରୀ ପ୍ରଥମ, ଅମୂଲ୍ୟ ମଲ୍ଲିକ ଦ୍ୱିତୀୟ ଓ କ୍ଷୀରସିନ୍ଧୁ ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବସ୍ସା ପ୍ରଦର୍ଶନୀରେ ପଟାଭାଡି କୁଲପଡାର ଗଣେଷ ମୁଣ୍ଡା ପ୍ରଥମ, ସୋନପୁରର ପୀତାମ୍ବର ମହଲା ଦ୍ୱିତୀୟ ଓ ସତ୍ୟବ୍ରତ ପୂଜାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲାପାଳ ସେମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଡାକ୍ତର ସୁବ୍ରତ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଗୋ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଅଂଶଗ୍ରହଣ କରିଥିଲେ।



ଗୋ ପୂଜନ ପରେ ଜିଲାପାଳ ଏକ ଗାଈକୁ ଖାଦ୍ୟ ଖୁଆଉଛନ୍ତି।

# ସଫଳତା ପାଇଁ ଅଭ୍ୟାସ, ଏକାଗ୍ରତା ଜରୁରୀ



ବାର୍ଷିକ ଉତ୍ସବରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ଅମରପାଲି,୧୬।୧୧(ପୀତାମ୍ବର ସାହୁ)

ଛାତ୍ରୀଛାତ୍ର ଦେଶର ଭବିଷ୍ୟତ ନାଗରିକ। ତେଣୁ ପିଲାଙ୍କ ଭବିଷ୍ୟତ ଗଠନ ଜରୁରୀ। ଜଣେ ଛାତ୍ର ସଫଳତା ପାଇବା ଓ ଉତ୍ତମ ନାଗରିକ ହେବା ପାଇଁ ଅଭ୍ୟାସ, ଅଧ୍ୟବସାୟ ଓ ଏକାଗ୍ରତା ନିହାତି ଜରୁରୀ। କଠିନ ପରିଶ୍ରମ କରି ସଫଳତା ହାସଲ କରିବା ଅପରିହାର୍ଯ୍ୟ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ବିଶାଳପାଲି ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ସତ୍ୟନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବୀରମହାରାଜପୁର ଗୋଷ୍ଠୀ

### ବିଶାଳପାଲି ୟୁପି ସ୍କୁଲରେ ବାର୍ଷିକ ଉତ୍ସବ

ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । ବହଳପଦର ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ପୂର୍ବତନ ସିଆରସିସି ପ୍ରଦୀପ ଜଗଦଲା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷକ ରାଧାକାନ୍ତ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ମଧୁସୂଦନ ମେହେର ସଭା ସଂଯୋଜନା ଓ ଶିକ୍ଷୟିତ୍ରୀ ମମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ହସ୍ତକଳା, ରଙ୍ଗୋଲି, ବକ୍ତୃତା, କୁଇଜ ଓ ସୁନ୍ଦର ହସ୍ତାକ୍ଷର ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ରୂପାଲି ପ୍ରଧାନଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଇୟର, ଗୀତା କଲତାଙ୍କୁ ସ୍କୁଲର ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀ, ସନନ୍ଦ କଲତାଙ୍କୁ ସାଂସ୍କୃତିକ ଶ୍ରେଷ୍ଠ ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅମରପାଲି ସରକାରୀ ୟୁପି ସ୍କୁଲ ପ୍ରଧାନଶିକ୍ଷକ ଦୁଃଖୀଶ୍ୟାମ ଭୋଇ, ଗୌଡ଼ଗାଡ ୟୁପି ସ୍କୁଲ ପ୍ରଧାନଶିକ୍ଷକ ରାମ ନାରାୟଣ ହୋତା ଯୋଗ ଦେଇଥିଲେ। ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଭୁଲିଆ ସମାଜ ଆଞ୍ଚଳିକ କମିଟି ଗଠିତ

### ଶତ୍ରୁଘ୍ନ ସଭାପତି, ଗୁରୁ ସାଧାରଣ ସମ୍ପାଦକ

ଅମରପାଲି,୧୬।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମଳପୁର ଭଗବତ ମନ୍ଦିର ପରିସରରେ ଭୁଲିଆ(ମେହେର)ସମାଜର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଶତ୍ରୁଘ୍ନ ମେହେର ସଭାପତିତ୍ୱ କରିଥିଲେ। ସୁବର୍ଣ୍ଣପୁରର ପୂର୍ବତନ ଜିଲା ସଭାପତି ସୌମିତ୍ରୀ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ଶିକ୍ଷିତ ଯୁବତୀ ଯୁବକଙ୍କୁ ନିଜର କୌଳିକ ବୃତ୍ତି ଆପଣାଇ ନେଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମାଜର ଏକ ଆଞ୍ଚଳିକ କମିଟି ସର୍ବସମ୍ମତି କ୍ରମେ ଗଠିତ ହୋଇଥିଲା। ଆଞ୍ଚଳିକ କମିଟିର ସଭାପତି ଭାବେ ଶତ୍ରୁଘ୍ନ ମେହେରଙ୍କୁ ମନୋନୀତ କରାଯାଇଥିଲା। ଲଳିତ ମେହେରଙ୍କୁ କାର୍ଯ୍ୟକାରୀ ସଭାପତି, ବିଦେଶୀ ମେହେର ଓ ଶିଶିର ମେହେରଙ୍କୁ ଉପସଭାପତି, ଗୁରୁ ମେହେରଙ୍କୁ ସାଧାରଣ ସମ୍ପାଦକ, ଉପେନ୍ଦ୍ର ମେହେର ଓ ଦୂତିଆ ମେହେରଙ୍କୁ ସହ ସମ୍ପାଦକ ଏବଂ ଘାସିରାମ ମେହେର ଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା । ସେହିପରି କାଳିଆ ମେହେର, ମହାଦେବ ମେହେର, ଶଙ୍କର ମେହେର ,ଦୂତିଆ ମେହେର, ଗୁଲେଖି ମେହେର ଙ୍କୁ ପରାମର୍ଶଦାତା ଭାବେ ଚୟନ କରାଯାଇଥିଲା। ଏହି ଅବସରରେରେ ବହୁସଂଖ୍ୟକ ମେହେର(ଭୁଲିଆ) ସମାଜର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଶେଷରେ ଭୁଲିଆ ସମାଜର ଶମ୍ଭୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# କାଳୀପୂଜା ଉପଲକ୍ଷେ ରକ୍ତଦାନ ଶିବିର

ସୋନପୁର,୧୬।୧୧(ମୃତ୍ୟୁଞ୍ଜୟ ଶତପଥୀ)

### ୫୮ ୟୁନିଟ୍ ରକ୍ତ ସଂଗ୍ରହ

ସୁବର୍ଣ୍ଣପୁର ସହର ମଝିପଡାର ରାମଧୂନ କ୍ଲବ ପକ୍ଷରୁ ୫୫ତମ ସାର୍ବଜନୀନ କାଳୀପୂଜା ଏବଂ ଶହୀଦ ପ୍ରତାପ ନାଏକ, ସଚିନ ସାହୁଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ନାମମଣ୍ଡପ ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀ, ସାମାଜିକ କର୍ମୀ ଶ୍ରୀବସ୍ତ ମଲ୍ଲିକ, ଆର୍ତ୍ତତ୍ରାଣ ବାବୁ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, କିଶାନଲାଲ ଅଗ୍ରୱାଲ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ଜିଲା ଯୋଜନା ବୋର୍ଡ ସଦସ୍ୟ ପୀୟୁଷ ପଣ୍ଡା, କାଉନସିଲର ଗଙ୍ଗାଧର ରାଉତ, ଜନ୍ମେଜୟ ପାତ୍ର, ଜିତେନ୍ଦ୍ର ସାହୁ, ସତ୍ୟ ନାରାୟଣ ଦରୱାନ, ସତ୍ୟନାରାୟଣ ରାଓ ଯୋଗଦାନ କରି ରକ୍ତଦାତା ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ମୋଟ ୫୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ସୁବର୍ଣ୍ଣପୁର ଜିଲା ରକ୍ତଦାତା ସେବା ସଂଘର ସଭାପତି ମନୋଜ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ରକ୍ତଦାତା ଓ ସର୍ବାଧିକ ଥର ରକ୍ତଦାନ କରିଥିବା କେତେଜଣ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଜିଲା ରକ୍ତଭଣ୍ଡାରର ଡା. ସରୋଜ ପଟେଲ, ଟେକ୍ନିସିଆନ ଜଗତ ନାରାୟଣ ଦରୱାନ, ଟୁଟୁ ଭୋଇ ଓ ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ। ମନୋରଞ୍ଜନ ତ୍ରିପାଠୀ, ବିକାଶ ପଣ୍ଡା, ଲଡୁକିଶୋର ମଲ୍ଲିକ, ଶେଷଦେବ ମେହେର, ସନ୍ତୋଷ ପାଢୀ, ଗୁରୁ ଦଳେଇ, ସଦାନନ୍ଦ ସାହୁ, ବାବୁନୁ ନାଏକ ଓ ଦିଲ୍ଲିପ ସାହୁଙ୍କ ସମେତ ରାମଧୂନ କ୍ଲବ ଓ ପୂଜା କମିଟିର ସମସ୍ତ ସଦସ୍ୟ ଶିବିର ଆୟୋଜନରେ ସହଯୋଗ କରିଥିଲେ।



ଶିବିରରେ ଜଣେ ମହିଳା ରକ୍ତଦାନ କରୁଛନ୍ତି।

# ୭ କ୍ଲଷ୍ଟରର ୩୫୮ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

ଡୁଙ୍ଗୁରିପାଲି,୧୬।୧୧(ଦୀନବନ୍ଧୁ ସୁନା)

### ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶୁଖା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡୁଙ୍ଗୁରିପାଲି ବ୍ଲକର ଇଚ୍ଛାପୁର, ଶୁଖା, ସର୍ଗୁଲ, ଚେରୁପାଲି, ଡୁଙ୍ଗୁରିପାଲି, ଚିନାପୁରି ଓ ସହଲା ଆଦି ୭ଟି କ୍ଲଷ୍ଟରର ୩୫୮ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୧୮୨ ଛାତ୍ରୀଛାତ୍ରଙ୍କୁ ଚଷମା ପ୍ରଦାନ ପାଇଁ ମନୋନୀତ କରାଯାଇଥିଲା। ୧୨ଜଣ ଛାତ୍ରୀଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଉତ୍ତମ ଚିକିତ୍ସା ପାଇଁ ଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଶୁଖା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟକୃଷ୍ଣ ପଧାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ମହାନଦୀ ନେତ୍ର ଚିକିତ୍ସାଳୟ ବୀରମହାରାଜପୁରର ଡାକ୍ତରମାନେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ସାହୁ, ସୀତାରାମ ପଧାନ, ଅନ୍ତର୍ନିବେଶୀ ସ୍ୱେଚ୍ଛାସେବୀ ଲୋଚନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ଶୁଖାର ସମସ୍ତ ଶିକ୍ଷକ, କର୍ମଚାରୀ, ସୁରେଶ କୁମାର ନାୟକ, ସୁଧାଂଶୁ ସାହୁ, ଥବୀର ଦୋରା, ଚିତ୍ତରଞ୍ଜନ ଠାକୁର ଓ ଦିଲୀପ କୁମାର ପଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଚକ୍ଷୁ ପରୀକ୍ଷା କରାଯାଉଛି।

# ବିନିକା ସିଦ୍ଧାର୍ଥ କଲେଜରେ କବାଡ଼ି ପ୍ରତିଯୋଗିତା

ବିନିକା,୧୬।୧୧(ରାମ ଗୋପାଳ ବାଘ)



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡ଼ିଗ୍ରୀ କଲେଜ ଗରୁଡ଼ କ୍ୟାମ୍ପସଠାରେ ବୁଧବାର ପ୍ରଥମ କରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱ ବିଦ୍ୟାଳୟ ଅଧୀନ ୨୭ଟି କଲେଜର ଶିକ୍ଷାର୍ଥୀ ଭାଗ ନେଇଥିଲେ। ସେଥିରୁ ପୁରୁଷ ବିଭାଗରେ ୧୫ ଓ ମହିଳା ବିଭାଗରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ମହିଳା ବର୍ଗ ଫାଇନାଲ ମ୍ୟାଚରେ ବଲାଙ୍ଗୀର ମହିଳା କଲେଜକୁ ହରାଇ ଟିଟିଲାଗଡ ସ୍ୱୟଂଶାସିତ ଡିଏଭି କଲେଜ ବିଜୟୀ ହୋଇଥିଲା । ସେହିପରି ରାତି ହୋଇଯିବାରୁ ପୁରୁଷ ବର୍ଗ ଫାଇନାଲ ମ୍ୟାଚ ଟସ୍ ମାଧ୍ୟମରେ ହାରଜିତ ନିର୍ଣ୍ଣୟ କରାଯାଇଥିଲା। ଏଥିରେ ବିଲେଇସର୍ଡା ରାଧେଶ୍ୟାମ ଆଞ୍ଚଳିକ କଲେଜକୁ ହରାଇ ରାମପୁର ଶ୍ରୀରାମ କଲେଜ ବିଜୟୀ ହୋଇଥିଲା। ସିଦ୍ଧାର୍ଥ ଜୁନିୟର କଲେଜ ଖେଳଶିକ୍ଷକ ନାରାୟଣ ଚୌଧୁରୀଙ୍କ ନେତୃତ୍ୱରେ

### ୨୭ ଦଳ ଭାଗ ନେଲେ

ପ୍ରତିଯୋଗିତାର ସମସ୍ତ ଖେଳକୁ ଖେଳ ଶିକ୍ଷକ ନରସିଂହ ସେଠୀ, ସୁକାନ୍ତ ବାଘ, ସଞ୍ଜୟ ସାହୁ, ଶାନ୍ତନୁ ସାହୁ, ଯୋଶବନ୍ତ ପୁଟେଲ, ସଞ୍ଜୟ କୁମାର ସାହୁ, ମନୋଜ ପାତ୍ର, ରାକେଶ୍ୱରୀ ନାୟକ ପରିଚାଳନା କରିଥିଲେ। ଆୟୋଜକ ତଥା ବିନିକା ସିଦ୍ଧାର୍ଥ ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ସ୍ପୋର୍ଟସ କାଉନସିଲ ସମ୍ପାଦକ ଡ. ବିଶ୍ୱଜିତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ବର୍ଗର ବିଜୟୀ/ରନସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ବିନିକା ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର, ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାର ସଫଳ ଆୟୋଜନ ନେଇ ସମସ୍ତ ବିଭାଗରେ କଲେଜ କର୍ମଚାରୀ ସମେତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରେ ଯାଞ୍ଚ ଅଭିଯାନ ଆରମ୍ଭ

**ରାଉରକେଲା, ୧୬।୧୧(ସଙ୍ଗୀତା ଜେନା):** ଟ୍ରେନ ଦୁର୍ଘଟଣାର ମୁଖ୍ୟ କାରଣ ଅନୁସନ୍ଧାନ କରିବା, ଅଗ୍ନିସୁରକ୍ଷା ଯାଞ୍ଚ, ସନ୍ଦିଗ୍ଧ ମାନଙ୍କ ଉପରେ ଦୃଷ୍ଟି ରଖିବା ପାଇଁ ଗୁରୁବାରଠାରୁ ଚକ୍ରଧରପୁର ରେଳ ଅନୁମଣ୍ଡଳ ରାଉରକେଲା ଷ୍ଟେଶନରେ ରେଲୱେ ସୁରକ୍ଷାବଳ ପକ୍ଷରୁ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସକାଳେ ପାଟନା ଦାନାପୁର ସାଉଥ୍ ବିହାର ଏକ୍ସପ୍ରେସ, ପୁରୀ ହାଟିଆ ତପସ୍ୱିନୀ ଏକ୍ସପ୍ରେସ, ପୁରୀ ହରିଦ୍ୱାର ଉତ୍କଳ ଏକ୍ସପ୍ରେସରେ କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ଆର୍‌ପିଏଫ୍ ଅଧିକାରୀ ଓ ଟିମ୍ ଏହି ଯାଞ୍ଚ କରିଥିଲେ।

### କିଞ୍ଜିରିକେଲାରେ ଗିରି ଗୋବର୍ଦ୍ଧନ ପୂଜା

**ବାଲିଶଙ୍କରା, ୧୬।୧୧(ହୃଦାନନ୍ଦ ବାରିକ)** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କିଞ୍ଜିରିକେଲାଠାରେ ଝରିଆ ଗୌଡ଼ ସମାଜ ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ସହଦେ ରାଏ ଓ ତାଙ୍କ ସହଧର୍ମିଣୀ ସୁନିତା ରାଏ ତୁଲାଇଥିଲେ। ସୁରେଶ ବାଗ, ଗଜେନ୍ଦ୍ର ଭୈସାଲ, ଦିନ ଷଣ୍ଢ, ରାମେଶ୍ୱର ଖଣ୍ଡା, ବାଲେଶ୍ୱର ଖଣ୍ଡା, ଲାଲୁ ଲରିଆ, ଅପିନ୍ଦ୍ର ଛଛାନ, କୃଷ୍ଣଚନ୍ଦ୍ର ଚିତା, ନିଧିବଂଧ ପେରୁଆ, ହୃଦାନନ୍ଦ କଉଡ଼ି, ରଘୁ ଚିତା, ରବି ରକ୍ସା, କୁଞ୍ଜ ଭୈସା, ଗୋବର୍ଦ୍ଧନ ରାଉତ, ମିତ୍ର ସା, ଦଶରୁ କଉଡ଼ି, ସତ୍ୟାନନ୍ଦ ବାଗ, ଡିଲେଶ୍ୱର ପୁଝାରୀ, ଟେକ ଚାନ୍ଦ କଉଡ଼ି, ଅରୁନ ପ୍ରମୁଖ ଯୋଗଦେଇଥିଲେ। ଧରଣୀ ବେହେରା ଓ ତାଙ୍କ ସହଯୋଗୀ ଏବଂ ଭଗବାନ ସାହୁ ଓ ତାଙ୍କ ସହଯୋଗୀ କୀର୍ତ୍ତନ ମଣ୍ଡଳୀରେ ଯୋଗଦେଇଥିଲେ।

### କାଳୀପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ

**ବନ୍ଧମୁଣ୍ଡା, ୧୬।୧୧(ସୁବ୍ରତ ଡେ):** ବନ୍ଧମୁଣ୍ଡା ଅଞ୍ଚଳରେ କାଳୀ ପୂଜା ପାଳନ କରାଯାଉଛି। ଏହି ଅବସରରେ ବନ୍ଧମୁଣ୍ଡା ଡି କ୍ୟାବିନସ୍ଥିତ କାଳୀପୂଜା ପେଣ୍ଡାଲରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ପୂଜାକୁ ଦୃଷ୍ଟିରେ ରଖି କମିଟି ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା, ରାଜଗାଙ୍ଗପୁର, ରାଉରକେଲା, ଝାଡ଼ଖଣ୍ଡ ଜାମସେଦପୁର ସମେତ ସ୍ଥାନୀୟ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ରାଉରକେଲାର ବରିଷ୍ଠ ଭାଜପା ନେତା ଧୀରନ ସେନାପତି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କମିଟି ଅଧ୍ୟକ୍ଷ ଅନିଖେତ ଗୋୟଲ, ସଚିବ ରଣଜିତ କୁଜୁର, ଦୀନେଶ କୁମାର, ଭୋଲା ସାମଲ, ମନୋଜ ନାଗ, ଗୁଡଡୁ କୁମାର, ଟିଙ୍କୁ ଗୋପ, କୁନାଲ, ଦେବୁ କାଳନ୍ଦୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ତାଲିମ ଶିବିର

**ସିନାପାଲି, ୧୬।୧୧(ମନଫୁଲ ମେହେର)** ନୂଆପଡା ଜିଲା ସିନାପାଲି ଗୋଷ୍ଠି ଶିକ୍ଷା ଅନ୍ତର୍ଗତ ସିନାପାଲି ଓ ସିଙ୍ଗଝରଠାରେ ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ତାଲିମ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ସିନାପାଲି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଏବିଇଓ ଆଦିତ୍ୟ କୁମାର ବନ୍ଦିଛୋର, ସିଆରସିସି ସୁଶିଲ କୁମାର ଯୋଷୀ ଓ ଦେବାନନ୍ଦ ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିର ସ୍ଥାନୀୟ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମାଝି ଉଦଘାଟନ କରିଥିଲେ।

# ମାନବ ସହାୟତା ବିନା ଗଣମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା ଗୁରୁତ୍ୱହୀନ

**ସୁନ୍ଦରଗଡ଼, ୧୬।୧୧(ଜୟ ନାରାୟଣ ମେଣ୍ଡୁଲି)**



ଗଣମାଧ୍ୟମ ଦିବସ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁନ୍ଦରଗଡ଼ ଜିଲା ସଦର ମହକୁମାଠାରେ ଜିଲା ସ୍ତରୀୟ ଜାତୀୟ ଗଣମାଧ୍ୟମ ଦିବସ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ପ୍ରଶାସନ ଦ୍ୱାରା ଏହି ଦିବସ ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷ ଏହି ଜାତୀୟ ଗଣମାଧ୍ୟମ ଦିବସ ଉପଲକ୍ଷେ ଶୀର୍ଷକ ଥିଲା କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗଣମାଧ୍ୟମ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଏହି ଦିବସ ପାଳନର ଉଦ୍ଦେଶ୍ୟ ସଂପର୍କରେ କହିଥିଲେ। ଜିଲା ପ୍ରେସ୍ କ୍ଲବ ସମ୍ପାଦକ ଦେବାଶିଷ କବି କାର୍ଯ୍ୟକ୍ରମର ଶୀର୍ଷକ ଉପରେ ଆଲୋଚନା କରିଥିଲେ ଏବଂ ପରିବର୍ତ୍ତନ ହେଉଛି ପ୍ରକୃତିର ନିୟମ ଏବଂ ସମୟ ସ୍ରୋତରେ ସାମିଲ ହୋଇ ଗଣମାଧ୍ୟମରେ କୃତ୍ରିମ ବୁଦ୍ଧିମତାର ଉଦ୍ଭାବନ ହୋଇଛି ବୋଲି ନିଜ ବକ୍ତବ୍ୟରେ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପପାଳ (ରାଜସ୍ୱ) ଅଭିମନ୍ୟୁ ମାଝି ଯୋଗଦେଇ ଗଣମାଧ୍ୟମ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ସମ୍ପର୍କରେ ନିଜ ବକ୍ତବ୍ୟରେ କହିବା ସହିତ କୃତ୍ରିମ ବୁଦ୍ଧିମତ୍ତା ଗଣମାଧ୍ୟମର କାର୍ଯ୍ୟକୁ ସରଳୀକରଣ କରିପାରେ। ସମୟସାପେକ୍ଷ ହୋଇପାରେ ମାତ୍ର କେବେ ବି ଗଣମାଧ୍ୟମର ବିକଳ୍ପ ହୋଇ ପାରିବ ନାହିଁ ବୋଲି ମତ ବ୍ୟକ୍ତ କରିଥିଲେ। ସେହିପରି ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଗଣମାଧ୍ୟମ ସବୁବେଳେ ସମାଜର ବିଭିନ୍ନ ସ୍ତରରେ ଥିବା ସୁବିଧା ଅସୁବିଧା ଆଦିକୁ ଲୋକଲୋଚନକୁ ଆଣିଥାଏ ବୋଲି ଅଭିହିତ କରିଥିଲେ। ବିନା ମାନବ ସହାୟତାରେ କୃତ୍ରିମ ବୁଦ୍ଧିମତା ତିଷ୍ଠିବା ସମ୍ଭବପର ନୁହେଁ ବୋଲି କହିଥିଲେ। ସରକାରୀ କଲେଜ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ଗଣମାଧ୍ୟମ ପ୍ରତିନିଧିମାନେ ସମାଜର ହିତ ସାଧନ ପାଇଁ ଗଠନ ମୂଳକ ଖବର ପ୍ରସାରଣ ଦିଗରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଯୋଗଦେଇ ସରକାରୀ ମହିଳା କଲେଜ ଅଧ୍ୟାପିକା ସୁସ୍ମିତା ଭୋଇ ଗଣମାଧ୍ୟମ

### ସୁନ୍ଦରଗଡ଼ରେ ଜିଲା ସ୍ତରୀୟ ଜାତୀୟ ଗଣମାଧ୍ୟମ ଦିବସ

ସଂସ୍ଥାର ଆରମ୍ଭ, ଲକ୍ଷ୍ୟ, କାର୍ଯ୍ୟ ପ୍ରକ୍ରିୟା, ସମାଜର ବିକାଶରେ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ କୃତ୍ରିମ ବୁଦ୍ଧିମତା ହେଉଛି ମନୁଷ୍ୟ ଦ୍ୱାରା ଗଠିତ ଏବଂ ମନୁଷ୍ୟ ବିନା ତାହା ନିଜେ ପରିଚାଳିତ ହୋଇ ନ ପାରେ ବୋଲି ଅଭିହିତ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ କାର୍ଯ୍ୟକ୍ରମର ଶୀର୍ଷକ ଉପରେ ଆଲୋଚନା କରିବା ସହିତ ନିଜର ମତାମତ ପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ସଦର ତହସିଲଦାର କୁଳମଣି ରଣବିଡ଼ା, ସହାୟକ ଜିଲାପାଳ ଜ୍ୟୋତି ରଞ୍ଜନ ବାଗ, ସେବକ ପ୍ରଧାନ, ସଞ୍ଜୀବ ପାଣ୍ଡେ ଏବଂ ସମସ୍ତ ବରିଷ୍ଠ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିବିଧ ବିଶ୍ୱ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶଙ୍ଖପୋଷରେ ଜନଜାତି ଗୌରବ ଦିବସ

**ଲହୁଣୀପଡ଼ା, ୧୬,୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଶଙ୍ଖପୋଷ ଗ୍ରାମରେ ଆଦିବାସୀ ହୋ ସମାଜ ପକ୍ଷରୁ ଗୁରୁବାର ମହାସମାରୋହରେ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। ଏଥିରେ ଯମୁନା ମୁଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପି ଜୁଏଲ ଓରାମ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ମୁଣ୍ଡା, ରାହାସ ବିହାରୀ ପ୍ରଧାନ, ଶୁଶାନ୍ତ ମାହାନ୍ତ, ସେବତୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଆଦିବାସୀ ପାରମ୍ପରିକ ବାଦ୍ୟ ନୃତ୍ୟର ତାଳେ ତାଳେ ଅତିଥିଙ୍କୁ ମଞ୍ଚକୁ ପାଛୋଟି ନିଆଯାଇଥିଲା। ମହାନ ସ୍ୱାଧୀନତା ସଂଗ୍ରାମୀ ବିରବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତି ଗୌରବ ଦିବସଭାବେ ପାଳନ କରିବାର ତାତ୍ପର୍ଯ୍ୟ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ତୁରୀ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ




ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଲହୁଣୀପଡ଼ା, ୧୬।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଖେଳ ପଡିଆଠାରେ ଚାଲିଥିବା ୩ ଦିନିଆ ବଣାଇଁ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କୋଇଡା ଜିଲା ପରିଷଦ ସଭ୍ୟା ଶୁଶିଳା ମୁଣ୍ଡା, ଲହୁଣୀପଡ଼ା ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ କିଷାନ, କଲେଇପୋଷ ସରପଞ୍ଚ ଶାନ୍ତି ଓରାମ, ସରସ୍ୱତୀ ହାଂସଦା, ଦୁର୍ଯ୍ୟୋଧନ ମାହାନ୍ତ ଯୋଗ ଦେଇଥିଲେ। ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଚନ୍ଦନା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। କୃଷି ବିଜ୍ଞାନ ପଦ୍ଧତିରେ ଚାଷ କଲେ କୃଷକ ମାନେ ସ୍ୱଳ୍ପ ଚାଷ ଜମିରୁ ଉନ୍ନତ ମାନର ଉତ୍ପାଦନ ପାଇ ପାରିବେ। ଆଧୁନିକ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର ଦ୍ୱାରା କମ ସମୟ ମଧ୍ୟରେ ଅଧିକ କାର୍ଯ୍ୟ ସାଧନ ହେବା ସହିତ ଉତ୍ପାଦିତ ଶସ୍ୟର ଅଭିବୃଦ୍ଧି ହୋଇଥାଏ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବଣେଇଁ ଉପଖଣ୍ଡର ଉତ୍ତମ ଚାଷ କରିଥିବା ୫ ଚାଷୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ ମୁଖ୍ୟ ଅତିଥି ବିଧାୟକ ମୁଣ୍ଡା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଏହି କୃଷି ମେଳାରେ କୃଷି ସମ୍ପର୍କିତ ବିଭିନ୍ନ ଯନ୍ତ୍ରପାତି, ଉତ୍ପାଦିତ ଶସ୍ୟ, ଉତ୍ପାଦ ପ୍ରଭୃତି ଉପରେ ମୋଟ ୪୦ଟି ଷ୍ଟଲ୍ ଖୋଲା ଯାଇଥିଲା। କରୁଣା କାନ୍ତି ଟେଟେ, ରିନ୍ଦୀ ହଂସାଦା, ଭାଗ୍ୟଶ୍ରୀ ନାୟକ, ସାଲିନି ମହାନ୍ତି, ନରେଶ ମହାନନ୍ଦ, ସୌମ୍ୟ ଶୁଭମା ଗୁରୁ, ଶୁଶାନ୍ତ କୁମାର ମାଟି, ବନଜା ହେମ୍ବ୍ରମ, ନବୀନ ଚନ୍ଦ୍ର ସାହୁ, ରଞ୍ଜନ କୁମାର ରାଉତରାୟଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଏଥିରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଚାଷୀ ଉପସ୍ଥିତ ଥିଲେ। ସଭା ଶେଷରେ ସାଲିନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଘା ଧାମ ସଭାଗୃହ ଉଦ୍‌ଘାଟିତ

**ଲହୁଣୀପଡ଼ା, ୧୬।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଖୁଣ୍ଟୁଗାଁ ପଞ୍ଚାୟତ ସାଧୁବାହାଳ ସ୍ଥିତ ଜଙ୍ଘା ବଡ଼ଦେଓ ମନ୍ଦିର ପରିସରରେ ନବନିର୍ମିତ ସଭା ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଜୁଏଲ ଓରାମ ଯୋଗ ଦେଇଥିଲେ। ସେବତୀ ନାଏକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ର, ସରପଞ୍ଚ ସୁମିତ୍ରା ଚାରଦିଆ, ରେଙ୍ଗୁଟ ପ୍ରଧାନ, ଗୋବିନ୍ଦ ସାହୁ ଯୋଗଦେଇଥିଲେ। ସଭାଗୃହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଷୋଡବଂଶୀୟ ଗଣ୍ଡ ସମାଜର ଆରାଧ୍ୟ ଦେବତା ଜଙ୍ଘା ବଡ଼ଦେଓଙ୍କ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ଭୁବନେଶ୍ୱର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ଗଙ୍ଗାଧର ମାହାନ୍ତ, ପ୍ରଦୀପ ସ୍ୱାଇଁ, ଅଭିମନ୍ୟୁ ମିଶ୍ର, ରମେଶ ବସନ୍ତରା, ଆରତୀ ନାଏକ, ସମେତ ଗଣ୍ଡ ସମ୍ପ୍ରଦାୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଭାଜପାର ଶୋଭାଯାତ୍ରା, ପ୍ରତିବାଦ ସଭା

**ବଡ଼ଗାଁ, ୧୬।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଭାଜପା ପକ୍ଷରୁ ଗୁରୁବାର ସରକାରଙ୍କ ବିରୋଧରେ ଆନ୍ଦୋଳନ, ଶୋଭାଯାତ୍ରା ଓ ବ୍ଲକ୍ ଅଫିସ୍ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା ବ୍ଲକ ସଭାପତି ବାବୁଲି କର୍ଶେଲ, ସାଂସଦଙ୍କ ପ୍ରତିନିଧି ଶିଶିର ରାଉତରାୟଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପୂର୍ବାହ୍ନରେ ସରକାରଙ୍କ ବିରୋଧରେ ନାରା ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ବ୍ଲକ ଅଫିସ ସମ୍ମୁଖରେ ପ୍ରତିବାଦ ସଭା ହୋଇଥିଲା। ସଭାରେ କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ଗୁଡିକରେ ଚାଲିଥିବା ପିସି କାରବାର, ଗରିବ ପରିବାରର ହିତାଧିକାରୀଙ୍କୁ ଘର ନ ଦେଇ ଦୁର୍ନୀତି, କେନ୍ଦ୍ର ସରକାର ଜଳ ଜୀବିକା ମିଶନରେ ଓଡ଼ିଶାକୁ ଦେଇଥିବା ୧୫ ହଜାର କୋଟି ଟଙ୍କା ଲୁଟ, ଗ୍ରାମସଭାରୁ ନେଇ ବିଧାନସଭା, ମନ୍ତ୍ରୀ ପର୍ଯ୍ୟନ୍ତ ସବୁଠି ଗଣତନ୍ତ୍ରର ହତ୍ୟା ହେଉଛି, ଜିଲାପାଳମାନେ ଯାହା ଚାହୁଁଛନ୍ତି ତାହା କରୁଛନ୍ତି, ଗ୍ରାମସଭାର ଅଧିକାରକୁ ସରକାର୍ ଲୁଣ୍ଠନ କରୁଛନ୍ତି, ଏହିପରି ଆଉ କେତେକ ଅଭିଯୋଗ କରି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ବରିଷ୍ଠ କର୍ମକର୍ତ୍ତା ସତ୍ୟବାନ୍ ବିଶି, ଜିଲାକୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ବିଶି ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହି ପ୍ରତିବାଦ ସଭା ଓ ବ୍ଲକ୍ ଘେରାଉରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ କହିବା ସହ କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା ପ୍ରଫୁଲ୍ଲ ବାରିକ୍, ତାପସ ସିଂହ, ଅକ୍ଷୟ ଦେଓ, ନନ୍ଦଲାଲ ନାଏକ, ପଦ୍ମଲୋଚନ ନାଏକ, ନୀଳମାଧବ ପୁରୋହିତ, ରବିରତ୍ନ ସା, ରବି ଚନ୍ଦ୍ର ପଟେଲ ପ୍ରମୁଖ ଯୋଗଦେଇଥିଲେ।



ଶୋଭାଯାତ୍ରାରେ ଭାଜପା କର୍ମକର୍ତ୍ତା।

## ଲେଫ୍ରିପଡ଼ା ରାଜ୍ୟସ୍ତରରେ ପୁରସ୍କୃତ

**ଲେଫ୍ରିପଡା, ୧୬।୧୧(ଦେଶରଞ୍ଜନ ପଟେଲ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଲ୍ୟାମ୍ପସ ରାଜ୍ୟସ୍ତରୀୟ ସମବାୟ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱର ଉତ୍କଳ ମଣ୍ଡପଠାରେ ସର୍ବୋତ୍ତମ କାର୍ଯ୍ୟଦକ୍ଷତାରେ ବୁଧବାର ପ୍ରଥମ ଭାବେ ପୁରସ୍କୃତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଜ୍ଞାନ କାରିଗରି କୌଶଳ ମନ୍ତ୍ରୀ ଅଶୋକ ପଣ୍ଡା, ରାଜ୍ୟ କୃଷି ବିଭାଗ ସଚିବ ଅରବିନ୍ଦ ପାଢ଼ୀ ଏବଂ ସମବାୟ ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ପ୍ରମୁଖଙ୍କ ଗହଣରେ ଲ୍ୟାମ୍ପସ ସଭାପତି ସୁନୀଲ କୁମାର କାଲୋ ଓ ପରିଚାଳନା ନିର୍ଦ୍ଦେଶକ ଶିଶିର



ଲ୍ୟାମ୍ପସ ସଭାପତି ଓ ପରିଚାଳନା ନିର୍ଦ୍ଦେଶକଙ୍କୁ ସମ୍ମାନିତ କରାଯାଉଛି।

କୁମାର ପଟେଲଙ୍କୁ ଟ୍ରଫି, ମାନପତ୍ର ଏବଂ ଉତ୍ତରୀୟ ସହ ସମ୍ମାନିତ କରାଯାଇଛି। ଗୁରୁବାର ଲ୍ୟାମ୍ପସ କାର୍ଯ୍ୟାଳୟର ବୈଠକ ଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ଲ୍ୟାମ୍ପସ ପରିଚାଳନା ପରିଷଦର ନିର୍ଦ୍ଦେଶକ ମଣ୍ଡଳୀ ଆଗାମୀ ଦିନରେ ଲ୍ୟାମ୍ପସର ଉତ୍ତରୋତ୍ତର କାମନା କରିଥିଲେ। ଏଥିରେ ନିର୍ଦ୍ଦେଶକ କୌତୁକ ଚୌଧୁରୀ, ବଚନ ପ୍ରଧାନ, ବିମଳ ପଟେଲ, ଉଦିତ ନାଏକ, ଗୋପାଳ ପ୍ରଧାନ, କୈଳାସ ଚନ୍ଦ୍ର କାଲୋ, ପ୍ରଦୀପ ନାଏକ ପ୍ରମୁଖଙ୍କ ସହ କର୍ମଚାରୀଗଣ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ପରେ ଅପରାହ୍ନରେ ପରିକ୍ରମା ରଥକୁ ଲ୍ୟାମ୍ପସରେ ସ୍ୱାଗତ କରାଯାଇଥିଲା।

## ରାଏବୋଗା, ହାତୀବାରି ଲ୍ୟାମ୍ପସ ପୁରସ୍କୃତ

**କୁଆଁରମୁଣ୍ଡା, ୧୬।୧୧(ମହେନ୍ଦ୍ର କୁମାର ସାହୁ)**

୭୦ତମ ନିଖିଳ ଭାରତ ସମବାୟ ସପ୍ତାହ -୨୦୨୩ ଉପଲକ୍ଷେ ରାଜ୍ୟ ସମବାୟ ୟୁନିଅନ ପକ୍ଷରୁ ବୁଧବାର ଭୁବନେଶ୍ୱର ଉତ୍କଳ ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ପାଇଁ ସୁନ୍ଦରଗଡ ଜିଲାର ୩ଟି ଲ୍ୟାମ୍ପ୍ସ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ହାସଲ କରିବାର ଗୌରବ ଅର୍ଜନ କରିଛି। ସେହି ଲ୍ୟାମ୍ପ୍ସଗୁଡିକ ହେଉଛି ଲେଫ୍ରିପଡ଼ା, ରାଏବୋଗା ଓ ହାତିବାର। ଉଭୟ ରାଏବୋଗା ଓ ହାତିବାରି ଲ୍ୟାମ୍ପ୍ସ ବୀରମିତ୍ରପୁର ଉପଖଣ୍ଡ ଅଞ୍ଚଳର ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଭୁବନେଶ୍ୱର ଉତ୍କଳ ମଣ୍ଡପରେ ଆୟୋଜିତ ଏହି ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ପଣ୍ଡା, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଠାରୁ ୨ୟ ସ୍ଥାନ ହାସଲ କରିଥିବା ରାଏବୋଗା ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି ଟ୍ରଫି ଓ ମାନପତ୍ର ଗ୍ରହଣ କରିଛନ୍ତି। ରାଜ୍ୟରେ ଥିବା ସମବାୟ ସଂସ୍ଥା ମଧ୍ୟରେ ସ୍ୱଳ୍ପ,ଦୀର୍ଘ ମିଆଦି ଋଣ ପ୍ରଦାନ ସହ ସ୍ୱୟଂ ସହାୟିକା ଗୋଷ୍ଠୀ, ମିଳିତ ଦେୟ ଗୋଷ୍ଠୀଙ୍କୁ ତ୍ୱରିତ ଋଣ ପ୍ରଦାନ କରୁଥିବା ଯୋଗୁ ରାଜ୍ୟରେ ରାଏବୋଗା ଲ୍ୟାମ୍ପ୍ସ ୨ୟ ସ୍ଥାନ କରିପାରିଛି ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ହାର ମାନିନି ମନୋବଳ, ଗୋଟିଏ ହାତରେ ଟେମ୍ପୁ ଚାଳନା

**ବିଶ୍ରା, ୧୬।୧୧( ବଟକୃଷ୍ଣ ସ୍ୱାଇଁ)**

ଦିବ୍ୟାଙ୍ଗ ହେଲେ ବି ସବୁ ଗୁଣରେ ପାରଙ୍ଗମ। ଦକ୍ଷତା ଓ ଚେଷ୍ଟା ବଳରେ ଟେମ୍ପୁ ଚଳାଇ ସେ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ସେ ହେଲେ ସୁନ୍ଦରଗଡ ଜିଲା ବିଶ୍ରା ବ୍ଲକ ସୀମାନ୍ତ ବରସୁଆ ଗ୍ରାମର ସିଉ ମହନ୍ତ। ବୟସ ୪୦ରୁ ଊର୍ଦ୍ଧ୍ୱ ହେବ। ତାଙ୍କର ଏଭଳି ସାହସିକତା ଯୋଗୁ ସୁବୁଠି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ସିଉ କ୍ରସରରେ ମୁନିଶୀ କାମ କରୁଥିଲେ। ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଡାହାଣ ହାତ ହରାଇ ଥିଲେ। ହେଲେ ତାଙ୍କ ମନୋବଳ ଭାଙ୍ଗି ନ ଥିଲା। ପରିବାର ଚଳାଇବା ପାଇଁ ଗୋଟିଏ ହାତରେ ସେ ଟେମ୍ପୁ ଚଲାଇବା ଆରମ୍ଭ କରିଥିଲେ। ପ୍ରତି ଦିନ ସକାଳ ୭ରୁ ବସ ଷ୍ଟାଣ୍ଡରେ ଗାଡ଼ି ଲଗାଇ ଶ୍ରମିକଙ୍କୁ ନେଇ ପୁଣି ସନ୍ଧ୍ୟା ସମୟରେ ଘରେ ଛାଡିଥାନ୍ତି। ଏଥିସହ ସେ ନିଜର ଚାଷ କାର୍ଯ୍ୟ ମଧ୍ୟ କରିଥାନ୍ତି।



ସିଉ ମହନ୍ତ ଟେମ୍ପୁ ଚଳାଉଛନ୍ତି।

## ଖତ ଖାଉଛି ମୂଲ୍ୟବାନ୍ କାଠ

**ବିଶ୍ରା, ୧୬।୧୧( ବଟକୃଷ୍ଣ ସ୍ୱାଇଁ)**

ଖତ ଖାଉଛି ମୂଲ୍ୟବାନ୍ କାଠ। ଟେଣ୍ଡର ଆହ୍ୱାନ ନାହିଁ କି ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସୁନ୍ଦରଗଡ଼ ଜିଲା ସୀମାନ୍ତ ରାଉରକେଲା ବନ ମଣ୍ଡଳ ଅଧୀନରେ ଥିବା ବିଶ୍ରା ବନାଞ୍ଚଳରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ବେଆଇନ କାଠ ଚୋରାଚାଲାଣ ବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଇ ଜବତ କରାଯାଇଥାଏ। ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କାର ମୂଲ୍ୟବାନ କାଠ ଜବତ କରାଯାଇ ବାହାରେ ଗଦା କରାଯାଉଛି। ଗତ ୫ବର୍ଷ ଧରି କୌଣସି ଷ୍ଟକ୍ ୟାର୍ଡ କରାଯାଇନାହିଁ। ଯାହାଫଳରେ ଜବତ କାଠ ସବୁ ବାହାରେ ପଡ଼ି ରହୁଛି। କେବଳ ବିଶ୍ରା ବାନାଞ୍ଚଳରେ ନୁହେଁ।



ବାହାରେ ଗଦା ହୋଇଥିବା କାଠ।

ମଣ୍ଡଳ ଅଧୀନରେ ଥିବା ସମସ୍ତ ୬ଟି ବନାଞ୍ଚଳରେ କୋଟି କୋଟି ଟଙ୍କାର ସମ୍ପତି ଖତ ଖାଉଛି। ଏ ବିଷୟରେ ସ୍ଥାନୀୟ ବନ ମଣ୍ଡଳ ଅଧିକାରୀ ଯଶୋବନ୍ତ ସେଠୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ। କୁଆଁରମୁଣ୍ଡା ଓ ବିଶ୍ରା ଦାୟିତ୍ୱରେ ଥିବା ବନ ଅଧିକାରୀ ଜ୍ଞାନେନ୍ଦ୍ର ଲିମାଙ୍କୁ ଏ

### ବନ ବିଭାଗ ଦୃଷ୍ଟି ଦେବାକୁ ଦାବି

ବିଷୟରେ ପଚାରିବାରୁ , ଚୋରା କାଠ ଜବତ ପରେ ଅଭିଯୁକ୍ତ ଗିରଫ ହୋଇ ଜେଲ ଯାଇଥାଏ। କୋର୍ଟରେ ତାଙ୍କର କେଶ ଚାଲିଥାଏ। କେଶ ଫାଇନାଲ ନ ହେବା ଯାଏଁ କାଠ ନିଲାମ ହୁଏନାହିଁ। ଯଦି କାଠ ସହ ଗାଡି ଧରା ହୁଏ, ତେବେ ଉଚ୍ଚ ଅଧିକାରୀଙ୍କ ଅନୁମତିରେ କାଠ ନିଲାମ ହୋଇପାରିବ ବୋଲି ବନ ଅଧିକାରୀ ଜ୍ଞାନେନ୍ଦ୍ର କହିଥିଲେ। ରାଉରକେଲା ବନ ମଣ୍ଡଳ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ପଚାରିବାରୁ , ଗତ କିଛି ଦିନ ପୂର୍ବରୁ ୬ ଲକ୍ଷ ଟଙ୍କାର କାଠ ନିଲାମ ହୋଇଯାଇଛି। ଆଗାମୀ ଦିନରେ ମାମଲା ଫାଇନାଲ ହେଲା ପରେ ସବୁ କାଠ ନିଲାମ ହେବ ବୋଲି କହିଥିଲେ।

# ଗଣମାଧ୍ୟମରେ ଠିକ୍ ଖବର ପରିବେଷଣ ଆହ୍ୱାନ

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ

ଦେବଗଡ,୧୬।୧୧(ଶଶାଙ୍କ ଶେଖର ଝାଙ୍କର)

ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସାମ୍ବାଦିକ ସଂଘର ମିଳିତ ସହଯୋଗରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୃତ୍ରିମ ବୁଦ୍ଧିମତା ଯୁଗର ଗଣମାଧ୍ୟମ ଶିର୍ଷକ ଉପରେ ଆଲୋଚନା ହୋଇଥିଲା। ସାମ୍ବାଦିକ ସିଦ୍ଧାର୍ଥ ଗୁରୁଙ୍କ ସଭାପତିତ୍ୱରେ ବସନ୍ତ ନିବାସ ଡାକବଙ୍ଗଳାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷୀତ ସାହୁ, ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଅତିଥିଭାବେ ଯୋଗଦେଇ ନିରପେକ୍ଷ ଖବର ପ୍ରସାରଣ କରିବାକୁ ପରାମର୍ଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ବିଜେଡି ସଭାପତି ଚିତରଞ୍ଜନ ପ୍ରଧାନ, କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଭାଜପା ସଭାପତି ଅରୁଣ ସାହୁ, ପୌରପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରତିଯୋଗିତା ମୂଳକ ଗଣମାଧ୍ୟମରେ ସଠିକ ଖବର ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରିବାକୁ ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ମିତ୍ରଭାନୁ ମହାପାତ୍ର, ଓୟୁଜେ ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ନନ୍ଦ, ଏସୟୁଜେ ରାଜ୍ୟ ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ସମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ଏବଂ ସାମ୍ବାଦିକ ଭତ୍ତା ଲାଗୁ କରିବାକୁ ଦାବି ଜଣାଇଥିଲେ। ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ ହୋଇଥିବା ଜିଲାର ସମସ୍ତ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରାଯାଇଥିଲା। ବାରକୋଟ ଏବଂ ରିଆମାଳ ବ୍ଲକ ସମେତ ଜିଲାର ସମସ୍ତ ସାମ୍ବାଦିକ ଏଥିରେ ସାମିଲ ହୋଇଥିଲେ। ସାମ୍ବାଦିକ ବ୍ରିଜେଶ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ୨ଟ୍ରକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଦେବଗଡ,୧୬।୧୧ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ଥାନା ଅନ୍ତର୍ଗତ କାଦୋପଡା ଗ୍ରାମ ନିକଟସ୍ଥ ୨୩ ନମ୍ବର ଜାତୀୟ ରାଜପଥରେ ଏକ ମାଲ ବୋଝେଇ ଟ୍ରେଲର ଓ ୧୨ ଚକିଆ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଟ୍ରେଲର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାରଖଣ୍ଡ ରାଜ୍ୟର ରଞ୍ଜନ ପାଣ୍ଡେ। ସେହିପରି ଅନ୍ୟ ଟ୍ରକ ଚାଳକ ଗାଡି ଛାଡି ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ଉଭୟ ଦୁର୍ଘଟଣାଗ୍ରସ୍ତ ଟ୍ରେଲର ଓ ଟ୍ରକକୁ ଜବତ କରିବା ସହ ରଞ୍ଜନଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ମର୍ଗ ହାଉସରେ ରଖିଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଜାତୀୟ ରାଜପଥରେ ଏକ ମାଲ ବୋଝେଇ ୧୨ ଚକିଆ ଟ୍ରକ ଓ ଏକ ଟ୍ରେଲର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟ୍ରେଲର ଚାଳକ କ୍ୟାବିନ ଭିତରେ ଚାପିହୋଇ ଗୁରୁତର ଆହତ ହୋଇଥିଲେ। ପଛରୁ ଆସୁଥିବା ଅନ୍ୟ ଟ୍ରକ ଗୁଡିକର କର୍ମଚାରୀ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ଦେବଙ୍କ ପୂଜା

ସମ୍ବଲପୁର,୧୬।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ଦେବଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଫ୍ରେଜର କ୍ଲବରେ ଏହି ଉପଲକ୍ଷେ କଳସ ଶୋଭାଯାତ୍ରା ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳା ଓ ଯୁବତୀ ଯୋଗଦେଇଥିଲେ। ସୁରେଶ ଚନ୍ଦ୍ର ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ କଳ୍ପନା ପଟ୍ଟନାୟକ କର୍ତ୍ତାର ଦାୟିତ୍ୱ ନିର୍ବାହ କରିଥିଲେ। ପୂଜାକାର୍ଯ୍ୟ ସମ୍ପନ୍ନ ହେଲା ପରେ ସନ୍ଧ୍ୟାରେ କରଣ ସମାଜର କୋଷାଧ୍ୟକ୍ଷ ଶିଶିର ରଞ୍ଜନ ବହିଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ସିଦ୍ଧାର୍ଥ ଦାସ, ପ୍ରଦୀପ ବହିଦାର, ବିଭୁତି ପଟ୍ଟନାୟକ, ସୁଧୀର ରଞ୍ଜନ ବହିଦାର, ସୁରେଶ ପଟ୍ଟନାୟକ, ସୁବ୍ରତ ବକ୍ସି, ସମ୍ପାଦକ ଜାମିନୀ ବହିଦାର ପ୍ରମୁଖ ଯୋଗଦେଇ କରଣ ସମାଜକୁ ଅଧିକ ସୁଦୃଢ଼ କରିବା ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସଭା ପ୍ରାରମ୍ଭରେ କରଣ ସମାଜର ପୂର୍ବତନ ସଭାପତି ସ୍ୱର୍ଗତ ବିଶ୍ୱମ୍ଭର ବହିଦାରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ କୁନିକୁନି ପିଲାମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପଥରକ୍ୱାରିକୁ କଟା ଦର୍ଶାଇ ସାଂସଦ ପାଣ୍ଠି ହଡ଼ପ

ସମ୍ବଲପୁର,୧୬।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସାଂସଦଙ୍କ ଦ୍ୱାରା ବଣ୍ଟନ ହୋଇଥିବା ସାଂସଦ ପାଣ୍ଠି ବିନିଯୋଗରେ ଅନିୟମିତତାକୁ ନେଇ ଏବେ ଜିଲାବ୍ୟାପୀ ଚର୍ଚ୍ଚା ଚାଲିଛି। ଝୁଝୁମୁରା ବ୍ଲକ ଝାଙ୍କରପାଲି ଗ୍ରାମପଞ୍ଚାୟତର ଜାମଟାଲରେ ଏକ ପଥରକ୍ୱାରିକୁ କଟା ଦର୍ଶାଇ ସାଂସଦ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ନେଇ ଆର୍‌ଟିଆଇ ତଥ୍ୟରୁ ଜଣାପଡିଛି। ଜାମଟାଲରେ ପୂର୍ବରୁ ପଥରକ୍ୱାରି ପାଇଁ ମାଟି ଖୋଳାଯାଇଥିବା ବେଳେ ତାକୁ କଟା ଦର୍ଶାଯାଇ ସେଠାରୁ ମାଟି ଖନନ ବାବଦକୁ ୨୦୨୨-୨୩ ବର୍ଷରେ ସାଂସଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ନେଇ ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ପଥରକ୍ୱାରି ନିକଟରେ ରହିଥିବା ସୂଚନା ଫଳକରେ ମଧ୍ୟ ଜାମଟାଲ କଟା ଖନନ ପାଇଁ ୧୦ ଲକ୍ଷ ଟଙ୍କା ସାଂସଦଙ୍କ ପାଣ୍ଠିରୁ ବିନିଯୋଗ ହୋଇଥିବା ଉଲ୍ଲେଖ ରହିଛି। ଏହାକୁ ନେଇ ଝୁଝୁମୁରା ବ୍ଲକର ବିଭାଗୀୟ ଜେଇ ପ୍ରଭାସ ମିଶ୍ରଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷେ ସାଂସଦ ପାଣ୍ଠି ଅର୍ଥ ହଡ଼ପ ଅଭିଯୋଗ ନେଇ ଝୁଝୁମୁରା ବିଡିଓ ବିଜୟ ସଏଙ୍କୁ ପଚାରିବାରୁ ସେ ଏହାକୁ ନେଇ ତଦନ୍ତ କରିବେ ଓ ନିଜେ ଘଟଣାସ୍ଥଳକୁ ଯାଇ ସତ୍ୟାସତ୍ୟ ଅନୁସନ୍ଧାନ କରିବେ ବୋଲି କହିଛନ୍ତି।



ସାଂସଦ ପାଣ୍ଠି ବ୍ୟୟ ନେଇ ସୂଚନା ଫଳକ।

## ବୁର୍ଲାଠାରେ ବିଜେଡି ବୈଠକ

ସମ୍ବଲପୁର,୧୬।୧୧(ବି.ଶଙ୍କର)

ଦୀର୍ଘଦିନର ଦାବି ପରେ ବୁର୍ଲାଠାରେ ବନ୍ଦୋବସ୍ତ ବିଭାଗର କାର୍ଯ୍ୟାଳୟ ଖୋଲିଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ମହାନଗର ନିଗମ ବିଜୁ ଜନତା ଦଳ ପକ୍ଷରୁ ବୁର୍ଲା ଡାକବଙ୍ଗଳା ନିକଟ କଲ୍ୟାଣ ମଣ୍ଡପଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ମହାନଗର ନିଗମ ସଭାପତି ସତିଶ ବିଶି ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉପସ୍ଥିତ ବୁର୍ଲାବାସୀଙ୍କ ସମେତ ବିଜେଡି ନେତୃବୃନ୍ଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ବନ୍ଦୋବସ୍ତ କାର୍ଯ୍ୟାଳୟ ଖୋଲିବାଥିବାରୁ ବୁର୍ଲାବାସୀଙ୍କ ସମସ୍ୟା ସମାଧାନ ହୋଇପାରିବ ବୋଲି କହି ସମସ୍ତେ ଖୁସି ମନାଇଥିଲେ। ଏଥିରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ପୂର୍ବତନ ଜିଲା ସଭାପତି ପ୍ରମୋଦ ରଥ, କେନ୍ଦୁପତ୍ର ତୋଳାଳି କର୍ମଚାରୀ କଲ୍ୟାଣ ବୋର୍ଡର ଉପଦେଷ୍ଟା ସଞ୍ଜିତ ମହାନ୍ତି, ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା, ଜିଲା ବିଜେଡି ଉପସଭାପତି ଦେବାଶିଷ ନନ୍ଦ, ଅଶୋକ ମହାକୁର, ସୁମନ୍ତ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଦିଲୀପ ଦାଶ, ସମ୍ବଲପୁର ମହାନଗରର ରମାକାନ୍ତ ସାହୁ, ଦେବେନ୍ଦ୍ର ପ୍ରଧାନ, ସଞ୍ଜୟ ଗୌଡ଼, ମହିଳା ନେତ୍ରୀ ଶାନ୍ତିଲତା ସ୍ୱାଇଁ, କଳ୍ପନା ବେହେରା, ଅନିତା ନାଏକ, ତାପସ ପଳେଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ହେଉ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ରେଢ଼ାଖୋଲ,୧୬।୧୧ (ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ପଞ୍ଚଖଣ୍ଡା ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ଷ୍ଟାଡିୟମଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ସଂଘ ସଭାପତି ଗୋବର୍ଦ୍ଧନ ବଘାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟ ଅତିଥି, ଭୀମ ଭୋଇ କଲେଜ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ମୁଖ୍ୟବକ୍ତା ଓ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲାପରିଷଦ ସଭ୍ୟ ଶରତ ପ୍ରଧାନ, ବିଡିଓ ମନୋଜ ମେହେର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ, ଥାନା ଅଧିକାରୀ ସବିତାବାଳା ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖବରଦାତାଙ୍କ ସୁରକ୍ଷା ଦିଗରେ ସରକାର ଆଇନ ପ୍ରଣୟନ କରିବାକୁ ଅତିଥିମାନେ ମତପ୍ରକାଶ କରିଥିଲେ। ଖବରଦାତା ରଞ୍ଜିତ ଦେହୁରି ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଦେବାନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୋଗଜନ୍ମା ଦାଶ ଶର୍ମା ଅତିଥି ପରିଚୟ ଓ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଖବରଦାତା ମହାବୀର ସିଂଦେଓ, ସୁଶାନ୍ତ ପ୍ରଧାନ, ରାଜା ପାଲ, ଜିତେନ୍ଦ୍ରିୟ ସାହୁ, ଶଙ୍କର୍ଷଣ ମହାକୁଡ, ଅଚ୍ୟୁତାନନ୍ଦ ପୁରୋହିତଙ୍କ ସମେତ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଯୋଗଦେଇଥିଲେ।

## ଗାଡ଼ି ଧକ୍କାରେ ଜଣେ ମୃତ

ସମ୍ବଲପୁର,୧୬।୧୧(ପ୍ରମୋଦ ବହିଦାର)

ସଦର ଥାନା ଧନକଉଡ଼ାଠାରେ ଗୁରୁବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧନକଉଡ଼ାର ଦୟାସାଗର ପ୍ରଧାନ। ସୂଚନା ଅନୁସାରେ ରାତି ୯ଟା ସମୟରେ ମୁଦିପଡ଼ାର ଦିନବନ୍ଧୁ ପରିଡ଼ା ତାଙ୍କ ବନ୍ଧୁଙ୍କ ସହିତ ଏକ ଆକ୍ଟିଭାରେ ଜାତୀୟ ରାଜପଥ ୫୩ରେ ସିନ୍ଦୂରପଙ୍କ ପଟକୁ ଯାଉଥିଲେ। ଏହି ସମୟରେ ଧନକଉଡ଼ା ନିକଟରେ ପଛରୁ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ପରେ ଏକ ଘର ସମ୍ମୁଖରେ ଛିଡ଼ା ହୋଇଥିବା ଦୟାସାଗରଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୟାସାଗରଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଶବଗୃହରେ ରଖାଯାଇଛି।

## ଇପିଏଫ୍ ପେନ୍‌ସନ୍ ଆସୋସିଏଶନର ଧାରଣା


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦେବଗଡ,୧୬।୧୧ (ଶଶାଙ୍କ ଶେଖର ଝାଙ୍କର)

ଅଲ ଓଡିଶା ଇପିଏଫ ପେନସନ ଆସୋସିଏଶନ ଦେବଗଡ ଜିଲା ଶାଖା ପକ୍ଷରୁ ୪ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦେବା ସହ ପ୍ରତିବାଦ କରାଯାଇଛି। ସଭାପତି ପ୍ରଫୁଲ୍ଲ କୁମାର ଦେବତା ଏବଂ ସମ୍ପାଦକ ଧ୍ରୁବଚରଣ ନାୟକଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନ ୧୨ରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଏଥିସହ ଦାବି ପୂରଣ ପାଇଁ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ସହ ମହଙ୍ଗା ଭତା ପ୍ରଦାନ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ, ସମସ୍ତ ଇପିଏଫ ପେନସନ ଭୋଗୀଙ୍କୁ ଚିକିତ୍ସା ଭତା କିମ୍ବା ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ସୁବିଧା ଓ ସମସ୍ତ ଇପିଏଫ ପେନସେନ ଭୋଗୀ ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବାକୁ ଦାବି କରାଯାଇଛି।

## କୃଷକ ସଂଘର୍ଷ ସଂଘ ବୈଠକ, ପଞ୍ଚାୟତ ସ୍ତରୀୟ କମିଟି ଗଠିତ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଦେବଗଡ଼,୧୬।୧୧(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ପରା ଗ୍ରାମରେ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଗୁରୁବାର ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଏକ ବୈଠକ ଅନୁଷ୍ଠିତ ହେବା ସହ ପଞ୍ଚାୟତ ସ୍ତରୀୟ କମିଟି ଗଠନ କରାଯାଇଥିଲା। ପ୍ରଶାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ୍ ହେମ୍ବ୍ରମ ଯୋଗଦେଇ ସରକାରୀ ସ୍ତରରେ ଚାଷୀଙ୍କ ପ୍ରତି ହେଉଥିବା ଅବହେଳା ଉପରେ ଆଲୋକପାତ କରିଥିଲେ। ଏଥିସହ ଆଗାମୀ ୨୨ରେ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ସଂଘ ପକ୍ଷରୁ ହେବାକୁଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଏହି ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତ ସ୍ତରୀୟ କୃଷକ ସଂଘର୍ଷ ସଂଘ ଗଠନ କରାଯିବା ସହ ଏହାର ସଭାପତି ଭାବେ ରତ୍ନାକର ସାହୁ, ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ବେହେରା, କୋଷାଧ୍ୟକ୍ଷ ପ୍ରକାଶ ବିଶ୍ୱାଳ, ସଦସ୍ୟ ଭାବେ ପବିତ୍ର ସେଠୀ, ପ୍ରଭାକର ସାହୁ, ଘାଷିରାମ ବିଶ୍ୱାଳ, ରାମଚନ୍ଦ୍ର ନାୟକ ଓ ଦିନବନ୍ଧୁ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ସଭା ପରିଚାଳନାରେ କୃଷ୍ଣ ଚନ୍ଦ୍ର ସାହୁ, ଦୁଷ୍ମନ୍ତ ବେହେରା ସହଯୋଗ କରିଥିଲେ।

## ତପସ୍ୱିନୀ ପ୍ରେକ୍ଷାଳୟରେ ବିବିଏସ୍‌ଏ ଶିବିର


ଶିବିରକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର,୧୬।୧୧(ବି.ଶଙ୍କର)

ସମ୍ବଲପୁର ଜିଲା ପ୍ରଶାସନ ଓ ବୁର୍ଲାସ୍ଥିତ ଏମ୍‌ସିଏଲ୍ ପକ୍ଷରୁ ଇ-ରିକ୍ସା ମାଧ୍ୟମରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଆତ୍ମନିଯୁକ୍ତି ପାଇଁ ଗୁରୁବାର ଏକ ମେଗା ବିବିଏସ୍‌ଏ ଶିବିର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୪ ଭିନ୍ନକ୍ଷମ ବିବାହିତ ଦମ୍ପତିଙ୍କୁ ୨ଲକ୍ଷ ୫୦ହଜାର ଟଙ୍କା ଦିଆଯାଇଥିଲା। ସେହିପରି ସିଏମ୍‌ଆର୍‌ଏଫ୍ ଅଧୀନରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ୩୦ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସିଏମ୍‌ଆର୍‌ଏଫ୍ ଅଧୀନରେ ଡିଏମ୍‌ଡି ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ୧୦,୦୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୧୧ ଯୋଡ଼ା ବରିଷ୍ଠ ନାଗରିକଙ୍କୁ ସହାୟକ ଯନ୍ତ୍ର, ଜଣେ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର, ଜଣଙ୍କୁ ସିଲେଇ ମେସିନ ଓ ୩୨ ଜଣଙ୍କୁ ଇ-ରିକ୍ସା ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଆର୍‌ଡିସି ଡ. ରମେଶ ଚନ୍ଦ୍ର ଦଳେଇ, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ସହକାରୀ ମହାପ୍ରବନ୍ଧକ ଏଭି ଅଟୋମୋବାଇଲ ପ୍ରହଲ୍ଲାଦ ଦାଶ, ଏମଡି ଏଭି ଅଟୋମୋବାଇଲ ବରୁଣ ସଚଦେବ, ଡିଏସ୍‌ଏସ୍‌ଓ ଥବିର କୁମାର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭିନ୍ନକ୍ଷମ ଅଧିକାରୀ ରବିନ୍ଦ୍ରନାଥ ଶତପଥି ସଂଯୋଜନା କରିଥିଲେ।

## ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଦେବଗଡ,୧୬।୧୧(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ସଡୋ ପଞ୍ଚାୟତ କାଳଚିପୋଡାଡିହି ଗ୍ରାମରେ ଗୁରୁବାର ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତିଲେଇବଣି ସହକାରୀ ଉଦ୍ୟାନ କୃଷି ଅଧିକାରୀ କିରଣ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ର ବିଶେଷଜ୍ଞ ଡା. ବିଜୟଲକ୍ଷ୍ମୀ ସାହୁ ଏବଂ ସମ୍ମାନୀତ ଅତିଥିଭାବେ ସହକାରୀ କୃଷି ଅଧିକାରୀ ଝସକେତନ ପଟ୍ଟା, ସଡୋ ସରପଞ୍ଚ ସସ୍ମିତା ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ମାଝି କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହ ଉଦ୍ୟାନ ବିଭାଗରେ ଚାଷୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଜାତୀୟ ଉଦ୍ୟାନ କୃଷି ମିଶନ ସମେତ ଆଳୁ, ପିଆଜ, ମସଲା ମିଶନ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଉର୍ଦ୍ଦିଷ୍ଟ ଥିବା ସରକାରୀ ଯୋଜନା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ଚାଷୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ମଞ୍ଚାସୀନ ବିଭିନ୍ନ ବିଭାଗର ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ତିଲେଇବଣି ଉଦ୍ୟାନ କୃଷି ଓଭରସିୟର ଛନ୍ଦାଚରଣ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## କଣ୍ଢେଇ ପ୍ରାଥମିକ କୃଷି ସମବାୟ ସମିତି ପୁରସ୍କୃତ

ଦେବଗଡ,୧୬।୧୧(ଶଶାଙ୍କ ଶେଖର ଝାଙ୍କର)

୭୦ ତମ ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ଓଡିଶା ରାଜ୍ୟ ସମବାୟ ୟୁନିଅନ, ଭୁବନେଶ୍ୱର ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଉତ୍କଳ ମଣ୍ଡପଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଉତ୍ସବରେ ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଢେଇ ପ୍ରାଥମିକ କୃଷି ସମବାୟ ସମିତି ପୁରସ୍କୃତ ହୋଇଛି। ବୁଧବାର ଉତ୍କଳ ମଣ୍ଡପଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ପୁରସ୍କାର ବିତରଣୀ ଉତ୍ସବରେ କଣ୍ଢେଇ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଦେବେନ୍ଦ୍ର କୁମାରତ ବେହେରା, ସମ୍ପାଦକ ରମେଶ ଚନ୍ଦ୍ର କୁଣ୍ଡ ଓ ସହ ସମ୍ପାଦକ ଧିରେନ କୁମାର ସାହୁ ଓ ପରିଚାଳନା ସମିତି ସଦସ୍ୟ ପ୍ରଶନ୍ନ କୁମାର ନାୟକ ପ୍ରମୁଖ ଯୋଗଦେଇ ସମବାୟ ମନ୍ତ୍ରୀ ଅତନୁ ଶବ୍ୟସାଚୀ ନାୟକ, ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମବାୟ ସଚିବ ଅରବିନ୍ଦ୍ର ଅଗ୍ରୱାଲ ଓ କୃଷି ସଚିବ ଅରବିନ୍ଦ ପାଢୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।


କଣ୍ଢେଇ ପ୍ରାଥମିକ କୃଷି ସମବାୟ ସମିତିକୁ ପୁରସ୍କୃତ କରାଯାଉଛି।

# ଆରଣ୍ୟକ ମଞ୍ଚରେ ନାଟ୍ୟକଳା ଉତ୍ସବ


ଆରଣ୍ୟକ ମଞ୍ଚରେ ନାଟ୍ୟକଳା ଉତ୍ସବରେ ଅତିଥିମାନେ।

### ନାଟକ ଅବଶୋଷ, ଅଭିମାନିନୀ ମଞ୍ଚସ୍ଥ

ସମ୍ବଲପୁର,୧୬।୧୧(ବି.ଶଙ୍କର)

ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ବୁଧବାର ରାତିରେ ଝାଡ୍ରୁଆପଡା ଆରଣ୍ୟକ ମଞ୍ଚରେ ନାଟ୍ୟକଳା ଉତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ. ଶିବନାରାୟଣ ଶତପଥି ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ଅଞ୍ଚଳର ନିଜସ୍ୱ ସମୃଦ୍ଧ ସଂସ୍କୃତି ରହିଛି, ଯାହା ନାଟକ ଜରିଆରେ ସମଗ୍ର ବିଶ୍ୱରେ ପ୍ରସାରିତ ହୋଇପାରିବ ବୋଲି କହିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁ ପରିଷଦର ବୟୋଜ୍ୟେଷ୍ଠ ସଭ୍ୟ ମନୋରଞ୍ଜନ ପାଢୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସୂର୍ଯ୍ୟ ପାଣିଗ୍ରାହୀଙ୍କ ରଚନା ଓ ନିର୍ଦ୍ଦେଶନାରେ ଅବଶୋଷ ସମ୍ବଲପୁରୀ ନାଟକ ମଞ୍ଚ ହୋଇଥିଲା। ଗୀତ ଓ ସଙ୍ଗୀତ ପ୍ରମୋଦ ମିଶ୍ର, କଣ୍ଠ ମାନସ ଷଡଙ୍ଗୀ କରିଥିଲେ। ବିଭିନ୍ନ ଭୂମିକାରେ ଡ. ସତ୍ୟନାରାୟଣ ଠାକୁର, ଯୋଗେଶ ନନ୍ଦ, ଅନ୍ନପୂର୍ଣ୍ଣା ମିଶ୍ର ଅଭିନୟ କରିଥିଲେ। ସେହିପରି ବିରୂପାକ୍ଷ ପ୍ରଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ଦ୍ୱିତୀୟ ନାଟକ ଅଭିମାନିନୀ ମଞ୍ଚସ୍ଥ ହୋଇଥିଲା।

## କୁଷ୍ଠରୋଗୀ ଚିହ୍ନଟ ଅଭିଯାନ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୬।୧୧(ବି.ଶଙ୍କର)

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଗୁରୁବାର କୁଷ୍ଠରୋଗୀ ଚିହ୍ନଟ ଅଭିଯାନ (୨୦୨୩-୨୪) ସକାଶେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଅଭିଯାନର ପ୍ରଥମ ପର୍ଯ୍ୟାୟ ୧୦ ଜୁଲାଇରୁ ୮ ଅଗଷ୍ଟ ୨୦୨୩ରେ ଶେଷ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଡିସେମ୍ବର ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବ। କୁଷ୍ଠରୋଗୀ ଚିହ୍ନଟ ପାଇଁ ଆଶା କର୍ମୀ ଘରକୁ ଘର ଗସ୍ତ ବୁଲିବେ ବୋଲି ବୈଠକରେ ସ୍ଥିର ହୋଇଛି। ସର୍ବେକ୍ଷକଙ୍କ ଦ୍ୱାରା ରେଫର ହେବାର ୩ଦିନ ମଧ୍ୟରେ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଶତପ୍ରତିଶତ ସନ୍ଦିଗ୍ଧ ପରୀକ୍ଷା କରାଯିବ। ବୈଠକରେ ସିଡିଏମ୍‌ଓ ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ଏଡିପିଏଚ୍‌ଓ ଡା. ଭରତ ଚନ୍ଦ୍ର ଦାଶ, ଏଡିପିଏଚ୍‌ଓ କୁଷ୍ଠରୋଗୀ ଡା. ପିସି ବିଶ୍ୱାଳଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରେଳଲାଇନରୁ ମୃତଦେହ ଜବତ

ମୁରିବାହାଲ,(ଶ୍ରୀବତ୍ସ ବେହେରା): ବଲାଙ୍ଗୀର ଜିଲା ମୁରିବାହାଲ ରେଳବାଇ ଫାଟକଠାରୁ ରେଳ ଷ୍ଟେଶନ ରେଳ ଲାଇନରୁ କଣ୍ଟାବାଞ୍ଜି ଜିଆରପି ଜଣେ ବ୍ୟକ୍ତିଙ୍କ ମୃତଦେହ ଗୁରୁବାର ଜବତ କରିଛି। ମୃତକ ହେଲେ ମୁରିବାହାଲ ସଦର ମହକୁମାର ଗୋବିନ୍ଦ ବଘାର(୬୧)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଜିଆରପି ଏକ ଅପମୃତ୍ୟୁ ମାମଲା (୫୫/୨୩)ରୁଜୁ କରିଛି। ଗୋବିନ୍ଦ ସ୍ଥାନୀୟ ବିଜୁ ଜନତା ଦଳର ଜଣେ ସକ୍ରିୟ ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ବଲାଙ୍ଗୀର,୧୬।୧୧(ବୀରେନ୍ଦ୍ର କୁମାର ଝାଙ୍କରୀ)



ବଲାଙ୍ଗୀରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର କୋଶଳ କଳା ମଣ୍ଡଳରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଦୁଇଦିନିଆ ପ୍ରଥମ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଗୁରୁବାର ଉଦ୍‌ଘାଟିତ ହୋଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ଜଗନ୍ନାଥ ନନ୍ଦ ଓ ବଲାଙ୍ଗୀର-କଳାହାଣ୍ଡି--ନୂଆପଡା (ବିକେଏନ) ଦୁଗ୍ଧ ସଂଘ ଅଧ୍ୟକ୍ଷା ସୀମା ପଟେଲ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ସଭା ପ୍ରାରମ୍ଭରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା।

ମୁଖ୍ୟଅତିଥି ମନ୍ତ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ରାଜ୍ୟର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀଙ୍କ ଉନ୍ନତି ଦିଗରେ ରାଜ୍ୟ ସରକାରଙ୍କ ପ୍ରାଥମିକତା ଏବଂ ବିଶେଷକରି ବଲାଙ୍ଗୀର ଜିଲାର ଚାଷୀମାନଙ୍କୁ ପ୍ରୋତ୍ସାହନ ଦିଗରେ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଧାନ ଚାଷ ସହ ପ୍ରାଣୀ ଏବଂ ମତ୍ସ୍ୟ ଚାଷର ଆର୍ଥିକ ଲାଭ ଦିଗରେ ସେ କହିଥିଲେ। ଚାଷୀମାନେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ପାଳନ ଉପରେ ଜୋର ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ବିଧାୟକ ନରସିଂହ ମିଶ୍ର ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପ୍ରୋତ୍ସାହନକୁ ପ୍ରଶଂସା କରିଥିଲେ। ତେବେ ଯେତିକି ମାତ୍ରାରେ ପ୍ରଚାର କରାଯାଉଛି ସେତିକି ସୁଫଳ ଚାଷୀମାନେ ପାଉନାହାନ୍ତି। ଏଣୁ ଚାଷୀଙ୍କୁ ଯୋଜନାର ଶତପ୍ରତିଶତ ଲାଭ ଯୋଗାଇବାକୁ ହେଲେ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେବାକୁ ହେବ ବୋଲି କହିଥିଲେ। ଅନେକ ସ୍ଥାନରେ ଚାଷୀମାନେ ଯୋଜନା ସମ୍ପର୍କରେ କରାଯାଉଥିବା ପ୍ରଚାର ଶୁଣି ଅଧିକାରୀଙ୍କ ପାଖକୁ ପହଞ୍ଚୁଥିଲେ ମଧ୍ୟ ଅଧିକାରୀଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ନିରାଶ ହେଉଥିବା କହିଥିଲେ। ଏଣୁ କୌଣସି ପରିସ୍ଥିତିରେ ଚାଷୀଙ୍କୁ ନିରାଶ ନ କରି ଯୋଜନାର ପ୍ରକୃତ ସଫଳତା ସମ୍ପର୍କରେ ପ୍ରଚାର କଲେ ଲୋକେ ଅଧିକ ଲାଭବାନ୍

> ■ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି: ଟୁକୁନି
>
> ■ସଫଳତାଠାରୁ ଅଧିକ ପ୍ରଚାର ଚାଷୀଙ୍କୁ ନିରାଶା କରିପାରେ: ନରସିଂହ
>
> ■ଜିଲାର ଚାଷୀଙ୍କ ପାଇଁ ଏଭଳି ପ୍ରୟାସ ଜାରି ରହିବ: ଜିଲାପାଳ

ହେବେ ବୋଲି କହିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ନନ୍ଦ ତାଙ୍କ ବକ୍ତବ୍ୟରେ ଆଧୁନିକ ପ୍ରଣାଳୀ ଏବଂ ବୈଷୟିକ ଜ୍ଞାନ ସମ୍ପର୍କରେ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସାହୁ ଗାଁ ଗହଳର ଚାଷୀଙ୍କ ପ୍ରକୃତ ଆବଶ୍ୟକତା ଏବଂ ସଫଳତା ଦିଗରେ କହିଥିଲେ। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ଜିଲାରେ ପ୍ରଥମ ଥର ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜନ କରାଯିବା ଦ୍ୱାରା ଜିଲାର ଚାଷୀମାନେ ନୂଆ ଉତ୍ସାହ ପାଇବେ ଏବଂ ସରକାରଙ୍କ ପ୍ରୋତ୍ସାହନ ଦିଗରେ ସଚେତନ ହେବେ ବୋଲି କହିଥିଲେ। ଜିଲାର ଅନେକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀ କିଭଳି ଲାଭବାନ୍ ହୋଇଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି କହିଥିଲେ। ଆଗାମୀ ଦିନରେ ଏଭଳି ଆୟୋଜନ ଆହୁରି କରାଯିବ ବୋଲି କହିଥିଲେ। ଏହି ଅବସରରେ ସଫଳ ମତ୍ସ୍ୟ ଚାଷୀ ତଥା ମତ୍ସ୍ୟ ଚାଷ ସମ୍ପର୍କିତ ଭିଡିଓ ପ୍ରଦର୍ଶନ, ପ୍ରାଣୀ ସମ୍ପଦ ବିକାଶର ସଫଳ କାହାଣୀ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଅନେକ ଚାଷୀ ଉପସ୍ଥିତ ଚାଷୀ ଓ ଜନସାଧାରଣଙ୍କୁ ନିଜସ୍ୱ ସଫଳ ଚାଷୀ ଓ ଉଦ୍ୟୋଗୀର ଅନୁଭୂତି ବିଷୟରେ କହିଥିଲେ। ନଭେମ୍ବର ୧୬ ଓ ୧୭ ତାରିଖରେ ଦୁଇଦିନ ଧରି ଏହି ମେଳା ଅନୁଷ୍ଠିତ ହେବ। ପ୍ରାରମ୍ଭିକ ଅଧିବେଶନ ପରେ ଚାଷୀମାନେ ବୈଜ୍ଞାନିକ ପ୍ରଣାଳୀରେ କିଭଳି ଚାଷ କରିବେ ସେନେଇ ବିଶେଷଜ୍ଞମାନଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ତଥା କୃଷି, ବିଭିନ୍ନ ବ୍ୟାଙ୍କ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ ଯୋଗଦାନ ଦେଇଥିଲେ। ଅତିଥିମାନେ ପ୍ରଦର୍ଶନୀ ମେଳା ପରିଦର୍ଶନ କରିଥିଲେ। ପ୍ରଦର୍ଶନୀ ମେଳାରେ ଜିଲା ତଥା ରାଜ୍ୟର ବିଭିନ୍ନ ସ୍ଥାନର ଉନ୍ନତ କିସମର ଛେଳି, ମେଣ୍ଢା, ଘୁଷୁରୀ, ବତକ, କୁକୁଡା, ମାଛ ପ୍ରଦର୍ଶିତ ହେବା ସହ ବିଭିନ୍ନ କୃଷିଜାତ ଦ୍ରବ୍ୟ ପ୍ରଦର୍ଶନୀ ଲଗାଯାଇଛି।

## ସଂକ୍ଷେପରେ

### ଜଳଛତ୍ର ଶ୍ରମିକଙ୍କୁ ମିଳିନି ବକେୟା ପାଉଣା

ଲୋଇସିଂହା,୧୬।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ପକ୍ଷରୁ ଜଳଛତ୍ରରେ ନିୟୋଜିତ ଶ୍ରମିକ ପାଉଣା ପାଇନାହାନ୍ତି। ଚଳିତ ଗ୍ରୀଷ୍ମ ସମୟରେ ପଞ୍ଚାୟତ ଅଧୀନ ଝାରମୁଣ୍ଡା, ଲୁଚକିବାହାଲ, ପରଧିଆପାଲି, ଆମପାଲିରେ ଜଳଛତ୍ର ଖୋଲା ଯାଇଥିଲା। ଏହି ୪ ସ୍ଥାନରେ ୪ ଜଣ ଶ୍ରମିକ ନିୟୋଜିତ ହୋଇ ପଥଚାରୀଙ୍କୁ ପିଇବା ପାଣି ଯୋଗାଇଥିଲେ। ଜଳଛତ୍ରରେ ନିୟୋଜିତ ଶ୍ରମିକଙ୍କ ଜଣକା ୨୩ହଜାର ୯୪୦ ଟଙ୍କା ଲେଖାଏ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପଞ୍ଚାୟତ ପକ୍ଷରୁ ଜମା କରାଯିବା କଥା। ହେଲେ ପଞ୍ଚାୟତ ପାଣ୍ଠିରୁ ଗତ ସେପ୍ଟେମ୍ବର ୮ତାରିଖରେ ଜଳଛତ୍ର ବାବଦକୁ ୧ଲକ୍ଷ ୨୯ହଜାର ୨୭୬ଟଙ୍କା ଉଠାଯାଇଛି। ଏପରିକି ଉଠାଯାଇଥିବା ଟଙ୍କା ଶ୍ରମିକଙ୍କ ଆକଉଣ୍ଟରେ ନଦେଇ ହାତାହାତି ଜଣକା ମାତ୍ର ୧୫ ହଜାର ଲେଖାଏ ଦିଆଯାଇଛି। ଅପରପକ୍ଷରେ ପଞ୍ଚାୟତ ପକ୍ଷରୁ ୪ଟି ଜଳଛତ୍ର ଖୋଲା ଯାଇଥିବାବେଳେ ୭ଜଳଛତ୍ର ବାବଦକୁ ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ହୁତାସନ ସୁନା ଏବଂ ସରପଞ୍ଚଙ୍କୁ ବାକି ଟଙ୍କା ବିଷୟରେ କହିଲେ ମଧ୍ୟ ସୁଫଳ ମିଳି ନାହିଁ। ଓଲଟି ସେମାନଙ୍କୁ ଆଗାମୀ ବର୍ଷ ଜଳଛତ୍ର କାର୍ଯ୍ୟକ୍ରମରୁ ବାଦ୍ ଦିଆଯିବ ବୋଲି କୁହାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପିଇଓ ସୁନାଙ୍କୁ ତାଙ୍କ ମୋବାଇଲ ନଂ ୭୦୦୮୧୩୭୮୧୧ରେ ଯୋଗଯୋଗ କରାଯାଇଥିଲା। ହେଲେ ସୁଇଚ ଅଫ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ସରପଞ୍ଚ ବନୀତା ମେହେରଙ୍କୁ ପଚାରିବାରୁ ଏପରି ଅଭିଯୋଗ ହେଉଛି କି କହି ନିରୁତ୍ତର ରହିଥିଲେ। ବିଡିଓ ଯୁଧିଷ୍ଠିର ମେହେର କହିଛନ୍ତି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ତଦନ୍ତ କରି ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ମୁରିବାହାଲରେ ସରିଲା ଗିରିଗୋବର୍ଦ୍ଧନ ପୂଜା

ମୁରିବାହାଲ,୧୬।୧୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ବିଭିନ୍ନ ସ୍ଥାନରେ ଗିରିଗୋବର୍ଦ୍ଧନ ପୂଜା ଗୁରୁବାର ସମାପନ ହୋଇଯାଇଛି। ମୁରିବାହାଲ ଓ ଲଖନା ଗ୍ରାମ ପଞ୍ଚାୟତ ଯାଦବ ସମାଜ ତରଫରୁ ସ୍ଥାନୀୟ ଯାଦବ ଭବନ ନିକଟ ଗିରିଗୋବର୍ଦ୍ଧନ ପୀଠରେ ଗତ ମଙ୍ଗଳବାର ଅଧିବାସ ଅନୁଷ୍ଠିତ ହୋଇଥିଲା। ପରେ ଅଷ୍ଟ ପ୍ରହର ନାମଯଜ୍ଞ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ନାମଯଜ୍ଞ କର୍ତ୍ତାଭାବେ ତରୁଣ ପୋଢ଼, ତାଙ୍କ ପତ୍ନୀ ତପସ୍ୱିନୀ ପୋଢ଼, ଦାୟିତ୍ୱ ତୁଲାଇ ଥିଲେ। ଗିରିଗୋବର୍ଦ୍ଧନ ପୂଜାର କର୍ତ୍ତାଭାବେ ଦିଲୀପ ବାଗ ଓ ତାଙ୍କ ପତ୍ନୀ ସଙ୍ଗୀତା ବାଗ ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ ପୂଜାକୁ ସଫଳ କରିବାରେ ସଭାପତି ସେମନ୍ତ ବାଗ, ଉପସଭାପତି ଫଲଗୁନି ହାତୀ, ଦୈତ୍ୟାରୀ ହାତୀ ଓ ଦେବାର୍ଚ୍ଚନ ଥପା, ସମ୍ପାଦକ ଦିନେଶ କୁମାର ହଂସ, ସହସମ୍ପାଦକ ସୁଧାଂଶୁ ଶେଖର ପୋଢ଼ ଯାଦବ,କୋଷାଧ୍ୟକ୍ଷ ସୁଦର୍ଶନ ଖରସେଲ ନେତୃତ୍ୱ ନେଇଥିଲେ।

### ଖଇରମାଲ, କାନୁଟ ବିଜୟୀ

#### ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ବେଲପଡ଼ା,୧୬।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଡେବ୍ରିପାଲି ଗ୍ରାମ ଖେଳ ପଡିଆରେ ଗୁରୁବାର ଜିଲାସ୍ତରୀୟ ଫୁଟବଲ ଟର୍ନାମେଣ୍ଟ ଆରମ୍ଭ ହୋଇଛି। ଦିବସର ପ୍ରଥମ ମ୍ୟାଚ ଖଇରମାଲ ବନାମ ଝରବହାଲି ମଧ୍ୟରେ ହୋଇଥିଲା। ଏଥିରେ ଖାଇରମାଲ ପେନାଲ୍ଟିସୁଟରେ ବିଜୟୀ ହୋଇଥିଲା। ଦ୍ୱିତୀୟ ଖେଳ ଦର୍ଲିମୁଣ୍ଡା ଓ କାନୁଟ ମଧ୍ୟରେ ହୋଇଥିଲା। ଏଥିରେ କାନୁଟ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ମନୋଜ ବେହେରା, ସମ୍ମାନୀତ ଅତିଥି ଯଜ୍ଞସେନୀ ବେହେରା, ଗୋପବନ୍ଧୁ ହଂସ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି ମାୟାଧର ବାଗ, ସମ୍ପାଦକ କୈଳାସ ବାଗଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଚାଲିଛି।

## ଫାଇନାଲରେ ଏପିଜେ ଲୋଇସିଂହା

ଲୋଇସିଂହା,୧୬।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ୧୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ଟ୍ରଷ୍ଟ ବୋର୍ଡ ଏବଂ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଲୋଇସିଂହା କପ୍ ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହେଉଛି । ଗୁରୁବାର ତୃତୀୟ ଦିବସରେ ଜରାସିଂହାକୁ ହରାଇ ଏପିଜେ ଲୋଇସିଂହା ପ୍ରଥମ ଦଳଭାବେ ଫାଇନାଲରେ ପ୍ରବେଶ କରିଛି। ଏ ଗ୍ରୁପର ପ୍ରଥମ ସେମିଫାଇନାଲ ଜରାସିଂହା ଓ ଏପିଜେ ଲୋଇସିଂହା ମଧ୍ୟରେ ହୋଇଥିଲା। ଏଥିରେ ଏପିଜେ ଲୋଇସିଂହା ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏପିଜେ ଲୋଇସିଂହା ଦଳର ସୁଧିର ସରାଫ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କୃତ ହୋଇଥିଲେ। ରେଫରି ଉମେଶ ଭୋଇ ଖେଳ ପରିଚାଳନା କରିଥିଲେ। ଶ୍ରବଣ ବାଗ ଓ ବିକି ବିଶି ଲାଇନରେ ସହଯୋଗ କରିଥିଲେ । ତୃତୀୟ ଦିବସରେ ଜିଲା କଂଗ୍ରେସ ଏସ୍‌ସି ସେଲ ଜିଲା ସଭାପତି ଓମ୍‌ପ୍ରକାଶ କୁମ୍ଭାର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।



ମୁଖ୍ୟ ଅତିଥି ସୁଧୀର ସରାଫଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

## ଦୋକାନ ଉଚ୍ଛେଦକୁ ନେଇ ଭାଜପାର ଧାରଣା



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ଟିଟିଲାଗଡ଼,୧୬।୧୧(ଶରତ ମିଶ୍ର)

ଟିଟିଲାଗଡ ସହର ଦେଇ ଦେଶର ବିଭିନ୍ନ ଅଞ୍ଚଳକୁ ରେଳପଥ ସଂଯୋଗ ସହ ଜାତୀୟ ରାଜପଥ ୫୯ ଯାଇଛି। ଏଥିଯୋଗୁ ସହର ମଧ୍ୟରେ ସର୍ବଦା ଟ୍ରାଫିକ ଜାମ ରହିଥାଏ। ପୌର ପ୍ରଶାସନ ଏନେଇ ସହର ମଧ୍ୟରେ ସକାଳ ୮ଟାରୁ ରାତ୍ରୀ ୧୦ଟା ଯାଏ ଭାରିଯାନ ଚଳାଚଳ ବନ୍ଦ ସହ ହାଲୁକା ଯାନ ଲୋଡିଂଅନଲୋଡିଂ ଉପରେ କଟକଣା ଲଗାଇଛି। ଦୀପାବଳି ସମୟରେ ସହରରେ ପୌର ପ୍ରଶାସନ ଦୋକାନୀଙ୍କୁ ଉଚ୍ଛେଦ ପାଇଁ ପୋଲିସ ବଳ ସହ ରାସ୍ତାକୁ ଓହ୍ଲାଇଥିଲା। ହେଲେ ଦୋକାନୀଙ୍କ ତୀବ୍ର ବିରୋଧ ଯୋଗୁ ଉଚ୍ଛେଦ ପ୍ରକ୍ରିୟା ଫସର ଫାଟିଥିଲା। ଏହାକୁ ନେଇ ଗୁରୁବାର ଟିଟିଲାଗଡ ଭାଜପା ଉଠା ଦୋକାନୀଙ୍କ ସମର୍ଥନରେ ରାସ୍ତାକୁ ଓହ୍ଲାଇଥିଲା। ଦଳର ସ୍ଥାନୀୟ କାର୍ଯ୍ୟାଳୟରୁ ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀଙ୍କ ନେତୃତ୍ୱରେ ଶତାଧିକ ଦୋକାନୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ ୫୯ ଉପରେ ଧାରଣା ପ୍ରଦର୍ଶନ କରିଥିଲେ। ଧାରଣାସ୍ଥଳରେ ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ବରିଷ୍ଠ ନେତା ମହେନ୍ଦ୍ର ଠାକୁର, ରାଜ୍ୟ ଯୁବ ମୋର୍ଚ୍ଚା ସଂଯୋଜକ ନରସିଂ ସିଂ, ଅଶୋକ ଭୋଇ, ଅଶୋକ ମିଶ୍ର ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ସହରର ଟ୍ରାଫିକ ସମସ୍ୟା ପାଇଁ ବଡବଡିଆ ଦାୟୀ। ସେମାନଙ୍କ ଆଗରେ ପୌର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନନେଇ ଗରିବ ଦୋକାନୀଙ୍କ ଉପରେ ଦାଉ ସାଧୁଛି। ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ। ଆବଶ୍ୟକ ଭେଣ୍ଡିଂ ଜୋନ, ସହରର ବଡବଡିଆଙ୍କ କବଳରୁ ରାସ୍ତା ଅତିକ୍ରମଣ ଉଚ୍ଛେଦ ଆଦି ପଦକ୍ଷେପ ଗ୍ରହଣ କରା ନ ଯାଇ ରାସ୍ତାରୁ କୌଣସି ଗରିବ ଦୋକାନୀଙ୍କୁ ଉଚ୍ଛେଦ କଲେ ତୀବ୍ର ଆନ୍ଦୋଳନ ହେବ ବୋଲି ଭାଜପା ନେତାମାନେ ଚେତାବନୀ ଦେଇଛନ୍ତି। ପୌର ପରିଷଦ ଭାଜପା ଦଖଲରେ ଥିବା ବେଳେ ପ୍ରାୟ ୫୦୦ ଦୋକାନୀ ହନ୍ତସନ୍ତ ହୋଇଚାଲିଛନ୍ତି। ଏମିତିରେ ଭାଜପା ନେତା ଆନ୍ଦୋଳନକୁ ଓହ୍ଲାଇବା ଚର୍ଚ୍ଚାର ବିଷୟ ହୋଇଛି।

## ମଡେଲ ଡିଗ୍ରୀ କଲେଜରେ ଏକ ଦିବସୀୟ ପାଠଚକ୍ର

ଖଡ଼ିଆଲ,୧୬।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ମଡେଲ ଡିଗ୍ରୀ କଲେଜଠାରେ କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ସାଇବର ସିକ୍ୟୁରିଟି ବିଷୟ ଏକ ଦିବସୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଅକ୍ଷୟ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ବିଭାଗୀୟ ମୁଖ୍ୟ ସ୍ମାରକୀ ଭକ୍ତିସୁଧା ଅତିଥି ପରିଚୟ କରିବା ସହ ବିଷୟସୂଚୀ ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସରକାରୀ ଭୋକେଶନାଲ କଲେଜ ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର ଯୋଗଦେଇ ସାଇବର ଅପରାଧକୁ ରୋକିବା ପାଇଁ କେଉଁ ପଦକ୍ଷେପ ନେବାକୁ ପଡିବ ଉକ୍ତ ବିଷୟରେ କହିଥିଲେ। ପାଠଚକ୍ରରେ ବିଭାଗର ୪ଜଣ ଛାତ୍ରୀଛାତ୍ର ବସୁଧା ଛତ୍ରିଆ, ପ୍ରିତେଶ କୁମାର ମାଝି, ଚିନ୍ମୟ ବିଶି ଏବଂ ବିଭୁତି ଭୂଷଣ ବାରିକ ସାଇବର ଠକେଇ, ସାଇବର ଅପରାଧ, ସାଇବର ଠକେଇ ପ୍ରତିରୋଧ, ସାଇବର ଠକେଇ ପାଇଁ ସରକାରୀ ଦଣ୍ଡାବଧାନ ଓ ପ୍ରତିକାର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପାଠଚକ୍ରରେ ଗଣିତ ବିଭାଗ ମୁଖ୍ୟ ଭୁବନେଶ୍ୱର ମୁଦୁଲି, ଶିବ କୁମାର ଓ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ବୃନ୍ଦ ସହ ବିଭାଗର ଅଧିକାଂଶ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଧ୍ୟାପିକା ସ୍ମାରକୀ ଭକ୍ତିସୁଧା ଧନ୍ୟବାଦ ଅର୍ପଣ କରିଥିଲେ।

## ନିରପେକ୍ଷ ଖବର ପରିବେଷଣକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଖବରଦାତା।

ମୁରିବାହାଲ,୧୬।୧୧(ଶ୍ରୀବତ୍ସ ବେହେରା)

### ଜାତୀୟ ସାମ୍ବାଦିକ ଦିବସ ପାଳିତ

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଜାତୀୟ ସାମ୍ବାଦିକ ଦିବସ ଗୁରୁବାର ଜଙ୍ଗଲ ବିଭାଗ ବଙ୍ଗଳାରେ ପାଳିତ ହୋଇଯାଇଛି। ସଂଘ ସଭାପତି ଡା ସୁବ୍ରତ କୁମାର ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ତହସିଲଦାର ଆୟୁବ ମଣ୍ଡଳ, ବରିଷ୍ଠ ଆଇନଜୀବୀ ଜୟଦେବ ପୁରୋହିତ ସଭାରେ ଯୋଗଦେଇଥିଲେ। ସତ୍ୟ, ନିରପେକ୍ଷ ଓ ଯୁଗପଯୋଗୀ ଖବର ପରିବେଷଣ ଦିଗରେ ଖବରଦାତାମାନେ ଅଧିକ ଯତ୍ନବାନ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ବିଗତ ଦିନମାନଙ୍କରେ ମୁରିବାହାଲ ସାମ୍ବାଦିକ ସଂଘର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସେମାନେ ପ୍ରଶଂସା କରିଥିଲେ। ଶ୍ରୀବତ୍ସ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ଉପସଭାପତି କେଦାର ବଡ଼ଜେନା, କୋଷାଧ୍ୟକ୍ଷ ମନୋଜ କୁମାର କର, ପ୍ରଫୁଲ୍ଲ କୁମାର ବଘାର, ଶଙ୍କର ମାଝି ବକ୍ତବ୍ୟ ରଖିଥିଲେ। ସଂଘ ସାଧାରଣ ସମ୍ପାଦକ ସୁଦାମ ଚରଣ ବଘାର ଧନ୍ୟବାଦ ଅର୍ପଣ କରିଥିଲେ।

## ପେନ୍‌ସନ ଯୋଜନାରେ ସାମିଲ କର

କଣ୍ଟାବାଞ୍ଜି, ୧୬।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ଡାକ ବଙ୍ଗଳାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ସଂଘ ସଭାପତି ବିମଳ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଞ୍ଚଳିକ ସମସ୍ୟାକୁ ଲେଖନୀ ମାଧ୍ୟରେ ଉତ୍‌ଥାପନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସରକାର ସାମ୍ବାଦିକମାନଙ୍କ ପରିବାରକୁ ସ୍ୱତନ୍ତ୍ର ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବାକୁ ଖବରଦାତାମାନେ ଦାବି କରିଥିଲେ। ସଂଘର ଶିବ ଶଙ୍କର ବାଗ, ବରିଷ୍ଠ ସଭ୍ୟ ଜୀବନାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ କୃତିକର ବାଗ, ସମ୍ପାଦକ ସମିମ ଖାନ, କାର୍ଯ୍ୟକାରୀ ସଭାପତି ଗୁରୁଦୟାଲ ହଂସ, ସଭ୍ୟ ବିନୋଦ ସିଂ, କୈଳାସ ସଗରିଆ ଉପସ୍ଥିତ ଥିଲେ ।

ସେହିପରି କଣ୍ଟାବାଞ୍ଜି ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ସୁରଦାସ ବାଗ, ଉପସଭାପତି ମନୋଜ ଶର୍ମା, ସହସମ୍ପାଦକ ବିସିକେଶନ ମାଝି, କୋଷାଧ୍ୟକ୍ଷ କମଲଜିତ ସିଂ ମଖିଜା, ପରାମର୍ଶଦାତା ଦୁର୍ଗାପ୍ରସାଦ ଗୁପ୍ତା ଉପସ୍ଥିତ ଥିଲେ।



କଣ୍ଟାବାଞ୍ଜିରେ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ସାମ୍ବାଦିକମାନେ।

## ସାମ୍ବାଦିକ ନିର୍ଭୀକ, ନିରପେକ୍ଷ ହୁଅନ୍ତୁ

ଟିଟିଲାଗଡ଼,୧୬।୧୧(ଶରତ ମିଶ୍ର)

କବି ଏବଂ ଗଣମାଧ୍ୟମ ସର୍ବଦା ସମାଜର ସ୍ୱର ଭାବରେ ବଳିଷ୍ଠ କାର୍ଯ୍ୟ କରିଆସିଛନ୍ତି। ବର୍ତ୍ତମାନ ମିଡିଆ ଯୁଗରେ ସମାଜ ସୁଧାର ପାଇଁ ଜଣେ କବିଠାରୁ ଜଣେ ସଚ୍ଚୋଟ ଏବଂ ନିର୍ଭିକ ସାମ୍ବାଦିକଙ୍କ ଆବଶ୍ୟକତା ଅଧିକ ରହିଛି। ତେଣୁ ସାମ୍ବାଦିକ ନିରପେକ୍ଷ, ନିର୍ଭୀକତାର ସହ କାର୍ଯ୍ୟ କରି ସତ୍ୟକୁ ସରକାରଙ୍କ ଆଗରେ ଉଜାଗର କଲେ ହିଁ ଗଣତନ୍ତ୍ରର ମୂଳଦୁଆ ସୁଦୃଢ ହେବ ବୋଲି ବଲାଙ୍ଗୀର ଜିଲା ଓଜେୟୁ ଶାଖା ପକ୍ଷରୁ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପରେ ଜାତୀୟ ପ୍ରେସ ଦିବସ ଅବସରରେ ଅନୁଷ୍ଠିତ ସଭାରେ ଲୋକକବି ପଦ୍ମଶ୍ରୀ ହଲଧର ନାଗ କହିଛନ୍ତି। ଓଜେୟୁ ଜିଲା ସଭାପତି ପ୍ରମୋଦ ସେଲମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜନୈତିକ ସମୀକ୍ଷକ ପ୍ରମୋଦ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱାର୍ଥବିହୀନ ସେବା, ଜୀବନକୁ ବାଜି ଲଗାଇବା ଭଳି ଖବର ସମାଜରେ ସନ୍ତୁଳନ ରଖିବାରେ ସହାୟ ହୋଇଛି ବୋଲି କହିଥିଲେ। ସମ୍ମାନୀତ ଅତିଥି ଡିଏଭି ସ୍ୱୟଂ ଶାସିତ କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବପ୍ରସାଦ ବେହେରା ଜଳର ଗୁଣ ଶୀତଳତା ଭଳି ସାମ୍ବାଦିକତାର ଗୁଣ ନିରପେକ୍ଷତା ବୋଲି କହିଥିଲେ। ଅନ୍ୟତମ ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ଗବେଷକ ଡ. ଦୋଳଗୋବିନ୍ଦ ବିଶି ବକ୍ତବ୍ୟ ରଖିଥିଲେ। ଜିଲା ସାମ୍ବାଦିକ ସଂଘର ପୂର୍ବତନ ସଭାପତି ଦିଲୀପ ପୁରୋହିତ ସଭିଙ୍କୁ ପ୍ରେସ ଦିବସ ଅବସରରେ ଶୁଭେଚ୍ଛା ଜଣାଇଥିଲେ।


ପଦ୍ମଶ୍ରୀ ହଲଧର ନାଗଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଉଛି।

ଏହି ଅବସରରେ ବିଶିଷ୍ଟ ଗବେଷକ ବିଶିଙ୍କ ଦ୍ୱାରା ପ୍ରସ୍ତୁତ କୋଶଲି ଭାଷାରେ ମୁଦ୍ରିତ ମାନପତ୍ର ତଥା ଉପଢୌକନ ପ୍ରଦାନ ସହ ପଦ୍ମଶ୍ରୀ ହଲଧରଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୁଷିଆରେ ଏନସିସି କାର୍ଯ୍ୟକ୍ରମରେ ରାଜ୍ୟର ଏକମାତ୍ର କ୍ୟାଡେଟ ଭାବେ ଭାଗ ନେଇଥିବା ଟିଟିଲାଗଡର ଇପସିତା ଦାଶ, ଓୟୁଜେ ରାଜ୍ୟ ଟ୍ରିବୁନାଲ ଅଧ୍ୟକ୍ଷ ଦୀପକ ସମ୍ପାଦାର, ବରିଷ୍ଠ ସାମ୍ବାଦିକ ମାନସ ମହାନ୍ତି, ବିନୋଦ ସୁନା, ନାରାୟଣ ସାହୁ, ମନୋଜ ମିଶ୍ର, ରଶ୍ମିରଞ୍ଜନ ପୁଟେଲ, ଈଶ୍ୱର ଜୈନ, ବିଭୁ ସିକା, ସନ୍ତୋଷ ପୁରୋହିତ, ସମାଜସେବୀ ହିଫଜୁଲ ରେହମାନ, କ୍ରୀଡାବିତ ସନ୍ଦୀପ ତ୍ରିପାଠୀ, ପୃଥିରାଜ ବକୁଲଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋଜ ଶତପଥି ସଭା ପରିଚାଳନା, ସମ୍ପାଦକ ସୁଧିର ଦାଶ ବିବରଣୀ ପାଠ ତଥା ଝୁଲୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ସମଲେଶ୍ୱରୀ କଲ୍ୟାଣ ମଣ୍ଡପ ଲୋକାର୍ପିତ

**ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ଏମ୍. ଜାମପାଲି ଗ୍ରାମରେ ୨୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସମଲେଶ୍ୱରୀ କଲ୍ୟାଣ ମଣ୍ଡପ ଲୋକାର୍ପିତ ହୋଇଛି। ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ବରିଷ୍ଠ ବିଜେଡ଼ି ନେତା ଅକ୍ଷୟ ରାୟଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉକ୍ତ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇ ଥିବାବେଳେ ଆଗକୁ ଗ୍ରାମରେ ଆହୁରି ଉନ୍ନୟନମୂଳକ ପ୍ରକଳ୍ପ ହେବ ବୋଲି ବିଧାୟକ ଆଚାର୍ଯ୍ୟ ସୂଚନା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ସଞ୍ଜୁ ରାୟ, ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜମୁର୍ଡ଼ା ସରପଞ୍ଚ ପଦ୍ମଲୋଚନ ପ୍ରଧାନ, ସମିତିସଭ୍ୟ ପ୍ରମୋଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ବିଜେଡ଼ି ନେତା ଗୋକୁଳ କର୍ଣ୍ଣ, ଗୁଣନିଧି କର୍ଣ୍ଣ, ଅମିୟ ରାୟ, ପ୍ରଭାତ ଭୋଇ, ଜଗଦୀଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସେମିରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ

**ବରଗଡ,୧୬।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ଚତୁର୍ଥ ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର ବରଗଡ଼ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଓ ବରଡୋଲ ଯୁବ ପରିଷଦ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଦଳ ବିଜୟୀ ହୋଇ ଚତୁର୍ଥ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ବରଗଡ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଦ୍ୱାରା ଆୟୋଜିତ ପ୍ରତିଯୋଗିତାର ଏହି ମ୍ୟାଚରେ ୟୁନାଇଟେଡ ସ୍ପୋର୍ଟସ କ୍ଲବର ଖେଳାଳି ଦୀପକ ଲାକ୍ରାଙ୍କ ଏକମାତ୍ର ଗୋଲ ଯୋଗୁ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ପ୍ରଶାନ୍ତ ବେହେରା ମ୍ୟାଚ୍ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ଦୀପେଶ ପ୍ରଧାନ ଓ ସଚିନ ଭୁଏ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ସୁନିଲ ବାଗ। ପ୍ରତିଯୋଗିତାରେ କମିଶନର ଅଛନ୍ତି ସଚ୍ଚିଦାନନ୍ଦ ପଣ୍ଡା । ମ୍ୟାନ ଅଫ ଦି ମ୍ୟାଚ ଭାବେ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଦଳର ଦୀପକ ଲାକ୍ରାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫରି ଗୋପାଳ ନାୟକ ଓ ଚନ୍ଦନ ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ଶୁକ୍ରବାର ମୁଣ୍ଡାପଡ଼ା ଓ ଘୁଲିପାଲି ଦଳ ମଧ୍ୟରେ ପ୍ରଥମ ସେମି ଫାଇନାଲ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ଡିସେମ୍ବରରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମାବେଶ

**ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘମାନଙ୍କୁ ଆମନ୍ତ୍ରଣ କରାଯାଇ ବରଗଡ଼ ଜିଲା ଓକିଲ ସଂଘ ଆନୁକୂଲ୍ୟରେ ଏକ ସମାବେଶ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରକାଶଥାଉକି, ଗତ ୨୦୦୬ ଏପ୍ରିଲ ୩୦ରେ ବରଗଡ଼ ଜିଲା ଓକିଲ ସଂଘଠାରେ ଏକ ଐତିହାସିକ ସମାବେଶ ଅନୁଷ୍ଠିତ ହୋଇଥିଲା ଏବଂ ଉକ୍ତ ସମାବେଶରେ ପଶ୍ଚିମ ଓଡ଼ିଶାର ପ୍ରାୟ ସମସ୍ତ ସଂଘ ଯୋଗଦାନ କରିଥିଲେ। ପଶ୍ଚିମ ଓଡ଼ିଶାର ଓକିଲ ଏବଂ ଜନସାଧାରଣଙ୍କ ଏକତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପୁଣିଥରେ ବରଗଡ଼ ଜିଲା ଓକିଲ ସଂଘ ପ୍ରୟାସ କରିବ ବୋଲି ନିଷ୍ପତ୍ତି ନେଇଛି। ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘର ସଦସ୍ୟଙ୍କ ସ୍ୱାର୍ଥ ତଥା ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଆସନ୍ତା ଡିସେମ୍ବର ମାସରେ ବରଗଡ଼ରେ ଏଭଳି ଏକ ସମାବେଶ କରିବା ପାଇଁ ସ୍ଥିର ହୋଇଛି ବୋଲି ବରଗଡ଼ ଜିଲା ଓକିଲ ସଂଘ ସମ୍ପାଦକ ଉତ୍ତର କୁମାର ସାହୁ ସୂଚନା ଦେଇଛନ୍ତି।

# ୨୧ରୁ ଖରିଫ୍ ଧାନ ସଂଗ୍ରହ

**ପଦ୍ମପୁର ଉପଖଣ୍ଡରେ ଖରିଫ ଧାନ ସଂଗ୍ରହ ପ୍ରଶିକ୍ଷଣ ଶିବିର**

- ୧୦ ଏସ୍ଏସ୍‌ଜି, ୨ ଧାନକ୍ରୟ କେନ୍ଦ୍ର ନୂଆ ସାମିଲ
- କଟ୍‌ନି ଛଟନି କଲେ କଡ଼ା କାର୍ଯ୍ୟାନୁଷ୍ଠାନ

**ପଦ୍ମପୁର,୧୬।୧୧(ପ୍ରଦୀପ୍ତ ଦାଶ)**



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଆସନ୍ତା ୨୧ ତାରିଖରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବ। ଗୁରୁବାର ଏ ନେଇ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ପରିସରରେ ଅନୁଷ୍ଠିତ ଖରିଫ ଧାନ ସଂଗ୍ରହ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପଦ୍ମପୁର ଉପଜିଲାପାଳ ଆଲୋକ ପଟେଲ ଅଧ୍ୟକ୍ଷତା କରିଥିଲେ। ପଦ୍ମପୁର ଉପଖଣ୍ଡ ଅଧୀନ ୬ଟି ବ୍ଲକର ଚାଷୀ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ପାକ୍ସ, ଆର୍‌ଏମ୍‌ସି କର୍ମଚାରୀ ଏବଂ ଯୋଗାଣ ବିଭାଗର ନିରୀକ୍ଷକମାନେ ଉପସ୍ଥିତ ଥିଲେ।

ଧାନ ବିକ୍ରି ପାଇଁ ଚାଷୀ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ଓ ସରକାରୀ ସହାୟକ ଦର ପାଇବେ ସେ ନେଇ ଉପଜିଲାପାଳ ପଟେଲ ପରାମର୍ଶ ଦେବା ସହିତ ଏଫ୍ଏକ୍ୟୁ ଧାନ କଟନି ଛଟନି ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇଥିଲେ। ଏହାସହିତ ସମସ୍ତ କ୍ରୟକେନ୍ଦ୍ରରେ ପିଇବା ପାଣି ମହଜୁଦ ସହିତ ଟଏଲେଟ ବ୍ୟବସ୍ଥା ଓ ଚାଷୀଙ୍କୁ ଆଶ୍ରୟସ୍ଥଳ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥର ୮୨ କ୍ରୟକେନ୍ଦ୍ର ଓ ନୂତନ ଭାବେ ସାମିଲ ହୋଇଥିବା ୧୦ ଏସ୍‌ଏଚଜି ମାଧ୍ୟମରେ ଧାନ ସଂଗ୍ରହ ହେବ । ଏ ନେଇ ସମସ୍ତ ପ୍ରସ୍ତୁତି ସରିଛି ବୋଲି ଆର୍‌ଏମ୍‌ସି ସମ୍ପାଦକ ବିଶ୍ୱଜିତ ବାରିକ ସୂଚନା ଦେଇଥିଲେ। ସେହିପରି ଚଳିତ ବର୍ଷ ସାଧାରଣ ଧାନ କୁଇଣ୍ଟାଲ ୨୧୮୩ ଓ ଏ ଗ୍ରେଡ୍ ଧାନ ୨୨୦୩ ଟଙ୍କା ଏବଂ ସପ୍ତାହରେ ୬ ଦିନ ମଣ୍ଡି ଖୋଲା ରହି ସକାଳ ୭ରୁ ୧୨ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ ଓ ଅପରାହ୍ନ ୧ରୁ ଧାନ ଉଠାଣ ହେବ ବୋଲି ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ପ୍ରଧାନ ସୂଚନା ଦେଇଥିଲେ। ଆର୍‌ଏମ୍‌ସି ତରଫରୁ ବାସୁଦେବ ମିଶ୍ର ଧାନର ମାନ ପରିକ୍ଷଣ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ନିରୀକ୍ଷକ ହିମାଂଶୁ ରାଉତ, ଝାରବନ୍ଧ ଯୋଗାଣ ନିରୀକ୍ଷକ କବିରାଜ ଧରୁଆ, ପାଇକମାଳ ଯୋଗାଣ ନିରୀକ୍ଷକ ପ୍ରମୋଦ କୁମାର ପଣ୍ଡା, ସୋହେଲା ଯୋଗାଣ ନିରୀକ୍ଷକ ରଶ୍ମି ରଞ୍ଜନ ଘଡାଇ, ଗାଇସିଲେଟ ଯୋଗାଣ ନିରୀକ୍ଷକ ଅଶୋକ ସାହୁ, ବିଜେପୁର ଯୋଗାଣ ନିରୀକ୍ଷକ ବରୁଣ ଦଲେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଆର୍‌ଏମ୍‌ସିର ବରିଷ୍ଠ କର୍ମଚାରୀ ବାସୁଦେବ ମିଶ୍ର, ସମରେନ୍ଦ୍ର ପଣ୍ଡା, ବିନୋଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତହସିଲ ଅଫିସରେ ଭିଜିଲାନ୍ସର ଖୋଳତାଡ଼

**ପଦ୍ମପୁର,୧୬।୧୧(ପ୍ରଦୀପ୍ତ ଦାଶ)**

ପଦ୍ମପୁର ତହସିଲ କାର୍ଯ୍ୟାଳୟରେ ଲକ୍ଷାଧିକ ଟଙ୍କା ଅନିୟମିତତା ଅଭିଯୋଗରେ ଗୁରୁବାର ବରଗଡ଼ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ଖୋଳତାଡ କରିଛନ୍ତି। ବର୍ତ୍ତମାନ ଅବସ୍ଥାପିତ ନାଜିର ଜିନାମଣି ସାହୁ ୨୦୨୧ ଅପ୍ରେଲ ୨୧ରେ ଏଠାରେ କାର୍ଯ୍ୟ କରୁଥିଲେ। ସେ ୨୦୨୨ ଜୁଲାଇ ୫ରେ ନାଜିର ଦାୟିତ୍ୱରେ ଥିଲେ। ମାତ୍ର ଏହା ପୂର୍ବରୁ ଥିବା ନାଜିର ଈଶ୍ୱର ଭୋଇ ଓ ଅଭିମନ୍ୟୁ ମିଶ୍ର ତାଙ୍କୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଦାୟିତ୍ୱ ହସ୍ତାନ୍ତର କରି ନ ଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଥିବା ଅତିରିକ୍ତ ଏସ୍‌ପି ମହାନନ୍ଦ କହିଛନ୍ତି। ତେବେ ବିଭିନ୍ନ ଭାଉଚର ଓ ଟଙ୍କା ଆଡଭାନ୍ସ, ଡିଜେଲ ଖର୍ଚ୍ଚ ବାବଦରେ ଲକ୍ଷାଧିକ ଟଙ୍କା ଉଠିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଭିଜିଲାନ୍ସ ଖୋଳତାଡ ଜାରି ରଖିଥିବା ସେ କହିଥିଲେ। ତହସିଲରେ ଆର୍ଥିକ ଅନିୟମିତତା ନେଇ ବର୍ତ୍ତମାନର ତହସିଲଦାର ବିପିନ କୁମାର ପ୍ରଧାନ ବରଗଡ଼ ଜିଲାପାଳଙ୍କୁ ଚିଠି କରିଥିଲେ।

# ଇମ୍ପେରିୟଲ କଲେଜରେ ଯୁବ ସଂସଦ

**ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବିଦ୍ୟାବିହାରସ୍ଥିତ ଇମ୍ପେରିୟଲ କଲେଜ ପରିସରରେ କେନ୍ଦ୍ର ସରକାରଙ୍କ ସଂସଦୀୟ ମନ୍ତ୍ରଣାଳୟର ନିର୍ଦ୍ଦେଶାବାଳୀ ଅନୁସାରେ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଚେୟାରମ୍ୟାନ ଦୀପକ ଗୋୟଲ ଏବଂ ଅଧ୍ୟକ୍ଷ ଦୁର୍ଗେଶ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଛାତ୍ରୀ ମିନାକ୍ଷୀ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିଖା ମେହେର ବାଚସ୍ପତି ଦାୟିତ୍ୱ ତୁଲାଇଥିଲେ। ଅମ୍ଲାନ ମେହେର ଲୋକସଭା ସେକ୍ରେଟେରୀ ଜେନେରାଲ ଭୂମିକାରେ ଅବତୀର୍ଣ୍ଣ ହୋଇ ସାଂସଦମାନଙ୍କୁ ଶପଥ ପାଠ କରାଇଥିଲେ। ନିଧି ଅଗ୍ରୱାଲ ସଂଖ୍ୟାଗରିଷ୍ଠ ଦଳର ନେତା ଭୂମିକାରେ ଦେଶର ବିଭିନ୍ନ ସଫଳତା ବଖାଣିଥିଲେ। ସେହିପରି ବିଜୟ ମେହେର ବିରୋଧୀ ଦଳ ନେତା ଭୂମିକାରେ ସରକାରୀ ଦଳକୁ ସମାଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଏହି ସଂସଦୀୟ ଭୂମିକା ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ୧୬ତମ ଲୋକସଭାର ସାଂସଦ ଭାବେ ସେ ତାଙ୍କ ଦୀର୍ଘ ଅଭିଜ୍ଞତା ନେଇ ଛାତ୍ରୀଛାତ୍ରଙ୍କ ସହିତ ମତ ବିନିମୟ କରିଥିଲେ। ଶେଷରେ ସେ ଏକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଯାଜ୍ଞସେନୀ ଜେନା, ରୀତା ଶର୍ମା, ଅଧ୍ୟାପକ ଅଭିଷେକ ଦୁଆନ ପ୍ରମୁଖ ସହଯୋଗ କରିଥିଲେ।



ଯୁବ ସଂସଦ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ। ।

# ବିକାଶରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ବିଧାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରୁଛନ୍ତି ।

ସମନ୍ୱିତ ଯୁବ ବିକାଶ ହିଁ ସାମଗ୍ରିକ ବିକାଶର ମାଧ୍ୟମ। ରାଜ୍ୟ କିମ୍ବା ଦେଶର ବିକାଶରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୁରୁବାର ବରଗଡ଼ ପାର୍ବତୀ ଗିରି ମହିଳା ବିଦ୍ୟାଳୟରେ ଅନୁଷ୍ଠିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦଧିବାମନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବିଧାୟକ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟସ୍ତରରେ ଆୟୋଜିତ ହେଉଥିବା ସୁରଭି କାର୍ଯ୍ୟକ୍ରମ ଭଳି ମହାବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ବିକଶିତ ହୋଇ ପାରିବ ବୋଲି ଆଚାର୍ଯ୍ୟ କହିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ବେଣୁଧର ସାହୁ, ଅଧ୍ୟାପିକା ରୀନା ମେହେର, ଅଧ୍ୟାପିକା ସଂଘମିତ୍ରା ମିଶ୍ର, କ୍ରୀଡ଼ା ବିଭାଗ ନୋଡ଼ାଲ ଅଧିକାରୀ ବିଶ୍ୱଜିତ ସାହୁ, ସଂସ୍କୃତି ବିଭାଗ ନୋଡ଼ାଲ ଅଧିକାରୀ ମୌସୁମୀ ଲିଜା ନାଏକ, ସମାଜ ମଙ୍ଗଳ ବିଭାଗ ନୋଡ଼ାଲ ଅଧିକାରୀ ତୁଷାରକାନ୍ତ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବା ପରେ ଆଗାମୀ ଦିନରେ ଜିଲାସ୍ତରୀୟ ଏଭଳି କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦିଆଯାଇଥିଲା। ମୁଖ୍ୟ ନୋଡ଼ାଲ ଅଧିକାରୀ ପୁଷ୍ପାଞ୍ଜଳି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଯମୁନା କନ୍ଧୁଣୀ ସ୍କୁଲରେ କ୍ୟାରିୟର କାଉନସେଲିଂ

**ପାଇକମାଲ,୧୬।୧୧(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକର ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଦ୍ୱାରା ନିର୍ମିତ କାର୍ଯ୍ୟାଳୟକୁ ଏଡିଇଓ ଛତ୍ରପତି ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ କ୍ୟାରିୟର କାଉନସେଲିଂ କରାଯାଇଥିଲା। ଏଥିରେ ବରଗଡ ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ସୋହେଲା ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ, ପାଇକମାଳ ବ୍ଲକ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ପ୍ରଦତ୍ତ ପୋଟାଲକୁ ସ୍ମାର୍ଟ ବୋର୍ଡ ମାଧ୍ୟମରେ ନିଯୁକ୍ତି ଉପରେ ନବମ, ଦଶମ ଶ୍ରେଣୀର ଛାତ୍ରୀଙ୍କୁ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ସହଯୋଗ କରିଥିଲେ।

# ବରଗଡ଼ରେ ଚିତ୍ରଗୁପ୍ତ ଦେବଙ୍କ ପୂଜନୋତ୍ସବ

**ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ)**



ଚିତ୍ରଗୁପ୍ତ ଦେବଙ୍କ ପୂଜନୋତ୍ସବରେ ଶୋଭାଯାତ୍ରା ।

ବରଗଡ଼ କରଣ ସମାଜ ପକ୍ଷରୁ ବୁଧବାର କୂଳ ଦେବତା ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ଦେବଙ୍କ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମାଜର ୫୦୦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପୂଜାରେ ପ୍ରଶାନ୍ତ ପଟ୍ଟନାୟକ, ସ୍ତ୍ରୀ ନମିତା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ କଳସ ଶୋଭାଯାତ୍ରା ହୋଇଥିଲା। ବରଗଡ଼ ଜିଲା କରଣ ସମାଜ ସଭାପତି ବୀରମଣି ପଟ୍ଟନାୟକ, ପୂଜା ସମ୍ପାଦକ ରବିରତ୍ନ ସାହୁ, ବରିଷ୍ଠ ସଭ୍ୟ ଦେବେନ୍ଦ୍ର ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇନ୍ଦିରା ମହାନ୍ତି, ଅନୁପମା ପଟ୍ଟନାୟକ, ପୂର୍ଣ୍ଣିମା ସାହୁ, ସରିତା ଦାସ, ପ୍ରୀତି ସାହୁ, ମିନତୀ ପଟ୍ଟନାୟକ, ସୁପ୍ରଭା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପାଇକମାଳରେ ଚିତ୍ରଗୁପ୍ତଙ୍କ ପୂଜା ମହୋତ୍ସବ

**ପାଇକମାଲ,୧୬।୧୧(ବଡ ଶତପଥୀ)**

ବରଗଡ ଜିଲା ନୃସିଂହନାଥ କରଣ ସମାଜ କଲ୍ୟାଣ ସମିତି ଆନୁକୂଲ୍ୟରେ ପାଇକମାଳର ପୁରେନା କଲ୍ୟାଣ ମଣ୍ଡପରେ କରଣ ସମାଜର ଆରାଧ୍ୟ ଦେବତା ମହାରାଜ ଚିତ୍ରଗୁପ୍ତଙ୍କ ପୂଜା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ରଗୁପ୍ତ କଲ୍ୟାଣ ସମିତି, କରଣ ସମାଜ କଲ୍ୟାଣ ସମିତି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଝୋଟି, ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ଶରତ ମହାନ୍ତି, ଫକିର ମୋହନ ମହାନ୍ତି, ସୁନାକର ମହାନ୍ତି, ପ୍ରମୋଦ ରାୟ, ଅରୁଣ ପଟ୍ଟନାୟକ, ଦେବେନ୍ଦ୍ର ପାଲ, ଡାକ୍ତର ରାଜୀବ ଲୋଚନ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସମାଜ ସଭାପତି ବିଶିକେଶନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଧୀରେନ ମହାନ୍ତି ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରମୋଦ ରାୟ ସ୍ୱାଗତ ଭାଷଣ, ସହ ସମ୍ପାଦକ ତପନ ବହିଦାର ବାର୍ଷିକ ବିବରଣୀ ପାଠ କରିଥିଲେ। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଜ୍ଞାନରଞ୍ଜନ ମହାନ୍ତି ଓ ସ୍ତ୍ରୀ ଝରଣା ମହାନ୍ତି ପୂଜାକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବ୍ରଜକିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିର୍ସା ମୁଣ୍ଡା ବିରଳ ସ୍ୱାଧୀନତା ସଂଗ୍ରାମୀ

**ବରପାଲି,୧୬।୧୧(ଚିତ୍ତରଞ୍ଜନ ସାହୁ)**

ପଶ୍ଚିମ ଓଡିଶା ଆଦିବାସୀ ମହାସଂଘ ବରଗଡ ଜିଲା ତରଫରୁ ବରପାଲି ବ୍ଲକ ଅନ୍ତର୍ଗତ ରେମତା କଲ୍ୟାଣ ମଣ୍ଡପରେ ଗୁରୁବାର ୧୪୮ତମ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ତ୍ରିଲୋଚନ ଭୁଏ ସଭାପତିତ୍ୱ କରିଥିଲେ। ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ ମୁଖ୍ୟ ଅତିଥି, ଜିଲା ସଭାପତି ଗୋବିନ୍ଦ ବରିହା, ସୋହେଲା ବ୍ଲକ ସଭାନେତ୍ରୀ ବିନୋଦିନୀ ନାଏକ, ଗାଇସିଲେଟ ସଭାପତି ଶଶିଭୂଷଣ ବରିହା, ସଞ୍ଜୟ ଜରଜରିଆ, ଯଜ୍ଞେଶ୍ୱର ପଧାନ, ବିଜେପୁର ସଭାପତି ଦୁର୍ଜନ ସିଂ ବରିହା, ଭେଡେନ ବ୍ଲକ ସଭାପତି ଛବିଳ ରାଏ, ବରପାଲି ସଭାପତି ଧର୍ମରାଜ ସିଂ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶହୀଦ ବୀର ବିର୍ସା ମୁଣ୍ଡା ଜଣେ ବିରଳ ସ୍ୱାଧୀନତା ସଂଗ୍ରାମୀ ଥିଲେ। ସେ ଉଲଗୁଲାନ୍‌ର ଡାକରା ଦେଇ ତତ୍କାଳୀନ ବ୍ରିଟିଶ ଶାସନକୁ ଦୋହୋଲାଇ ଦେଇଥିଲେ। ବିର୍ସା ମୁଣ୍ଡା କିଭଳି ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ସୁରକ୍ଷା ଓ ମୁକ୍ତି ପାଇଁ ସଂଗ୍ରାମ କରି ମାତ୍ର ୨୪ ବର୍ଷ ବୟସରେ ନିଜ ଜୀବନକୁ ତ୍ୟାଗ କରିଥିଲେ ତାହା ଉପରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରପାଲି ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ବହୁ ମହିଳାପୁରୁଷ ଯୋଗଦାନ କରିଥିଲେ। ରେମତା ପଞ୍ଚାୟତ ସଭାପତି ଶ୍ୟାମାକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ବିର୍ସା ମୁଣ୍ଡା ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ଗଣମାଧ୍ୟମ ଦାୟିତ୍ୱସମ୍ପନ୍ନ ହେବା ବିଧେୟ

**ଜାତୀୟ ପ୍ରେସ ଦିବସରେ ବକ୍ତାଙ୍କ ମତ**

**ବରଗଡ଼/ଅତାବିରା,୧୬।୧୧**
**(ପ୍ରେମାନନ୍ଦ ଖମାରୀ/ହୃଷୀକେଶ ଖମାରୀ)**




ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଜାତୀୟ ପ୍ରେସ ଦିବସ ପାଳନ ।

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଗୁରୁବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି । ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜାତୀୟ ପ୍ରେସ ଦିବସର ଅଭିନନ୍ଦନ ଜଣାଇଥିଲେ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଜିଲା ପ୍ରଶାସନ ସହିତ ଗଣମାଧ୍ୟମ ପ୍ରତିନିଧିଙ୍କ ସୁସମ୍ପର୍କ ଜିଲାର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସହଯୋଗ କରି ଆସିଛି ବୋଲି ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରର ସୁପରିଚାଳନା ପାଇଁ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଭଳି ସ୍ୱାଧୀନ ଗଣମାଧ୍ୟମର ମଧ୍ୟ ବହୁ ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରଯୁକ୍ତିବିଦ୍ୟାର ବିକାଶ ଯୋଗୁ ଜନସାଧାରଣ ବହୁତ କମ୍ ସମୟ ମଧ୍ୟରେ ସମସ୍ତ ସୂଚନା ପାଇ ପାରୁଛନ୍ତି ବୋଲି ଅତିରିକ୍ତ ଜିଲାପାଳ ଲୁହା ପ୍ରକାଶ କରିଥିଲେ ।

ଆଲୋଚ୍ୟ ବିଷୟବସ୍ତୁ କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମ ଉପରେ ମୁଖ୍ୟ ବକ୍ତା ତଥା ବରଗଡ଼ ଇମ୍ପେରିୟଲ କଲେଜର ଅଧ୍ୟାପିକା ହରିପ୍ରିୟା ସାହୁ ସୂଚନା ଦେଇଥିଲେ। କୃତ୍ରିମ ବୁଦ୍ଧିମତାର ଆପ୍ ବ୍ୟବହାର ସମାଜ ପାଇଁ ଘାତକ ହେବ ଏବଂ ଏଥିପାଇଁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଦାୟିତ୍ୱପୂର୍ଣ୍ଣ ଭାବେ ସମାଜର ମଙ୍ଗଳ ସକାଶେ ଏହାକୁ ବ୍ୟବହାର କରିବା ପାଇଁ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ। ବରିଷ୍ଠ ଖବରଦାତା ସୁରେନ୍ଦ୍ର ହୋତା କୃତ୍ରିମ ବୁଦ୍ଧିମତା ବହୁକ୍ଷେତ୍ରରେ ସାହାଯ୍ୟକାରୀ ଏବଂ ମନୁଷ୍ୟର ଜ୍ଞାନ, ଗରିମା, ବୁଦ୍ଧି ସହିତ ଏହାର ତୁଳନା କରାଯାଇ ନ ପାରେ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ, ଜିଲା ଏବଂ ବ୍ଲକସ୍ତରର ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସେହିପରି ଅତାବିରା ମାରୱାଡ଼ି ଧର୍ମଶାଳାରେ ଜାତୀୟ ପ୍ରେସ ଦିବସ ଅନୁଷ୍ଠିତ ହୋଇଥିଲା। ଖବରଦାତା ନବୀନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଚାଷୀନେତା ହାରାଧନ ପ୍ରଧାନ, ଲୋକେଶ୍ୱର ପ୍ରଧାନ, ବସନ୍ତ ବାରିକ, ଭିକାରୀ ଚରଣ ବାରିକ, ବୃଷଭାନୁ ସ୍ୱାଇଁ, ଦୁର୍ବାଦଳ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଖବରଦାତା ଆକାଶ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ଦୁର୍ଲ୍ଲଭ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାଇକମାଳର ନୃସିଂହନାଥଠାରେ ପଦ୍ମପୁର ସବଡିଭିଜନ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ପ୍ରେସ ଦିବସ ପାଳନ କରାଯାଇଥିଲା। ଏଥିରେ ସଂଘ ସଭାପତି ବଡ ଶତପଥି ଅଧ୍ୟକ୍ଷତା କରିଥିଲେ। ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ବାରିକଙ୍କ ସମେତ ଅଶ୍ୱିନୀ ପାତ୍ର, ମନୋଜ ଭୋଇ, ଦେବେନ୍ଦ୍ର ସାହୁ, ମନୋହର ଦାଶ, କୌଶିକ ସାହୁ, ଅଭୟ ରଣା, ଗୌରାଙ୍ଗ ଚରଣ ଦାଶ, ଧୀରେନ ମହାନ୍ତି, ସୁରଥ ସାହୁ, ଦୁର୍ଯ୍ୟୋଧନ ପୁଟା ପ୍ରମୁଖ ଯୋଗଦାନ କରିଥିଲେ।




## ସଂକ୍ଷେପରେ

### ହାତୀ ଆକ୍ରମଣରେ ଯୁବକ ମୃତ

ରାଉରକେଲା/ବେଦବ୍ୟାସ,୧୬।୧୧ (ଦିନେଶ ମିଶ୍ର/ଆଲୋକ ସ୍ୱାଇଁ)

ହାତୀ ଆକ୍ରମଣରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଫିକଡଚୁନ୍ଦି ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ନିଗି ଏକ୍କା(୫୨)। ବ୍ରାହ୍ମଣୀତରଙ୍ଗ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଗୁରୁବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା (ନଂ.୧୨୨/୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ବଡଦଲକି ପଞ୍ଚାୟତ ଫିକଡଚୁନ୍ଦି ଗ୍ରାମର ନିଗି ବୁଧବାର ସକାଳ ସାଢେ ୧୦ଟାରେ ଘର ପାଖ ବୁଢା ପାହାଡ ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇଥିଲେ। ଅପରାହ୍ନ ସାଢେ ୧ଟାରେ ଏକ ଦନ୍ତା ହାତୀ ତାଙ୍କୁ ଶୁଣ୍ଢରେ କଚାଡି ଦେଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଗିଙ୍କୁ ଗୁରୁତର ଅବସ୍ଥାରେ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମୃତ୍ୟୁ ରହସ୍ୟରୁ ହଟୁନି ପରଦା

ରାଉରକେଲା,୧୬।୧୧(ସଙ୍ଗୀତା ଜେନା)



**ଶମ୍ଭୁନାଥଙ୍କ ମୃତ୍ୟୁ ମାମଲାକୁ ୨୦ ଦିନ ବିତିଲା**

- ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିନି
- ବ୍ୟବହୃତ କାର୍ ଓ ଚାଳକଙ୍କ ପତ୍ତା ନାହିଁ

ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) କର୍ମଚାରୀ ଗୌତମ ଘଡେଇଙ୍କ ଏକମାତ୍ର ପୁଅ ଶମ୍ଭୁନାଥ ଘଡେଇ(୨୭)ଙ୍କ ସନ୍ଦେହଜନକ ମୃତ୍ୟୁ ଏବେବି ରହସ୍ୟ ହୋଇ ରହିଛି। ଏହି ମାମଲାରେ ପୋଲିସ ତଦନ୍ତ କରୁଥିଲେ ମଧ୍ୟ କୌଣସି ନିଷ୍କର୍ଷରେ ପହଞ୍ଚିପାରିନାହିଁ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୬ରେ ଶମ୍ଭୁନାଥ ତାଙ୍କର ୩ ଜଣ ସାଙ୍ଗଙ୍କ ସହ କୋରାପୁଟ ଅଭିମୁଖେ ବୁଲିବାକୁ ଯାଇ ଫେରି ନ ଥିଲେ। ୨୭ ତାରିଖରେ ଶମ୍ଭୁନାଥ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ପ୍ଲାଂଟସାଇଟ୍ ଥାନାରେ ଅଭିଯୋଗ ହୋଇଥିଲା। ୩୦ ତାରିଖରେ ଶମ୍ଭୁଙ୍କ ମୃତଦେହ କୋରାପୁଟ ପଟାଙ୍ଗୀ ଥାନା ଅଞ୍ଚଳର ଏକ ପଡ଼ିଆରୁ ମିଳିଥିଲା। ପରେ ମୃତକଙ୍କ ପରିବାର ଲୋକେ କୋରାପୁଟରୁ ମୃତଦେହ ଆଣିବା ସହ ପଟାଙ୍ଗୀ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ତେବେ ପଟାଙ୍ଗୀ ପୋଲିସ ଏହି ଘଟଣାରେ ତଦନ୍ତ କରୁଥିଲେ ମଧ ଶମ୍ଭୁନାଥଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଛି। ଅନ୍ୟପକ୍ଷେ ଏହି ମାମଲାକୁ ପ୍ରାୟ ୨୦ ଦିନ ବିତିଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ପରିବାରବର୍ଗଙ୍କ ହସ୍ତଗତ ହୋଇନାହିଁ। ହତ୍ୟାରେ ସମ୍ପୃକ୍ତି ଅଭିଯୋଗରେ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ପଟାଙ୍ଗୀ ଥାନାକୁ ହସ୍ତାନ୍ତର କରିଥିଲା। ହେଲେ ପଟାଙ୍ଗୀ ପୋଲିସ ୨ଜଣଙ୍କୁ ପଚରାଉଚୁରା କରି ଛାଡ଼ି ଦେଇଥିବା ଜଣାପଡିଛି।

ମୃତକଙ୍କ ମା' ଲକ୍ଷ୍ମୀଲତା ଅଭିଯୋଗ କରି କହିଛନ୍ତି, ଗତ ଅକ୍ଟୋବର ୨୬ ତାରିଖରେ ତାଙ୍କ ପୁଅ ଶମ୍ଭୁଙ୍କୁ ରୋହିତ ପଟ୍ଟନାୟକ, ପବନ ଶର୍ମା ଓ କାର ଚାଳକ ରମାକାନ୍ତ ବୁଲିବାକୁ ଡାକି ନେଇଥିଲେ। ୨୭ ତାରିଖରେ ଶମ୍ଭୁଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ଥିଲା। ଶମ୍ଭୁଙ୍କ ସହ ଯୋଗାଯୋଗ ନ ହେବାରୁ ପରିବାର ଲୋକେ ପ୍ଲାଣ୍ଟସାଇଟ୍ ଥାନାରେ ଏତଲା ଦେଇଥିଲେ। ତେବେ ପୋଲିସ ୨ଦିନ ଅପେକ୍ଷା କରିବାକୁ କହିଥିଲା। ପରେ ସନ୍ଦେହଜନକ ଭାବେ ଶମ୍ଭୁଙ୍କ ମୃତଦେହ ଏକ ପଡ଼ିଆରୁ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ମୁଖ୍ୟ ଅଭିଯୁକ୍ତ କାଲୁଆ(୪୨)ଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିଲା। ପରେ କାଲୁଆଙ୍କ ବ୍ୟତୀତ ଅନ୍ୟ ଦୁଇଜଣଙ୍କୁ ପୋଲିସ ଛାଡିଦେଲା। ଯାହାକି ସନ୍ଦେହ ସୃଷ୍ଟି କରୁଛି। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଅଭିଯୁକ୍ତଙ୍କ ପରିବାର ବିରୋଧରେ ହତ୍ୟା ଅଭିଯୋଗ କରିବେ ବୋଲି ଲକ୍ଷ୍ମୀଲତା କହିଛନ୍ତି। ସେହିପରି ଶମ୍ଭୁଙ୍କ ପିତା ଅନ୍ୟତ୍ର ରହୁଛନ୍ତି। ତେଣୁ ଏଠାରେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ଲକ୍ଷ୍ମୀଲତା କହିଥିଲେ। ଏ ସମ୍ପର୍କରେ ପଟାଙ୍ଗୀ ଥାନା ଅଧିକାରୀ ଚତୁର୍ଭୁଜ ନାଏକଙ୍କୁ ପଚାରିବାରୁ ସେ କହିଲେ, କାର୍ ଓ ଚାଳକଙ୍କ ପତ୍ତା ମିଳିନାହିଁ। ଏଥିରେ ସମ୍ପୃକ୍ତି ନେଇ ୩ଜଣ ଗିରଫ ହୋଇଥିଲେ। ତେବେ କାଲୁଆଙ୍କ ବ୍ୟତୀତ ଅନ୍ୟ ୨ଜଣଙ୍କୁ ଜେରା ପରେ ଛଡ଼ାଯାଇଛି। କାର ଚାଳକଙ୍କ ମୋବାଇଲ ସୁଇଚ୍ ଅଫ୍ ରହିଛି। ଫଳରେ ତଦନ୍ତରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ସେହିପରି ସିଡ଼ିଆର୍ ରିପୋର୍ଟ ଉପରେ କାମ ଚାଲିଛି। ତଦନ୍ତ ଶିଥିଳ ହୋଇନାହିଁ ବରଂ ତ୍ୱରାନ୍ୱିତ ହେଉଛି ବୋଲି ନାଏକ କହିଥିଲେ। ଅନ୍ୟପକ୍ଷେ ବୁଧବାର ସ୍ଥାନୀୟ ପ୍ଲାଣ୍ଟସାଇଟ୍ ପୋଲିସ ଅଭିଯୁକ୍ତ ୩ଜଣଙ୍କ ପରିବାର ଲୋକଙ୍କୁ ଥାନାକୁ ଡାକି ପୁନଃ ତଦନ୍ତ କରିଛି। ସମସ୍ତ ମାମଲା ପଟାଙ୍ଗୀ ଥାନା ଉପରେ ନ୍ୟସ୍ତ ରହିଛି ବୋଲି ଥାନାଧିକାରୀ ଜ୍ୟୋତିରଞ୍ଜନ ପତି କହିଛନ୍ତି।

ଉଲ୍ଲେଖନୀୟ, ଶମ୍ଭୁନାଥ ଗୌତମ ଓ ଲକ୍ଷ୍ମୀଲତାଙ୍କ ଏକମାତ୍ର ପୁଅ ଥିଲେ। ଶମ୍ଭୁ ଓ ତାଙ୍କ ଭଉଣୀ ଟିମ୍ବର କଲୋନୀରେ ଲକ୍ଷ୍ମୀଲତାଙ୍କ ସହ ରହୁଥିବା ବେଳେ ଗୌତମ ସେକ୍ଟରରେ ରହୁଛନ୍ତି।

# କରାଟେ ପ୍ରତିଯୋଗିତା, ଡିଏଭି ସ୍କୁଲ ବାଳକ ବିଭାଗ ଚାମ୍ପିୟନ




ପଦକ ସହ କୃତୀ ପ୍ରତିଯୋଗୀ।

ରାଉରକେଲା,୧୬।୧୧(ଦିନେଶ ମିଶ୍ର)

ଡିଏଭି ନ୍ୟାଶନାଲ ସ୍ପୋର୍ଟ୍ସ ଜୋନାଲ ମିଟ୍-୨୦୨୩ର କରାଟେ ଚାମ୍ପିୟନଶିପ୍ ଝାରସୁଗୁଡା ଡିଏଭି ସ୍କୁଲଠାରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଚାମ୍ପିୟନଶିପ୍‌ରେ ଓଡିଶାର ୨୦ଟି ଡିଏଭି ସ୍କୁଲରୁ ୭୭ ଜଣ ବାଳକ ଓ ୪୦ ଜଣ ବାଳିକାଙ୍କୁ ମିଶାଇ ୧୧୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ରାଉରକେଲା ଡିଏଭି ସ୍କୁଲରୁ ବାଳକ ବିଭାଗରେ ଆର୍ଯ୍ୟବ୍ରତ ବିଶ୍ୱାଳ, ପୁଲକ ପାଢୀ, ଅରୁଷ ପାତ୍ର, ଶୋଭନ ଘୋଷଙ୍କୁ ଗୋଟିଏ ସ୍ୱର୍ଣ୍ଣ ଓ ଆଶୁତୋଷ ସାମଲଙ୍କୁ ଗୋଟିଏ ରୌପ୍ୟ ପଦକ ମିଳିଥିଲା। ସେହିପରି ବାଳିକା ବିଭାଗରେ ସୁହାନି ମିଶ୍ରଙ୍କୁ ଗୋଟିଏ ସ୍ୱର୍ଣ୍ଣ ପଦକ ମିଳିଥିଲା। ଏହି ପ୍ରତିଯୋଗିତାର ପଦକ ତାଲିକାରେ ରାଉରକେଲା ବାଳକ ଦଳ ସର୍ବାଧିକ ପଦକ ହାସଲ କରିଥିବାରୁ ତାଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଡିଏଭି ସ୍କୁଲର ଏହି ସଫଳତାକୁ ନେଇ ଅଧ୍ୟକ୍ଷ ପ୍ରଫେସର ଲୋକନାଥ ପ୍ରଧାନ, କ୍ରୀଡା ଶିକ୍ଷକ ଦୁଷ୍ମନ୍ତ ବେହେରା, ସୌମା ଗୁରୁ ଓ ବିଜୟ ମିଶ୍ର, କରାଟେ କୋଚ ରାଜୀବ ସିଂ ପ୍ରମୁଖ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆଜିଠୁ ଛଟ୍ ପୂଜା, ପ୍ରସ୍ତୁତି ଚୂଡାନ୍ତ

ରାଉରକେଲା/ବନ୍ଧମୁଣ୍ଡା,୧୬।୧୧ (ସଙ୍ଗୀତା ଜେନା/ସୁବ୍ରତ ଦେ)

ଉତ୍ତର ଭାରତୀୟଙ୍କ ୪ ଦିବସ ବ୍ୟାପୀ ଛଟ୍ ପର୍ବ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଏହି ଅବସରରେ ବନ୍ଧମୁଣ୍ଡା ବି ସେକ୍ଟର ବ୍ୟାରେକ ଓ ଗୋପବନ୍ଧୁପାଲି ଫାଣ୍ଡି ନିକଟରେ ୮୦ ଜଣ ମହିଳା ବ୍ରତଧାରୀଙ୍କୁ ବିହାର ସମାଜ ସେବାସଂଘ ପକ୍ଷରୁ ସହଯୋଗ କରାଯାଇଛି। ଏଥିରେ ଆୟକର ବିଭାଗ ଅଧିକାରୀ ଅଜୟ କୁମାର ଓ ସୁମେର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରତଧାରୀମାନଙ୍କୁ ପୂଜା ସାମଗ୍ରୀ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ବିହାରୀ ସମାଜର ବିଭୂତି ଗୁପ୍ତା, ବିନୟ ସିଂହ, ସିଦ୍ଧାର୍ଥ ଲୋହାନୀ, ରାଜେଶ ଲୋହାନୀ, ଶିବଶଙ୍କର ଶର୍ମା, ରମେଶ ରାୟ, ପପୁ ରାୟ ପ୍ରମୁଖ ସହଯୋଗ କରିଥିଲେ।




ଛଟ୍ ବ୍ରତଧାରୀଙ୍କୁ ପୂଜା ସାମଗ୍ରୀ ପ୍ରଦାନ କରାଯାଉଛି।

# ଇପିଏଫ୍ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ




ଆଞ୍ଚଳିକ ଭବିଷ୍ୟନିଧି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୧୬।୧୧(ଦିନେଶ ମିଶ୍ର)

ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନ ସୁନ୍ଦରଗଡ ଜିଲା ପକ୍ଷରୁ ୪ଦଫା ଦାବି ନେଇ ରାଉରକେଲା ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ସୁନ୍ଦରଗଡ ଜିଲା ତଥା ରାଉରକେଲା ଅଞ୍ଚଳର ପେନ୍‌ସନ୍ ଭୋଗୀ ବରିଷ୍ଠ ନାଗରିକମାନେ ସାମିଲ ହୋଇଥିଲେ। ପେନ୍‌ସନଧାରୀଙ୍କୁ ସର୍ବନିମ୍ନ ପେନସନ୍ ୯ ହଜାର ଟଙ୍କାକୁ ବୃଦ୍ଧି କରିବା, ବର୍ଦ୍ଧିତ ପେନସନ୍ ପ୍ରଦାନ କରିବା, ଦରଦାମ ବୃଦ୍ଧିରେ ଭରଣା ଲାଗି ପେନସନ ସହ ମହଙ୍ଗା ଭତ୍ତା ପ୍ରଦାନ ଓ ସମସ୍ତ ଇପିଏଫ ପେନ୍‌ସନ୍ ଭୋଗୀ ପରିବାରଙ୍କୁ ସରକାରୀ ଯୋଜନାରେ ସାମିଲ କରି ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଦାବି ହୋଇଥିଲା। ଏହି ଦାବି ପୂରଣ ହେଲେ ସାରା ଦେଶରେ ୭୫ ଲକ୍ଷ ପେନ୍‌ସନ୍ ଭୋଗୀ ଉପକୃତ ହେବେ। ପରେ ଆସୋସିଏସନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଆଞ୍ଚଳିକ ଭବିଷ୍ୟନିଧି ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିଗୁଡିକ ପୂରଣ କରା ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଆସୋସିଏସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ସଭାପତି ପୂର୍ଣ୍ଣେନ୍ଦୁ ପରିହି, ସମ୍ପାଦକ ବିଜୟ କୁମାର ମହାପାତ୍ର, ସନ୍ତୋଷ ମହାପାତ୍ର, ପ୍ରମୋଦ କୁମାର ମିଶ୍ର, ଖଗେଶ୍ୱର ଭୋଇ, ଏନ.ସି. ବି ରୟ, ଏମ୍. କେ. ଆଚାର୍ଯ୍ୟ, ୱାଇ.ଏନ ଗୁରୁଙ୍କ ସମେତ ଓଏସ୍‌ଆରଟିସି, ଓଏଫଡିସି କର୍ମଚାରୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଖେଳାଳି ସମ୍ବର୍ଦ୍ଧିତ

ରାଉରକେଲା, ୧୬।୧୧(ସଙ୍ଗୀତା ଜେନା)

ରାଉରକେଲା ୟଙ୍ଗମ୍ୟାନ୍ସ ଆସୋସିଏଶନ (ରାଏମା) ଆୟୋଜିତ କାଳୀପୂଜାରେ ଦ୍ୱିଦିବସୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଉଦଘାଟନୀ ଉତ୍ସବରେ ଆର୍‌ଏସ୍‌ପି ସହରସେବା ସିଜିଏମ୍ ପ୍ରତାକ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇକେଲଚାଳକ ଗୋପୀନାଥ ପଣ୍ଡା, ନୃତ୍ୟଗୁରୁ ଆନନ୍ଦ ସୁନା ଓ ସହବାଜ୍ ଖାନ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଯାପନୀ ଦିବସରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାଜ୍ୟସ୍ତରୀୟ ଖେଳକୁଦରେ କୃତକାର୍ଯ୍ୟ ହୋଇଥିବା ଭାରୋତ୍ତୋଳନକାରୀ ସୁଶ୍ରୀ ମୌସୁମୀ ଦାସ, ଦେବାଶିଷ ଦେ, ସୌମ୍ୟରଞ୍ଜନ ରାଉତରାୟଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବର ବରିଷ୍ଠ ସଦସ୍ୟ ସନ୍ତୋଷ ଭୂୟାଁ, ସାଧାରଣ ସମ୍ପାଦକ ବାସୁଦେବ ବାନାର୍ଜୀ, ବିଜୟ ରାଉଳ, ରବିନ୍ଦ୍ର ଗଣ୍ଡ, ଈଶ୍ୱର ନାୟକ, ସୁମିତ ସାହୁ, ନକୁଳ ଶର୍ମା, ସୁଧାଂଶୁ ସାହୁ, ଶରତ ବେହେରା, ବନାନୀ ବିଶ୍ୱାସ, ସିମରନ୍ କୁଜୁର ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କାର ବିଜେତା।

# ସେକ୍ଟର-୧ରେ କାଳୀ ପୂଜା, ଆଜି ଭସାଣି

ରାଉରକେଲା,୧୬।୧୧(ସଙ୍ଗୀତା ଜେନା)

ରାଉରକେଲା ସହରରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମଣ୍ଡପରେ କାଳୀ ପୂଜା ହେଉଥିବା ବେଳେ ସେକ୍ଟର-୧ ବି ବ୍ଲକ ଚିପ୍ ଟାଇପ୍ ମାର୍କେଟରେ ଅନୁଷ୍ଠିତ କାଳୀ ପୂଜା ତାର ଭବ୍ୟତା ଜାରି ରଖିଛି। ଏହି ଚଳିତବର୍ଷ ୫୮ ବର୍ଷରେ ପୂଜା ପଦାର୍ପଣ କରିଛି। ଏଥର ମା'ଙ୍କ ରୁପାଗହଣା ଆକର୍ଷଣ ସାଜିଛି। ମୁକୁଟ, ମଣିବନ୍ଧ, କମରବନ୍ଧ, ବାଜୁ ବନ୍ଧ ହାର ସମେତ ୩୦ କେଜିରୁ ଊର୍ଦ୍ଧ୍ୱ ରୁପା ଗହଣା ମା'ଙ୍କଠାରେ ଲାଗିଛି। ରବିବାର ରାତିରୁ ପୂଜା ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ଭସାଣି କରାଯିବ। ଉପଦେଷ୍ଟା ବୁଟୁ ସାହୁ, ପ୍ରତାପ ସେଠୀ, ସଭାପତି କୈଳାସ ଚନ୍ଦ୍ର ଜେନା, ସମ୍ପାଦକ ଗଙ୍ଗାଧର ସାମଲ, ରାମଚନ୍ଦ୍ର ସାହୁ, ପ୍ରଦୀପ୍ତ ସାମଲ, ଦିଲୀପ ବେହେରା ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି। ପଣ୍ଡିତ ବିକାଶ ନାଥ ପୂଜା କାର୍ଯ୍ୟ କରୁଥିବା ବେଳେ କୈଳାସ ଜେନା କର୍ତ୍ତା ହୋଇଛନ୍ତି।

# ଜାତୀୟ ପ୍ରେସ ଦିବସ ପାଳିତ

ରାଉରକେଲା, ୧୬।୧୧(ସଙ୍ଗୀତା ଜେନା)

ରାଉରକେଲା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଗୁରୁବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। କୃଷି ବିଭାଗ ସଭାଗୃହରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଡିଆଇପିଆରଓ ସୀମା ଫାତିମା ଏକ୍କା ଅଧ୍ୟକ୍ଷତା କରିଥିଲେ। ଏଥିରେ ପାନପୋଷ ଉପଜିଲାପାଳ ବିଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମ ଶୀର୍ଷକ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆର୍‌ଡିଏ ସଚିବ ଚନ୍ଦ୍ରକାନ୍ତ ମଲ୍ଲିକ, ପାନପୋଷ ଉପଖଣ୍ଡ କୃଷି ବିଭାଗ ଅଧିକାରୀ ଗିଲିଜିୟସ୍ ବେକ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଜେଶ ମହାନ୍ତି, ସତ୍ୟାନନ୍ଦ ବେହେରା, ଦିଲୀପ ଶର୍ମା, ବିବେକାନ୍ଦ ଦାସ, ଉମେଶ ସିଂ, ମଳୟ ରାୟ, ସୁଜିତ ମହାନ୍ତି, କମଳାକାନ୍ତ ରାଉତ, ରଜନୀକାନ୍ତ ସ୍ୱାଇଁଙ୍କ ସମେତ ଖବରଦାତାମାନେ ଯୋଗ ଦେଇଥିଲେ। ଡିଆଇପିଆର୍‌ଓ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ଭାଜପା ଯୁବ, ମହିଳା ମୋର୍ଚ୍ଚା ସଭାପତିଙ୍କ ନାଁ ଘୋଷଣା

ରାଉରକେଲା,୧୬।୧୧(ସଙ୍ଗୀତା ଜେନା): ଭାଜପା ପକ୍ଷରୁ ପାନପୋଷ ସାଙ୍ଗଠନିକ ଜିଲାର ଯୁବ ଓ ମହିଳା ମୋର୍ଚ୍ଚା ସଭାପତିଙ୍କ ନାମ ଗୁରୁବାର ଘୋଷଣା କରାଯାଇଛି। ସୂର୍ଯ୍ୟକାନ୍ତ ମହାନ୍ତି ଯୁବମୋର୍ଚ୍ଚା ସଭାପତି ହୋଇଥିବା ବେଳେ ସସ୍ମିତା ସାହୁଙ୍କୁ ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ନିଯୁକ୍ତ କରାଯାଇଛି। ଭାଜପା ଛାମୁଆ ଭୋର୍ଚ୍ଚାର ଏହି ଦୁଇ ନେତା ଜିଲାରେ ଦଳକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମୁଖପାତ୍ର ଗଙ୍ଗାଧର ଦାଶ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ବିନା ରସିଦ୍‌ରେ ସୁନାଗହଣା ବିକ୍ରି, କାର୍ଯ୍ୟାନୁଷ୍ଠାନ ଶୂନ

ରାଉରକେଲା,୧୬।୧୧(ସଙ୍ଗୀତା ଜେନା)

- କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି
- ଜିଏସ୍‌ଟି ଫାଙ୍କୁଥିବା ଅସାଧୁଙ୍କଠାରୁ ଜରିମାନା ଅସୁଲ ହେଉନି
- ଠିକ୍ ତଥ୍ୟ ମିଳିଲେ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତ କରାଯିବ

ସ୍ମାର୍ଟସିଟି ରାଉରକେଲାର ଅଧିକାଂଶ ସୁନା ଦୋକାନରେ ବିନା ରସିଦରେ କୋଟି କୋଟି ଟଙ୍କାର ସୁନାଗହଣା ବିକ୍ରି କରାଯାଉଛି। ଗତ ପାର୍ବଣ ଋତୁରେ ଏହା ମାତ୍ରାଧିକ ଭାବେ ବୃଦ୍ଧି ପାଇଛି। ଏହାଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେଉଥିବା ବେଳେ ଜିଏସ୍‌ଟି ବିଭାଗର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରାଉରକେଲା ମେନ୍ ରୋଡ୍, ଉଦିତନଗର, ଛେଣ୍ଡ, କୋଏଲ ନଗର ସମେତ ବିଭିନ୍ନ ସେକ୍ଟରରେ ଥିବା କିଛି ଛୋଟ ଓ ବଡ଼ ଜୁଏଲାରୀ ଶପ୍ ଏଭଳି ପନ୍ଥା ଆପଣାଉଥିବା ଆଲୋଚନା ହେଉଛି। ଗତ କିଛିଦିନ ତଳେ ମେନ୍ ରୋଡରେ ଥିବା ଏକ ସୁନାଦୋକାନରେ ବିନା ରସିଦରେ ଗହଣା ବିକ୍ରି ହେଉଥିବା ଜଣେ ଗ୍ରାହକ ଅଭିଯୋଗ କରିବା ପରେ ଚଢ଼ାଉ କରାଯାଇଥିଲା। ଏହା କେବଳ ଏକ ଉଦାହରଣ ମାତ୍ର। ଗତ ଧନତେରସ୍ ଓ ଦୀପାବଳି ଅବସରରେ ବିନା ରସିଦରେ ଗହଣା ଖରିଦ କରିଥିବା କିଛି ଗ୍ରାହକଙ୍କ କହିବା ଅନୁସାରେ, ବିନା ରସିଦରେ ଗହଣା କିଣିଲେ ଗଢ଼ା ମଜୁରୀ ଛାଡ ସାଙ୍ଗକୁ ଆକର୍ଷଣୀୟ ଉପହାର ମିଳିଥିଲା। ତେଣୁ କେହି ରସିଦ ମାଗିବାକୁ ଇଚ୍ଛା ପ୍ରକାଶ କରି ନ ଥିଲେ ବୋଲି ଉକ୍ତ ଗ୍ରାହକ ଜଣଙ୍କ କହିଥିଲେ। ଏହି ପ୍ରସଙ୍ଗରେ ଆଇନଜୀବୀ ତଥା ଟିକସ ପରାମର୍ଶଦାତା ଚନ୍ଦ୍ରଭାନୁ ଦାସ କହିଚନ୍ତି, ରାଉରକେଲାର ବିଭିନ୍ନ ସ୍ଥାନରେ ଅସାଧୁ ବ୍ୟବସାୟୀମାନେ ବେପରୁଆ ହୋଇ ସୁନାଗହଣା ବିକ୍ରି କରୁଛନ୍ତି। ରସିଦ ନ ଦେବା ସର୍ତ୍ତରେ ଗ୍ରାହକଙ୍କୁ ଲାଭବାନ୍ କରିବାକୁ ପ୍ରଲୋଭିତ କରାଯାଉଛି। ତେବେ ଗ୍ରାହକ ନିଜେ ସଚେତନ ହେଲେ ଦୋକାନୀ କେବେ ଜିଏସ୍‌ଟିରୁ ବର୍ତ୍ତି ଯାଇପାରିବନାହିଁ। ଜିଏସ୍‌ଟି ଫାଙ୍କୁଥିବା ଦୋକାନୀଙ୍କ ଯୋଗୁ ରାଜସ୍ୱ ହାନି ହେଉଛି। ପ୍ରତ୍ୟେକ ଖରିଦ ଉପରେ ବିଲିଂ ହେବା ଜରୁରୀ। ଏଥିରେ ଦେଶର ବିକାଶ ନିର୍ଭର କରୁଛି। ଜିଏସ୍‌ଟି ବିଭାଗ କେବଳ ଅଭିଯୁକ୍ତଙ୍କୁ ଗିରଫଦାରିରେ ସୀମିତ ରଖୁଛି। ହେଲେ ଏ ପର୍ଯ୍ୟନ୍ତ ଉକ୍ତ ଟିକସ ଫାଙ୍କୁଥିବା ଲୋକଙ୍କଠାରୁ ଗୋଟିଏ ଟଙ୍କା ମଧ୍ୟ ଅସୁଲ କରି ନ ଥିବା ନଜିର ରହିଛି ବୋଲି ଦାସ କହିଥିଲେ। ଏ ସମ୍ପର୍କରେ ରାଜ୍ୟ ସିଟି ଆଣ୍ଡ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଡେପୁଟି କମିଶନର ଜଗଦୀଶ ସାହାଙ୍କୁ ପଚରାଯିବାରୁ ସେ କହିଥିଲେ, ଅଭିଯୋଗ ଆସିଲେ ବିଭାଗ ପଦକ୍ଷେପ ନେଉଛି। ଠିକ୍ ତଥ୍ୟକୁ ପରୀକ୍ଷା କରି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ଦିଗରେ ଏନ୍‌ଫୋର୍ସମେଣ୍ଟ ବିଭାଗ ମଧ୍ୟ ସୁଚାରୁ ରୂପେ କାର୍ଯ୍ୟ କରୁଛି ବୋଲି ସାହା ପ୍ରତିକ୍ରିୟା ଦେଇଥିଲେ।

# ଟି-୨୦ କ୍ରିକେଟ୍ : ଆରୱାଇସିସି ଚାମ୍ପିୟନ

ରାଉରକେଲା,୧୬।୧୧(ଦିନେଶ ମିଶ୍ର)




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ସେକ୍ଟର-୧୭ ସ୍ଥିତ ଟାଟା ଖେଳ ପଡିଆରେ ସିଆଇଟିଇ କ୍ଲବ ଓ ଅହମ୍ମଦ ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ତୃତୀୟ ସିଆଇଟିଇ ଟି-୨୦ କ୍ରିକେଟ କପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ରାଉରକେଲା ତଥା ଆଖାପାଖ ଅଞ୍ଚଳରୁ ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଆଶୁ ଇଲୋଭେନ ଓ ଆରୱାଇସିସି ମଧ୍ୟରେ ଖେଳାଯାଇଥିଲା। ଆରୱାଇସିସି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ୧୮୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚିନ୍ମୟ ମିଶ୍ର ମାତ୍ର ୪୫ଟି ବଲ ଖେଳି ସର୍ବାଧିକ ୭୨ ରନ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଆଶୁ ଇଲେଭେନ ଦଳ ମାତ୍ର ୧୩୮ ରନ କରି ଅଲଆଉଟ ହୋଇଯାଇଥଲା। ଫାଇନାଲ ମ୍ୟାଚରେ ବଡଗାଁ ନର୍ସିଂହୋମର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ତୃଣମୂଳ କଂଗ୍ରେସ ଅଧ୍ୟକ୍ଷ ଜାହାଙ୍ଗୀର ହକ୍, ସିଆଇଟିଇ ଅଧ୍ୟକ୍ଷ ମେହମ୍ମୁଦ ଅହମ୍ମଦ, କ୍ଲବର ଅଧ୍ୟକ୍ଷ ଆଦିଲ ମେହମ୍ମୁଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ରନର୍ସ ଅପ୍ ଦଳକୁ ୧୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚରେ ସନ୍ଦିପ ବଡାଇକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଟୁର୍ନାମେଣ୍ଟରେ ବେଷ୍ଟ ବ୍ୟାଟ୍‌ସମ୍ୟାନ ଆଶିଷ ମିତ୍ରା, ବେଷ୍ଟ ବୋଲର ସନ୍ଦିପ ବଡାଇକ ଓ ବେଷ୍ଟ ଫିଲଡର ଅଶୋକ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚକୁ ଅମ୍ପାୟାର ଭାବେ ବାବୁଲା କର ଓ ଶେଖ ଜମାଲ ପରିଚାଳନା କରିଥିଲେ। ସିଆଇଟିଇ କ୍ଲବର ଅଧ୍ୟକ୍ଷ ଆଦିଲ ମେହମ୍ମୁଦ, ସଭାପତି ସଦାମ ଖାନ, ଉପସଭାପତି ମୁଦସର ଅଖତର, ସମ୍ପାଦକ ଆଶିଷ ଦାସ, ସେହରାଜ ମିର୍ଜା ପ୍ରମୁଖ ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ୧୯ ବର୍ଷରୁ କମ୍ କୁଚବିହାର ଟ୍ରଫି, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୯ଟା।
- ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ସମାରୋହ, ଜ୍ୟୋତି କାର୍ଯ୍ୟାଳୟ, ଜେଲ ଛକ, ଅପରାହ୍ନ ୪ଟା।

## ସଂକ୍ଷେପରେ

### ସଇଡ଼ା ବାଲିଯାତ୍ରା ଶୁଭସ୍ତମ୍ଭ ସ୍ଥାପନ

କୁଚିଣ୍ଡା, ୧୬।୧୧ (ବିରଞ୍ଚି ଦର୍ଶୀ)

ସଇଡା ୨୦ତମ ବାଲିଯାତ୍ରା ନିମନ୍ତେ ଗୁରୁବାର ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ସଇଡାର କୁଣ୍ଡାପୋଷି ଡଙ୍ଗାଘାଟରେ ପୂଜକ ପ୍ରକାଶ ପୁରୋହିତଙ୍କ ପୂଜାର୍ଚ୍ଚନା ପରେ ପବିତ୍ର ଶୁଭସ୍ତମ୍ଭ ସ୍ଥାପନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ବିଜୁ ସାହୁ, ସମ୍ପାଦକ ବିଶ୍ୱନାଥ କଣ୍ଡରା, ଉପସଭାପତି ରାଜେଶ ସାହୁ, ସମ୍ପାଦକ ପ୍ରଫୁଲ୍ଲ ନାୟକ, କୋର କମିଟି ସଦସ୍ୟ କ୍ଷୀରୋଦ ସା, ଦିବ୍ୟ ବାରିକ, ପୌଲସ୍ତି ପାତ୍ର, ପ୍ରକାଶ ପୃଷ୍ଟେଠ, ସିଲୁ ରକ୍ସା, ପ୍ରତିଷ୍ଠାତା ଟିକେଶ୍ୱର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୫ରେ ଶୁଭକଳସ ସ୍ଥାପନ, ୨୬ରେ କବିତା ଆସର, ୨୭ ତାରିଖ ମଧ୍ୟାହ୍ନ ୧୨ଟାରୁ ରାତ୍ରି ୯ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ୨୮ରେ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ଓଜେୟୁ ସମ୍ବଲପୁର ଶାଖା ପକ୍ଷରୁ ପ୍ରେସ୍ ଦିବସ

ସମ୍ବଲପୁର, ୧୬।୧୧ (ପ୍ରମୋଦ ବହିଦାର)

ଓଜେୟୁ ସମ୍ବଲପୁର ଶାଖା ପକ୍ଷରୁ ଗୁରୁବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଜିଲା ଶାଖା ଉପସଭାପତି ସୁକାନ୍ତ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉତ୍ତରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ବିଜୟ କୁମାର ମିଶ୍ର ମୁଖ୍ୟଅତିଥି ଓ ବରିଷ୍ଠ ଖବରଦାତା ଶିବ ଶଙ୍କର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ମାନେଶ୍ୱର ବିଡିଓ ପ୍ରଣବ କୁମାର ଚାନ୍ଦ, ସଂଘର ରାଜ୍ୟ ଉପସଭାପତି ସୁଶାନ୍ତ କୁମାର ମହାପାତ୍ର, ଖାଡ଼େଶ୍ୱରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ସରୋଜ ସାହୁ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ରାଜାରାମ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା ଶୁଭାରମ୍ଭ ହୋଇଥିଲା। ପ୍ରଦୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ନାଗେନ ଚଉଠି ପୂଜା

ସମ୍ବଲପୁର, ୧୬।୧୧ (ପ୍ରମୋଦ ବହିଦାର)

ମହାନ୍ତିପଡ଼ା ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ନାଗେନ ଚଉଠି ପୂଜା ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଯୁବତୀମାନେ ଏହି ପୂଜା କଲେ ମନସ୍କାମନା ପୂର୍ଣ୍ଣ ହେଉଥିବା ବିଶ୍ୱାସ ରହିଛି। ତେଣୁ ବହୁ ସଂଖ୍ୟାରେ ସ୍ଥାନୀୟ ମହିଳା ଓ ଯୁବତୀ କଳାରାଶିରେ ନାଗ ଓ ନାଗୁଣିଙ୍କ ପ୍ରତିକୃତି ତିଆରି କରି ସେମାନଙ୍କ ମନସିକ ପୂରଣ ପାଇଁ ପୂଜା କରିଥିଲେ। ପୂଜକ ଶଶାଙ୍କ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଲଭ୍ଲି ପଟ୍ଟନାୟକ, ପ୍ରଭାତି ବଡ଼େଇ, ପଦ୍ମା ପ୍ରଧାନ, ଜ୍ୟୋତି ମଞ୍ଜରୀ ପଟ୍ଟନାୟକ, ଶ୍ରଦ୍ଧାଞ୍ଜଳି ପ୍ରଧାନ, ତୁଳସୀ ପ୍ରଧାନ, ରିଦ୍ଧିମା, ନିଳିମା ପଟ୍ଟନାୟକ ପ୍ରମୁଖ ପୂଜାର୍ଚ୍ଚନାରେ ଭାଗ ନେଇଥିଲେ।

# ଅଧାପନ୍ତରିଆ କାମ, ସହରବାସୀ ଅତିଷ୍ଠ

**ସମ୍ବଲପୁରରେ ସ୍ୱେରେଜ ପ୍ରକଳ୍ପ**

- ୩ ବର୍ଷ ବଦଳରେ ୬ ବର୍ଷରେ ସରିଛି ୩୦ ପ୍ରତିଶତ କାମ
- ଡିପିଆର୍ ପ୍ରସ୍ତୁତ ପରେ ନୂତନ ଟେଣ୍ଡର କରାଯିବ: ୱାଟ୍କୋ ମହାପ୍ରବନ୍ଧକ

ସମ୍ବଲପୁର, ୧୬।୧୧ (ଭବାନୀ ଶଙ୍କର ଭୋଇ)


ସମ୍ବଲପୁର ସାକ୍ଷୀପଡ଼ାରେ ଅଧାପନ୍ତରିଆ ସ୍ୱେରେଜ କାମ।

ସମ୍ବଲପୁରରେ ସ୍ୱେରେଜ ପ୍ରକଳ୍ପ ୨୦୧୭ରେ ଆରମ୍ଭ ହୋଇ ୨୦୨୦ରେ ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟ ଅବଧିର ୩ବର୍ଷ ଅଧିକ ବିତିସାରିଥିଲେ ମଧ ମାତ୍ର ୩୦ ପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇପାରିଛି। ଅଧାପନ୍ତରିଆ ପ୍ରକଳ୍ପ ଯୋଗୁ ଧୂଳିଧୂଆଁରେ ସହରବାସୀ ଅତିଷ୍ଠ ହେଉଛନ୍ତି।

ଏବେ ସାକ୍ଷୀପଡ଼ା ଅଞ୍ଚଳରେ ସ୍ୱେରେଜ କାମ କରାଯାଉଛି। ଟ୍ରାଫିକ ସମସ୍ୟା ପାଇଁ ଦିନବେଳା କାମ କରାଯାଇପାରୁ ନ ଥିବାରୁ ରାତି ୧୦ଟା ପରେ ପାଇପ୍ ବିଛା ଓ ଚାମ୍ବର ତିଆରି କରାଯାଉଛି। ରାସ୍ତା ଖୋଳି ପଥରଗୁଣ୍ଡ ଭର୍ତ୍ତି କରିବା ଯୋଗୁ ଗାଡିମୋଟର ଚାଲିବା ଫଳରେ ଏହି ବ୍ୟସ୍ତବହୁଳ ରାସ୍ତା ଧୂଳିମୟ ହୋଇପଡୁଛି। ଏହା କେବଳ ସାକ୍ଷୀପଡ଼ାର ସମସ୍ୟା ନୁହେଁ ବରଂ ସମ୍ବଲପୁର ସହରରେ ଯେଉଁଠି ବି ସ୍ୱେରେଜ କାମ ହେଉଛି ସେଠାକାର ରାସ୍ତାଘାଟ ଅବସ୍ଥା ଏପରି ହୋଇଛି। ସ୍ୱେରେଜ କାମ ଠିକା ନେଇଥିବା ଘରପୁରେ ସଂସ୍ଥା ନିଜେ କାମ ନ କରି ପେଟି ଠିକାଦାରଙ୍କ ଭରସାରେ କାମ କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ୱାଟ୍କୋ (ଓଡ଼ିଶା ଜଳ ନିଗମ) ସିଇଓ କିଛିଦିନ ପୂର୍ବରୁ ସମ୍ବଲପୁର ଆସି ସ୍ୱେରେଜ କାମର ସମୀକ୍ଷା କରିଥିଲେ। ଏଥିରେ ଘରପୁରେ ସଂସ୍ଥାର କାମକୁ ନେଇ ଅନେକ ଅଭିଯୋଗ ସାମନାକୁ ଆସିଥିଲା। ଏହାପରେ ଏହି ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ କିମ୍ବା ନୂଆ ଠିକାସଂସ୍ଥା ନିଯୁକ୍ତ କରାଯାଇନାହିଁ। ସାକ୍ଷୀପଡା ସହ ଆଉ କିଛି ସ୍ଥାନରେ ଅଧାପନ୍ତରିଆ କାମ ସାରିବା ପାଇଁ ୱାଟ୍କୋ ପକ୍ଷରୁ ଟେଣ୍ଡର କରାଯାଇ ଅନ୍ୟ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଆରମ୍ଭରୁ ମୋଟ ପ୍ରକଳ୍ପ ଖର୍ଚ୍ଚ ୨୯୪ କୋଟି ଆକଳନ କରାଯାଇଥିଲା। ଠିକା ପାଇଥିବା ଘରପୁରେ ସଂସ୍ଥା ଏଯାଏ ୧୩୦ କୋଟି ଟଙ୍କା ନେଇସାରିଛି। ହେଲେ ମୋଟ ପ୍ରକଳ୍ପର ମାତ୍ର ୩୦ ପ୍ରତିଶତ ଅର୍ଥାତ୍ ୭୦ କିଲୋମିଟର କାମ ସରିଥିବା ବେଳେ ୧୮୦ କିଲୋମିଟର ବାକି ରହିଛି। ସ୍ୱେରେଜ ପ୍ରକଳ୍ପ ପାଇଁ ମାତ୍ର ୧୬୪ କୋଟିର ପାଣ୍ଠି ୱାଟ୍କୋ ପାଖରେ ରହିଥିବା ବେଳେ ବିଶେଷଜ୍ଞମାନଙ୍କ ମତରେ ବକେୟା ୧୮୦ କି.ମି. ରାସ୍ତା ପାଇଁ ଆଉ ଦୁଇରୁ ତିନଗୁଣା ଅଧିକ ଖର୍ଚ୍ଚ ହେବ। ଏ ସମ୍ପର୍କରେ ୱାଟ୍କୋ ମହାପ୍ରବନ୍ଧକ ଇଂ. ରାଜେଶ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଘରପୁରେ ସଂସ୍ଥା ୨୦୧୭ ମସିହା ଦରରେ ପାଇପ୍ ବିଛାଇପାରିବ ନାହିଁ ବୋଲି କହୁଛି। ସେଥିପାଇଁ ଏବେ ଅଧା ରହିଯାଇଥିବା କାମ ସାରିବା ପାଇଁ ପାଖାପାଖି ୩ କୋଟି ଟଙ୍କାର ଟେଣ୍ଡର ସ୍ଥାନୀୟ ଠିକାଦାରଙ୍କୁ ଦିଆଯାଇଛି। ନୂଆ ଡିପିଆର୍ ମଞ୍ଜୁର ହେବା ପରେ ବକେୟା ୧୮୦ କି.ମି. କାମ ପାଇଁ ଟେଣ୍ଡର ଡକାଯିବ। ତେବେ କେବେ ସୁଦ୍ଧା କାମ ସରିବ ଓ ସମ୍ବଲପୁରରେ ସ୍ୱେରେଜ ପ୍ରକଳ୍ପ କାର୍ଯ୍ୟକାରୀ ହେବ ସେ ନେଇ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇପାରୁ ନାହିଁ।

# ଖବରଦାତାଙ୍କ ଭୂମିକାର ବିକଳ୍ପ ନାହିଁ

**ସମ୍ବଲପୁରରେ ଜିଲାସ୍ତରୀୟ ପ୍ରେସ୍ ଦିବସ**

ସମ୍ବଲପୁର, ୧୬।୧୧ (ପ୍ରମୋଦ ବହିଦାର)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର ପ୍ରେସ୍ କ୍ଲବଠାରେ ଗୁରୁବାର ଜିଲା ପ୍ରଶାସନ ଓ ପ୍ରେସ୍କ୍ଲବ ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗଣମାଧ୍ୟମ' ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ତଥା ସାଧାରଣ ଉଦ୍ୟୋଗ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ପ୍ରେସ୍କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମନ୍ତ୍ରୀ ନାୟକ କହିଥିଲେ, କୋଭିଡ୍ ସମୟରେ ଖବରଦାତାମାନଙ୍କ ଭୂମିକା ଅବିସ୍ମରଣୀୟ, ଯାହାର ବିକଳ୍ପ ନାହିଁ। ସେହିପରି ଅନ୍ୟତମ ଅତିଥି ମନ୍ତ୍ରୀ ପଣ୍ଡା କହିଥିଲେ, ସାମାଜିକ ସୁରକ୍ଷା ଓ ସଂସ୍କାର ପାଇଁ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକତା କ୍ଷେତ୍ରରେ ଆହ୍ୱାନର ସମ୍ମୁଖୀନ ହେବା ସ୍ୱାଭାବିକ। ମାତ୍ର ଏହି ବୃତ୍ତି କାଳଜୟୀ ହୋଇ ରହିବ। ସମ୍ମାନିତ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ସମାଜର ହିତରେ ଗଣମାଧ୍ୟମର ଦାୟିତ୍ୱବୋଧତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସଭାପତି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରେସ୍ କ୍ଲବର ବରିଷ୍ଠ ସଦସ୍ୟ ହେମନ୍ତ ମହାପାତ୍ର ଓ ଶିବ ପ୍ରସାଦ ମେହେର ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରେସ୍ କ୍ଲବ ସାଧାରଣ ସମ୍ପାଦକ ଭବାନୀ ଶଙ୍କର ଭୋଇ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଖବରଦାତା ଜ୍ଞାନବ୍ରତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରେସ୍କ୍ଲବର ସମସ୍ତ ସଦସ୍ୟଙ୍କ ସମେତ ବହୁ ଖବରଦାତା ଯୋଗଦେଇଥିଲେ।

# ସମ୍ବଲପୁରୀ ଖାଦ୍ୟ ବଜାର ନିର୍ମାଣ ଦାବି

ସମ୍ବଲପୁର, ୧୬।୧୧ (ପ୍ରମୋଦ ବହିଦାର)

ସମ୍ବଲପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜେଲ ଛକ ନିକଟରେ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ ବଜାର ନିର୍ମାଣ ପାଇଁ ଦାବି ହୋଇଛି। ଏହି ସଙ୍ଗଠନ ୨୦୧୩ରୁ ପଶ୍ଚିମ ଓଡ଼ିଶାର ୧୧ ଜିଲାରେ ସମ୍ବଲପୁରୀ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ସହିତ ସାମାଜିକ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି। ଏହାଛଡା ସମ୍ବଲପୁରୀ ଭାଷା ଓ ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧କୁ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ଭାବେ ପାଳନ କରି ଆସୁଛି। ମାତ୍ର ପରିତାପର ବିଷୟ, ଏପର୍ଯ୍ୟନ୍ତ ସମ୍ବଲପୁର ସହରରେ ସମ୍ବଲପୁରୀ ସଂସ୍କୃତିକୁ ପରିଚିତ କରିବା ପାଇଁ କୌଣସି ବ୍ୟବସ୍ଥା ହୋଇ ନାହିଁ। ତେଣୁ ପଶ୍ଚିମ ଓଡ଼ିଶା ଏକତା ମଞ୍ଚ ୨୦୧୪ରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନ ନକଟରେ ସମ୍ବଲପୁରୀ ସଂସ୍କୃତିର ମ୍ୟୁଜିୟମ, ସ୍ଥାୟୀ ପ୍ରଦର୍ଶନୀ ଷ୍ଟଲ ଆଦି ୧୧ ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ଦାବି କରିଆସୁଛି। ପ୍ରେସ୍ କ୍ଲବରେ ଗୁରୁବାର ଆୟୋଜିତ ଜାତୀୟ ପ୍ରେସ୍ ଦିବସରେ ଅତିଥିଭାବେ ଯୋଗଦେବାକୁ ଆସିଥିବା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ସାକ୍ଷାତକରି ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ହେରିଟେଜ୍ ଏରିଆ ପରିସରରେ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ ବଜାର ନିର୍ମାଣ ପାଇଁ ମଞ୍ଚ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ସେହିପରି ଜେଲଛକସ୍ଥିତ ଗୁରୁ ସତ୍ୟନାରାୟଣ ସ୍ମୃତି ଉଦ୍ୟାନକୁ ବିକଶିତ କରିବାକୁ ନିବେଦନ କରାଯାଇଛି। ମନ୍ତ୍ରୀଦ୍ୱୟଙ୍କ ସହ ଏହି ପ୍ରସଙ୍ଗରେ ମଞ୍ଚର ଆବାହକ ଭବାନୀ ଶଙ୍କର ଭୋଇ ଓ ରାଜାରାମ ଷଡ଼ଙ୍ଗୀ ଆଲୋଚନା କରିଥିଲେ।

# ବିଜ୍ଞାନମେଳା: ୧୩୫ ପ୍ରକଳ୍ପ ପ୍ରଦର୍ଶିତ


ଅତିଥିମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ରେଢ଼ାଖୋଲ, ୧୬।୧୧ (ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ବ୍ଲକ ବଡବାହାଲସ୍ଥିତ ପଞ୍ଚଖଣ୍ଡା ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ବ୍ଲକସ୍ତରୀୟ ଗଣିତ, ବିଜ୍ଞାନ ଓ ପରିବେଶ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟଅତିଥି, ଗୌରଚନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ବେଣୁଧର ବେରିହା ମୁଖ୍ୟବକ୍ତା ଓ ଲେନିନ ସାହୁ, ନିରଞ୍ଜନ ପାତ୍ର, ଶତ୍ରୁଘ୍ନ ସ୍ୱାଇଁ, ବିଜୟାନନ୍ଦ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୧୩୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସଞ୍ଜୀବ କୁମାର ଦାସ, ଶ୍ୱେତାଶ୍ରୀ ପ୍ରଧାନ, ଗୀତାଞ୍ଜଳି ବାଙ୍କି, ଜଗନ୍ନାଥ ବିଶ୍ୱାଳ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ବରିଷ୍ଠ ବର୍ଗରେ ରାଣିଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ବାଗ୍ମୀତା ସାହୁ, କନିଷ୍ଠ ବର୍ଗରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୌମ୍ୟ ସର୍ମିଷ୍ଠା ବୈଠାରୁ ଓ ସର୍ବକନିଷ୍ଠ ବର୍ଗରେ ମୁଷାକଟା ପ୍ରାଥମିକ ବିଦ୍ୟାଳୟର ସଂଗ୍ରାମଲାଲ ପ୍ରଧାନ ପ୍ରଥମସ୍ଥାନ ଅଧିକାର କରିଥିଲେ। ଉଦ୍ଯାପନୀ ସମାରୋହରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ କୁମାର ପ୍ରଧାନ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନରୋତ୍ତମ ପୁରୋହିତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱରଞ୍ଜନ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ।

## କଲେଜ ପରିଚାଳନା କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା

ରେଢାଖୋଲ, ୧୬।୧୧ (ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ଭୀମ ଭୋଇ କଲେଜ ପରିଚାଳନା କମିଟିର ନୂତନ ସଭାପତି ସୁରେନ୍ଦ୍ର ନାରାୟଣ ପ୍ରଧାନଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଦିଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଯୋଗଦେଇଥିଲେ। ପ୍ରାରମ୍ଭରେ ପରିଚାଳନା କମିଟି ସଭାପତି ପ୍ରଧାନ କଲେଜ ପରିସରରେ ଥିବା ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଲେଜ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାପତି ପ୍ରଧାନ କଲେଜର ଅଧ୍ୟାପକ, ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ର ସହ ସମସ୍ତଙ୍କ ସହଯୋଗରେ ଏହି ସର୍ବ ପୁରାତନ କଲେଜର ଉନ୍ନତି ହୋଇପାରିବ ବୋଲି କହିଥିଲେ।

# ଗୋମାଂସ ବିକ୍ରି ଅଭିଯୋଗ: ୩ ଗିରଫ


ଗିରଫ ୩ ଅଭିଯୁକ୍ତ।

କୁଚିଣ୍ଡା, ୧୬।୧୧ (ବିରଞ୍ଚି ଦର୍ଶୀ)

କୁଚିଣ୍ଡା ଥାନା ଅନ୍ତର୍ଗତ ସାତକମା ଗ୍ରାମରେ ଗୋ ହତ୍ୟା କରି ମାଂସ ବିକ୍ରି ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଚିଣ୍ଡା ଥାନା ସାତକମା ଗ୍ରାମର କନ୍ଦର୍ପ ଦେହୁରି (୪୦), କୁଚିଣ୍ଡା ଏନ୍ଏସି ୱାର୍ଡ ନଂ.୭ର ସମବାରୁ ବନଛୋର(୨୬) ଓ ମହେନ୍ଦ୍ର ସିଂ(୪୦)। ଏ ନେଇ କୁଚିଣ୍ଡା ପୋଲିସ ଆଇପିସି ଧାରା ୪୨୯/୩୪ (ନଂ.୨୫୮/୨୩) ଗୋହତ୍ୟା ନିରୋଧ ଆଇନରେ ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୁଚିଣ୍ଡା ଏସ୍ଡିଜେଏମ୍ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ କୁଚିଣ୍ଡା ଥାନା ଭୋଜପୁର ଗ୍ରାମର ଅବନୀ ବେହେରାଙ୍କ ରିପୋର୍ଟ ଆଧାରରେ ପୋଲିସ ବୁଧବାର ବିଳମ୍ବିତ ରାତିରେ ସାତକମା ଗ୍ରାମରେ ଚଢାଉ କରି କନ୍ଦର୍ପଙ୍କ ଘରୁ ଗୋ ମାଂସ ଜବତ ସହ ତାଙ୍କୁ ଗିରଫ କରିଥିଲା। ପରେ ଅନ୍ୟ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗାୟତ୍ରୀ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଟ ପକ୍ଷରୁ ଫାର୍ମା ଏକ୍ସପୋ ଉଦ୍ଘାଟିତ


ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସମ୍ବଲପୁର, ୧୬।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ଜମାଦାରପାଲିସ୍ଥିତ ଗାୟତ୍ରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଗୁରୁବାର ଦୁଇଦିନିଆ ଫାର୍ମା ଏକ୍ସପୋ 'ସାଇନ୍ସିଆ-୨୦୨୩' ଉଦ୍ଘାଟିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ଶିବ ନାରାୟଣ ଶତପଥୀ, ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଡ. ଅଶୋକ କୁମାର ଶତପଥୀ ମା' ଗାୟତ୍ରୀଙ୍କ ପ୍ରତିକୃତିରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ଏହାସହିତ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ଜାଗ୍ରତ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଫାର୍ମାସୀ ଅଧ୍ୟକ୍ଷ ଡ. ସୂର୍ଯ୍ୟନାରାୟଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ସୋମଜିତ ପଣ୍ଡା, ଡ. ମାନସ ରଞ୍ଜନ ମିଶ୍ର, ଡ. ପ୍ରଶାନ୍ତ କୁମାର ବିଶ୍ୱାଳ, ଡ. ବିପିନ ବିହାରୀ ପଣ୍ଡା, ଡ. ଦିଲୀପ କୁମାର ମହାପାତ୍ର, ଡ. ନିହାର ରଞ୍ଜନ ମହାନ୍ତି, ଡ. ସୌମ୍ୟା ସୁଚିସ୍ମିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାମାଶିଷ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅତିଶ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟକ୍ତିନିଷ୍ଠ ନ ହୋଇ ବସ୍ତୁନିଷ୍ଠ ହେବା ଦରକାର

କୁଚିଣ୍ଡା, ୧୬।୧୧ (ବିରଞ୍ଚି ଦର୍ଶୀ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସମ୍ପ୍ରତି ମୂଲ୍ୟବୋଧ ତଥା ସତ୍ୟ ଓ ତଥ୍ୟଭିତ୍ତିକ ଖବର ପରିବେଷଣର ଆବଶ୍ୟକତା ରହିଛି। ତେଣୁ ବ୍ୟକ୍ତିନିଷ୍ଠ ନ ହୋଇ ବସ୍ତୁନିଷ୍ଠ ହେବା ଦରକାର ବୋଲି କୁଚିଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ଆୟୋଜିତ ଜାତୀୟ ପ୍ରେସ୍ ଦିବସରେ ବକ୍ତାଗଣ ମତବ୍ୟକ୍ତ କରିଛନ୍ତି। ସାମ୍ବାଦିକ ସଂଘ ସଭାପତି ବିରଞ୍ଚି ନାରାୟଣ ଦର୍ଶୀଙ୍କ ଅଧ୍ୟକ୍ଷତାରେ କୁଚିଣ୍ଡା ସାମ୍ବାଦିକ ଭବନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ 'ବିପନ୍ନ ସାମ୍ବାଦିକତା ଓ ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଉପଜିଲାପାଳ ବିଭୂତିଭୂଷଣ ନାୟକ ମୁଖ୍ୟ ଅତିଥି, କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ମୁଖ୍ୟବକ୍ତା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାସ୍କର ଚନ୍ଦ୍ର ବେହେରା, ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣାକର କିଷାନ, ଓକିଲ ସଂଘ ସଭାପତି ପ୍ରମୋଦ ଛୁରିଆ, ବାମରା ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ମନୋଜ ରାଜ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ସଂଘ ସଦସ୍ୟ ତପନ ଦାସ ଅତିଥି ଆମନ୍ତ୍ରଣ ଓ ଅମୂଲ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଗବେଷଣା ସମ୍ମିଳନୀ ଉଦ୍ଯାପିତ

ସମ୍ବଲପୁର, ୧୬।୧୧ (ଭବାନୀ ଶଙ୍କର ଭୋଇ)


ଓଡ଼ିଶା ଗବେଷଣା ସମ୍ମିଳନୀରେ ଅତିଥି ବୃନ୍ଦ।

ଉଚ୍ଚତର ଶିକ୍ଷାରେ ଗବେଷଣାକୁ ପ୍ରୋତ୍ସାହନ ଦେବା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଜ୍ୟୋତିବିହାରଠାରେ ଚାଲିଥିବା ତିନିଦିନିଆ ଓଡିଶା ଗବେଷଣା ସମ୍ମିଳନୀ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅଧିକ ଗବେଷଣାମୁଖୀ ହେବାକୁ ଆହ୍ୱାନ କରିଥିଲେ। ଏହାସହ ରାଜ୍ୟ ସରକାର ଉଚ୍ଚତର ଶିକ୍ଷାକୁ ଗବେଷଣା ଧର୍ମୀ କରିବା ପାଇଁ ଯୋଜନା କରୁଥିବା ଏବଂ ଯୋଗ୍ୟ ପ୍ରକଳ୍ପଗୁଡିକର ଗବେଷଣା ପାଇଁ ଆର୍ଥିକ ସହଯୋଗ କରାଯିବ ବୋଲି କହିଥିଲେ। ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ଦାସ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ ପ୍ରମୁଖ ଅତିଥି ଭାବେ ସାମିଲ ହୋଇଥିଲେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଗତ ୧୪ ତାରିଖରୁ ଏହି ସମ୍ମିଳନୀ ଆରମ୍ଭ ହୋଇଥିଲା। ଉଦ୍ଘାଟନୀ ଉତ୍ସବରେ ରାଷ୍ଟ୍ରୀୟ ସ୍ମାରକ ପ୍ରାଧିକରଣ ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା ମୁଖ୍ୟଅତିଥି, ବୈଜ୍ଞାନିକ ପ୍ରଫେସର ଶିବାଶିଷ ଗିରି ସମ୍ମାନିତ ଅତିଥି ଓ ପ୍ରଫେସର ଗଦାଧର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ୍ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିଳ୍ପର ବିକାଶ ଦିଗରେ ଗବେଷଣାର ଆବଶ୍ୟକତା ଓ ଓଡିଶାର ଶିଳ୍ପସଂସ୍ଥା ସମ୍ମୁଖୀନ ହେଉଥିବା ସମସ୍ୟା ସମାଧାନ ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ତିନିଦିନ ଭିତରେ ବିଜ୍ଞାନ ଓ ମାନବିକତା ଗବେଷଣା ଉପରେ ଛାତ୍ରୀଛାତ୍ର ୨୭ଟି ନିବନ୍ଧ ଉପସ୍ଥାପନ କରିଥିଲେ।

## ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଗର୍ଜିଲା ଭାଜପା

ଜୁନାଗଡ଼,(ସୁନୀଲ କୁମାର ସିଂହ): ଜୁନାଗଡ଼ ବ୍ଲକରେ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଗୁରୁବାର ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଛି। ଲଙ୍କେଶ୍ୱରୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଭାଜପା କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଡିଓଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ଜିଲା ଭାଜପା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ନଗରପାଳ ମୁକେଶ ଅଗ୍ରୱାଲ, ଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବସ୍‌ରେ ଲାଗିଲା ନିଆଁ, ଆୟତ୍ତ କଲା ଅଗ୍ନିଶମ ବିଭାଗ



ଭବାନୀପାଟଣା,୧୬।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ କନ୍ଧ ବାନ୍ଧୋପଲାସ୍ଥିତ ଜାତୀୟ ରାଜପଥ ୨୬ କ ଦୀର୍ଘ ଦିନ ଧରି ଖରାପ ହୋଇ ରହିଥିବା ଏକ ଘରୋଇ ବସରେ ଗୁରୁବାର ରାତି ୯ଟାରେ ହଠାତ ନିଆଁଲାଗି ଯାଇଥିଲା। ସ୍ଥାନୀୟ ଲୋକେ ଭବାନୀପାଟଣା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ୨ଟି ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କେଉଁ କାରଣରୁ ବସ୍‌ରେ ନିଆଁ ଲାଗିଲା ତାହା ବର୍ତ୍ତମାନ ବି ସ୍ପଷ୍ଟ ଜଣାପଡିନାହିଁ। ଜାତୀୟ ରାଜପଥ ୨୬ କ ଏହି ବସରେ ନିଆଁ ଲାଗିବା ଯୋଗୁ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଅଗ୍ନିଶମ ବିଭାଗ ପକ୍ଷରୁ ତୁରନ୍ତ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ମୁଖ୍ୟ ଆଗ୍ନିକ ରୋହିତ ମାଝିଙ୍କ ନେତୃତ୍ୱରେ ନିଆଁକୁ ଆୟତ୍ତ କରାଯାଇଥିଲା।

### ଉଧାର ଟଙ୍କା ଫେରସ୍ତ ମାଗିବାରୁ ହତ୍ୟା ଉଦ୍ୟମ

- ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ
- କୋରେକ୍ସ ବା ନିଶା କାରବାର ସନ୍ଦେହ

ଭବାନୀପାଟଣା,୧୬।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଭଙ୍ଗାବାରୀ ନିକଟରେ ଉଧାର ଟଙ୍କା ଫେରସ୍ତ ମାଗିବାକୁ ଯାଇ ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ କରାଯାଇଛି। ଦୁର୍ବୃତ୍ତ ଜଣକ ଟଙ୍କା ଦେବା ତ ଦୂରର କଥା ଯୁବକଙ୍କୁ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଯୁବକଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଯୁବକଙ୍କ ନାମ ଅଞ୍ଜନ ପାଢି । ସେ ଭବାନୀପାଟଣା କଣାକେନ୍ଦୁରେ ରହୁଥିବା ଜଣାପଡିଛି। ଏହି ଘଟଣାକୁ ନେଇ ଅଞ୍ଜନଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇ ନ ଥିବାବେଳେ ମେଡ଼ିକାଲ ପକ୍ଷରୁ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ ଦିଆଯାଇଛି। ପୋଲିସ ଏକ ମାମଲା (ନଂ. ୪୪୮/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ କୋରେକ୍ସ ବା ନିଶା କାରବାରକୁ ନେଇ ଏପରି ଘଟଣା ହୋଇଥିବା ଶୁଣିବାକୁ ମିଳୁଛି।

### ବିକାଶ ଆବାସିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଭବାନୀପାଟଣା,୧୬।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ବୁଧବାର ଉଚ୍ଚ ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ଭବାନୀପାଟଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନିର୍ଦ୍ଦେଶକ .ଡି.ଶ୍ୟାମ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ଆରତୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ କ୍ରୀଡାର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଭବାନୀପାଟଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନିର୍ଦ୍ଦେଶକ ଡି.ଶ୍ୟାମ ତାଙ୍କ ଅଭିଭାଷଣରେ ବିଦ୍ୟା ଅଧୟନ ସହିତ କ୍ରୀଡା କ୍ଷେତ୍ରରେ ମଧ କିଭଳି ଭାବେ ଉତ୍କର୍ଷ ଲାଭ କରାଯାଇ ପାରିବ ସେ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ମୁଖ୍ୟଅତିଥି ପାଢ଼ୀ ତାଙ୍କ ଅଭିଭାଷଣରେ ବିଦ୍ୟାର୍ଥୀମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାର୍ଥୀମାନେ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ନିଜର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗତ ୧୪ ଓ ୧୫ ଦିନ ଧରି ଏହି ବାର୍ଷିକ କ୍ରୀଡା ଉତ୍ସବ ଚାଲିଥିଲା। ଏହିକାର୍ଯ୍ୟକ୍ରମରେ ସମସ୍ତ କ୍ରୀଡା ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ୨୮ରୁ ଖରିଫ ଧାନକିଣା

ବଲାଙ୍ଗୀର,୧୬।୧୧(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଜିଲାପାଳ ସମ୍ମିଳନୀ କକ୍ଷରେ ଆୟୋଜିତ ଧାନକ୍ରୟ କମିଟି ବୈଠକରେ ମଞ୍ଚାସୀନ ମନ୍ତ୍ରୀ, ବିଧାୟକ, ଜିଲାପାଳ।

**ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ**

- ୧୫୮ଟି ପାକ୍ସ, ୧୭ଟି ଏସ୍‌ଏଚ୍‌ଜି ଜରିଆରେ ହେବ ଧାନକିଣା
- ଜିଲାରେ ୮୯,୪୨୩ ଜଣ ଚାଷୀ କରିଛନ୍ତି ପଞ୍ଜୀକରଣ

ବଲାଙ୍ଗୀର ଜିଲାରେ ଖରିଫ ୨୦୨୩-୨୪ ବର୍ଷ ପାଇଁ ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଗୁରୁବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକା ଟୁକୁନି ସାହୁ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହ ବିଧାୟକ ଡ. ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢୀ, ପାଟଣାଗଡ ଉପଜିଲାପାଳ ଡ଼. ବିଜୟାନନ୍ଦ ସେଠୀ, ବଲାଙ୍ଗୀର ଜିଲା କୃଷକ ପ୍ରତିନିଧି ସୌମେନ୍ଦ୍ର ପରିଚ୍ଛା, ଯତି ପଧାନଙ୍କ ସମେତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, କୃଷି ସମବାୟ, ଜଳସେଚନ, ନିୟନ୍ତ୍ରିତ ବଜାର କମିଟି, ଭାରତୀୟ ଖାଦ୍ୟ ନିଗମର ଅଧିକାରୀ ଓ ମିଲର୍ସ ପ୍ରତିନିଧି ଯୋଗ ଦେଇଥିଲେ।

ବୈଠକ ପ୍ରାରମ୍ଭରେ ଜିଲାପାଳ ରାଣା ଜିଲାରେ ଚଳିତ ଖରିଫ ଧାନ କ୍ରୟ କିଭଳି ସୂଚାରୁରୂପେ ସମ୍ପାଦିତ ହେବ ଏବଂ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଧାନ ମଣ୍ଡିଗୁଡିକରେ ସୁରୁଖୁରୁରେ ବିକ୍ରି କରିପାରିବେ ସେ ଉପରେ ଜୋର ଦେଇଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଜି. ପ୍ରଭାକର ପାତ୍ର ଜିଲାର ଧାନକ୍ରୟ ସମ୍ପର୍କିତ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ଖରିଫରେ ଜିଲାରେ ୧୫୮ଟି ପାକ୍ସ ଓ ୧୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନ କ୍ରୟ କରାଯିବ। ନଭେମ୍ବର ୨୮ରୁ ଜିଲାରେ ଧାନକିଣା ଆରମ୍ଭ ହେବ ବୋଲି କୁହାଯାଇଛି। ଚଳିତ ଖରିଫ ବିପଣନ ବର୍ଷ ସକାଶେ ସାଧାରଣ ଏଫଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା, ଗ୍ରେଡ ଏ ଏଫଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୨୦୩ ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନକିଣା ସମୟରେ ପାକ୍ସ ଗୁଡିକରେ କିଭଳି ଚାଷୀଙ୍କ ସହ ସମନ୍ୱୟ ରକ୍ଷା କରିବେ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଧାନ ସଂଗ୍ରହ ନିମନ୍ତେ ଆବଶ୍ୟକ ଉପକରଣ କାର୍ଯ୍ୟକ୍ଷମ କରି ମଣ୍ଡି ଆରମ୍ଭ ହେବା ଯଥେଷ୍ଟ ପୂର୍ବରୁ ଉପଲବ୍ଧ କରାଇ ଆନୁସାଙ୍ଗିକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀ ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକମାନଙ୍କୁ ଜିଲାପାଳ କହିଥିଲେ। ସମସ୍ତ ମଣ୍ଡିରେ ସିସି ଟିଭି ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚଳିତ ଖରିଫ ବର୍ଷ ପାଇଁ ଜିଲାରେ ୮୯,୪୨୩ ଜଣ ଚାଷୀ ପାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ଚଳିତ ଧାନ କିଣା ସମୟରେ ଚାଷୀ ଯେଭଳି ଉଚିତ୍ ମୂଲ୍ୟ ପାଇବ, କଟ୍‌ନି ଛଟ୍‌ନି ହେବନାହିଁ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଠିକଣା ସମୟରେ ଚାଷୀ ଯେଭଳି ତାର ଉପାର୍ଜିତ ଧାନକୁ ବିକ୍ରି କରିପାରିବ ସେନେଇ ବିଧାୟକ ମିଶ୍ର, ବିଧାୟକ ସାଲୁଜା ଏବଂ ବିଧାୟକ ଡ ମହାଲିଙ୍ଗ ଗୁରୁତ୍ୱାରୋପ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ସ୍ୱାଗତ


@ ତୁଷାରକାନ୍ତ


@ ଉପେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଳାହାଣ୍ଡି କିସ୍‌ରେ ଜନଜାତି ଦିବସ ପାଳିତ


ଜନଜାତି ଦିବସ ପାଳନରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଭବାନୀପାଟଣା,୧୬।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ନିକଟସ୍ଥ ବାଦିଲିଠାରେ କିସ୍ ପରିସରରେ ବୁଧବାର ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଜନଜାତି ଗୌରବ ଦିବସ ପାଳନ କରାଯାଇଥିଲା। ଆଦିବାସୀଙ୍କ ପାଇଁ ତାଙ୍କର ଜୀବନକୁ କିଭଳି ଉତ୍ସର୍ଗ କରିଥିଲେ ଓ ଇଂରେଜ ସରକାରଙ୍କ ବିଦ୍ରୋହୀ ନିତୀଙ୍କୁ ଭାରତରୁ ପରିହାର କରିବା ପାଇଁ ମୁଣ୍ଡା ଆନ୍ଦୋଳନ କିଭଳି ଅଦମ୍ୟ ସାହାସ ଦେଖାଇଥିଲେ, ସେ ବିଷୟରେ ପିଲାମାନଙ୍କୁ ଅବଗତ କରାଯାଇଥିଲା। ପ୍ରଥମେ ଶିକ୍ଷକ ଶିକ୍ଷୟତ୍ରୀମାନେ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପ ଅର୍ପଣ ପରେ ଛାତ୍ରୀମାନେ ପୁଷ୍ପ ଅର୍ପଣ କରିଥଲେ। ଜନଜାତିର ଉନ୍ନତି ପାଇଁ ବିର୍ସା ମୁଣ୍ଡା ଯେମିତି ଆପ୍ରାଣ ଉଦ୍ୟମ କରିଥିଲେ ସେହିପରି ଆଦିବାସୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କିଟ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଗରିବ ଛାତ୍ରୀମାନଙ୍କ ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନକୁ ପହଞ୍ଚାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପ୍ରୟାସ ବିର୍ସା ମୁଣ୍ଡାଙ୍କ ଜନଜାତି ବିଦ୍ରୋହ ସହିତ ସମାନ ବୋଲି ଉପଲବ୍ଧି କରାଇଥିଲେ। କିସ୍‌ର ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କର ବକ୍ତବ୍ୟ ମାଧ୍ୟମରେ କିସ ଅନୁଷ୍ଠାନର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ ଆଦିବାସୀ ଜନଜାତିଙ୍କ ଜୀବନକୁ ସୁଦୃଢ ସାବଲୀଳ କ୍ଷେତ୍ରରେ ସାମନ୍ତଙ୍କ ମହତ୍ୱକୁ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣ ଶିକ୍ଷକ ସମେତ ଅନୁଷ୍ଠାନ ବରିଷ୍ଠ ବ୍ୟକ୍ତିମାନେ ଗୋଗଦେଇଥିଲେ।

## ମେଗା ଲିଫ୍ଟ ପ୍ରକଳ୍ପ ତଦାରଖ କଲେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ

ଗୋଲାମୁଣ୍ଡା,୧୬।୧୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ, ଚପ୍ରିଆ ଓ ଉଛୁଲାଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାରେ ମେଗା ଲିଫ୍ଟ ପ୍ରକଳ୍ପ ନିର୍ମାଣ ହେଉଛି। ଏହି ପ୍ରକଳ୍ପ କାର୍ଯ୍ୟ ତଦାରଖ କରିଛନ୍ତି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସନାତନ ସାହୁ। ସେ ପ୍ରଥମେ ଉଛୁଲା ମେଗା ଲିଫ୍ଟ ପ୍ରକଳ୍ପ ତଦାରଖ କରିଥିଲେ। ଉପସ୍ଥିତ କର୍ମଚାରୀମାନଙ୍କ ସହିତ ପ୍ରକଳ୍ପ କାର୍ଯ୍ୟ ଉପରେ ପଚାରି ବୁଝିଥିଲେ। ପରେ ଚପ୍ରିଆ ଓ ମହାଲିଙ୍ଗଠାରେ ନିର୍ମାଣ ଚାଲିଥିବା ମେଗା ଲିଫ୍ଟ ପ୍ରକଳ୍ପର କାର୍ଯ୍ୟ ତଦାରଖ କରିଥିଲେ। ଉପସ୍ଥିତ ଗ୍ରାମବାସୀଙ୍କ ସହିତ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ପ୍ରତିନିଧି ଦିନେଶ ବଗର୍ତ୍ତୀ ଉପସ୍ଥିତ ଥିବା ବେଳେ ଟିଟିଲାଗଡ଼ ମେଗା ଲିଫ୍ଟ ପ୍ରୋଜେକ୍ଟ ଡିଭିଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉମା ଶଙ୍କର ସାହୁ, ନିର୍ମାଣକାରୀ ସଂସ୍ଥା ତଥା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଚପ୍ରିଆ, କେଗାଁ, ସିନାପାଲି ଓ ଉଛୁଲା ଗ୍ରାମପଞ୍ଚାୟତର ୩ ହଜାରରୁ ଉର୍ଦ୍ଧ୍ୱ ଚାଷ ଜମିରେ ଜଳସେଚିତ ହୋଇପାରିବ।

## ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନର ପ୍ରାକ୍ ପ୍ରସ୍ତୁତି

ସିନାପାଲି,୧୬।୧୧(ମନଫୁଲ ମେହେର)

ଆସନ୍ତା ଜାନୁୟାରୀ ୨୨ରେ ବହୁ ପ୍ରତିକ୍ଷିତ ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ନେଇ ସାରା ଦେଶ ଉଲ୍ଲସିତ ଥିବା ବେଳେ ଏହି ଗୌରବମୟ ଉତ୍ସବକୁ ସ୍ମରଣୀୟ କରିବାକୁ ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳରେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ବୈଠକରେ ଅଞ୍ଚଳର ଅନେକ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ରହି ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସିନାପାଲି ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପାଳନ କରିବାକୁ ପ୍ରସ୍ତୁତ କରିଥିଲେ। ପ୍ରାରମ୍ଭରେ ମୋହନ ଚରଣ ଦାସ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ବୈଠକରେ ଚନ୍ଦ୍ର ଶେଖର ନାୟକ, ତୁଳସୀରାମ ମେହେର, ସଞ୍ଜୟ ବେହେରା, ସୁବ୍ରତ କୁମାର ଠାକୁର, ବୈଷ୍ଣବ ମେହେର, ଅତୁଳ କୁମାର ପାତ୍ର, ବେକମେନ ଭୋଇ, ରାୟଧର ଖର୍ସେଲ, ଭୀଷ୍ମରାଜ ମେହେର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆଗାମୀ ଦିନରେ ବ୍ଲକର ସମସ୍ତ ପଞ୍ଚାୟତର ଲୋକଙ୍କୁ ସାମିଲ କରି ବ୍ଲକସ୍ତରୀୟ କମିଟି ଗଠନ ସହ କାର୍ଯ୍ୟକ୍ରମର ପ୍ରସ୍ତୁତି କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

## ଟ୍ରେନ୍‌ରେ ମହିଳାଙ୍କ କନ୍ୟା ସନ୍ତାନ ପ୍ରସବ

ଟିଟିଲାଗଡ଼, ୧୬।୧୧(ଶରତ ମିଶ୍ର)

ସମ୍ବଲପୁର-ରାୟଗଡା ତପସ୍ୱିନୀ ଏକ୍ସପ୍ରେସରେ ଗୁରୁବାର ଜଣେ ମହିଳା ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଟିଟିଲାଗଡ ଆରପିଏଫ ଅଧିକାରୀ ଧର୍ମେନ୍ଦ୍ର ମିଶ୍ରାଙ୍କ ସୂଚନା ମତେ ବଲାଙ୍ଗୀର ରେଳ ଜଙ୍କସନରୁ ଏକ ଦମ୍ପତି କେସିଙ୍ଗା ଯିବା ପାଇଁ ଉକ୍ତ ଟ୍ରେନରେ ଚଢିଥିଲେ। ବାଟରେ ଟ୍ରେନର ସାଧାରଣ ବଗିରେ ଯାତ୍ରା କରୁଥିବା ମହିଳାଙ୍କ ପ୍ରସବ ବେଦନା ସହ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଆରପିଏଫ ମହଳାଙ୍କ ସହ ଶିଶୁକନ୍ୟାକୁ ଉଦ୍ଧାର କରି ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ଥାନୀୟ ଡାକ୍ତରଙ୍କ ପରାମର୍ଶ କ୍ରମେ ମା' ଏବଂ ଶିଶୁର ଅଧିକ ଚିକିତ୍ସା ପାଇଁ ବଲାଙ୍ଗୀର ପଠାଯାଇଛି।

## ବିଜୁ କନ୍ୟାରତ୍ନ ଯୋଜନାର ଶୁଭାରମ୍ଭ

ଲୋଇସିଂହା, ୧୬।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସଭାଗୃହରେ ଗୁରୁବାର ବିଜୁକନ୍ୟା ରତ୍ନ ଯୋଜନାର ଶୁଭାରମ୍ଭ ହୋଇଛି । ଏହି ଯୋଜନାରେ ବ୍ଲକର ୧୭୩ ଶିଶୁ ଅନ୍ତର୍ଭୁକ୍ତ ହୋଇଛନ୍ତି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ଯୋଗଦେଇ କନ୍ୟାରତ୍ନ ଯୋଜନାର ଲୋଗୋ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଯୁଧିଷ୍ଠିର ମେହେର, ସିଡିପିଓ ଗାୟତ୍ରୀ ବାରିକ, ଲୋଇସିଂହା ସରପଞ୍ଚ ନବକିଶୋର ନାଏକ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନାକୁମାରୀ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସଂ, ଶିଶୁ ମଙ୍ଗଳ ସମିତିର ସନ୍ଧ୍ୟାରାଣୀ ପଣ୍ଡା, ସୀତାରାମ ହୋତା ପ୍ରମୁଖ ଉପସ୍ଥିତଥିଲେ। ସୁରକ୍ଷା ଅଧିକାରୀ ଚୂଡାମଣୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରି ପୌଷ୍ୟ ସନ୍ତାନ ଗ୍ରହଣ ଓ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅରୁଣାର ଜିଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଅଶୀର୍ବାଦ ଯୋଜନା ଓ ପୃଷ୍ଠପୋଷକତା ଯୋଜନା ଏବଂ ସହାୟତା ସମ୍ପର୍କରେ କହିଥିଲେ। ସାମାଜିକ କର୍ମୀ ଅରୁଣ ଖୁଆସ ସମସ୍ତ ଯୋଜନା ଉପରେ ସଚେତନ କରିଥିଲେ । ଦେବାଶିଷ ପଟେଲ ଓ କୈଳାସ ନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ କନ୍ୟାରତ୍ନ ଯୋଜନାର ଲୋଗୋ ଉନ୍ମୋଚନ କରୁଛନ୍ତି।

## 'ସବୁ ଆହ୍ୱାନକୁ ଗଣମାଧ୍ୟମ ଗ୍ରହଣ କରିଆସିଛି'

ବଲାଙ୍ଗୀର,୧୬।୧୧(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଆୟୋଜିତ ଜାତୀୟ ପ୍ରେସ ଦିବସରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଜାତୀୟ ପ୍ରେସ୍ ଦିବସ ପାଳିତ**

ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜିଲା ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ କୃତ୍ରିମ ମେଧା ଯୁଗରେ ଗଣମାଧ୍ୟମ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରେମଚାନ୍ଦ ମହାନ୍ତି ଯୋଗ ଦେଇଥିଲେ। ସନ୍ଦୀପ କୁମାର କୁଅଁର ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ବିଜ୍ଞାନର ଦ୍ରୁତ ପ୍ରଗତି ଆଜି ସମୟରେ ମାନବତା ପାଇଁ ଅନେକ ନୂଆ ଆହ୍ୱାନ ନେଇ ଆସୁଛି। ବିଜ୍ଞାନର ବିଭିନ୍ନ ଉଦ୍‌ଭାବନ ଲୋକଙ୍କ ଜୀବନରେ ବୈପ୍ଲବିକ ପରିବର୍ତ୍ତନ ଆଣୁଥିବାବେଳେ ଅନେକ ସମୟରେ ଏହା ଲୋକଙ୍କୁ ଅଡୁଆରେ ମଧ ପକାଉଛି। ଆଜି ସମୟର କୃତ୍ରିମ ମେଧା ବା ବୁଦ୍ଧିମତା (ଏଆଇ)କୁ ନେଇ ଅନେକ ବିତର୍କ ଆରମ୍ଭ ହୋଇଛି। ଏହାକୁ ନେଇ ମଣିଷ ସମାଜରେ ଅନେକ ଆଶଙ୍କା, ଦ୍ୱନ୍ଦ୍ୱ ଓ ଭୟ ସୃଷ୍ଟି ହେଉଛି। ଏଆଇ ଅନେକ ସମୟରେ ଅଡୁଆରେ ପକାଉଛି। ଏହା ମଣିଷ ସମାଜ ପାଇଁ ନୂଆ ଆହ୍ୱାନ ଆଣିବ ଏବଂ ସତର୍କ ନହେଲେ ସମସ୍ୟା ସୃଷ୍ଟି କରିବ ବୋଲି ପ୍ରଫେସର ମହାନ୍ତି କହିଥିଲେ। ଅତିରିକ୍ତ ଜିଲାପାଳ ମହାପାତ୍ର ତାଙ୍କ ବକ୍ତବ୍ୟରେ ଅନେକ ନୂଆ ଉଦ୍‌ଭାବନ ମଣିଷକୁ ଅଡୁଆରେ ପକାଇଲେ ମଧ ଏହାର ସମାଧାନ ମଣିଷ ନିଜେ ହିଁ ବାହାର କରି ଲହାର ମୁକାବିଲା କରିଛି। ଏଣୁ ଆଶଙ୍କା, ଦ୍ୱନ୍ଦ୍ୱ ଓ ଭୟ ରହିଥିଲେ ମଧ ଏହାକୁ ମଣିଷ ତିଆରି କରିଥିବାରୁ ମଣିଷ ଏହାର ମୁକାବିଲା କରିବ ଏବଂ ଏଦିଗରେ ଗଣମାଧ୍ୟମର ଏକ ବଡ ଭୂମିକା ରହିବ ବୋଲି କହିଥିଲେ। ପୌରାଧକ୍ଷା ଲିକା ସାହୁ ଏହାକୁ ନେଇ ଅଧିକ ସଚେତନତା ଏବଂ ବିଶେଷକରି ଛାତ୍ରୀଛାତ୍ରଙ୍କୁ ଏଦିଗରେ ସତର୍କତା ଅବଲମ୍ବନ କରି ଏହାର ସଦୁପଯୋଗ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, ବରିଷ୍ଠ ସଦସ୍ୟ ନବୀନ ପଶାୟତ, ଆନନ୍ଦ ଚନ୍ଦ୍ର ସାହୁ ଓ ପ୍ରଦୀପ୍ତ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜିଲା ପ୍ରଶାସନ ତରଫରୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକରୀ ସରୋଜ କୁମାର ସାହୁ ଦିବସ ପାଳନର ତାତ୍ପର୍ଯ୍ୟସମ୍ପର୍କରେ ସୂଚନା ଦେଇଥିଲେ। ସଭାରେ ଜିଲା ସାମ୍ବାଦିକ ସଂଘ ଉପସଭାପତି ବଳରାମ ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଗଣମାଧ୍ୟମ ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

ଝାରବନ୍ଧ,(ଦେବେନ୍ଦ୍ର ସାହୁ): ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗରେ ଜଣେ ଯୁବକଙ୍କୁ ଝାରବନ୍ଧ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆପଡା ଜିଲା ଲଖନା ଥାନା ଅନ୍ତର୍ଗତ ସମରସିଂ ଗ୍ରାମର ସୁମନ୍ତ ରଣା। ଏ ନେଇ ଝାରବନ୍ଧ ଥାନାରେ ଏକ ମାମଲା (ନଂ.୧୭୨/୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ସୁମନ୍ତଙ୍କ ସହିତ ଉକ୍ତ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିଲା ଏବଂ ଉଭୟ ଶାରୀରିକ ସମ୍ପର୍କ ମଧ୍ୟ ରଖୁଥିଲେ। ତେବେ ଯୁବକ ଜଣକ ଶାରୀରିକ ସମ୍ପର୍କ ସମୟରେ ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରି କିଛିଦିନ ପରେ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲେ। ଏ ନେଇ ଯୁବତୀ ଜଣଙ୍କ ଝାରବନ୍ଧ ଥାନାରେ ଅଭିଯୋଗ କରିଥିଲେ।

# ବ୍ଲକ ଅଫିସ ଘେରିଲେ, ସ୍ମାରକପତ୍ର ଦେଲେ

## ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲା ଭାଜପା

**ସରଣ୍ଡା,୧୬।୧୧(ଯୁଧିଷ୍ଠିର ମହାପାତ୍ର)**



ଭାଜପା ପକ୍ଷରୁ ଅତାବିରା ବ୍ଲକ ଘେରାଓ କରାଯାଇଛି।

ଓଡିଶାରେ ଚାଲିଥିବା ଦୁର୍ନୀତି, ବ୍ୟଭିଚାର ଓ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବିରୋଧରେ ବରଗଡ଼ ଜିଲା ଅତାବିରା ଭାଜପା ପକ୍ଷରୁ ଗୁରୁବାର ବ୍ଲକ ଅଫିସ ଘେରାଉ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦଳୀୟ କର୍ମୀ ଓ ନେତମାନେ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଏନଏସି ସଭାପତି ସୁରେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଘେରାଉ କାର୍ଯ୍ୟକ୍ରମରେ ଦଳୀୟ ନେତାମାନେ ଯୋଗଦେଇ କହିଥିଲେ, ଓଡିଶାରେ ଦୀର୍ଘ ୨୩ ବର୍ଷ ଧରି ଚାଲିଥିବା ବିଜେଡ଼ି ସରକାରରେ ଓଡିଆ ଲୋକମାନେ ଆଜି ନିର୍ଯାତିତ, ଯୁବକ ପ୍ରତାରିତ, ମହିଳା ଅସୁରକ୍ଷିତ। ବର୍ଷକୁ ୧ଲକ୍ଷ କୋଟି ଟଙ୍କାର ଦୁର୍ନୀତିରେ ଏହି ସରକାର ବୁଡି ରହିଛି। ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡି ପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାକୁ ବିଗତ ୯ ବର୍ଷରେ ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ଦେଇଛନ୍ତି। କିନ୍ତୁ ବିଜେଡି ସରକାର କେନ୍ଦ୍ରୀୟ ଯୋଜନାକୁ ହରିଲୁଟ କରି ଗରିବ ଲୋକଙ୍କ ବିକାଶରେ ବାଧକ ସାଜିଛି । ଓଡିଶାରେ ୫୦ ପ୍ରତିଶତ ପିସି ସରକାର ଚାଲିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଲାଞ୍ଚ ଦେବାକୁ ପଡୁଛି ବୋଲି ଭାଜପା ନେତାମାନେ ଅଭିଯୋଗ କରିଥିଲେ। ପରେ ବିଡିଓଙ୍କ ଅନୁପସ୍ଥିତିରେ ଏବିଡ଼ିଓ ଗିରିନ୍ଦ୍ର ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଏହି ସମୟରେ ଅତାବିରା ଭାଜପା ପକ୍ଷରୁ ଯୁବରାଜ ପ୍ରଧାନ, ବିଦ୍ୟାଧର ପ୍ରଧାନ, ସରୋଜ ମିଶ୍ର, ବିପିନ ଭୋସାଗର, ଭୀମସେନ ମଲ୍ଲିକ, ରାଜ ଅଗ୍ରୱାଲ, ଶ୍ରବଣ ପରିଛା, ପୁଷ୍ପକ ଗାଇଗରିଆ, ଅମିତ ସାହୁ, ଅଶ୍ୱିନୀ ତ୍ରିପାଠୀ, କୌଶିକ ମହାକୁର, ରାଜ ଶର୍ମା, ପ୍ରହଲ୍ଲାଦ ଉର୍ମା, ନିରଞ୍ଜନ ସେଠ, ଦଶରଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଥାନାଧିକାରୀ ସୁକୁମାର ତ୍ରିପାଠୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

## କୋଶଳ ବନ୍ଦ ପାଇଁ ପ୍ରସ୍ତୁତି ବୈଠକ

**ବୌଦ୍ଧ,୧୬।୧୧(ଅଜିତ କୁମାର ବାରିକ)**

ଆସନ୍ତା ୧୮ ତାରିଖରେ କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ପଶ୍ଚିମ ଓଡିଶା ବନ୍ଦ ଡାକରାରେ ବୌଦ୍ଧରେ ବନ୍ଦ ପାଳନ ନେଇ ସୁବେଦାର ଲଳିତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଦିନ ୧୨ ଘଣ୍ଟିଆ କୋଶଳ ମହାବନ୍ଦ ଡାକରା ଦିଆଯାଇଥିବା ବେଳେ ଜିଲାରେ ବନ୍ଦ ପାଳନ କିପରି ସଫଳ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା । ବନ୍ଦ ପାଳନ କରିବା ନେଇ ବୌଦ୍ଧ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସୂଚନା ଦିଆଯାଇଥିଲା । କୋଶଳାଞ୍ଚଳର ବିକାଶ ପ୍ରତି ରାଜ୍ୟ ସରକାର ସବୁବେଳେ ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ବନ୍ଦକୁ ଜିଲାବାସୀ ସମର୍ଥନ କରିବା ପାଇଁ ସମନ୍ୱୟ ସମିତି ପକ୍ଷରୁ ନିବେଦନ କରାଯାଇଛି। ଏହି ବୈଠକରେ ମୁରଲି ସିଂହ, ବାବୁଲା ସିଂହ, ଶୁଭାଶିଷ ସାହୁ ,ବିରେନ୍ଦ୍ର ସାହୁ, ଅଜିତ ମିଶ୍ର, ଅରୁଣ ମେଣ୍ଡିଲି ଓ ବିକାଶ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ସ୍ୱାଗତ


@ ତୁଷାରକାନ୍ତ


@ ଉପେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୋନପୁର,୧୬।୧୧(ମୃତ୍ୟୁଞ୍ଜୟ ଶତପଥୀ)**

### ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ପ୍ରେସ କାଉନସିଲ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ଅବସରରେ ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଚଳିତବର୍ଷର ଆଲୋଚ୍ୟ ପ୍ରସଙ୍ଗ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି ଆଲୋଚନା ସଭାରେ ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘର ସଭାପତି ଗୋରେଖନାଥ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ବିମଳେନ୍ଦୁ ରାୟ କହିଥିଲେ ସମାଜକୁ ଶୃଙ୍ଖଳିତ ଓ ବିକଶିତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଗଣମାଧ୍ୟମକୁ ଜାଗ୍ରତ ପ୍ରହରୀ କୁହାଯାଏ। ସାଧାରଣ ଲୋକମାନଙ୍କ ସମସ୍ୟା, ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା ଏବଂ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ ସାଙ୍ଗକୁ ସଚେତନ କରାଇବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ। କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ବି ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ଗଣମାଧ୍ୟମ ତାର ସ୍ୱତନ୍ତ୍ରତା ପୂର୍ବଭଳି ବଜାୟ ରଖିବ ବୋଲି ଜିଲାପାଳ ରାୟ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର ନାୟକ ଯୋଗଦେଇ କହିଥିଲେ ଆଜିର ସମୟରେ ବୈଷୟିକ ଜ୍ଞାନର ଦୂରୁପଯୋଗ କରି ଅସାମାଜିକ ତତ୍ୱମାନେ ଲୋକଙ୍କୁ ହଇରାଣ କରିବା ଦେଖାଯାଉଛି। ଏ ନେଇ ଗଣମାଧ୍ୟମ ସଚେତନ କରାଉଥିଲେ ମଧ୍ୟ ଲୋକମାନେ ସଚେତନ ନ ହୋଇ ଠକାମିର ଶିକାର ହେଉଛନ୍ତି। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ଗଣତନ୍ତ୍ରକୁ ମଜବୁତ କରିଥାଏ ବୋଲି କହିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ଯୋଗଦେଇ ଖବରଦାତାମାନେ ଅନୁସନ୍ଧାନ ଧର୍ମୀ ଓ ବାସ୍ତବ ଖବର ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ । ବରିଷ୍ଠ ଖବରଦାତା ଅଖିଳ ଚନ୍ଦ୍ର ହୋତା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଉତ୍ତମ ଓ ଗୁଣାତ୍ମକ ସାମ୍ବାଦିକତା ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି କହିଥିଲେ। ପରିବର୍ତ୍ତନଶୀଳ ସମାଜରେ ଆମକୁ ଖାପ ଖୁଆଇ ଚଳିବାକୁ ପଡିବ। ସମସ୍ତ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ବଢିଛି। ଗଣମାଧ୍ୟମ ଏଥିରୁ ବାଦ୍ ପଡିନି। ପରିବର୍ତ୍ତନକୁ ଆମେ ସ୍ୱାଗତ କରିବା ସହ ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଉପରେ ହୋତା ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ମଧ୍ୟପ୍ରାଚ୍ୟ ସଂଘର୍ଷରେ ପ୍ରାଣ ହରାଇଥିବା ଖବରଦାତା ଓ ମିଡିଆ ସହାୟକମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ଶତାଧିକ ଖବରଦାତା ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସେହିପରି ଓଡିଶା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା ।

# ଜଳନ୍ଧର ବଧ ସହ ଶ୍ୟାମା ଜ୍ୟୋତି ମହୋତ୍ସବ ଉଦ୍‌ଯାପିତ

**ପଦ୍ମପୁର,୧୬।୧୧(ପ୍ରଦୀପ୍ତ ଦାଶ)**


ଜଳନ୍ଧର ଦରବାରରେ ବିକାଶ ଗ୍ରୁପ୍ ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା ଉଦ୍‌ବୋଧନ ଦେଉଛନ୍ତି।

ପଦ୍ମପୁର ଉପଖଣ୍ଡ ସର୍ଗିବାହାଲରେ ଚାଲିଥିବା ପଞ୍ଚ ଦିବସୀୟ ଶ୍ୟାମାଜ୍ୟୋତି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶେଷ ରଜନୀରେ ଜଳନ୍ଧର ବଧ ପରିବେଷିତ ହୋଇଥିଲା । ଏହିଅବସରରେ ପଣ୍ଡିତ ଫୌଜଲାଲ ନନ୍ଦ, ମୂର୍ତ୍ତି କାରିଗର ଅର୍ଜ୍ଜୁନ ଗିଙ୍ଗିରା, ଡେକୋରେଟର ରକ୍ଷିତ ସେଠ ଓ ସନ୍ତୋଷ ଭୋଇ, ସାଉଣ୍ଡ ଆଣ୍ଡ୍ ଲାଇଟ ପାଇଁ ନାରାୟଣ ମହାପାତ୍ର ଏବଂ ନାଟ୍ୟକାର ରାଜକୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଚତୁର୍ଥ ରଜନୀରେ ସୁନ୍ଦରଗଡ଼ର କିଷାନ ଆଦିବାସୀ ନୃତ୍ୟ ଓ ଶେଷ ଦିନରେ ବରଗଡ଼ର ଛୁମ୍‌କୁ ଛୁମା କଳାପରିଷଦ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଦରବାରର ପ୍ରଥମ ଅଧିବେଶନରେ ବରଗଡ଼ ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା, ପ୍ରିତେଶ ବହିଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମିଟି ତରଫରୁ ଟଙ୍କଧର ମେହେର, ଚିତ୍ତ ଦାଶ, ଭରତ ମେହେର, ଛତ୍ରପତି ରଣା, ରାଜୀବ ମେହେର, ଦେବରାଜ ତନସନା, ରାଜକୁମାର ବେହେରା ମଞ୍ଚାସୀନ ଥିଲେ। ନାଟ୍ୟକାର ରାଜକୁମାର ସାହୁ ଓ ଶିକ୍ଷାବିତ୍ ଗୋବର୍ଦ୍ଧନ ବରିହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ ମେହେର, ଛତ୍ରପତି ରଣା, ଚିତ୍ରସେନ ବେହେରା, ରାଜୀବ ମେହେର, ଭରତ ମେହେର, ଆଜାଦ ଦାଶ, ସୁଶାନ୍ତ ବେହେରା, ଚିତ୍ରସେନ ବେହେରା, ସଞ୍ଜୀବ ମେହର, ସୁଶାନ୍ତ ମହାପାତ୍ର, ମଲ୍ଲିକ, ଲୋଚନ ବରିହା ପ୍ରମୁଖ ସହଯୋଗ କରିଥିଲେ।

# କୋଶଳ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ସରଣ୍ଡା,୧୬।୧୧(ଯୁଧିଷ୍ଠିର ମହାପାତ୍ର)**


ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ନୂଆଁ ଖଇରପାଲି ସ୍ଥିତ କୋଶଳ ଇଂରାଜୀ ମାଧ୍ୟମିକ ଆବାସିକ ବିଦ୍ୟାଳୟରେ ଶିଶୁ ଦିବସ ସହ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି । ଶିଶୁଦିବସ ଅବସରରେ ସ୍କୁଲରେ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା କରାଯାଇଥିଲା । ଗତ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଅତାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ, ଅଧ୍ୟକ୍ଷ ରବିନ୍ଦ୍ର ନାଥ ବେହେରା ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମଞ୍ଚାସୀନ ଥିଲେ। କ୍ରିଡ଼ା ଶିକ୍ଷକ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଲ ମଣିଷ ହେବାକୁ ପରାମର୍ଶ

**ବୌଦ୍ଧ,୧୬।୧୧(ଅଜିତ କୁମାର ବାରିକ)**

ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ଝାଡରାଜିଙ୍ଗ ଆଶ୍ରମ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା କମିଟିର ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲ ସଭାପତିତ୍ୱ କରିଥିଲେ। ପାଠ ପଢି ଭଲ ମଣିଷ ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଏହାଛଡା ଜବାହାରଲାଲ ନେହୁରଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ହରଭଙ୍ଗା ଓକିଲ ସଂଘ ସଭାପତି ଅକ୍ଷୟ କୁମାର ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହରିପ୍ରିୟା ତ୍ରିପାଠୀ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, କୋର୍ଟ କର୍ମଚାରୀ ସଞ୍ଜିବ କୁମାର ବାଘ, ପ୍ରବୀଣ କୁମାର ସାହୁ, ତୁମ୍ବନାଥ ପାତ୍ର ଓ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ଥିଲେ ।

# ବିକାଶରେ ପ୍ରୋମୋ ରନ୍ କାର୍ଯ୍ୟକ୍ରମ

**ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ)**

ଆସନ୍ତା ଡିସେମ୍ବର ୩ତାରିଖରେ ହାପି ଫିଟ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ ଦ୍ୱାରା ସମ୍ବଲପୁରସ୍ଥିତ ନେଲସନ ମାଣ୍ଡେଲା ଛକରୁ ଆରମ୍ଭ ହେବାକୁ ଥିବା ହାଫ୍ ମାରାଥନରେ ବହୁସଂଖ୍ୟାରେ ଯୋଗଦାନ କରିବା ପାଇଁ ବରଗଡ଼ର ବିକାଶ କ୍ୟାମ୍ପସରେ ଗୁରୁବାର ଏକ ପ୍ରୋମୋ ରନ୍ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବରଗଡ଼ର ବିଭିନ୍ନ ଅନୁଷ୍ଠାନରୁ ୩୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ (୧୪ବର୍ଷରୁ ଉର୍ଦ୍ଧ୍ୱ) ବିକାଶ କ୍ରିକେଟ୍ ଷ୍ଟାଡ଼ିୟମରେ ଅଭ୍ୟାସ କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ବରଗଡ଼ବାସୀଙ୍କୁ ଉକ୍ତ ମାରାଥନରେ ଯୋଗଦେଇ ଏକ ନୂଆ ଭାରତ, ବିକଶିତ ଭାରତ, ସୁସ୍ଥ ଭାରତର ଭାଗିଦାରୀ ହେବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ହାପି ଫିଟ୍ ସ୍ପୋର୍ଟ୍ସ ଫାଉଣ୍ଡେଶନର ଫାଉଣ୍ଡର ତଥା ମ୍ୟାନେଜିଂ ଟ୍ରଷ୍ଟି ଅର୍ପିତା ଦାଶ, ଟ୍ରଷ୍ଟି ବି. ବି. ଚୌଧୁରୀ, ବିକାଶର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଏଣ୍ଟ୍ରାନ୍ସ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ ହେଡ୍ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ଆଥଲେଟିକ କୋଚ୍ ଶିବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରୋମୋ ରନ୍ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି ।

# ମା’ ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ବୌଦ୍ଧ/ପୁରୁଣାକଟକ/ତଳଗାଁ,୧୬।୧୧ (ଅଜିତ କୁମାର ବାରିକ/ ସୁକାନ୍ତ କୁମାର ପଟ୍ଟନାୟକ/ କୁନା ବେହେରା )**


ଉଦ୍‌ଘାଟନୀ ସଭାରେ ମଞ୍ଚରେ ଅତିଥିବୃନ୍ଦ ।

- ସାଂସ୍କୃତିକ ଶୋଭାଯାତ୍ରାରେ କମ୍ପିଲା ପୁରୁଣାକଟକ ବଜାର
- ସାମିଲ ହେଲେ ପାରମ୍ପରିକ ବେଶଭୂଷାରେ ସ୍ଥାନୀୟ କଳାକାର

ବୌଦ୍ଧ ଜିଲାର ପୁରୁଣାକଟକସ୍ଥିତ ଅଧିଷ୍ଠାତ୍ରୀ ଦେବୀ ଭୈରବୀଙ୍କ ନାମରେ ନାମିତ ହୋଇଥିବା ମା’ ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଗୁରୁବାର ଦିନ ଉଦ୍‌ଘାଟିତ ହୋଇଛି। ଚଳିତବର୍ଷ ମହୋତ୍ସବ ତୃତୀୟ ବର୍ଷରେ ପହଞ୍ଚିଛି। ଉଦ୍‌ଘାଟନ ଦିବସରେ ଅପରାହ୍ନ ୪ଟା ସମୟରେ ମା’ ଭୈରବୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯିବା ପରେ ମା’ଙ୍କ ଜ୍ୟୋତି ଓ ପ୍ରତିମାଙ୍କୁ ନେଇ ଏକ ମଶାଲ ଶୋଭାଯାତ୍ରା ଓ ସାଂସ୍କିତକ ଶୋଭାଯାତ୍ରା କରାଯାଇଥିଲା । ପୁରୁଣାକଟକ ବଜାର ପରିକ୍ରମା ପରେ ମଶାଲ ମହୋତ୍ସବ ପଡିଆରେ ପହଞ୍ଚିଥିଲା । ଏହି ମଶାଲ ଓ ସାଂସ୍କୃତିକ ଶୋଭାଯାତ୍ରାରେ ବିକଲପାଲିର ଘଣ୍ଟ ବାଦ୍ୟ, ଗଞ୍ଜାମର ପଶୁ ମୁଖା ନୃତ୍ୟ, ସ୍ଥାନୀୟ ଦଣ୍ଡନୃତ୍ୟ, ସଂକୀର୍ତ୍ତନ, ଦୁଲଦୁଲି ବାଜା, ଢୋଲ ନିଶାନର ତାଳେ ତାଳେ କଳାକାରମାନେ ବିଭିନ୍ନ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ନାଚ ଓ ଗୀତ ଗାଇ ମଶାଲର ଆଗେ ଆଗେ ଚାଲିଥିଲେ। ସାଂସ୍କୃତିକ ଶୋଭାଯାତ୍ରା ସମୟରେ ଆତସବାଜିରେ ପୁରା ପୁରୁଣାକଟକ ବଜାର କମ୍ପି ଉଠିଥିଲା । ଶୋଭାଯାତ୍ରାରେ ମହୋତ୍ସବ କମିଟି ସଭାପତି ଅଶୋକ କୁମାର ଅଗ୍ରୱଲାମ୍, ସମ୍ପାଦକ ଅଶୋକ ସେଠୀ, ଆବାହକ ବିଭୁଦତ୍ତ ମେହେର, କମିଟି ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ସ୍ଥାନୀୟ ବାସିନ୍ଦା ସାମିଲ ଥିଲେ। ମହୋତ୍ସବ ପଡିଆରେ ସାଂସ୍କୃତିକ ଶୋଭାଯାତ୍ରା ପହଞ୍ଚିବା ପରେ ସଭା ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପରିବେଶ ଓ ଜଙ୍ଗଲ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ଭାବେ କନ୍ଧମାଳ ଏମପି ଅଚ୍ୟୁତ ସାମନ୍ତ, ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ମହୋତ୍ସବ କମିଟି ଆବାହକ ବିଭୁଦତ୍ତ ବୋଷ, ସମ୍ପାଦକ ଅଶୋକ ସେଠୀ ମଞ୍ଚାସୀନ ଥିଲେ । ମଞ୍ଚକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ, ଅଶୋକ ମହାନ୍ତି ପରିଚାଳନା କରିଥିଲେ। ମହୋତ୍ସବର ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ଥାନୀୟ କଳାକାର ଓ ଓଡିଶାର ଜଣାଶୁଣା କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ମୁଗ୍ଧ ହୋଇଥିଲେ । ଏହି ମହୋତ୍ସବ ଆସନ୍ତା ୨୧ ତାରିଖରେ ଉଦ୍‌ଯାପିତ ହେବ।

**ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ**

ଝାରବନ୍ଧ,(ଦେବେନ୍ଦ୍ର ସାହୁ): ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗରେ ଜଣେ ଯୁବକଙ୍କୁ ଝାରବନ୍ଧ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆପଡା ଜିଲା ଲଖନା ଥାନା ଅନ୍ତର୍ଗତ ସମରସିଂ ଗ୍ରାମର ସୁମନ୍ତ ରଣା। ଏ ନେଇ ଝାରବନ୍ଧ ଥାନାରେ ଏକ ମାମଲା (ନଂ.୧୭୨/୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ସୁମନ୍ତଙ୍କ ସହିତ ଉକ୍ତ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିଲା ଏବଂ ଉଭୟ ଶାରୀରିକ ସମ୍ପର୍କ ମଧ ରଖୁଥିଲେ। ତେବେ ଯୁବକ ଜଣକ ଶାରୀରିକ ସମ୍ପର୍କ ସମୟରେ ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରି କିଛିଦିନ ପରେ ସାମାଜିକ ଗଣମାଧମରେ ଭାଇରାଲ କରିଦେଇଥିଲେ। ଏ ନେଇ ଯୁବତୀ ଜଣଙ୍କ ଝାରବନ୍ଧ ଥାନାରେ ଅଭିଯୋଗ କରିଥିଲେ।

# ବ୍ଲକ ଅଫିସ ଘେରିଲେ, ସ୍ମାରକପତ୍ର ଦେଲେ

## ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲା ଭାଜପା

**ସରଣ୍ଡା,୧୬।୧୧(ଯୁଧିଷ୍ଠିର ମହାପାତ୍ର)**

ଓଡିଶାରେ ଚାଲିଥିବା ଦୁର୍ନୀତି, ବ୍ୟଭିଚାର ଓ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବିରୋଧରେ ବରଗଡ଼ ଜିଲା ଅତାବିରା ଭାଜପା ପକ୍ଷରୁ ଗୁରୁବାର ବ୍ଲକ ଅଫିସ ଘେରାଉ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦଳୀୟ କର୍ମୀ ଓ ନେତାମାନେ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଏନଏସି ସଭାପତି ସୁରେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଘେରାଉ କାର୍ଯ୍ୟକ୍ରମରେ ଦଳୀୟ ନେତାମାନେ ଯୋଗଦେଇ କହିଥିଲେ, ଓଡିଶାରେ ଦୀର୍ଘ ୨୩ ବର୍ଷ ଧରି ଚାଲିଥିବା ବିଜେଡ଼ି ସରକାରରେ ଓଡିଆ ଲୋକମାନେ ଆଜି ନିର୍ଯାତିତ, ଯୁବକ ପ୍ରତାରିତ, ମହିଳା ଅସୁରକ୍ଷିତ। ବର୍ଷକୁ ୧ଲକ୍ଷ କୋଟି ଟଙ୍କାର ଦୁର୍ନୀତିରେ ଏହି ସରକାର ବୁଡି ରହିଛି। ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡି ପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାକୁ ବିଗତ ୯ ବର୍ଷରେ ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ଦେଇଛନ୍ତି। କିନ୍ତୁ ବିଜେଡି ସରକାର କେନ୍ଦ୍ରୀୟ ଯୋଜନାକୁ ହରିଲୁଟ କରି ଗରିବ ଲୋକଙ୍କ ବିକାଶରେ ବାଧକ ସାଜିଛି । ଓଡିଶାରେ ୫୦ ପ୍ରତିଶତ ପିସି ସରକାର ଚାଲିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଲାଞ୍ଚ ଦେବାକୁ ପଡୁଛି ବୋଲି ଭାଜପା ନେତାମାନେ ଅଭିଯୋଗ କରିଥିଲେ। ପରେ ବିଡିଓଙ୍କ ଅନୁପସ୍ଥିତିରେ ଏବିଡ଼ିଓ ଗିରିନ୍ଦ୍ର ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଏହି ସମୟରେ ଅତାବିରା ଭାଜପା ପକ୍ଷରୁ ଯୁବରାଜ ପ୍ରଧାନ, ବିଦ୍ୟାଧର ପ୍ରଧାନ, ସରୋଜ ମିଶ୍ର, ବିପିନ ଭୋସାଗର, ଭୀମସେନ ମଲ୍ଲିକ, ରାଜ ଅଗ୍ରୱାଲ, ଶ୍ରବଣ ପରିଛା, ପୁଷ୍ପକ ଗାଇଗରିଆ, ଅମିତ ସାହୁ, ଅଶ୍ୱିନୀ ତ୍ରିପାଠୀ, କୌଶିକ ମହାକୁର, ରାଜ ଶର୍ମା, ପ୍ରହଲ୍ଲାଦ ଉର୍ମା, ନିରଞ୍ଜନ ସେଠ, ଦଶରଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଥାନାଧିକାରୀ ସୁକୁମାର ତ୍ରିପାଠୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।



ଭାଜପା ପକ୍ଷରୁ ଅତାବିରା ବ୍ଲକ ଘେରାଓ କରାଯାଇଛି।

## କୋଶଳ ବନ୍ଦ ପାଇଁ ପ୍ରସ୍ତୁତି ବୈଠକ

**ବୌଦ୍ଧ,୧୬।୧୧(ଅଜିତ କୁମାର ବାରିକ)**

ଆସନ୍ତା ୧୮ ତାରିଖରେ କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ପଶ୍ଚିମ ଓଡିଶା ବନ୍ଦ ଡାକରାରେ ବୌଦ୍ଧରେ ବନ୍ଦ ପାଳନ ନେଇ ସୁବେଦାର ଲଳିତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଦିନ ୧୨ ଘଣ୍ଟିଆ କୋଶଳ ମହାବନ୍ଦ ଡାକରା ଦିଆଯାଇଥିବା ବେଳେ ଜିଲାରେ ବନ୍ଦ ପାଳନ କିପରି ସଫଳ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ବନ୍ଦ ପାଳନ କରିବା ନେଇ ବୌଦ୍ଧ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସୂଚନା ଦିଆଯାଇଥିଲା। କୋଶଳାଞ୍ଚଳର ବିକାଶ ପ୍ରତି ରାଜ୍ୟ ସରକାର ସବୁବେଳେ ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ବନ୍ଦକୁ ଜିଲାବାସୀ ସମର୍ଥନ କରିବା ପାଇଁ ସମନ୍ୱୟ ସମିତି ପକ୍ଷରୁ ନିବେଦନ କରାଯାଇଛି। ଏହି ବୈଠକରେ ମୁରଲି ସିଂହ, ବାବୁଲା ସିଂହ, ଶୁଭାଶିଷ ସାହୁ ,ବିରେନ୍ଦ୍ର ସାହୁ, ଅଜିତ ମିଶ୍ର, ଅରୁଣ ମେଣ୍ଡିଲି ଓ ବିକାଶ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ସ୍ୱାଗତ


@ ତୁଷାରକାନ୍ତ


@ ଉପେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ବୌଦ୍ଧ/ପୁରୁଣାକଟକ/ତଳଗାଁ,୧୬।୧୧ (ଅଜିତ କୁମାର ବାରିକ/ ସୁକାନ୍ତ କୁମାର ପଟ୍ଟନାୟକ/ କୁନା ବେହେରା )**

ବୌଦ୍ଧ ଜିଲାର ପୁରୁଣାକଟକସ୍ଥିତ ଅଧିଷ୍ଠାତ୍ରୀ ଦେବୀ ଭୈରବୀଙ୍କ ନାମରେ ନାମିତ ହୋଇଥିବା ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଗୁରୁବାର ଦିନ ଉଦ୍‌ଘାଟିତ ହୋଇଛି। ଚଳିତବର୍ଷ ମହୋତ୍ସବ ତୃତୀୟ ବର୍ଷରେ ପହଞ୍ଚିଛି। ଉଦ୍‌ଘାଟନ ଦିବସରେ ଅପରାହ୍ନ ୪ଟା ସମୟରେ ମା' ଭୈରବୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯିବା ପରେ ମା'ଙ୍କ ଜ୍ୟୋତି ଓ ପ୍ରତିମାଙ୍କୁ ନେଇ ଏକ ମଶାଲ ଶୋଭାଯାତ୍ରା ଓ ସାଂସ୍କୃତିକ ଶୋଭାଯାତ୍ରା କରାଯାଇଥିଲା । ପୁରୁଣାକଟକ ବଜାର ପରିକ୍ରମା ପରେ ମଶାଲ ମହୋତ୍ସବ ପଡିଆରେ ପହଞ୍ଚିଥିଲା । ଏହି ମଶାଲ ଓ ସାଂସ୍କୃତିକ ଶୋଭଯାତ୍ରାରେ ବିକଳପାଲିର ଘଣ୍ଟ ବାଦ୍ୟ, ଗଞ୍ଜାମର ପଶୁ ମୁଖା ନୃତ୍ୟ, ସ୍ଥାନୀୟ ଦଣ୍ଡନୃତ୍ୟ, ସଂକୀର୍ତ୍ତନ, ଦୁଲଦୁଲି ବାଜା, ଢୋଲ ନିଶାନର ତାଳେ ତାଳେ କଳାକାରମାନେ ବିଭିନ୍ନ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ନାଚ ଓ ଗୀତ ଗାଇ ମଶାଲର ଆଗେ ଆଗେ ଚାଲିଥିଲେ। ସାଂସ୍କୃତିକ ଶୋଭାଯାତ୍ରା ସମୟରେ ଆତସବାଜିରେ ପୁରା ପୁରୁଣାକଟକ ବଜାର କମ୍ପି ଉଠିଥିଲା । ଶୋଭାଯାତ୍ରାରେ ମହୋସବ କମିଟି ସଭାପତି ଅଶୋକ କୁମାର ଅଗ୍ରୱାଲାମ୍, ସମ୍ପାଦକ ଅଶୋକ ସେଠୀ, ଆବାହକ ବିଭୁଦତ୍ତ ମେହେର, କମିଟି ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ସ୍ଥାନୀୟ ବାସିନ୍ଦା ସାମିଲ ଥିଲେ। ମହୋତ୍ସବ ପଡିଆରେ ସାଂସ୍କୃତିକ ଶୋଭାଯାତ୍ରା ପହଞ୍ଚିବା ପରେ ସଭା ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପରିବେଶ ଓ ଜଙ୍ଗଲ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ଭାବେ କନ୍ଧମାଳ ଏମପି ଅଚ୍ୟୁତ ସାମନ୍ତ, ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ମହୋତ୍ସବ କମିଟି ଆବାହକ ବିଭୁଦତ୍ତ ବୋଷ, ସମ୍ପାଦକ ଅଶୋକ ସେଠୀ ମଞ୍ଚାସୀନ ଥିଲେ । ମଞ୍ଚକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ, ଅଶୋକ ମହାନ୍ତି ପରିଚାଳନା କରିଥିଲେ। ମହୋତ୍ସବର ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ଥାନୀୟ କଳାକାର ଓ ଓଡିଶାର ଜଣାଶୁଣା କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ମୁଗ୍ଧଆଲା ହୋଇଥିଲେ । ଏହି ମହୋତ୍ସବ ଆସନ୍ତା ୨୧ ତାରିଖରେ ଉଦ୍‌ଯାପିତ ହେବ।

# ଭାଜପା ପକ୍ଷରୁ କୋଲାବିରା ବ୍ଲକ ଘେରାଉ


ଦଳ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

**କୋଲାବିରା,୧୬।୧୧(ଚିନ୍ମୟ କୁମାର ବହିଦାର)**

ରାଜ୍ୟରେ କେନ୍ଦ୍ରୀୟ ଯୋଜନା ବାଟମାରଣା ହେଉଥିବା ଅଭିଯୋଗ ଆଣି ଗୁରୁବାର ଭାଜପା ପକ୍ଷରୁ କୋଲାବିରା ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଗାଁ ଗାଁରେ ପିଇବା ପାଣି, ବିଦ୍ୟୁତ୍, ରାସ୍ତାଘାଟ ସମସ୍ୟା ରହିଥିଲେ ହେଁ ରାଜ୍ୟ ସରକାର ସେଗୁଡିକ ସମାଧାନ ଦିଗରେ ବିଫଳ ହୋଇଛନ୍ତି ବୋଲି ଦଳ ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇଛି। ଝାରସୁଗୁଡା ଭାଜପା ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ କୋଲାବିରା ଯାତ୍ରା ପଡିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ମହିଳା ଓ ପୁରୁଷ କର୍ମୀମାନେ ବ୍ଲକ ଅଫିସ ଆଗରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସମାବେଶରେ ନେତାମାନେ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଏଥିରେ ବରିଷ୍ଠ ନେତା ଲଳିତ ମଗର, ସୁନିଲ ପଣ୍ଡା, ନେତାଜୀ ପଟ୍ଟନାୟକ, ମଣ୍ଡଳ ସଭାପତି ରାଜେନ୍ଦ୍ର ଦାସ, ଉପସଭାପତି ସଞ୍ଜୟ ପୂଜାରୀ, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ପ୍ରେମସେନ ରାଏ, କୁବେର କିଷାନ, ନବୀନ କିଷାନ ପ୍ରମୁଖଙ୍କ ସମେତ ବହୁସଂଖ୍ୟକ ଦଳୀୟକର୍ମୀ ଉପସ୍ଥିତ ରହି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ ପଣ୍ଡାଙ୍କୁ ଏକ ଦାବିପତ୍ର ଦେଇଥିଲେ।

# ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ଉଦ୍‌ଘାଟିତ

**ସୁନ୍ଦରଗଡ,୧୬।୧୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସମବାୟ ବିଭାଗ, ଜିଲା ସମବାୟ ସଂଘ ତଥା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବିଭିନ୍ନ ସମବାୟ ସମିତିଙ୍କ ସହଯୋଗରେ ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ଆରମ୍ଭହୋଇଛି। ଏହି ସପ୍ତାହ ପାଳନର ପ୍ରଥମ ଦିବସରେ ଏକ ବିଶାଳ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ସାଢେ ୭ଟାରେ ଜିଲା ସମବାୟ ଭବନରୁ ଏହି ଗଣ ଦୌଡ଼ ବାହାରି ସହର ପରିକ୍ରମା କରିଥିଲା। ଏହି ଦୌଡ଼କୁ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି, ଅତିରିକ୍ତ ପୋଲିସ ଅଧୀକ୍ଷକ ପ୍ରଶାନ୍ତ କୁମାର ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗଣ ଦୌଡ଼ ପରେ ସମବାୟ ଭବନଠାରେ ଜିଲା ସମବାୟ ସମିତି ସମୂହର ଉପନିବନ୍ଧକ ଉମା ଶଙ୍କରା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ଦାସ, ସମବାୟ ସମିତି ସମୂହ ପାନପୋଷର ସହକାରୀ ନିବନ୍ଧକ ବିକାଶ ସାମଦ, ଇଫକୋର କ୍ଷେତ୍ର ଅଧିକାରୀ ପ୍ରତ୍ୟୁଷ ବେହେରା, ସହକାରୀ ମଧ ସମୀକ୍ଷକ ଚୈତନ୍ୟ ବେମାଲ, ନାବାର୍ଡର ଡିଡିଏମ ତାପସ ବେହେରା ପ୍ରମୁଖ ଉପସ୍ଥିତ ରହି ସମବାୟର ବର୍ତ୍ତମାନର ସ୍ଥିତି ଓ ଏହାର ବିକାଶ ଉପରେ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ଦିଗରେ ସମସ୍ତେ ମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମବାୟ ସମିତି ସମୂହ ଗାର୍ବିଏଲ ସରେଙ୍ଗ, ଉପନିବନ୍ଧକ କିଟ୍ରୋ ପ୍ରଧାନ, ଆରଏମ୍‌ସି ସଭାପତି ବିମଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସିକେ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସମବାୟ ସଂଘ ସଭାପତି ଭରତ ଚନ୍ଦ୍ର ମିଶ୍ର ପତାକା ଉତ୍ତୋଳନ କରିଥିଲେ।



ଉପସ୍ଥିତ କର୍ମକର୍ତ୍ତା।

# ଭଲ ମଣିଷ ହେବାକୁ ପରାମର୍ଶ

**ବୌଦ୍ଧ,୧୬।୧୧(ଅଜିତ କୁମାର ବାରିକ)**

ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ଝାଡରାଜିଙ୍ଗ ଆଶ୍ରମ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା କମିଟିର ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲ ସଭାପତିତ୍ୱ କରିଥିଲେ। ପାଠ ପଢି ଭଲ ମଣିଷ ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଏହାଛଡା ଜବହାରଲାଲ ନେହୁରଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ହରଭଙ୍ଗା ଓକିଲ ସଂଘ ସଭାପତି ଅକ୍ଷୟ କୁମାର ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହରିପ୍ରିୟା ତ୍ରିପାଠୀ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, କୋର୍ଟ କର୍ମଚାରୀ ସଞ୍ଜିବ କୁମାର ବାଘ, ପ୍ରବୀଣ କୁମାର ସାହୁ, ତୁମ୍ବନାଥ ପାତ୍ର ଓ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ଥିଲେ ।

# ବିକାଶରେ ପ୍ରୋମୋ ରନ୍ କାର୍ଯ୍ୟକ୍ରମ

**ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ)**

ଆସନ୍ତା ଡିସେମ୍ବର ୩ତାରିଖରେ ହାପି ଫିଟ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ ଦ୍ୱାରା ସମ୍ବଲପୁରସ୍ଥିତ ନେଲସନ ମାଣ୍ଡେଲା ଛକରୁ ଆରମ୍ଭ ହେବାକୁ ଥିବା ହାଫ୍ ମାରାଥନରେ ବହୁସଂଖ୍ୟାରେ ଯୋଗଦାନ କରିବା ପାଇଁ ବରଗଡ଼ର ବିକାଶ କ୍ୟାମ୍ପସରେ ଗୁରୁବାର ଏକ ପ୍ରୋମୋ ରନ୍ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବରଗଡ଼ର ବିଭିନ୍ନ ଅନୁଷ୍ଠାନରୁ ୩୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ (୧୪ବର୍ଷରୁ ଉର୍ଦ୍ଧ୍ୱ) ବିକାଶ କ୍ରିକେଟ୍ ଷ୍ଟାଡ଼ିୟମରେ ଅଭ୍ୟାସ କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ବରଗଡ଼ବାସୀଙ୍କୁ ଉକ୍ତ ମାରାଥନରେ ଯୋଗଦେଇ ଏକ ନୂଆ ଭାରତ, ବିକଶିତ ଭାରତ, ସୁସ୍ଥ ଭାରତର ଭାଗିଦାରୀ ହେବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ହାପି ଫିଟ୍ ସ୍ପୋର୍ଟ୍ସ ଫାଉଣ୍ଡେଶନର ଫାଉଣ୍ଡର ତଥା ମ୍ୟାନେଜିଂ ଟ୍ରଷ୍ଟି ଅର୍ପିତା ଦାଶ, ଟ୍ରଷ୍ଟି ବି. ବି. ଚୌଧୁରୀ, ବିକାଶର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଏଣ୍ଟ୍ରାନ୍ସ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ ହେଡ୍ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ଆଥଲେଟିକ କୋଚ୍ ଶିବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜଳନ୍ଧର ବଧ ସହ ଶ୍ୟାମା ଜ୍ୟୋତି ମହୋତ୍ସବ ଉଦ୍‌ଯାପିତ

**ପଦ୍ମପୁର,୧୬।୧୧(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ସର୍ଗିବାହାଲରେ ଚାଲିଥିବା ପଞ୍ଚ ଦିବସୀୟ ଶ୍ୟାମାଜ୍ୟୋତି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶେଷ ରଜନୀରେ ଜଳନ୍ଧର ବଧ ପରିବେଷିତ ହୋଇଥିଲା। ଏହିଅବସରରେ ପଣ୍ଡିତ ଫୌଜଲାଲ ନନ୍ଦ, ମୂର୍ତ୍ତି କାରିଗର ଅର୍ଜୁନ ଗିଙ୍ଗିରା, ଡେକୋରେଟର ରକ୍ଷିତ ସେଠ ଓ ସନ୍ତୋଷ ଭୋଇ, ସାଉଣ୍ଡ ଆଣ୍ଡ ଲାଇଟ ପାଇଁ ନାରାୟଣ ମହାପାତ୍ର ଏବଂ ନାଟ୍ୟକାର ରାଜକୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଚତୁର୍ଥ ରଜନୀରେ ସୁନ୍ଦରଗଡ଼ର କିଷାନ ଆଦିବାସୀ ନୃତ୍ୟ ଓ ଶେଷ ଦିନରେ ବରଗଡ଼ର ଛୁମ୍‌କୁ ଛୁମା କଳାପରିଷଦ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଦରବାରର ପ୍ରଥମ ଅଧିବେଶନରେ ବରଗଡ଼ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା, ପ୍ରିତେଶ ବହିଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମିଟି ତରଫରୁ ଟଙ୍କଧର ମେହେର, ଚିତ୍ତ ଦାଶ, ଭରତ ମେହେର, ଛତ୍ରପତି ରଣା, ରାଜୀବ ମେହେର, ଦେବରାଜ ତନସନା, ରାଜକୁମାର ବେହେରା ମଞ୍ଚାସୀନ ଥିଲେ। ନାଟ୍ୟକାର ରାଜକୁମାର ସାହୁ ଓ ଶିକ୍ଷାବିତ୍ ଗୋବର୍ଦ୍ଧନ ବରିହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ ମେହେର, ଛତ୍ରପତି ରଣା, ଚିତ୍ରସେନ ବେହେରା, ରାଜୀବ ମେହେର, ଭରତ ମେହେର, ଆଜାଦ ଦାଶ, ସୁଶାନ୍ତ ବେହେରା, ଚିତ୍ରସେନ ବେହେରା, ସଞ୍ଜୀବ ମେହର, ସୁଶାନ୍ତ ମହାପାତ୍ର, ମଲ୍ଲିକ, ଲୋଚନ ବରିହା ପ୍ରମୁଖ ସହଯୋଗ କରିଥିଲେ।


ଜଳନ୍ଧର ଦରବାରରେ ବିକାଶ ଗ୍ରୁପ୍ ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା ଉଦ୍‌ବୋଧନ ଦେଉଛନ୍ତି।

# ସୁନ୍ଦରଗଡ଼ରେ ଡିସେମ୍ବର ୧୫ରୁ ଧାନ ସଂଗ୍ରହ

**ସୁନ୍ଦରଗଡ,୧୬।୧୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଦର ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରାଜଗାଙ୍ଗପୁର ବିଧାୟକ ଡା. ରାଜେନ ଏକ୍କା, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ବଣାଇଁ ଉପ ଜିଲାପାଳ ସୁରଞ୍ଜନ ସାହୁ ଯୋଗ ଦେଇ ଜିଲାର ଧାନ ସଂଗ୍ରହ ପ୍ରକିୟା ଉପରେ ଆଲୋଚନା କରିଥିଲେ। ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇ ଦେବା, ଧାନରୁ ଏକ ପ୍ରକାର ପ୍ରକ୍ରିୟାକରଣ କରି ଚାଉଳ ବାହାର କରିବା ଆଦି ଲକ୍ଷ୍ୟ ନେଇ ଚଳିତ ବର୍ଷ ଖରିଫ ଧାନ ନିମନ୍ତେ ଡିସେମ୍ବର ୧୫ରୁ ଧାନ ସଂଗ୍ରହ ପାଇଁ ବୈଠକରେ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଜିଲାରେ ୧୩୪ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବାର ଲକ୍ଷ୍ୟ ରଖାଯାଇଛି। ଯେଉଁଥିରେ ୮ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ୪୪ ଲ୍ୟାମ୍ପସ, ଗୋଟିଏ ଏମପିସିଏସ ଏବଂ ୨ଟି ଆର୍‌ସିଏମଏସ ରହିଛି। ଚଳିତ ବର୍ଷ ପଞ୍ଜିକୃତ ହୋଇଥିବା ୫୩୭୯୮ ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ଏଥି ନିମନ୍ତେ ସରକାର ପ୍ରଥମ ପର୍ଯ୍ୟାୟରେ ୧୮୯୪୧୧.୭୬୫ ମେଟ୍ରିକ୍ ଟନ ଧାନ ସଂଗ୍ରହ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହି ଧାନ ସଂଗ୍ରହ କାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମଧ ସହାୟତା ନିଆଯିବ। ପ୍ରକ୍ରିୟାକୁ ସହଜ କରିବା ପାଇଁ ଜିଲା ସ୍ତରରେ କଣ୍ଟ୍ରୋଲ ରୁମ ସ୍ଥାପନ କରାଯାଇ ଏକ ସ୍ୱତନ୍ତ୍ର ହେଲ୍ପ ଲାଇନ୍ ନମ୍ବର ୧୮୦୦୪୩୫୭୪୬୧ ଜାରୀ କରାଯାଇଛି। ଏହାଛଡା ଧାନ ସଂଗ୍ରହ ନିମନ୍ତେ ଅନ୍ୟାନ୍ୟ ସୂଚନା କିମ୍ବା ପ୍ରଶ୍ନ ରହିଥିଲେ ଯୋଗାଣ ବିଭାଗ ଏବଂ ସମବାୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ମଧ ଚାଷୀମାନେ ଯୋଗାଯୋଗ କରିପାରିବେ। ଧାନ ସଂଗ୍ରହ ମଣ୍ଡିରେ ଗୋଦାମ, ପିଣ୍ଡି, ପରୀକ୍ଷା ଉପକରଣ, ପାନୀୟ ଜଳ ଏବଂ ଶୌଚାଳୟ ଇତ୍ୟାଦି ପ୍ରସ୍ତୁତ କରି ରଖିବାକୁ ସବୁ ଅନୁଷ୍ଠାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଜୀକୃତ ହୋଇଥିବା ଚାଷୀ କେବେ ଆଉ କେତେ ପରିମାଣର ଧାନ ବିକି ପାରିବେ ସେ ନେଇ ଆଗୁଆ ସୂଚନା ଚାଷୀଙ୍କୁ ଏସଏମଏସ ମାଧ୍ୟମରେ ମିଳିପାରିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସବୁ ବର୍ଷ ପରି ଏବର୍ଷ ମଧ ମଣ୍ଡି ପରିଚାଳନା ଭାର ପ୍ରାଥମିକ କୃଷି ସମବାୟ ସମିତି ଏବଂ ମହିଳା ସ୍ୱୟଂ ସହାୟକ ଦଳମାନଙ୍କ ଉପରେ ନ୍ୟସ୍ତ ହେବ ବୋଲି ସୂଚନା ଦିଆଯାଇଥିଲା। ଆଜିର ଏହି ବୈଠକରେ ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରା, ଅତିରିକ୍ତ ଯୋଗାଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବହୁ ସଂଖ୍ୟାରେ ଚାଷୀ ଏବଂ ମିଲର୍ସମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ନଭେମ୍ବର, ୨୦୨୩




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଭୂମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରବୀଣ ଚକ୍ରବର୍ତ୍ତୀ କଂଗ୍ରେସ ପେସାଦାର ଶାଖା ଅଧ୍ୟକ୍ଷ

**ନୂଆଦିଲ୍ଲୀ,୧୬।୧୧:** ଅଖିଳ ଭାରତ ପେସାଦାର କଂଗ୍ରେସର ନୂଆ ଅଧ୍ୟକ୍ଷ ଭାବେ ପ୍ରବୀଣ ଚକ୍ରବର୍ତ୍ତୀଙ୍କୁ କଂଗ୍ରେସ ନିଯୁକ୍ତି ଦେଇଛି। ପୂର୍ବରୁ ଏମ୍‌ପି ଶଶୀ ଥରୁର ଉକ୍ତ ପଦବୀରେ ରହିଥିଲେ। ଚକ୍ରବର୍ତ୍ତୀ ପୂର୍ବରୁ ଡାଟା ଆନାଲିଟିକ୍ସ ବିଭାଗର ଅଧ୍ୟକ୍ଷ ରହିଥିଲେ। ସେ ଦୀର୍ଘଦିନ ଧରି ଏହି ପଦରେ ରହିବା ସହ କଂଗ୍ରେସ କାର୍ଯ୍ୟକାରୀ କମିଟିର ନିୟମିତ ସଦସ୍ୟ ହୋଇଥିଲେ। ପେସାଦାର କଂଗ୍ରେସ ଅଧ୍ୟକ୍ଷ ଭାବେ ଶଶୀ ଥରୁରଙ୍କ ଅବଦାନକୁ ଦଳ ପକ୍ଷରୁ ପ୍ରଶଂସା କରାଯାଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ରାଜସ୍ଥାନର ଚୁରୁ ଜିଲା ତାରାନଗରଠାରେ ଗୁରୁବାର ଆୟୋଜିତ କଂଗ୍ରେସ ଗ୍ୟାରେଣ୍ଟି ରାଲିରେ ଦଳୀୟନେତା ରାହୁଲ ଗାନ୍ଧୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, ସଚିନ ପାଇଲଟ୍ ପ୍ରମୁଖ ସାମିଲ ହୋଇଛନ୍ତି।

# ଭାଜପା କ୍ଷମତାକୁ ଆସିଲେ କଂଗ୍ରେସର କଲ୍ୟାଣକାରୀ ଯୋଜନାକୁ ବନ୍ଦ କରିଦେବ: ରାହୁଲ

**ଜୟପୁର,୧୬।୧୧:** ରାଜସ୍ଥାନରେ ଭାଜପା ଯଦି କ୍ଷମତାକୁ ଆସେ ତେବେ କଂଗ୍ରେସ ସରକାର ଚଳାଇଥିବା ସମସ୍ତ ଜନମଙ୍ଗଳ ଯୋଜନାକୁ ବନ୍ଦ କରିଦେବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର କହିଛନ୍ତି। ଭାଜପା କ୍ଷମତାକୁ ଆସିଲେ କୋଟିପତିମାନଙ୍କୁ ସହାୟତା କରିବ। କଂଗ୍ରେସ ସରକାର ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ସ୍ୱାସ୍ଥ୍ୟ ବୀମା, ମହିଳାମାନଙ୍କୁ ବର୍ଷକୁ ୧୦,୦୦୦ ଟଙ୍କା ସହାୟତା ଏବଂ ସବ୍‌ସିଡିରେ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦେଉଛନ୍ତି। ଭାଜପା ଆସିଲେ ଏସବୁ ସୁବିଧା ବନ୍ଦ ହୋଇଯିବ। ଅନ୍ୟପକ୍ଷରେ କଂଗ୍ରେସ ପୁନର୍ବାର କ୍ଷମତାକୁ ଫେରିଲେ ଗରିବ, ଚାଷୀ, ଛୋଟ ବ୍ୟବସାୟୀ, ସମସ୍ତେ ଲାଭବାନ ହେବେ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ଚାଷୀଙ୍କ ଋଣ ଛାଡ଼ କରାଯିବ। କ୍ଷୁଦ୍ର ବ୍ୟବସାୟୀ ଉପକୃତ ହେବେ। ତେଣୁ ଆପଣମାନେ ଆଦାନୀ ସରକାର ଚାହାନ୍ତି ନା ଚାଷୀ, ଶ୍ରମିକ ଓ ଯୁବକମାନଙ୍କର ସରକାର ଚାହାନ୍ତି, ତାହା ବିଚାର କରନ୍ତୁ ବୋଲି ରାହୁଲ ଭୋଟରମାନଙ୍କୁ କହିଥିଲେ।

# ଆଦିବାସୀଙ୍କ ଜମି ଅଣ ଆଦିବାସୀଙ୍କୁ ବିକ୍ରି କରାଯିବା ନିଷ୍ପତ୍ତିକୁ ଭାଜପାର ବିରୋଧ

ଭୁବନେଶ୍ୱର, ୧୬।୧୧(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଗତ ୨ ଦିନ ତଳେ କ୍ୟାବିନେଟ୍‌ରେ ଏକ ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଆଦିବାସୀ ବିରୋଧୀ ନିଷ୍ପତ୍ତି ନେଇଛନ୍ତି। ଆଦିବାସୀଙ୍କ ଜମି ଏବେ ଅଣ ଆଦିବାସୀଙ୍କୁ ବିକ୍ରି କରାଯାଇପାରିବ ବୋଲି ନିଆଯାଇଥିବା ନିଷ୍ପତ୍ତି କାହା ସ୍ୱାର୍ଥରେ ବୋଲି ଭାଜପା ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିତ୍ୟାନନ୍ଦ କହିଛନ୍ତି, ଆଦିବାସୀମାନେ କିଭଳି ସେମାନଙ୍କ ସର୍ବସ୍ୱ ହରାଇବେ ସେଥିପାଇଁ ସରକାର ଷଡ଼ଯନ୍ତ୍ର କରିଛନ୍ତି। ଆଦିବାସୀଙ୍କ ଜମିକୁ ବ୍ୟବସାୟୀ, ଜମି ମାଫିଆ, ଠିକାଦାରଙ୍କ ହାତକୁ ଟେକି ଦେବାର ଯେଉଁ ଷଡ଼ଯନ୍ତ୍ର ରାଜ୍ୟ ସରକାର କରିଛନ୍ତି ଏହାକୁ ଭାଜପା ଦୃଢ଼ ବିରୋଧ କରିବ। ସରକାର ଏବେ ଯେଉଁ ନିଷ୍ପତ୍ତି ନେଇଛନ୍ତି ଏଥିପାଇଁ କୌଣସି ଆଦିବାସୀ ସଙ୍ଗଠନ କେବେ ବି ସରକାରଙ୍କ ପାଖରେ ଦାବି କରିନାହାନ୍ତି। ବିଧାନସଭାରେ ମଧ୍ୟ କେବେ କୌଣସି ଆଦିବାସୀ ବିଧାୟକ ଏକଥା ଉଠାଇନାହାନ୍ତି। ତା'ହେଲେ ସରକାର କାହା ଚାପରେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ 'ଟ୍ରାଇବାଲ ଆଡଭାଇଜରି କମିଟି' ବୈଠକରେ ଆଲୋଚନା କରାଯାଇଥିଲା ଯାହା ସରକାର କହୁଛନ୍ତି ଏହା ମିଛ। ସରକାର ଆଣିଥିବା ଏହି ନିୟମ ଲାଗୁ ହେଲେ ଆଦିବାସୀମାନେ ସେମାନଙ୍କର ଜମି ହରାଇବେ। ଯଦି ଆଦିବାସୀମାନେ ତାଙ୍କ ଜମି ହରାନ୍ତି ତା'ହେଲେ ସେମାନେ ଜୀବନ ଜୀବିକା ହରାଇବେ। ବିଜେଡି ସରକାର ଏକ ଆଦିବାସୀ ବିରୋଧୀ ସରକାର ବୋଲି ସେ କହିଛନ୍ତି। ଏହି ଆଦିବାସୀ ବିରୋଧୀ ନିଷ୍ପତ୍ତି ଯଦି ରାଜ୍ୟ ସରକାର ପ୍ରତ୍ୟାହୃତ ନ କରନ୍ତି ତେବେ ଭାଜପା ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ନିତ୍ୟାନନ୍ଦ କହିଛନ୍ତି।

# ରାଜସ୍ଥାନରେ ଭାଜପାର ପ୍ରତିଶ୍ରୁତି ୪୫୦ ଟଙ୍କାରେ ଏଲ୍‌ପିଜି, ୨.୫ ଲକ୍ଷ ନିଯୁକ୍ତି

**ଜୟପୁର,୧୬।୧୧:** ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ ଭୋଟରମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ଭାଜପା ଗୁରୁବାର କେତେକ ଆକର୍ଷଣୀୟ ପ୍ରତିଶ୍ରୁତି ଦେଇଛି। ଦଳ ପ୍ରକାଶ କରିଥିବା ନିର୍ବାଚନୀ ଇସ୍ତାହାରରେ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ୪୫୦ ଟଙ୍କାରେ ଏଲ୍‌ପିଜି ସିଲିଣ୍ଡର, ୫ ବର୍ଷରେ ୨.୫ ଲକ୍ଷଙ୍କୁ ସରକାରୀ ଚାକିରି ସହ ପିଏସ୍ କିଷାନ ଯୋଜନାରେ ଚାଷୀମାନଙ୍କୁ ଅଧିକ ଆର୍ଥିକ ସହାୟତା ଯୋଗାଇଦିଆଯିବ ବୋଲି କୁହାଯାଇଛି। ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଦଳୀୟ ଇସ୍ତାହାର ଉନ୍ମୋଚନ କରିଛନ୍ତି। ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ପେପର ଲିକ୍ ସମେତ କଂଗ୍ରେସ ଅମଳରେ ହୋଇଥିବା ସମସ୍ତ ଦୁର୍ନୀତିର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯିବ ବୋଲି ନଡ୍ଡା କହିଛନ୍ତି।

# କାଳିଆ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ବଢ଼ାଇବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର,୧୬।୧୧(ଅନିଲ ଦାସ)

ଦିନେ ରାଜ୍ୟର କର୍ମଚାରୀମାନଙ୍କୁ ଦରମା ଦେଇପାରୁ ନ ଥିବା ଆର୍ଥିକ ଦୃଷ୍ଟିରୁ ଦେବାଳିଆ ରାଜ୍ୟ ଓଡ଼ିଶା ଆଜି ଆର୍ଥିକ ବଳକା ରାଜ୍ୟରେ ପରିଣତ ହୋଇଛି। ଆର୍ଥିକ ପରିଚାଳନାରେ ବିତ୍ତୀୟ ଶୃଙ୍ଖଳା ଓ ରାଜସ୍ୱ ଅଭିବୃଦ୍ଧି ଯୋଗୁ ଓଡ଼ିଶା ୪୩,୪୭୧ କୋଟି ଟଙ୍କାର ଆର୍ଥିକ ବଳକା ରାଜ୍ୟରେ ପରିଣତ ହୋଇପାରିଛି। ଫଳରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟି ଜନମଙ୍ଗଳକାରୀ ଯୋଜନା ଲାଗୁ କରିବାକୁ ସମର୍ଥ ହୋଇପାରିଛନ୍ତି। ମାତ୍ର ଏକ କୃଷିପ୍ରଧାନ ରାଜ୍ୟ ଭାବରେ ଓଡ଼ିଶାର କୃଷକମାନଙ୍କ ଆର୍ଥିକ ସ୍ଥିତି ଆଜିପର୍ଯ୍ୟନ୍ତ ସ୍ୱଚ୍ଛଳ ହୋଇପାରି ନାହିଁ। କୃଷକଙ୍କ ମାସିକ ଆୟ ମାତ୍ର ୫,୧୧୨ ଟଙ୍କା ବୋଲି ନୀତି ଆୟୋଗ କହିଛନ୍ତି। ରାଜ୍ୟ ସରକାର କାଳିଆ ଯୋଜନାରେ ଚାଷୀମାନଙ୍କୁ ବାର୍ଷିକ ୪ ହଜାର ଟଙ୍କା କିସ୍ତି ଆକାରରେ ପ୍ରଦାନ କରୁଛନ୍ତି। ତାହା ସମୁଦ୍ରକୁ ଶଙ୍ଖେ। ବଳକା ରାଜସ୍ୱକୁ ଦୃଷ୍ଟିରେ ରଖି କାଳିଆ ଯୋଜନାର ଅର୍ଥରାଶିକୁ ବାର୍ଷିକ ୧୨ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଗୁରୁବାର ଏ ନେଇ ପ୍ରେସ୍ ବିବୃତି ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ଅଧିକାଂଶ ଚାଷୀ ହେଉଛନ୍ତି କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀ। ବନ୍ୟା, ବାତ୍ୟା, ମରୁଡ଼ି ଓ ରୋଗପୋକ ଆକ୍ରମଣ ଯୋଗୁ ଫସଲ କ୍ଷତିଗ୍ରସ୍ତ ହେଉଥିବାରୁ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇପାରୁ ନାହାନ୍ତି। ଏଣୁ କାଳିଆ ଯୋଜନା ଅର୍ଥରାଶିକୁ ବାର୍ଷିକ ୧୨ ହଜାର ଟଙ୍କା କରିବାକୁ ସେ ଦାବି କରିଛନ୍ତି। ଏହାଛଡ଼ା ଦରଦାମ ବୃଦ୍ଧି ଘଟିଥିବାରୁ ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତାକୁ ୫୦୦ରୁ ୧ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ମଧ୍ୟ ସେ ଦାବି କରିଛନ୍ତି।

# 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି' ଯୋଜନାରେ ଚାଷୀଙ୍କ ତାଲିକା ଦେଉନାହାନ୍ତି: ଭାଜପା



ରାଜ୍ୟପାଳ ରଘୁବର ଦାସଙ୍କୁ ଭାଜପା ପ୍ରତିନିଧି ଦଳ ଭେଟି ଦାବିପତ୍ର ଦେଉଛନ୍ତି।

ଭୁବନେଶ୍ୱର, ୧୬।୧୧(ସୁନିତ୍ ମିଶ୍ର)

କେନ୍ଦ୍ର ସରକାର ଚାଷୀମାନେ ଉପକୃତ ହେବେ ବୋଲି 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି' ଯୋଜନା କରିଥିଲେ। ହେଲେ ରାଜ୍ୟ ସରକାର ଓଡ଼ିଶା ଚାଷୀଙ୍କ ନାମ କେନ୍ଦ୍ରକୁ ଦେଇ ନ ଥିବା ଯୋଗୁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏଥିରୁ ବଞ୍ଚିତ ହୋଇଛନ୍ତି। ତେଣୁ ରାଜ୍ୟ ସରକାର ନିର୍ଭୁଲ୍ ତାଲିକା କେନ୍ଦ୍ରକୁ ଦିଅନ୍ତୁ ବୋଲି ଭାଜପା ଦାବି କରିଛି। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ଗୁରୁବାର କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ୬ ଦଫା ସମ୍ବଳିତ ଦାବିପତ୍ର ଦେଇଛନ୍ତି।

ଭାଜପା ଅଭିଯୋଗ କରିଛି, ରାଜ୍ୟରେ ୨୩ ବର୍ଷର ଅପାରଗ ସରକାର ଚାଷୀଙ୍କୁ ଅବହେଳା କରୁଛି। ରାଜ୍ୟରେ ୭୩ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି, କିନ୍ତୁ ରାଜ୍ୟ ସରକାର ଚାଷ ଓ ଚାଷୀ ପାଇଁ କୌଣସି ଅଗ୍ରାଧିକାର, ପ୍ରାଥମିକତା ଦେଇନାହାନ୍ତି। ଚାଷୀଙ୍କ ଉନ୍ନତି କିମ୍ବା ସୁରକ୍ଷା ଦେବା ଭଳି କୌଣସି ଯୋଜନା ରାଜ୍ୟ ସରକାର କରିନାହାନ୍ତି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଶାସନକୁ ଆସିବା ପରେ ଚାଷୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ରାଜ୍ୟ ସରକାର ତାହା ଓଡ଼ିଶାରେ କାର୍ଯ୍ୟକାରୀ କରୁନାହାନ୍ତି। ରାଜ୍ୟର ଚାଷୀକୁଳ ଦୁଃଖ ଓ ନୈରାଶ୍ୟ ଭିତରେ କାଳାତିପାତ କରୁଛନ୍ତି। ଏହାର ଉଦାହରଣ ଯାଜପୁର ଜିଲା ଧର୍ମଶାଳାର ଚାଷୀ ନିତ୍ୟାନନ୍ଦ ପରିଡ଼ା, ନୟାଗଡ଼ ଜିଲା ରଣପୁର ଚାଷୀ ଗୋବିନ୍ଦ ସାହୁ ଏବଂ ବଲାଙ୍ଗୀର ଜିଲା ଲୋଇସିଂହାର ରମେଶ ଭୋଇ ଏହି ୩ ଜଣ ଫସଲହାନି ଓ ଋଣ ଶୁଝିବା ଚିନ୍ତାରେ ଆତ୍ମହତ୍ୟା କରିଛନ୍ତି। ଚାଷୀଙ୍କ ଦୁଃଖଦୁର୍ଦ୍ଦଶା ବିମୋଚନ ପାଇଁ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଅଭିଯୋଗ କରିଥିବା ଭାଜପା ପକ୍ଷରୁ କୁହାଯାଇଛି।


## Classified Everyday
0674-2580101, 2549949



REAL ESTATE

SALE

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809

ସୁନ୍ଦରପଦା, କୁହା Petrol Pumpରୁ 800 mtr. ଦୂରତାରେ 30ft. road, ଘରବାରି ପ୍ଲଟ୍ ମିଳୁଅଛି। 7978676652. D-75266

ପିପିଲିରୁ ଜଟଣୀରୋଡ଼୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/-ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894. D-75260

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଚାରୁ ବିକ୍ରିହେବ। 9827119799. D-1758

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly healthcare benefited SPA experience therapist in Bhubaneswar. Contact: 9938843929. D-75167

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75057

LOST

By virtue of affidavit sworn before the Notary Public, Bhubaneswar, I hereby declare that the Original SBI Life Insurance Policy Bond of Debasis Nayak, S/o- Gajendra Nayak, bearing Policy No- 2B392159310 has been lost some where & despite my best effort I am unable to trace the Original Policy Bond, if anybody will get the Policy Document, kindly inform me immediately. Contact No- 9853436559. D-1806

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

AFFIDAVIT

ନୋଟାରୀ, ଭୁବନେଶ୍ୱର ତା. ୦୭।୧୧।୨୦୨୩ ରିଖରେ ମୁ ରୋଜାଲିନ୍ କୁଅଁର, ସ୍ୱାମୀ- ଅମିତ୍ କୁମାର ବିଶ୍ୱାଳ, ଠିକଣା- ଲେନ୍ ନଂ- ୫ ମଧୁବନ, ପୋ- ଷ୍ଟେସନ୍ ରୋଡ୍, ଥାନା- ତାଳବଣିଆ, ଜିଲ୍ଲା- ପୁରୀ, ଓଡ଼ିଶା ଘୋଷଣା କରୁଛି ଯେ ଆମର (ରୋଜାଲିନ୍ କୁଅଁର ଏବଂ ଅମିତ୍ କୁମାର ବିଶ୍ୱାଳ) ଜନ୍ମିତ ଝିଅ ଆର୍ଭି ଆରିୟା ବିଶ୍ୱାଳ, ଓଡ଼ିଶା ସରକାରଙ୍କ ବିଏମ୍‌ସି ରେଜିଷ୍ଟ୍ରେସନ୍ ନଂ- 11946/2023 dated 04.10.2023 ଅନୁସାରେ ଦେଇଥିଲୁ। ପରବର୍ତ୍ତୀ ପର୍ଯ୍ୟାୟରେ ନିଷ୍ପତ୍ତି ନେଲୁ ଝିଅର ନାମ ଆରାଧ୍ୟା ବିଶ୍ୱାଳ ରଖିବା ପାଇଁ। ଏଣୁ ଏହା ଜଣାଇ ଦେଲୁ ଦରକାର ବେଳେ କାମରେ ଆସିବ, ଝିଅର ନାମ ଆଜିଠାରୁ ସର୍ବଦା ଆରାଧ୍ୟା ବିଶ୍ୱାଳ ନାମରେ ନାମିତ ହେବ। D-1812

Affidavit- CF- No- 85, Dt- 07.10.23, R. Naik, Executive Magistrate, Bhubaneswar Title of Sibashis Nanda has been changed from Nanda to Mishra. Hence Sibashis Nanda will hereafter be known as Sibashis Mishra for all intents and purposes. D-1803

By the virtue of an affidavit Dt. 27.12.2022 before the Notary Public, Bhubaneswar, I Meenakshi Juneja, At- Jharpada, PS- Laxmisagar, Dist.- Khordha, have changed my name from Meenakshi Juneja to Meenakshi Bharat Bhushan Juneja for all future purposes. D-1805

I,Gopinath Banerjee, S/o- Indubhushan Banerjee, DOB-07/07/1983 residing At/P.S- Aharpada, P.S.- Bhadrak (R), Dist.- Bhadrak-756128, Odisha do hereby declare vide Affidavit No. 10346, dt.14-11-2023. That my actual and correct name is Gopinath Banerjee as per my Aadhaar Card and PAN Card. But my name is wrongly written as Gopinath Benerjee in my HSC, 10+2, Graduation and Master Degree (MBA) Certificates. Both Gopinath Banerjee and Gopinath Benerjee are one and same person and there is no such person in my locality. D-1810

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



ଂସୁକୁମାରୀ ସାହୁ
ଆବିର୍ଭାବ : ୦୧.୦୧.୧୯୫୯
ତିରୋଧାନ: ୦୬.୧୧.୨୦୨୩
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମ୍ଭର ବିନମ୍ର ନିବେଦନ।
ଶୋକ ସନ୍ତପ୍ତ-
ଦିଅର- ନରେନ୍ଦ୍ର ସାହୁ, ବିଚିତ୍ରାନନ୍ଦ ସାହୁ
ପୁଅ- ଟୁନା ସାହୁ, ପୁତୁରା- ଦିଲା, ମିଟୁ, ବାପି
ଝିଅ- ଝୁନୁ, ମନୁ ଏବଂ ଅନ୍ୟ ପରିବାର ବୃନ୍ଦ
ଧ-୧୮୧୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୁମାରେଶ ସାମଲ
୧୩୨- ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ :୧୪।୦୭।୧୯୪୭
ତିରୋଧାନ: ୦୩।୧୧।୨୦୦୮
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୧୮୦୪



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ମୁମ୍ବାଇସ୍ଥିତ ଆଣ୍ଟିଲିଆ ବାସଭବନକୁ ଅନ୍ତଃରାଷ୍ଟ୍ରୀୟ ଫୁଟ୍‌ବଲ ତାରକା ଡେଭିଡ୍ ବେକ୍‌ହାମ୍‌ଙ୍କୁ ଅମ୍ବାନୀ ପରିବାର ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଗୁରୁବାର ଅମ୍ବାନୀ ପରିବାରର ସଦସ୍ୟଗଣ ବେକ୍‌ହାମ୍‌ଙ୍କୁ ସ୍ୱାଗତ କରିବା ସହ ଆତିଥେୟତା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବେକ୍‌ହାମଙ୍କ ସମେତ ନୀତା ଅମ୍ବାନୀ, ମୁକେଶ ଅମ୍ବାନୀ, ଆକାଶ ଅମ୍ବାନୀ ଏବଂ ଇଶା ଅମ୍ବାନୀ ଓ ଅମ୍ବାନୀ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

**ଭୁବନେଶ୍ୱର, ୧୬।୧୧**

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୦୭ (୩୦୬.୫୫) ପଏଣ୍ଟ ବଢି ୬୫,୯୮୨ (୬୫,୯୮୨.୪୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୯୦ (୮୯.୭୫) ପଏଣ୍ଟ ବୃଦ୍ଧି ଘଟି ୧୯,୭୬୫(୧୯,୭୬୫.୨୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କର ନୂତନ ଅଭିଯାନ

**ଭୁବନେଶ୍ୱର, ୧୬।୧୧**

ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କର ନୂତନ ଅଭିଯାନ 'ଏନ୍‌ଆର୍‌ଆଇ ହୋମ୍‌କମିଂ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷର ଛୁଟିଦିନ (ବର୍ଷ ଶେଷ) ଆରମ୍ଭ ହେବାକୁ ଯାଉଛି। ଏପରିକି ପ୍ରବାସୀ ଭାରତୀୟ ଦିବସ-୨୦୨୪ର ଆୟୋଜନ ପରିପ୍ରେକ୍ଷୀରେ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ)ମାନେ ଦେଶକୁ ପ୍ରତ୍ୟାବର୍ତ୍ତନ କରିବେ। ସେହିଭଳି ଏନ୍‌ଆର୍‌ଆଇ ହୋମ୍‌କମିଂ ଅଭିଯାନର ଅଂଶ ସ୍ୱରୂପ ବ୍ୟାଙ୍କ ପକ୍ଷରୁ ସୀମିତ ସମୟ ପାଇଁ ବିଶେଷ ସୁବିଧା ପ୍ରଦାନ କରାଯାଉଛି, ଯେଉଁଥିରେ ଏନ୍‌ଆର୍‌ଇ/ଏନ୍‌ଆରଓ ସଞ୍ଚୟ ଖାତା ଉପରେ ବାର୍ଷିକ ୬.୭୫% ପର୍ଯ୍ୟନ୍ତ ଏବଂ ଏନ୍‌ଆର୍‌ଇ/ଏନ୍‌ଆର୍‌ଓ ଜମା ଉପରେ ବାର୍ଷିକ ୭.୫% ପର୍ଯ୍ୟନ୍ତ ସୁଧ ଦିଆଯାଉଥିବବେଳେ ୟୁଏସ୍‌ଡି ଏଫ୍‌ସିଏନ୍‌ଆର୍ ଜମା ଉପରେ ବାର୍ଷିକ ୫.୯୫% ପର୍ଯ୍ୟନ୍ତ ସୁଧ ପ୍ରଦାନ କରାଯାଉଛି ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି। ବ୍ୟାଙ୍କର ବିଭିନ୍ନ ଶାଖା ପକ୍ଷରୁ ପ୍ରବାସୀ ଭାରତୀୟଙ୍କୁ ହାର୍ଦ୍ଦିକ ସ୍ୱାଗତ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏନ୍‌ଆରଆଇ ହୋମ୍‌କମିଂ କାର୍ଯ୍ୟକ୍ରମରେ ଆର୍ଥିକ ସାକ୍ଷରତା ଓ ସୂଚନାଧର୍ମୀ ଅଧିବେଶନଭଳି କାର୍ଯ୍ୟକ୍ରମମାନ ରହିଛି, ଯେଉଁଥିରେ ଏନ୍‌ଆର୍‌ଆଇ ଓ ପିଆଇଓମାନେ ବିଦେଶ ଫେରିବା ପୂର୍ବରୁ ସେମାନଙ୍କ ଆର୍ଥିକ ଆବଶ୍ୟକତା ଉପରେ ମୂଲ୍ୟବାନ୍ ସୂଚନା ଓ ମାର୍ଗଦର୍ଶନ ପାଇପାରିବେ। ସେହିପରି ଅଭିଜ୍ଞ ଆର୍ଥିକ ଉପଦେଷ୍ଟାଙ୍କ ଦ୍ୱାରା ଉକ୍ତ ଅଧିବେଶନ ପରିଚାଳିତ ହେବ, ଯାହାର ଲକ୍ଷ୍ୟ ହେଉଛି ଏନ୍‌ଆର୍‌ଆଇମାନଙ୍କୁ ସେମାନଙ୍କ ଆର୍ଥିକ ଲକ୍ଷ୍ୟକୁ ସୁରକ୍ଷିତ ରଖିବାରେ ସହାୟତା ପ୍ରଦାନ କରିବା। ବିଶେଷକରି ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ଲାଗି ବ୍ୟାଙ୍କ ପକ୍ଷରୁ ସହଜରେ ଏନ୍‌ଆର୍‌ଆଇ ଡିଜିଟାଲ ଖାତା ଖୋଲିବା ପ୍ଲାଟ୍‌ଫର୍ମ ଉପରେ ଗୁରୁତ୍ୱାରୋପ କରାଯାଉଛି, ଯେଉଁଥିରେ ମାଇଁ ଆକାଉଣ୍ଟ ମାଇଁ ନମ୍ବର, ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ୍ ଓ ଫିଙ୍ଗର ପ୍ରିଣ୍ଟ ବ୍ୟାଙ୍କିଙ୍ଗ ସାମିଲ ରହିଛି।

# ବିଏଏଲ୍‌ର ୧.୪ ନିୟୁତ ୫ଜି ଗ୍ରାହକ

**ଭୁବନେଶ୍ୱର,୧୬।୧୧**

ଦେଶର ଅଗ୍ରଣୀ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ ଲିମିଟେଡ୍ (ବିଏଏଲ୍)ର ଓଡ଼ିଶା ୟୁନିଟ୍ ପକ୍ଷରୁ କମ୍ପାନୀର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ପ୍ରିମିୟମ ସେବା ଏୟାରଟେଲ୍ ୫ଜି ପ୍ଲସ୍ ଶୁଭାରମ୍ଭର ବର୍ଷକ ମଧ୍ୟରେ ଏୟାରଟେଲ ଅନେକ ସଫଳତା ହାସଲ କରିଛି। ଏପରିକି ଓଡ଼ିଶାରେ କମ୍ପାନୀର ପ୍ରାୟ ୧.୪ ନିୟୁତ ୟୁନିକ୍ ୫ଜି ଗ୍ରାହକ ରହିଛନ୍ତି। ସେହିଭଳି ୫ଜି ପ୍ଲସ୍ ସେବାର ଶୁଭାରମ୍ଭ ୧୨ ମାସ ମଧ୍ୟରେ ଏୟାରଟେଲ ଓଡ଼ିଶାର ସମସ୍ତ ଜିଲାରେ ଉପଲବ୍ଧ କରାଇଛି। ସମ୍ପ୍ରତି ଦେଶର ସମସ୍ତ ଜିଲା ଓ କେନ୍ଦ୍ର ଶାସିତ ଅଞ୍ଚଳରେ ମଧ୍ୟ ବର୍ତ୍ତମାନ ଏୟାରଟେଲ୍ ୫ଜି ସେବା ଉପଲବ୍ଧ ରହିଛି। ଅପରପକ୍ଷରେ ଏୟାରଟେଲ୍ ଓଡ଼ିଶାର ସମସ୍ତ ଜିଲାରେ ଉତ୍ତମ ସେବା ଉପଲବ୍ଧ କରାଇବା ପାଇଁ ବ୍ୟାପକ ଭାବେ ନେଟ୍‌ୱର୍କ ସମ୍ପ୍ରସାରଣ କରିଛି। ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ ଶୈଳନିବାସ (ଦାରିଙ୍ଗିବାଡ଼ି)ଠାରୁ ଆରମ୍ଭକରି କୋଣ୍ଡା କାମ୍ବେରା ପରି ଦୁର୍ଗମ ଗ୍ରାମ ପର୍ଯ୍ୟନ୍ତ ଉପଲବ୍ଧ। ଏପରିକି ଓଡ଼ିଶାର କୋଣାର୍କ ଓ ଭୁବନେଶ୍ୱର ପରି ସହରଠାରୁ ଗୋପାଳପୁର ଏବଂ ପୁରୀର ମନୋରମ ବେଳାଭୂମି ପର୍ଯ୍ୟନ୍ତ ଏୟାରଟେଲ୍ ଦ୍ରୁତ ଗତିରେ ସେବା ଉପଲବ୍ଧ କରାଇବା ସହ ୫ଜି ସମ୍ପ୍ରସାରଣ କାର୍ଯ୍ୟ ଜାରି ରଖିଛି। ଏହା ସହ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ଚିଲିକା ହ୍ରଦରେ ମଧ୍ୟ ୫ଜିର ସେବା ଉପଲବ୍ଧ ହୋଇଛି। ଚିଲିକା ହେଉଛି ଭାରତର ବୃହତ୍ତମ ମଧୁର ଜଳ ହ୍ରଦ ଏବଂ ପଟ୍ଟଚିତ୍ର ପାଇଁ ପ୍ରସିଦ୍ଧ ଐତିହାସିକ ଗ୍ରାମ ରଘୁରାଜପୁରକୁ ଡିଜିଟାଲ ସୁପର ହାଇୱେରେ ପହଞ୍ଚାଇଛି।

ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର ସିଓଓ ଓଡ଼ିଶା ଆଶିଷ ଖୁରାନା କହିଛନ୍ତି, ଆମେ ହେଉଛୁ ପ୍ରଥମ ଟେଲି ଯୋଗାଯୋଗ କମ୍ପାନୀ ଯେ କି ସାରା ରାଜ୍ୟରେ ହାଇସ୍ପିଡ୍ ୫ଜି ଟେକ୍ନୋଲୋଜି ପହଞ୍ଚାଇଛୁ ଏବଂ ଆଜି ଆମ୍ଭେମାନେ ଗ୍ରାହକମାନଙ୍କ ଜୀବନକୁ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନକରି ବେଶ୍ ଆନନ୍ଦ ଅନୁଭବ କରୁଛୁ। ଏପରିକି ଏୟାରଟେଲ୍ ୫ଜି ପ୍ଲସ୍ ନେଟ୍‌ୱର୍କକୁ ଆପଣାଇଥିବାରୁ ଆମେ ଆମର ୧.୪ ନିୟୁତ ଗ୍ରାହକଙ୍କୁ କୃତଜ୍ଞତା ଜଣାଉଛୁ। ସେହିଭଳି ଆମ୍ଭେମାନେ ୫ଜି ଗ୍ରାହକଙ୍କ କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ସହ ଶିଳ୍ପରେ ମଧ୍ୟ ଅଗ୍ରଣୀ ରହିବା ଜାରି ରଖିବାକୁ କଟିଂଏଜ୍ ୫ଜି ଟେକ୍ନୋଲୋଜିକୁ ଗୁରୁତ୍ୱ ଦେବା ସହିତ ଗ୍ରାହକ ସନ୍ତୋଷକୁ ପ୍ରାଥମିକତା ମଧ୍ୟ ଦେଉଛୁ।

# ଜେଡ୍ ବ୍ଲାକ୍ ଅଗରବତିର ନ୍ୟୁ ଟିଭିସି




**ଭୁବନେଶ୍ୱର,୧୬।୧୧ (ଅଭୟ ଦାଶ)**

ଦେଶର ଅଗ୍ରଣୀ ପ୍ରିମିୟମ ଧୂପକାଠି ନିର୍ମାତା ଜେଡ୍ ବ୍ଲାକ୍‌ର ନ୍ୟୁ ଟିଭିସିକୁ ନିକଟରେ ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜେଡ୍ ବ୍ଲାକ୍ ଅଗରବତି ଓ ଏମ୍.ଏସ୍.ଧୋନିଙ୍କ ମଧ୍ୟରେ ଏକ ସହଭାଗିତା ହୋଇଥିବାବେଳେ ଚଳିତ ବିଶ୍ୱକପ୍ ( ଆଇସିସି କ୍ରିକେଟ୍ ୱାର୍ଲ୍ଡକପ୍ ୨୦୨୩) ସମୟରେ ସାମୂହିକ ପ୍ରାର୍ଥନାର ଉତ୍ସାହ ଓ ପ୍ରାର୍ଥନାର ଶକ୍ତିକୁ ପାଳନ କରିବା ପାଇଁ ଉଭୟ ଏକାଠି ହୋଇଛନ୍ତି। ଅପରପକ୍ଷରେ ଭାରତର ଚମତ୍କାର ପ୍ରଦର୍ଶନ ସହିତ କ୍ରିକେଟ୍ ବିଶ୍ୱକପ୍ ଆଗକୁ ବଢୁଥିବା ବେଳେ ଜେଡ୍ ବ୍ଲାକ୍ ପକ୍ଷରୁ ଏକ ଆକର୍ଷଣୀୟ ଟିଭିସି କ୍ୟାମ୍ପେନ୍‌ର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଟିଭିସି ବନ୍ଧୁତ୍ୱ, ଏକତା ଓ ସାମୂହିକ ପ୍ରାର୍ଥନାର ମହତ୍ତ୍ୱକୁ ପରିପ୍ରକାଶ କରିଛି। ଏହି ଟିଭି କମର୍ସିଆଲରେ ଏମ୍‌ଏସ୍ ଧୋନିଙ୍କୁ ବନ୍ଧୁମାନଙ୍କ ସହିତ ଏକ ରୋମାଞ୍ଚକର ମ୍ୟାଚ୍ ଉପଭୋଗ କରୁଥିବାର ଦେଖିବାକୁ ମିଳୁଛି। ଏପରିକି ବନ୍ଧୁମାନେ ଗେମ୍‌ର ଏକ ରୋମାଞ୍ଚକର ମୁହୂର୍ତ୍ତକୁ ଶେୟାର କରୁଥିବା ବେଳେ କ୍ୟାପ୍‌ଟେନ କୁଲ୍ ଜଟିଳ ସମୟରେ ପ୍ରାର୍ଥନାର ଶକ୍ତି ସମ୍ପର୍କରେ ବିସ୍ତୃତ ଭାବେ ମତବ୍ୟକ୍ତ କରୁଛନ୍ତି।

ଏ ସମ୍ପର୍କରେ ମହୀଶୂର ଦୀପ୍ ପର୍‌ଫ୍ୟୁମେରି ହାଉସ୍ (ଏମ୍‌ଡିପିଏଚ୍)ର ନିର୍ଦ୍ଦେଶକ ଅଙ୍କିତ ଅଗ୍ରୱାଲ କହିଛନ୍ତି, କ୍ରିକେଟ୍ କିମ୍ବଦନ୍ତୀ ଏମ୍.ଏସ୍. ଧୋନିଙ୍କ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଉକ୍ତ ସହଭାଗିତା ମାଧ୍ୟମରେ ଆମେ ଲୋକମାନଙ୍କୁ ଓ ସମୁଦାୟଗୁଡିକ ଏକାଠି ହେବା, ସ୍ମରଣୀୟ ମୁହୂର୍ତ୍ତଗୁଡିକୁ ପାଳନ କରିବା ଓ ନିଜର ସାମୂହିକ ଆଶୀର୍ବାଦକୁ ବିସ୍ତାର କରିବା ପାଇଁ ଅନୁପ୍ରାଣିତ କରିବାକୁ ଆଶା ରଖିଛୁ।

# ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୧୬।୧୧**

ଦେଶର ପ୍ରଥମ ତାଲିକାଭୁକ୍ତ ରିଟେଲ ଆର୍‌ଇଆଇଟି 'ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟ'ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାର୍ଯ୍ୟକଳାପ ଓ କାରବାର ସହ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରଯାଇଥିଲା। ଏ ସମ୍ପର୍କରେ ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଦିଲୀପ୍ ସେହଗଲ କହିଛନ୍ତି, ବାର୍ଷିକ ଆଧାରରେ ୧୮%ର ବର୍ଦ୍ଧିତ ଉପଯୋଗ ଅଭିବୃଦ୍ଧି ସହିତ ୧ମ ତ୍ରୈମାସର ମଜଭୁତ ଆରମ୍ଭ ୨ୟ ତ୍ରୈମାସରେ ମଧ୍ୟ ଜାରି ରହିଛି। ଏପରିକି ୨ୟ ତ୍ରୈମାସରେ ଆମର ଶୁଦ୍ଧ ପରିଚାଳନା ଆୟ ୧୭% ବୃଦ୍ଧି ହୋଇଛି। ବିଶେଷକରି ଆମର ପ୍ରଦର୍ଶନ ଗୁଣବତ୍ତା ଓ ବ୍ୟାପକତାର ଏକ ପ୍ରତିଫଳନ ଯାହା ମାଧ୍ୟମରେ ଆମେ ଶକ୍ତିଶାଳୀ ଅଭିବୃଦ୍ଧି ପ୍ରଦାନ କରିବା ଜାରି ରଖିଛୁ। ଆମେ ଆମ ପୋର୍ଟଫୋଲିଓରେ ୧୦୦୦ ରୁ ଅଧିକ ଘରୋଇ ଓ ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡିକ ପାଇଁ ସର୍ବୋତ୍ତମ ଶ୍ରେଣୀର ରିଟେଲ ଭିତ୍ତିଭୂମି ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତା ଉପରେ ସେବା ପ୍ରଦାନ କରିବା ଜାରି ରଖିଛୁ। ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟ ୯୭% ଲିଜ୍ ଦଖଲ (ରିଟେଲ୍) ଓ ବାର୍ଷିକ ଆଧାରରେ ୧୮%ର ଟେନାଣ୍ଟ ସେଲ୍ ସହ ଶକ୍ତିଶାଳୀ ପରିଚାଳନାଗତ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଛି। ଏପରିକି ଉକ୍ତ ଅବଧି ମଧ୍ୟରେ ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟ ୩୯୦୯ ମିଲିୟନ ଟଙ୍କାର ଶୁଦ୍ଧ ପରିଚାଳନା ଆୟ ହାସଲ କରିଥିବା ବେଳେ ରିଟେଲ୍ ଲିଜ୍‌ଡ ଅକ୍ୟୁପାନ୍ସି ୧୨୦ ବିପିଏସ୍ ବୃଦ୍ଧି ହୋଇଛି। ସେହିପରି ଲିଷ୍ଟିଙ୍ଗ୍ ତାରିଖରୁ ସେପ୍ଟେମ୍ବର ୩୦, ୨୦୨୩ ଅବଧି ପାଇଁ ଏହା ୪୫୨୧ ମିଲିୟନ ଟଙ୍କା ବା ୟୁନିଟ୍ ପିଛା ୨.୯୮ ଟଙ୍କାର ପ୍ରଥମ ବିତରଣ ଘୋଷଣା କରିଛି, ଯାହା ୧୦୦% ପେଆଉଟ୍‌କୁ ପ୍ରତିଫଳନ କରୁଛି। ମୋଟ ବିତରଣ ମଧ୍ୟରୁ ୬୨% ରାଜସ୍ୱ (ଟିକସ ମୁକ୍ତ) ଆକାରରେ ଏବଂ ୨୮% ସୁଧ ଓ ୧୦% ଏସ୍‌ପିଭି ଋଣର ଆମୋର୍ଟିଜେଶନ (ବିତରଣ ସମୟରେ ଟିକସ ମୁକ୍ତ) ଆକାରରେ ହେବ।

## ଫୁରସତ

# ସଫେଇ କର୍ମଚାରୀରୁ ଡ୍ୟାନ୍ସର



**ବେଜିଂ:** କେତେବେଳେ କାହାର ଭାଗ୍ୟ ଚମକିଉଠିବ, ତାହା କେହି ଜାଣନ୍ତିନି। ଯାହାକୁ ଲୋକେ ମାମୁଲି ବୋଲି ଭାବୁଥିବେ, ଦିନେ ସେ ତାଙ୍କ କରାମତି ଦେଖାଇଦେବେ। ଚାଇନାର ଜଣେ ୬୩ ବର୍ଷୀୟ ସଫେଇ କର୍ମୀ ବର୍ତ୍ତମାନ ଜଣେ ବଲେଟ୍ ଡ୍ୟାନ୍ସର ହୋଇଛନ୍ତି। ତାଙ୍କ ଡ୍ୟାନ୍ସ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ମୁତାବକ, ୬୩ ବର୍ଷୀୟ ଲିଉ ଜିଗିଂ ବଲେଟ୍ ଡ୍ୟାନ୍ସର ଫ୍ୟାନ୍ ଥିଲେ। ଯେତେବେଳେ ସେ ଛୋଟ ଥିଲେ, ସେତେବେଳେ ସେ ୧୯୬୦ ଦଶକରେ ପ୍ରଥମ ଥର ପାଇଁ ବଲେଟ୍ ଡ୍ୟାନ୍ସ ଦେଖିଥିଲେ। ତାହା ତାଙ୍କୁ ଏତେ ପସନ୍ଦ ଆସିଥିଲା ଯେ ସେ ତାକୁ ପ୍ରାୟ ୧୦ ଥର ଦେଖିଥିଲେ। ତାଙ୍କୁ ବି ବଲେଟ୍ ଡ୍ୟାନ୍ସ କରିବାକୁ ମନ ହେଉଥିଲା, ହେଲେ ଏଥିପାଇଁ ତାଙ୍କୁ ସୁଯୋଗ ମିଳୁ ନ ଥିଲା। ଲିଉ ଏକ ଗରିବ ପରିବାରରୁ ଆସିଥିଲେ। ପରିବାରକୁ ଆର୍ଥିକ ସାହାଯ୍ୟ କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେ ଜଣେ ଚାଷୀ । ଏଥିସହ ସେ ଜଣେ ସଫେଇ କର୍ମଚାରୀ ଭାବେ କାମ କଲେ। ୫୩ ବର୍ଷ ବୟସରେ ସେ ବଲେଟ୍ ଡ୍ୟାନ୍ସର ହେବାକୁ ନିଷ୍ପତ୍ତି ନେଇ ଟ୍ରେନିଂ ନେବା ଆରମ୍ଭ କରିଦେଲେ। ଏହି ବୟସରେ ସେ ଯେତେବେଳେ ଟ୍ରେନିଂ ଆରମ୍ଭ କଲେ, ଲୋକେ ତାଙ୍କର ମଜାକ୍ ଉଡାଇବାକୁ ଲାଗିଲେ। ହେଲେ ତାଙ୍କ ପରିବାର ଏଥିପାଇଁ ତାଙ୍କୁ ଅନେକ ସପୋର୍ଟ କରିଥିଲେ।

# ବିଜ୍ଞାପନରେ ପାରିଶ୍ରମିକ ବଢ଼ାଇଲେ ଅଲ୍ଲୁ



ଅଲ୍ଲୁ ଅର୍ଜୁନ

**ମୁମ୍ବାଇ:** ସାଉଥ୍ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା'ର ସଫଳତା ପରେ ତାଙ୍କ ଡିମାଣ୍ଡ ଏବେ ଖୁବ୍ ବଢ଼ିଯାଇଛି। ଆଗକୁ ତାଙ୍କ ସିନେମା 'ପୁଷ୍ପା'ର ଦ୍ୱିତୀୟ ଭାଗ ଆସିବାକୁ ଯାଉଛି। ଏକ ରିପୋର୍ଟ ଅନୁସାରେ, ଚଳଚ୍ଚିତ୍ର ପୁଷ୍ପା ପରେ ଅଲ୍ଲୁ ବ୍ରାଣ୍ଡଗୁଡ଼ିକର ବିଜ୍ଞାପନ ଲାଗି ପାରିଶ୍ରମିକ ୧୭ ଗୁଣା ବଢ଼ାଇଥିବା ଜଣାପଡ଼ିଛି। ପୁଷ୍ପା ପୂର୍ବରୁ ଅଲ୍ଲୁ ଗୋଟିଏ ଦିନର ଶୁଟିଂ ପାଇଁ ୩୫ ଲକ୍ଷ ଦାବି କରୁଥିଲେ। କିନ୍ତୁ ଏବେ ସେ କୌଣସି ବ୍ରାଣ୍ଡର ବିଜ୍ଞାପନ ପାଇଁ ଦିନକୁ ୬ କୋଟି ଟଙ୍କା ଦାବି କରୁଛନ୍ତି। ଅଲ୍ଲୁଙ୍କ ଏହି ଫିଲ୍ମ ସଫଳତା ପରେ ସେ ଅନେକ ବଡ଼ ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡ ଚେହେରା ପାଲଟିଛନ୍ତି। ନିକଟରେ ସେ ୬ ନୂଆ ବ୍ରାଣ୍ଡ ସହ ଚୁକ୍ତି କରିଛନ୍ତି। ଯେଉଁଥିରେ କୋକା-କୋଲା, କେଏଫ୍‌ସି, ଜୋମାଟୋ ଓ ରେଡ୍ ବସ୍ ଭଳି ବଡ଼ ନାମ ସାମିଲ ରହିଛି। ତେବେ ଅଲ୍ଲୁ ଏବଂ ହାଇଦ୍ରାବାଦ୍‌ରେ ତାଙ୍କ ଆସନ୍ତା ମୁଭି 'ପୁଷ୍ପା'ର ୨ୟ ଭାଗର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଚଳଚ୍ଚିତ୍ର ଆସନ୍ତା ବର୍ଷ ଅଗଷ୍ଟ ୧୪ରେ ମୁକ୍ତିଲାଭ କରିବ। ଅଲ୍ଲୁ ୧୯୮୫ ମସିହାରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଅନେକ ହିଟ୍ ସିନେମା ଜରିଆରେ ସେ ଦର୍ଶକଙ୍କ ପ୍ରିୟ ହୋଇପାରିଛନ୍ତି।

# ଟେସ୍‌ଲା କାର୍‌ରେ ଘୋଡ଼ାଗାଡ଼ି ଚକ



**ଲଣ୍ଡନ:** ଏଲନ୍ ମସ୍କଙ୍କ କମ୍ପାନୀ ଟେସ୍‌ଲା କାର୍ ପାଇଁ ପ୍ରସିଦ୍ଧ। ତାଙ୍କର ଏହି କାର୍ ବହୁତ ବର୍ଷ ଧରି ଚର୍ଚ୍ଚାରେ ରହିଛି। ଏବେ ଏହି କାର୍ କିଛି ଅଲଗା କାରଣ ପାଇଁ ଚର୍ଚ୍ଚାରେ ଅଛି। ନିକଟରେ ଏକ ଭିଡିଓ ଭାଇରାଲ ହୋଇଛି, କେହି ଜଣେ ଟେସ୍‌ଲା କାର୍‌ରେ ଘୋଡ଼ା ଗାଡ଼ିର ୧୦ ଫୁଟ୍ ଉଚ୍ଚତାବାଲା ୪ ଚକା ଲଗାଇଦେଇଛି। ଏହାପରେ ଗାଡ଼ିଟି ଭିନ୍ନ ଭାବେ ଚାଲୁଥିବା ଦେଖିବାକୁ ମିଳିଛି। କାର୍‌ରେ ଏତେ ବଡ଼ ଚକା ଲାଗିବା ଫଳରେ ତାହା ଅଦ୍ଭୁତ ଦେଖାଯାଉଛି। ଏପରି ଚକାରେ ଗାଡ଼ି ଏତେ ସ୍ପିଡ୍ ଚାଲିପାରୁନି, ଯେପରି ଗତିରେ ଗାଡ଼ି ଚାଲେ। ହେଲେ ମଧ୍ୟ ଗାଡ଼ିର ସ୍ପିଡ୍ ଠିକ୍ ରହିଛି। କିନ୍ତୁ କିଛି ସମୟ ପରେ ଗାଡ଼ି ସମ୍ପୂର୍ଣ୍ଣ ଓଲଟି ଯାଇଥିବା ଦେଖିବାକୁ ମିଳିଛି। ହେଲେ ଏତେ ଉଚ୍ଚ ଚକା ହୋଇଥିବାରୁ ତାହା ଚକା ସାହାଯ୍ୟରେ ରହିଛି।


**ODISHA MINING CORPORATION LTD.**
(A Gold Category State PSU)
Registered Office:OMC House,Bhubaneswar-751001,India
Tel:0674-2377400/ 2377401,Fax:0674-2396889,2391629,omcltd.in
CIN:U131000R1956SGC000313

OMC | ODISHA NEW OPPORTUNITIES — Mining Happiness

**ADVERTISEMENT FOR RECRUITMENT OF NON-EXECUTIVES IN OMC LTD.**

**No. 82 /OMC** **Date:15/11/ 2023**

OMC, a Gold category State PSU and being one of the largest State PSUs in Mining Sector in the Country, undertakes exploration, mining and trading of Iron, Chrome, Bauxite & Lime stone ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.The Corporation has registered annual turnover of Rs.14449.57 Crore in FY 2022-23 and is on a high growth trajectory.
The Corporation intends to fillup the Non-Executive posts in regular mode in different disciplines as under:

**VACANCY:-**

The vacancies are against the sanctioned regular posts. However, the candidates shall initially be appointed as Trainees for a period of 1 (one) year from the date of joining the post with consolidated stipend. On successful completion of training period, they shall be kept under probation for a period of one year during which the Trainees shall be allowed the regular pay scale & other allowances.

| Sl. No. | Name of the Post & Grade | Scale of Pay | Total Vacancy | Category of Posts | | | |
|---|---|---|---|---|---|---|---|
| | | | | UR | SEBC | SC | ST |
| 1 | **Jr. Engineer (Mech.)** (Class- III Grade) | Pay Level- 9 Rs.35,400/- to Rs.1,12,400/- | 20 | 11 | 02 | 03 | 04 |
| 2 | **Jr. Engineer (Elect.)** (Class- III Grade) | Pay Level- 9 Rs.35,400/- to Rs.1,12,400/ | 14 | 07 | 01 | 02 | 04 |
| 3 | **Jr. Engineer (Civil)** (Class- III Grade) | Pay Level- 9 Rs.35,400/- to Rs.1,12,400/ | 16 | 05 | 02 | 04 | 05 |
| 4 | **Jr. Nurse** (Class- III Grade) | Pay Level-8 Rs.29,200/- to Rs.92,300/- | 11 | 03 | 02 | 04 | 02 |
| 5 | **Jr. Pharmacist** (Class- III Grade) | Pay Level-8 Rs.29,200/- to Rs.92,300/- | 09 | 01 | 02 | 03 | 03 |
| 6 | **Electrician- III** (Class- III Grade) | Pay Level-5 Rs.21,700/- to Rs.69,100/- | 30 | 15 | 05 | 05 | 05 |
| **TOTAL** | | | **100** | **42** | **14** | **21** | **23** |

- The online application portal for online application by the interested eligible candidates shall be made Go-live from 2:00 PM of 17.11.2023 till 11:59 PM of 08.12.2023,which will be available in OMC website (http://omcltd.in).
- OMC Management reserves the right to cancel, amend or alter the above advertisement without assigning any reason thereof.
- Candidates are requested to visit Corporation website https://omcltd.in>People>Career>Employment Opportunities for details of this Advertisement and also advised to visit the same at regular intervals for any notification, news, updates etc. relating to this recruitment.

| Important Dates | |
|---|---|
| - Starting Date for Online Registration of Application | 17.11.2023 at 2.00 PM |
| - Last Date of Submission of Online Application | 08.12.2023 at 11.59 PM |
| - Last Date of Submission of Online Application Fee (if applicable) through Debit/Credit Card/Net Banking/UPI etc. | 08.12.2023 at 11.59 PM |

OIPR- **Sd./- GENERAL MANAGER (P&A)**



# ନିର୍ଣ୍ଣାୟକ ଲଢ଼େଇ ପାଇଁ ଅହମଦାବାଦରେ ଟିମ୍ ଇଣ୍ଡିଆ



ରବୀନ୍ଦ୍ର ଜାଡେଜା



ରୋହିତ ଶର୍ମା



ମହମ୍ମଦ ସିରାଜ



ବିରାଟ କୋହଲି

## ରୋହିତ ଶର୍ମା 'ରିୟଲ ହିରୋ'

**ମୁମ୍ବାଇ, ୧୬।୧୧ (ପି.ଟି.):** ଚଳିତ କ୍ରିକେଟ ବିଶ୍ୱକପ୍‌ରେ ଅଧିନାୟକ ରୋହିତ ଶର୍ମା ହେଉଛନ୍ତି 'ରିୟଲ ହିରୋ' ବୋଲି କହିଛନ୍ତି ପୂର୍ବତନ ଇଂଲଣ୍ଡ ଅଧିନାୟକ ନାସେର ହୁସେନ। ନିର୍ଭୟ କ୍ରିକେଟ ଖେଳି ସେ ଭାରତର ଖେଳିବା ଢାଞ୍ଚା ବଦଳାଇ ଦେଇଛନ୍ତି। ଗତ ଦୁଇଟି ଟି୨୦ ବିଶ୍ୱକପ୍‌ରେ ଭାରତର ଭୟଭୀତ କ୍ରିକେଟ ଖେଳକୁ ନେଇ ସାଧାରଣରେ ଚର୍ଚ୍ଚା ହୋଇଥିଲା। ୨୦୨୧ରେ ସେମାନେ ସୁପର-୧୨ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିଲେ। ଗତ ସଂସ୍କରଣରେ ସେମାନେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚ ହାରିଯାଇଥିଲେ। ତେବେ ଚଳିତ ବିଶ୍ୱକପ୍‌ରେ ଭାରତ ୧୨ ବର୍ଷ ମଧ୍ୟରେ ପ୍ରଥମ ଥର ପ୍ରତିଯୋଗିତାରେ ଅପରାଜେୟ ରହି ଫାଇନାଲରେ ପ୍ରବେଶ କରିପାରିଛି। ବୁଧବାର ସେମିଫାଇନାଲ ମ୍ୟାଚରେ ଦଳ ୭୦ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଭାରତର ଏହି ବିଜୟକୁ ନେଇ ବିରାଟ କୋହଲି, ଶ୍ରେୟସ ଆୟର ଓ ମହମ୍ମଦ ଶାମିଙ୍କ ଖେଳକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି। କିନ୍ତୁ ତାଙ୍କ ବିଚାରରେ ରୋହିତ ଶର୍ମା ହେଉଛନ୍ତି ପ୍ରକୃତ ହିରୋ, କାରଣ ସେ ଭାରତୀୟ ଦଳର ଖେଳ ଷ୍ଟାଇଲ ବଦଳାଇ ଦେଇଛନ୍ତି। ଏକ ଘରୋଇ ଟିଭି ଚ୍ୟାନେଲକୁ ସାକ୍ଷାତ୍କାର ବେଳେ ହୁସେନ ଏକଥା ପ୍ରକାଶ କରିଛନ୍ତି।




ଭାରତୀୟ କ୍ରିକେଟ୍ ତାରକା ମହମ୍ମଦ ଶାମିଙ୍କ ସଫଳତାରେ ଗୁରୁବାର ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶୁଭେଚ୍ଛା ଜଣାଉଛନ୍ତି।



ଉଇକେଟ ନେବାପରେ ପ୍ୟାଟ୍ କୁମିନ୍ସଙ୍କୁ ଅଷ୍ଟ୍ରେଲିଆ ଖେଳାଳିଙ୍କ ବଧେଇ।

# ୨୦୦୩ ପରେ ୨୦୨୩

**ବିଶ୍ୱକପ୍ ଫାଇନାଲ**

**ଅହମଦାବାଦ,୧୬।୧୧**

ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଦ୍ୱିତୀୟ ଥର ଅଷ୍ଟ୍ରେଲିଆକୁ ଭେଟିବେ ଭାରତ। ପ୍ରଥମ ଥର ୨୦୦୩ରେ ଉଭୟ ଦଳ ମୁହାଁମୁହିଁ ହୋଇଥିବା ବେଳେ ୨୦ ବର୍ଷ ପରେ ପୁନର୍ବାର ସମାନ ଘଟଣା ଆଉ ଥରେ ଦେଖିବେ ଭାରତୀୟ କ୍ରିକେଟ ଫ୍ୟାନ୍। ନ୍ୟୁଜିଲାଣ୍ଡକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଭାରତ ଫାଇନାଲ ଟିକେଟ ହାସଲ କରି ନେଇଥିବା ବେଳେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି ଅଷ୍ଟ୍ରେଲିଆ। ୫ ଥରର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ସହିତ ମୁକାବିଲା ରହିଥିବା ବେଳେ ୨୦୦୩ ବିଶ୍ୱକପ ଫାଇନାଲ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିବ ଭାରତ। ୨୦୦୩ରେ ଜୋହାନେସ୍‌ବର୍ଗରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ୧୨୫ ରନ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଥିଲା ଅଷ୍ଟ୍ରେଲିଆ। ବର୍ତ୍ତମାନ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ନିକଟରେ ଏହାର ପ୍ରତିଶୋଧ ନେବାର ସୁବର୍ଣ୍ଣ ସୁଯୋଗ ରହିଛି। ଚଳିତ ଟୁର୍ନାମେଣ୍ଟରେ ଭାରତ ଗୋଟିଏ ବି ମ୍ୟାଚ୍‌ରେ ହାରିନାହିଁ। ଅନ୍ୟ ପକ୍ଷରେ ଲିଗ୍ ମ୍ୟାଚରେ ଦଳ ଅଷ୍ଟ୍ରେଲିଆକୁ ଥରେ ପରାସ୍ତ କରି ସାରିଛି। ୨୦୧୧ରେ ଭାରତରେ ଖେଳା ଯାଇଥିବା ବିଶ୍ୱକପର କ୍ୱାର୍ଟର ଫାଇନାଲରେ ଉଭୟ ଦଳ ସାମ୍ନାସାମ୍ନି ହୋଇଥିବା ବେଳେ ଭାରତ ବିଜୟୀ ହୋଇଥିଲା। ତେବେ ୨୦୧୫ ବିଶ୍ୱକପ ସେମି ଫାଇନାଲରେ ଭାରତକୁ ହରାଇଥିଲା ଅଷ୍ଟ୍ରେଲିଆ। ଚଳିତ ବିଶ୍ୱକପରେ ଉଭୟ ଦଳ ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତ ନିକଟରେ ପ୍ରତିଶୋଧ ନେବାର ସୁବର୍ଣ୍ଣ ସୁଯୋଗ ରହିଛି। ଦିନିକିଆ ବିଶ୍ୱକପରେ ଉଭୟ ଦଳ ୧୩ ଥର ସାମ୍ନାସାମ୍ନି ହୋଇଥିବା ବେଳେ ଅଷ୍ଟ୍ରେଲିଆ ୮ ଥର ଓ ଭାରତ ୫ ଥର ବିଜୟୀ ହୋଇଛି। ତେବେ ଘରୋଇ ମାଟିରେ ଭାରତ ଏହି ମ୍ୟାଚ ଖେଳୁଥିବା ବେଳେ ଭାରତର ପଲା ଭାରି ରହିବ। ଏହା ସହିତ ଭାରତୀୟ ବୋଲିଂ ଓ ବ୍ୟାଟିଂ ଆକ୍ରମଣ ବେଶ ସନ୍ତୁଳିତ ମନେ ହେଉଥିବା ବେଳେ ୨୦ ବର୍ଷ ପରେ ଫାଇନାଲ ପରାଜୟର ପ୍ରତିଶୋଧ ନେବାକୁ ଦଳ ପ୍ରୟାସ କରିବ। ବୁଧବାରର ବିଜୟ ପରେ ଭାରତୀୟ କ୍ରିକେଟ ଦଳ ଗୁରୁବାର ଅହମଦାବାଦରେ ପହଞ୍ଚିଥିବା ବେଳେ ଶୁକ୍ରବାର ଠାରୁ ଅଭ୍ୟାସ ଆରମ୍ଭ କରିବ।



ଉଇକେଟ ନେବା ପରେ ଉଲ୍ଲସିତ ମିଚେଲ ଷ୍ଟାର୍କ।

## ଦ୍ୱିତୀୟ ସେମିଫାଇନାଲ ସ୍କୋର ବୋର୍ଡ

**ଦକ୍ଷିଣ ଆଫ୍ରିକା ଇନିଂସ**

କ୍ୱିଣ୍ଟନ ଡି'କକ୍-କ-କୁମିନ୍ସ-ବୋ ହାଜେଲଉଡ୍-୩
ଟେମ୍ବା ବଭୁମା-କ-ଇଂଲିଶ-ବୋ-ଷ୍ଟାର୍କ-୦
ରସି ଭାନ୍‌ଡର ଡୁସେନ-କ-ସ୍ମିଥ୍-ବୋ-ହାଜେଲଉଡ୍-୬
ଏଡେନ୍ ମାରକ୍ରାମ-କ-ୱାର୍ନର-ବୋ-ଷ୍ଟାର୍କ-୧୦
ହେନ୍‌ରିଚ କ୍ଲାସେନ-ବୋ-ହେଡ୍-୪୭
ଡେଭିଡ୍ ମିଲର-କ-ହେଡ୍-ବୋ-କୁମିନ୍ସ-୧୦୧
ମାର୍କୋ ଜାନସେନ୍-ଏଲବିଡବ୍ଲ୍ୟୁ-ବୋ-ହେଡ୍-୦
ଜେରାଲ୍ଡ କୋଜି-କ-ଇଂଲିଶ-ବୋ-କୁମିନ୍ସ-୧୯
କେଶବ ମହାରାଜ-କ-ସ୍ମିଥ୍-ବୋ-ଷ୍ଟାର୍କ-୪
କାଗିସୋ ରାବାଡା-କ-ମାକ୍ସୱେଲ୍-ବୋ-କୁମିନ୍ସ-୧୦
ଟାବ୍ରେଜ୍ ଶାମ୍‌ସି-ନଟ ଆଉଟ-୧
**ଅତିରିକ୍ତ**-୧୧
**ମୋଟ** (୪୯.୪ ଓଭର/ଅଲଆଉଟ) ୨୧୨।
**ଉଇକେଟ ପତନ:** ୧/୧, ୨/୮, ୩/୨୨, ୪/୨୪, ୫/୧୧୯, ୬/୧୧୯, ୭/୧୭୨, ୮/୧୯୧, ୯/୨୦୩, ୧୦/୨୧୨।
**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୧୦-୧-୩୪-୩
ଜୋସ୍ ହାଜେଲ୍‌ଉଡ୍ ୮-୩-୧୨-୨
ପ୍ୟାଟ କୁମିନ୍ସ ୯.୪-୦-୫୧-୩
ଆଡାମ ଜାମ୍ପା ୭-୦-୫୫-୦
ଗ୍ଲେନ ମାକ୍ସୱେଲ ୧୦-୦-୩୫-୦
ଟ୍ରାଭିସ ହେଡ ୫-୦-୨୧-୨।

**ଅଷ୍ଟ୍ରେଲିଆ ଇନିଂସ**

ଟ୍ରାଭିସ ହେଡ୍-ବୋ-ମହାରାଜ-୬୨
ଡେଭିଡ୍ ୱାର୍ନର-ବୋ-ମାରକ୍ରମ-୨୯
ମିଚେଲ ମାର୍ଶ-କ-ଡୁସେନ-ବୋ-ରାବାଡା-୦
ଷ୍ଟିଭ୍ ସ୍ମିଥ-କ- ଡି'କକ୍-ବୋ-ଜେରାଲ୍ଡ କୋଜି-୩୦
ମାର୍ନସ ଲବୁସେନ-ଏଲବିଡବ୍ଲ୍ୟୁ-ଶାମ୍‌ସି-୧୮
ଗ୍ଲେନ୍ ମାକ୍ସୱେଲ-ବୋ-ଶାମ୍‌ସି-୧
ଜୋସ୍ ଇଂଲିଶ-ବୋ-ଜେରାଲ୍‌ଡ କୋଜି-୨୮
ମିଚେଲ ଷ୍ଟାର୍କ- ନଟ ଆଉଟ-୧୬
ପ୍ୟାଟ କୁମିନ୍ସ- ନଟଆଉଟ-୧୪
ଅତିରିକ୍ତ: ୧୭
ମୋଟ (୪୭.୨ ଓଭର/୭ ଉଇକେଟ) ୨୧୫।
ଉଇକେଟ ପତନ: ୧/୬୦, ୨/୬୧, ୩/୧୦୬, ୪/୧୩୩, ୫/୧୩୭, ୬/୧୭୪,୭/୧୯୩।
**ବୋଲିଂ (ଦକ୍ଷିଣ ଆଫ୍ରିକା)**
ମାର୍କୋ ଜାନ୍‌ସେନ୍ ୪.୨-୦-୩୫-୦
କାଗିସୋ ରାବାଡା ୬-୦-୪୧-୧
ଏଡେନ୍ ମାରକ୍ରାମ ୮-୧-୨୩-୧
ଜେରାଲ୍‌ଡ କୋଜି ୯-୦-୪୭-୨
ଟାବ୍ରେଜ୍ ଶାମ୍‌ସି ୧୦-୦-୪୨-୨
କେଶବ ମହାରାଜ ୧୦-୦-୨୪-୧

### ନକ୍‌ଆଉଟ: ଦ. ଆଫ୍ରିକା ଖେଳାଳିଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର

- ୧୦୨: ଡେଭିଡ ମିଲର ବନାମ ଅଷ୍ଟ୍ରେଲିଆ, କୋଲକାତା, ୨୦୨୩ ସେମିଫାଇନାଲ
- ୮୨: ଫାଫ୍ ଡୁପ୍ଲେସି ବନାମ ନ୍ୟୁଜିଲାଣ୍ଡ, ଅକ୍‌ଲାଣ୍ଡ, ୨୦୧୫ ସେମିଫାଇନାଲ
- ୭୮* କ୍ୱିଣ୍ଟନ ଡି'କକ୍ ବନାମ ଶ୍ରୀଲଙ୍କା, ସିଡ୍‌ନୀ, ୨୦୧୫ କ୍ୱାର୍ଟର ଫାଇନାଲ

## କିସ୍‌ର ବୃହତ୍ ବିଜୟ

**ଭୁବନେଶ୍ୱର,୧୬।୧୧**

**(ସରୋଜ କୁମାର ଜେନା)**

ରିଲାଏନ୍ସ ଫାଉଣ୍ଡେସନ୍ ୟୁଥ୍ ସ୍ପୋର୍ଟ୍ସ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ଆନ୍ତଃସ୍କୁଲ ଭୁବନେଶ୍ୱର ସିଟି ଚାମ୍ପିୟନଶିପ୍ ଫୁଟବଲ ଟୁର୍ନାମେଣ୍ଟର ସପ୍ତମ ଦିବସରେ ୪ଟି ମ୍ୟାଚ୍ ଖେଳାଯାଇଛି। କିସ୍ ୪-୦ ଗୋଲ ବ୍ୟବଧାନ ସହ ବୃହତ ବିଜୟ ହାସଲ କରିଥିବା ବେଳେ ଅନ୍ୟ ୩ ମ୍ୟାଚ୍‌ରେ ଫ୍ୟୁଚର ଭୁବନେଶ୍ୱର, ବିକାଶ ରେସିଡେନ୍ସିଆଲ୍ ସ୍କୁଲ ଓ ଡିପିଏସ୍ କଳିଙ୍ଗ ବିଜୟ ହାସଲ କରିଛନ୍ତି। ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯାଇଥିଲା। ୧୯ ବର୍ଷରୁ କମ୍ ବୟସ ବର୍ଗରେ ଦୁଇଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚରେ ଫ୍ୟୁଚର ଭୁବନେଶ୍ୱର ୩-୨ ଗୋଲରେ ବିକାଶ ରେସିଡେନ୍ସିଆଲ ସ୍କୁଲକୁ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ୍‌ରେ କିସ୍ ୪-୦ ଗୋଲରେ ସାଇ ଇଣ୍ଟରନ୍ୟାଶନାଲକୁ ପରାସ୍ତ କରିଛି। ୧୫ ବର୍ଷରୁ କମ୍ ବୟସ ବର୍ଗରେ ବିକାଶ ରେସିଡେନ୍ସିଆଲ ସ୍କୁଲ ୫-୦ଗୋଲରେ ସରକାରୀ ହାଇସ୍କୁଲ ୟୁନିଟ୍-୬କୁ ପରାସ୍ତ କରିଛି। ୧୭ ବର୍ଷରୁ କମ୍ ବୟସ ବର୍ଗରେ ଡିପିଏସ୍ କଳିଙ୍ଗ ୪-୧ ଗୋଲରେ ଫ୍ୟୁଚର ଭୁବନେଶ୍ୱରକୁ ପରାସ୍ତ କରିଛି।



ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚ୍।



# ‘ଶାମି ଅନନ୍ୟ, ଭାରତ ବିଶ୍ୱର ଶ୍ରେଷ୍ଠ’

ମୁମ୍ବାଇ,୧୬।୧୧(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ଭାରତଠାରୁ ପରାଜିତ ହୋଇ ନ୍ୟୁଜିଲାଣ୍ଡ ବିଦାୟ ନେଇଛି। ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ୍ କିନ୍ତୁ ଭାରତର ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଶାମିଙ୍କୁ ବିଶ୍ୱର ଅନନ୍ୟ ଓ ଶ୍ରେଷ୍ଠ ବୋଲର ଭାବରେ ଅଭିହିତ କରିବା ସହ ରୋହିତ ଶର୍ମାଙ୍କ ଦଳକୁ ବିଶ୍ୱର ଶ୍ରେଷ୍ଠ ବୋଲି କହିଛନ୍ତି। ବୁଧବାର ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ୭୦ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ୩୯୮ ରନ୍‌ର ଟାର୍ଗେଟ ଅସମ୍ଭବ ମନେହେଉଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଚମତ୍କାର ବ୍ୟାଟିଂ କରିଥିଲା। ତେବେ ଶାମିଙ୍କ ଯାଦୁକରୀ ବୋଲିଂ ନ୍ୟୁଜିଲାଣ୍ଡ ଦଳର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। କ୍ୟାରିୟରର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ସହ ସେ ୭/୫୭ର ବୋଲିଂ ଫିଗର ହାସଲ କରିଥିଲେ। ଏହି ପ୍ରଦର୍ଶନ ସହିତ ଶାମି ଏକାକୀ ଭାରତ ପକ୍ଷକୁ ମ୍ୟାଚ୍ ଟାଣି ଆଣିଥିଲେ। ଏହା ସହିତ ଶାମି ୨୩ ଉଇକେଟ ନେଇ ଚଳିତ ବିଶ୍ୱକପ୍‌ର ସର୍ବାଧିକ ଉଇକେଟ ହାସଲକାରୀ ପାଲଟି ଯାଇଛନ୍ତି। ମ୍ୟାଚ୍ ପରେ ୱିଲିୟମସନ୍ ତାଙ୍କ ବୋଲିଂ ଶୈଳୀକୁ ଭୂରି ଭୂରି ପ୍ରଶଂସା କରିଛନ୍ତି। ବିନା ଦ୍ୱିଧାରେ ଏହା ସ୍ୱୀକାର କରିବାକୁ ପଡିବ ଯେ ଶାମି ବର୍ତ୍ତମାନ ବିଶ୍ୱର ଶ୍ରେଷ୍ଠ ବୋଲର। ଯେଉଁଭଳି ଭାବରେ ସେ ବଲ୍‌କୁ ସୁଇଂ କରୁଛନ୍ତି ତାହା ମଧ୍ୟ ବିରଳ ବୋଲି କହିଛନ୍ତି ୱିଲିୟମସନ୍। ସମାନ ଲେନ୍ଥରୁ ବଲ୍‌କୁ ଆଉଟ ସୁଇଂ ଓ ଇନ୍ ସୁଇଂ କରିବାର ଦକ୍ଷତା ଶାମିଙ୍କୁ ଅଧିକ ଘାତକ ସାବ୍ୟସ୍ତ କରୁଛି ବୋଲି ମଧ୍ୟ ସେ କହିଛନ୍ତି। ଚଳିତ ବିଶ୍ୱକପ୍‌ରେ ଶାମି ଭାରତର ପ୍ରଥମ ପସନ୍ଦର ବୋଲର ନ ଥିଲେ। ତେବେ ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହେବା କାରଣରୁ ଉଭୟ ଶାମି ଓ ସୂର୍ଯ୍ୟକୁମାର ଯାଦବଙ୍କୁ ସୁଯୋଗ ମିଳିଥିଲା। ଅନ୍ୟ ଖେଳାଳିଙ୍କ ତୁଳନାରେ ଅଧା ମ୍ୟାଚ ଖେଳିଥିଲେ ମଧ୍ୟ ଶାମି ଯେଉଁ ସଂଖ୍ୟାରେ ଉଇକେଟ ନେଇଛନ୍ତି ତାଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ ବୋଲି କହିଥିଲେ ନ୍ୟୁଜିଲାଣ୍ଡ ଅଧିନାୟକ। ଚଳିତ ବିଶ୍ୱକପ୍‌ରେ ଶାମି ନ୍ୟୁଜିଲାଣ୍ଡ ବିପକ୍ଷରେ ୨ ମ୍ୟାଚ ଖେଳି ୧୨ ଉଇକେଟ ନେଇଛନ୍ତି। ଧର୍ମଶାଳାରେ ୫ ଉଇକେଟ ନେଇଥିବା ବେଳେ ମୁମ୍ବାଇରେ ଖେଳା ଯାଇଥିବା ସେମିରେ ୭ ଉଇକେଟ ଅକ୍ତିଆର କରିଥିଲେ।

ଏହା ବ୍ୟତୀତ ଭାରତୀୟ ଦଳକୁ ବର୍ତ୍ତମାନ ସମୟର ଶ୍ରେଷ୍ଠ ଦଳ ଭାବରେ ବର୍ଣ୍ଣନା କରିଛନ୍ତି କେନ୍ ୱିଲିୟମସନ୍। ଭାରତ କେବଳ ଶ୍ରେଷ୍ଠ ଦଳ ନୁହେଁ, ଏହା ବର୍ତ୍ତମାନ ଶ୍ରେଷ୍ଠ କ୍ରିକେଟ ଖେଳୁଛି। ଭାରତୀୟ ଦଳ ସମସ୍ତ ବିଭାଗରେ ଉତ୍କୃଷ୍ଟ ପ୍ରଦର୍ଶନ କରି ସମସ୍ତ ମ୍ୟାଚ୍‌ରେ ବିଜୟୀ ହେଉଛି ବୋଲି ସେ କହିଛନ୍ତି। ଭାରତ ଭଳି ଟିମ୍ ସହ ମୁକାବିଲା କରିବା କଷ୍ଟସାଧ୍ୟ ବୋଲି ସ୍ୱୀକାର କରିଛନ୍ତି ୱିଲିୟମସନ୍। ଭାରତୀୟ ଏକାଦଶରେ ଥିବା ପ୍ରତ୍ୟେକ ଖେଳାଳି ବର୍ତ୍ତମାନ ନିଜ କ୍ୟାରିୟରର ଶ୍ରେଷ୍ଠ କ୍ରିକେଟ ଖେଳୁଛନ୍ତି । ତେଣୁ ଏଭଳି ଦଳକୁ ହରାଇବା କଷ୍ଟକର। କୌଣସି ଦଳ ରାଉଣ୍ଡ ରବିନରୁ ଆସିବା ପରେ ନକ୍‌ଆଉଟରେ ପୁନର୍ବାର ନୂଆ ଆରମ୍ଭ କରିଥାନ୍ତି। ତେବେ ଭାରତୀୟ ଦଳ ଯେଉଁଠି ରାଉଣ୍ଡ ରବିନ୍ ଲିଗ୍ ଶେଷ କରିଥିଲେ ଠିକ୍ ସେହି ଜାଗାରୁ ଆରମ୍ଭ କରିଛି। ୫୦ତମ ଶତକ ସହିତ ଇତିହାସ ରଚିଥିବା ବିରାଟ କୋହଲିଙ୍କୁ ନିଜ ସମୟର ଶ୍ରେଷ୍ଠ କ୍ରିକେଟର ଭାବେ ବର୍ଣ୍ଣନା କରିଛନ୍ତି ୱିଲିୟମସନ୍। ବିରାଟ ବର୍ତ୍ତମାନ ସମୟ ସହିତ ଆହୁରି ଶାଣିତ ହେବାରେ ଲାଗିଛନ୍ତି, ଯାହା ବିଶ୍ୱର ସମସ୍ତ କ୍ରିକେଟ ଦଳ ପାଇଁ ଏକ ସତର୍କ ସୂଚନା। ପିଚ୍‌କୁ ନେଇ ଦେଖାଦେଇଥିବା ବିବାଦକୁ ୱିଲିୟମସନ୍ ଏଡାଇ ଯାଇଛନ୍ତି। ଶେଷ ମୁହୂର୍ତ୍ତରେ ଏକ ପୂର୍ବରୁ ବ୍ୟବହୃତ ପିଚ୍ ବ୍ୟବହାର ହୋଇଥିବା ନେଇ ଖବର ପ୍ରକାଶ ପାଇଥିଲା। ତେବେ ୱିଲିୟମସନ୍ କହିଛନ୍ତି, ଉଭୟ ଦଳ ବ୍ୟାଟ ଜରିଆରେ ପ୍ରଚୁର ରନ୍ ସଂଗ୍ରହ କରିଛନ୍ତି। ଫ୍ଲଡ୍ ଲାଇଟରେ ବ୍ୟାଟିଂ କରିବା ସାମାନ୍ୟ କଷ୍ଟସାଧ୍ୟ ହୋଇଥିଲେ ମଧ୍ୟ ଏହା ଏକ କ୍ରିକେଟିଂ ପିଚ୍ ଥିଲା ବୋଲି ସେ କହିଛନ୍ତି । ଏହା ସହିତ ଡାରିଲ ମିଚେଲ୍‌ଙ୍କ ଇନିଂସକୁ ସେ ବେଶ୍ ପ୍ରଶଂସା କରିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ମିଚେଲ ନିୟମିତ ଭାବେ ଏଭଳି ପ୍ରଦର୍ଶନ ଦେବାରେ ସଫଳ ହୋଇଛନ୍ତି ବୋଲି ସେ କହିଛନ୍ତି।



ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ସବୁଠାରୁ ସଫଳ ବୋଲର ମହମ୍ମଦ ଶାମିଙ୍କ ସହ ଭାରତୀୟ ଖେଳାଳିମାନେ।

# ୱାଙ୍ଖଡେର ମାହୋଲକୁ ବେକ୍‌ହାମଙ୍କ ପ୍ରଶଂସା

ମୁମ୍ବାଇ,୧୬।୧୧(ପି.ଟି.)

ଇଂଲଣ୍ଡ ଫୁଟ୍‌ବଲ ତାରକା ଡେଭିଡ୍ ବେକ୍‌ହାମ ପ୍ରଥମ ଥର ଭାରତ ଗସ୍ତରେ ରହିଥିବା ବେଳେ ଦିନିକିଆ କ୍ରିକେଟ ବିଶ୍ୱକପ୍ ୨୦୨୩ର ପ୍ରଥମ ସେମିଫାଇନାଲ ଦେଖିଥିଲେ। ଏହାର ଗୋଟିଏ ଦିନ ପରେ ବିସିସିଆଇ ପକ୍ଷରୁ ବେକ୍‌ହାମଙ୍କ ଏକ ଭିଡିଓ ରିଲିଜ୍ କରାଯାଇଛି। ଏହି ଭିଡିଓରେ ସେ ୱାଙ୍ଖଡେ ଷ୍ଟାଡିୟମର ଦର୍ଶକଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ୱାଙ୍ଖଡେର ଦର୍ଶକୀୟ ଅନୁଭୂତିକୁ ସେ ଅନନ୍ୟ ବୋଲି ବର୍ଣ୍ଣନା କରିଛନ୍ତି। ଏହି ମ୍ୟାଚ ଦେଖିବା ପୂର୍ବରୁ କେବଳ ଫୁଟ୍‌ବଲରେ ଦର୍ଶକଙ୍କ ଏଭଳି ରୂପ ଦେଖିଥିଲି। ତେବେ ଏହି ମ୍ୟାଚ ଦେଖିବା ପରେ ମୁଁ ବର୍ତ୍ତମାନ ଦ୍ୱନ୍ଦ୍ୱରେ ରହିଛି ବୋଲି ବେକ୍‌ହାମ ଭିଡିଓରେ କହିଛନ୍ତି। ଭାରତୀୟ କ୍ରିକେଟର କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ସହିତ ଗ୍ରାଉଣ୍ଡରେ ପ୍ରବେଶ କରିବା ସମୟରେ ଦର୍ଶକ ଯେଉଁଭଳି ଚିୟର କରୁଥିଲେ ତାହା ଫୁଟବଲ ମ୍ୟାଚକୁ ମଧ୍ୟ ପଛରେ ଛାଡିଦେବା ଭଳି ଥିଲା। ୱାଙ୍ଖଡେର ଏହି ମାହୋଲ ତାଙ୍କ ପାଇଁ ଲୋମଟାଙ୍କୁରା ମୁହୂର୍ତ୍ତ ଥିଲା ବୋଲି ମାଞ୍ଚେଷ୍ଟର ୟୁନାଇଟେଡ ଓ ରିୟଲ ମାଡ୍ରିଡ୍‌ର ପୂର୍ବତନ ତାରକା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୟୁନିସେଫ୍‌ର ଗୁଡ୍‌ୱିଲ ଆମ୍ବାସାଡର ଭାବରେ ଭାରତ ଗସ୍ତରେ ରହିଛନ୍ତି ଡେଭିଡ୍ ବେକ୍‌ହାମ୍। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ବିରାଟ କୋହଲି ଐତିହାସିକ ୫୦ ତମ ଶତକ ହାସଲ କରିଥିବା ବେଳେ ପୂର୍ବତନ ଭାରତୀୟ ଅଧିନାୟକଙ୍କ ଲୋକପ୍ରିୟତା ଦେଖି ବିମୋହିତ ହୋଇଥିଲେ ବେକ୍‌ହାମ୍। ପ୍ରଥମ ଇନିଂସରେ କୋହଲିଙ୍କ ବ୍ୟାଟିଂ ଦେଖିବା ପରେ ସେ ଏକ ଐତିହାସିକ ମୁହୂର୍ତ୍ତ ଉପଭୋଗ କରିବାର ସୁଯୋଗ ପାଇଲେ ବୋଲି କହିଥିଲେ। ଯଦିଓ ମୁଁ ସଚିନଙ୍କ ସହିତ ଅଧିକ ସମୟ ବିତେଇଥିଲି ତେବେ କୋହଲିଙ୍କ ବ୍ୟାଟିଂ ଷ୍ଟାଡିୟମରେ ଏକ ଭିନ୍ନ ମାହୋଲ ତିଆର କରିଥିଲା ବୋଲି ବେକ୍‌ହାମ ମ୍ୟାଚ୍ ପରେ କହିଥିଲେ।



ମୁମ୍ବାଇରେ ଗଲି କ୍ରିକେଟ ଖେଳୁଛନ୍ତି ଡେଭିଡ୍ ବେକ୍‌ହାମ୍।

# ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମନୋଭାବକୁ ନେଇ ପ୍ରଶ୍ନ ଉଠାଇଲେ ପୂର୍ବତନ ଖେଳାଳି

ମୁମ୍ବାଇ,୧୬।୧୧(ପି.ଟି.)

ଭାରତ ବିପକ୍ଷ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମନୋଭାବକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ଅଷ୍ଟ୍ରେଲୀୟ ବୋଲର ସିମନ ଓ'ଡନେଲ୍। ଭାରତୀୟ ବ୍ୟାଟର ବିରାଟ କୋହଲି କ୍ରାମ୍ପ ହେବା ସମୟରେ ନ୍ୟୁଜିଲାଣ୍ଡର ଖେଳାଳିମାନେ ଯେଉଁଭଳି ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିଲେ ସିମନ ତାହାକୁ ନାପସନ୍ଦ କରିଛନ୍ତି। ଏକ ସେମିଫାଇନାଲ ମ୍ୟାଚରେ ବିପକ୍ଷ ଟିମ୍ ୪୦୦ ରନ୍ ସ୍କୋର କରିବାକୁ ଯାଉଥିବା ବେଳେ ପଡିଆରେ ଖେଳୁଆଡ ମନୋଭାବ ଅପେକ୍ଷା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମାହୋଲ ଦେଖାଯିବା ଉଚିତ। ମାତ୍ର କୋହଲି କ୍ରାମ୍ପ କରିବା ସମୟରେ ନ୍ୟୁଜିଲାଣ୍ଡର ଖେଳାଳିମାନେ ନିକଟକୁ ଯାଇ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲେ। ବୁଧବାର ରାତିରେ ଯାହା ବି ହେଲା ତାହା ମୋତେ ଠିକ୍ ଲାଗିଲା ନାହିଁ ବୋଲି କହିଛନ୍ତି ଅଷ୍ଟ୍ରେଲିଆ ପକ୍ଷରୁ ୮୭ ଦିନିକିଆ ଖେଳିଥିବା ସିମନ। ଏହା ଦ୍ୱାରା ମ୍ୟାଚ୍‌ର ଫଳାଫଳ ପରିବର୍ତ୍ତନ ହୋଇ ନ ଥାନ୍ତା, ତେବେ ଏହା ଏକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରିବେଶ ସୃଷ୍ଟି କରିପାରିଥାନ୍ତା।

DSPL - 386

**Chief Minister's Scheme for Reimbursement of Interest to MSMEs**

MSME Department, Government of Odisha

**CM-SRIM**

“ Financial Support to Manufacturing MSMEs by State Government ”



**Benefits to MSMEs**

- Reimbursement of interest on working capital loan or export packing credit availed from any bank in FY 2023-24.
- 100% interest reimbursement if loan limit is up to Rs.10 lakh.
- 75% interest reimbursement if loan limit is above Rs.10 lakh and up to Rs.50 lakh.
- 50% interest reimbursement if loan limit is above Rs.50 lakh and up to Rs.1 crore.
- 25% interest reimbursement if loan limit is above Rs.1 crore to up to Rs.3 crore.

**Eligibility Criteria**

- Must possess a valid UDYAM Registration Number.
- Must have commenced production on or before 31.03.2020.
- Minimum 75% turnover of FY 2022-23 must have come from manufacturing activities.

*(MSMEs manufacturing alcoholic beverages, tobacco products, etc. are not eligible)*

**Re-imbursement will be done on Half-Yearly basis**

MSMEs to apply online in (www.cm-srim.odisha.gov.in) portal from 15.12.2023

**Detailed guideline at www.msme.odisha.gov.in**

OIPR-43001/13/0010/2324



ସୁନ୍ଦରଗଡ଼ ଷ୍ଟାଡିୟମରେ ଚାଲିଥିବା ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପର ତୃତୀୟ ଦିବସରେ ଅରୁଣାଚଳ ପ୍ରଦେଶ ଓ ମେଘାଳୟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଅରୁଣାଚଳର ବୃହତ୍ ବିଜୟ

**ସୁନ୍ଦରଗଡ,୧୬।୧୧**

**(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଓ ଫୁଟ୍‌ବଲ ଆସୋସିଏଶନ ଅଫ ଓଡିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଷ୍ଟାଡିୟମରେ ଚାଲିଥିବା ୨୮ତମ ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପର ତୃତୀୟ ଦିନରେ ଅରୁଣାଚଳ ପ୍ରଦେଶ ବୃହତ ବିଜୟ ହାସଲ କରିଥିବା ବେଳେ ଗୋଆ ଓ ଗୁଜରାଟ ପଏଣ୍ଟ ବାଣ୍ଟିଛନ୍ତି। ପ୍ରଥମ ମ୍ୟାଚ ଅରୁଣାଚଳ ପ୍ରଦେଶ ଓ ମେଘାଳୟ ମଧ୍ୟରେ ଖେଳା ଯାଇଥିଲା। ଅରୁଣାଚଳ ପ୍ରଦେଶ ପକ୍ଷରୁ ୟୁମଲାମ ଲାଲି(୧୯,୫୫,୬୦ଓ ୮୭ମିନିଟ)ରେ ୪ଟି ଗୋଲ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କାଇ ରୁମି (୬୪ ମିନିଟ),ଜିଆନି ରାମଟିଙ୍ଗ (୯୦+୧ମିନିଟ)ରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ମେଘାଳୟ ତରଫରୁ ମାରବ୍ରିନ ନୋଙ୍ଗରୁମ (୫୭ମିନିଟରେ)ଏକ ମାତ୍ର ଗୋଲ ଦେଇଥିଲେ। ଅରୁଣାଚଳ ପ୍ରଦେଶ ୬-୧ରେ ଏହି ମ୍ୟାଚ୍‌ରେ ବିଜୟ ହାସଲ କରିଛି। ଅପରାହ୍ନରେ ଶକ୍ତିଶାଳୀ ଗୋଆ ଓ ଗୁଜରାଟ ଦଳ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ୧-୧ରେ ଡ୍ର ରହିଥିଲା। ଗୋଆ ଦଳର ପର୍ଲ ଫର୍ନାଣ୍ଡେସ୍ ୩୧ ମିନିଟରେ ଗୋଲ ଦେଇ ୧-୦ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧର ୬୮ ମିନିଟରେ

**ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ**

ଗୁଜରାଟ ଦଳର ଭାରତୀ ବରୋଟ ଏକ ଚମତ୍କାର ଗୋଲ ଦେବା ଫଳରେ ମ୍ୟାଚ୍‌ଟି ୧-୧ରେ ଶେଷ ହୋଇଥିଲା। ଆସନ୍ତା ୧୯ ତାରିଖ ସକାଳ ୧୦ଟାରେ ଓଡିଶା ଓ ଗୁଜରାଟ ତଥା ଅପରାହ୍ନ ୨ଟା ୩୦ରେ ଗୋଆ ଓ ମେଘାଳୟ ମଧ୍ୟରେ ମ୍ୟାଚ ହେବ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଉପସଭାପତି ମେରୀଜନ ବାଗେ, ବିମଳ ବୋଷ, ଜୟଦେବ ପାତ୍ର, ରାଜେନ୍ଦ୍ର ପାଣ୍ଡେ, ରବି ମହାପାତ୍ର, ନିତ୍ୟ କୁମାର ବଳ,ସୁଶୀଲ ପଟେଲ, ଆଶିଷ ଦେ,ପ୍ରସାଦ ନାଏକ, ଅଜୟ ବହିଦାର ପ୍ରମୁଖଙ୍କ ନେତୃତ୍ୱରେ ଖେଳ ପରିଚାଳିତ ହେଉଛି।



ଗୋଆ-ଗୁଜରାଟ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ତୃତୀୟ ସିଡ୍‌ଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଲେ ସୁବ୍ରତ



**ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୧୬।୧୧ (ତପନ ସ୍ୱାଇଁ)**

କାତାରର ଦୋହାଠାରେ ଚାଲିଥିବା ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍‌ର ମାଷ୍ଟର୍ସ ବର୍ଗରେ ଭାଗ ନେଇଥିବା ଓଡ଼ିଶାର କ୍ୟୁ-କିଙ୍ଗ୍ ସୁବ୍ରତ ଦାସ ତୃତୀୟ ସିଡ୍ ତଥା ବିଶ୍ୱର ୩ ନମ୍ବର ଖେଳାଳି ଆୟର୍ଲାଣ୍ଡର ମାକ୍ର ଟୁଇଟେଙ୍କୁ ୩-୨ ଫ୍ରେମ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଏହାକୁ ପ୍ରଥମ ବିପର୍ଯ୍ୟୟ ଭାବେ ବିବେଚନା କରାଯାଉଛି। ମ୍ୟାଚ ୨-୨ ସ୍ତରକୁ ଆସିବା ପର୍ଯ୍ୟନ୍ତ ସୁବ୍ରତ ଆକ୍ରମଣାତ୍ମକ ପଦ୍ଧତି ଅବଲମ୍ବନ କରିଥିଲେ। ନିର୍ଣ୍ଣାୟକ ଫ୍ରେମ୍‌ରେ ସେ ଅସାଧାରଣ ସେଫ୍‌ଟି ଗେମ୍ ଆପଣେଇ ବହୁ ଅଭିଜ୍ଞ ଟୁଇଟେଙ୍କୁ ପରାସ୍ତ କରିଥିଲେ। ସୁବ୍ରତ ନିଜର ଦ୍ୱିତୀୟ ଲିଗ୍ ମ୍ୟାଚ ୟୁନାଇଟେଡ ଆରବ ଏମିରେଟ୍ସର ରଶିଦ ଆଲ୍‌କେଲିଙ୍କ ବିପକ୍ଷରେ ଖେଳିବେ।

# ଇସ୍ରାଏଲ-ସୁଇଜରଲାଣ୍ଡ ମ୍ୟାଚ ଡ୍ର

**ଫେଲ୍‌କସୁଟ୍, ୧୬।୧୧(ଏପି)**

ସୁଇଜରଲାଣ୍ଡ ଓ ଇସ୍ରାଏଲ ମଧ୍ୟରେ ଅନୁଷ୍ଠିତ ଏକ ୟୁରୋପିଆନ ଚାମ୍ପିୟନଶିପ୍ କ୍ୱାଲିଫାଇଂ ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଇସ୍ରାଏଲ-ହମାସ ଯୁଦ୍ଧ ଯୋଗୁ ତେଲ୍-ଆଭିଭ୍‌ଠାରେ ଖେଳାଯିବାକୁ ଥିବା ସମସ୍ତ ମ୍ୟାଚ ସ୍ଥଗିତ ରଖାଯିବା ପରେ ଇସ୍ରାଏଲ ଏହାର ମ୍ୟାଚଗୁଡ଼ିକ ହଙ୍ଗେରୀରେ ଖେଳୁଛି। ଇସ୍ରାଏଲର ଦୁଇ ଘରୋଇ ଗେମ୍ ମଧ୍ୟରେ ଏହା ଅନ୍ୟତମ ଥିଲା। ଇସ୍ରାଏଲ ଏହାର ଘରୋଇ ମ୍ୟାଚଗୁଡ଼ିକ ଫେଲ୍‌କସୁଟ୍‌ଠାରେ ଆୟୋଜନ କରୁଛି। ଫେଲ୍‌କସୁଟ୍ ହେଉଛି ହଙ୍ଗେରୀର ଏକ ଗ୍ରାମ, ଯେଉଁଠାରେ ପ୍ରାୟ ୧,୯୦୦ ଲୋକ ବସବାସ କରନ୍ତି। ୟୁରୋ ୨୦୨୪ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍‌ରେ ସ୍ଥାନ ପାଇବା ପାଇଁ ଇସ୍ରାଏଲ କ୍ୱାଲିଫାଇଂ ଖେଳୁଛି। ଦଳ ଯଦି କ୍ୱାଲିଫାଏ କରେ ତେବେ ଦେଶ ୧୯୯୪ରେ ୟୁରୋପିଆନ ଫୁଟ୍‌ବଲ ମହାସଂଘରେ ଯୋଗଦେବା ପରେ ଏହା ପ୍ରଥମ ହେବ। ମ୍ୟାଚ ପୂର୍ବରୁ କଡ଼ା ସୁରକ୍ଷା ବଳୟରେ ରହିଥିବା ଷ୍ଟାଡିୟମ ବାହାରେ ସମର୍ଥକମାନେ ଇସ୍ରାଏଲ ପତାକା ଗୁଡ଼ାଇଥିବା ଦେଖିବାକୁ ମିଳିଥିଲା। ଇସ୍ରାଏଲ ସମର୍ଥକମାନେ ବହୁ ଦୂରଦୂରାନ୍ତରୁ ଆସିଥିଲେ। ଇସ୍ରାଏଲର ଜଣେ ସମର୍ଥକ ଆରୋନ ମୋରାଲି ଭିଏନାଠାରୁ ୨ ଘଣ୍ଟାର ରାସ୍ତା ଅତିକ୍ରମ କରି ଆସି ପହଞ୍ଚିଥିଲେ। ପୁରୁଷ ଜାତୀୟ ଦଳ ତରଫରୁ ସୁଇଜରଲାଣ୍ଡ ଅଧିନାୟକ ୩୧ ବର୍ଷୀୟ ଗ୍ରାନିଟ୍ ଖାକାଙ୍କର ଏହା ଥିଲା ୧୧୯ତମ ମ୍ୟାଚ। ନିଜ ଦେଶ ତରଫରୁ ସେ ସର୍ବାଧିକ ଥର ଖେଳିବାରେ ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

# କିଲିମାଞ୍ଜାରୋ ଆରୋହଣ କଲେ ପରମାନନ୍ଦ

**ଭୁବନେଶ୍ୱର, ୧୬।୧୧**

**(ତପନ ସ୍ୱାଇଁ)**

ଢେଙ୍କାନାଳ ଜିଲ୍ଲା ମଣିପୁରଗ୍ରାମ ଜେନାସାହୁପାଟଣାର ପରମାନନ୍ଦ ରାଉତ ଗତ ୧୪ ତାରିଖରେ ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋକୁ ସଫଳତାର ସହ ଆରୋହଣ କରିଛନ୍ତି। ୨୩ ବର୍ଷୀୟ ପରମାନ୍ଦ ହେଉଛନ୍ତି ଧୋଇଆ ରାଉତ ଏବଂ କାଞ୍ଚନ ରାଉତଙ୍କ କନିଷ୍ଠ ପୁତ୍ର। ପରମାନନ୍ଦ ପୂର୍ବରୁ ଉତ୍ତରାଖଣ୍ଡର କେଦାରକଣ୍ଠ ଟ୍ରିକିଂ କରି କିଛି ଅଭିଜ୍ଞତା ହାସଲ କରିଥିଲେ। ଉକ୍ତ ଅଭିଜ୍ଞତାକୁ ପାଥେୟ କରି ସେ ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ ଚଢ଼ିବା ଲକ୍ଷ୍ୟରେ ବାହାରିଥିଲେ। ଗତ ୯ ତାରିଖରେ ଭୁବନେଶ୍ୱରରୁ ମୁମ୍ବାଇ ଦେଇ ତାଞ୍ଜାନିଆର କିଲିମାଞ୍ଜରୋରେ ପହଞ୍ଚିଥିଲେ ପରମାନନ୍ଦ। ସେଠାରେ ଗୋଟିଏ ଦିନ ବିଶ୍ରାମ ପରେ ଗାଇଡ୍ ସହ ତାଞ୍ଜାନିଆ ନ୍ୟାସନାଲ ପାର୍କର 'ମୋରାଙ୍ଗୋ' ଗେଟ ଦେଇ ତାଞ୍ଜାନିଆ ପାର୍କ ମଧ୍ୟକୁ ପଶିଥିଲେ। ଦ୍ୱିତୀୟ ଦିନ ମାଣ୍ଡରା ହଟ (୧୮୬୦ମି), ତୃତୀୟ ଦିନ ହରମ୍ବୋ ହଟ (୨୭୦୦ମି), ଚତୁର୍ଥଦିନ ଲିବୋ ହଟ (୩୭୦୦ମି), ପଞ୍ଚମ ଦିନ କିବୋ ହଟରୁ ବେସ୍ କ୍ୟାମ୍ପ ଠାରେ ପହଞ୍ଚିଥିଲେ। ୧୫ତାରିଖ ସକାଳ ୭ଟାରେ ପରମାନନ୍ଦ କିଲିମାଞ୍ଜେରୋ ଶିଖରରେ ସାଥି ପର୍ବତାରୋହୀ ମାନଙ୍କ ସହ ପହଞ୍ଚି ଜାତୀୟ ପତାକା ଉଡ଼ାଇଥିଲେ। ପରମାନନ୍ଦ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଛି।





କିଲିମାଞ୍ଜାରୋ ଆରୋହଣ ପରେ ପରମାନନ୍ଦ ରାଉତ।





**ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ**

# ଓଡ଼ିଶା ଖେଳାଳି ଚୟନ ରବିବାର

**ଭୁବନେଶ୍ୱର, ୧୬।୧୧ (ବିଜୟ ରଣା)**

ନୂଆଦିଲ୍ଲୀସ୍ଥିତ ଛତ୍ରସାଲ ଷ୍ଟାଡିୟମଠାରେ ଆସନ୍ତା ଡିସେମ୍ବର ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ ଟୁର୍ନାମେଣ୍ଟ ଖେଳାଯିବ। ଏଥିଲାଗି ଖେଳାଳି ଚୟନ ପ୍ରକ୍ରିୟା ଆସନ୍ତା ରବିବାର ସ୍ଥାନୀୟ ୟୁନିଟ୍-୬ସ୍ଥିତ ଖେଳ ପଡ଼ିଆରେ ସକାଳ ୯ଟାରୁ ଅନୁଷ୍ଠିତ ହେବ। କେବଳ ନିୟମିତ ସରକାରୀ ଚାକିରିରେ ଥିବା ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁଥିବା ଖେଳାଳିମାନ ନିଜର ସେବା ପୁସ୍ତିକା ପ୍ରଥମ ପୃଷ୍ଠା ଏବଂ ବିଭାଗ/ଅଫିସର ପରିଚୟପତ୍ର, ଏକପାସ୍‌ପୋର୍ଟ ସାଇଜ୍‌ଫଟୋ, ନିଜର ଖେଳ ଉପକରଣ ଏବଂ ନିଜ ବିଭାଗ/ଅଫିସରୁ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' ସାଙ୍ଗରେ ଆଣି ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ନାମ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଓଡ଼ିଶା ସେକ୍ରେଟାରିଏଟ୍ ଏମ୍ପ୍ଲଇଜ୍ ଆଥ୍‌ଲେଟିକ ଆସୋସିଏଶନର କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି ଏକ ପ୍ରେସ୍ ଇସ୍ତାହାରେ ପ୍ରକାଶ କରିଛନ୍ତି।

# ଭାରତ ଚ୍ୟାଲେଞ୍ଜ ଶେଷ

**କୁମାମୋତୋ,୧୬।୧୧(ପି.ଟି.):** ଭାରତର ଏଚ୍. ଏସ୍. ପ୍ରଣୟ ଜାପାନ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ଏଥିସହିତ ଭାରତର ଅଭିଯାନ ଶେଷ ହୋଇଯାଇଛି। ଏସିଆନ ଗେମ୍ସ ବ୍ରୋଞ୍ଜ ବିଜୟୀ ଭାରତୀୟ ଖେଳାଳି ଚାଇନିଜ ତାଇପେର ଚୋଉ ତିନ୍ ଚେନ୍‌ଙ୍କଠାରୁ ୨୧-୧୯, ୧୬-୨୧, ୧୯-୨୧ରେ ହାରିଯାଇଛନ୍ତି।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ